# ଓଡିଶା ବିଦ୍ୟୁତ ନିୟାମକ ଆୟୋଗ

## ବିଦ୍ୟୁତ ନିୟାମକ ଭବନ

## ୟୁନିଟ -୮, ଭୁବନେଶ୍ୱର - ୭୫୧୦୧୨

**ଉପସ୍ଥିତ ଅଧିକାରୀ ବୃନ୍ଦ: ଶ୍ରୀ ବି.କେ ଦାସ, ଅଧକ୍ଷ**

**: ଶ୍ରୀ କେ.ସି.ବଡୁ, ସଦସ୍ୟ**

**: ଶ୍ରୀ ବି.କେ. ମିଶ୍ର, ସଦସ୍ୟ**

**ମାମଲା ସଂଖ୍ୟା : ୨୦୦୯ର ୧୪୭**

**ଶୁଣାଣି ତାରିଖ : ୮.୨.୨୦୧୦**

**ଆଦେଶନାମା ତାରିଖ : ୨୦.୩.୨୦୧୦**

**ପ୍ରସଂଗ:** ଓଡିଶା ବିଦ୍ୟୁତ ନିୟାମକ ଆୟୋଗ (ଦରସୂଚୀ ନିର୍ଦ୍ଧାରଣ ପାଇଁ ବ୍ୟବଧାନିକ ସମୟର ନିୟମସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୪ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା) ନିୟମାବଳୀ, ୨୦୦୪ର ସମ୍ପର୍କିତ ବ୍ୟବସ୍ଥାସମୂହ ସହ ପଠିତ ବିଦ୍ୟୁତ ଆକ୍ଟ, ୨୦୦୩ର ବିଭାଗ-୮୬ ଅଧିନରେ ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ଓଡ଼ିଶା ଜଳ ବିଦ୍ୟୁତ ଶକ୍ତି ନିଗମ' (Orissa Hydro Power Corporation – OHPC )ର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' (Annual Revenue Requirement - ARR) ଓ 'ଉତ୍ପାଦନ ଦରସୂଚୀ' (Generation Tariff)ର ଅନୁମୋଦନ ନିମନ୍ତେ ଆବେଦନ ପତ୍ର ।

**ଆଦେଶନାମା:** 'ବାର୍ଷିକ ରାଜସ୍ୱ ଆବଶ୍ୟକତା' (ଏଆର୍ଆର୍)ର ନିର୍ଦ୍ଧାରଣ ଏବଂ ତା'ର ବିଭିନ୍ନ ଶକ୍ତି ଷ୍ଟେସନ୍‌ମାନଙ୍କ ଉଦ୍ଦେଶ୍ୟରେ ଦରସୂଚୀ ବା ତାରିଫ ସ୍ଥିରୀକରଣ ନିମନ୍ତେ ଆୟୋଗଙ୍କ ସମକ୍ଷରେ 'ଓଡ଼ିଶା ଜଳ ବିଦ୍ୟୁତ୍ ଶକ୍ତି ନିଗମ' (ଓଏଚପିସି) ଏକ ଆବେଦନ ପତ୍ର ନଥିଭୁକ୍ତ ଭାବେ ଦାଖଲ କରିଛି ।

**ପଦ୍ଧତିଗତ ଇତିହାସ:**

୧) ବିଦ୍ୟୁତ ଆକ୍ଟ, ୨୦୦୩ର ବିଭାଗ - ୨ (୨୮)ର ଅର୍ଥ-ବୋଧ ଅଧିନରେ 'ଓଡ଼ିଶା ଜଳ ବିଦ୍ୟୁତ ଶକ୍ତି ନିଗମ' ହେଉଛି ଏକ ଶକ୍ତି ଉତ୍ପାଦନକାରୀ କମ୍ପାନୀ । ୧୯୯୬ରେ 'ଓଡ଼ିଶା ରାଜ୍ୟ ବିଦ୍ୟୁତ ପରିଷଦ' (Orissa State Electricity Board – OSEB)କୁ ଭାଙ୍ଗିଦିଆଗଲା ପରେ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନର ବ୍ୟବସାୟକୁ ଚଳାଇବା ନିମନ୍ତେ ସମ୍ପର୍କିତ ଆନୁଷଙ୍ଗିକ ସାମଗ୍ରୀ, ଉତ୍ତର-ଦାୟିତ୍ୱ ଓ ଅଧିକାରୀବୃନ୍ଦଙ୍କୁ ଏହି ଉତ୍ପାଦନକାରୀ କମ୍ପାନୀକୁ ହସ୍ତାନ୍ତରଣ କରାଯାଇଥିଲା । ଏହାର ଭିନ୍ନ ଭିନ୍ନ ଉତ୍ପାଦନକାରୀ ଷ୍ଟେସନ୍‌ମାନଙ୍କ ଜରିଆରେ 'ଓଡ଼ିଶା ଜଳ ବିଦ୍ୟୁତ ଶକ୍ତି ନିଗମ' ବା ଓଏଚପିସି ଦ୍ୱାରା ଉତ୍ପାଦିତ ସମୁଦାୟ ଶକ୍ତି ଓଡ଼ିଶା ରାଜ୍ୟ ଉଦ୍ଦେଶ୍ୟରେ ସମ୍ପୂର୍ଣ୍ଣ ଭାବେ ଉତ୍ସର୍ଗୀକୃତ ଅଟେ । ଅତଏବ, ଓଏଚପିସି ତା'ର ଉତ୍ପାଦିତ ସମୁଦାୟ ଶକ୍ତିକୁ ଗ୍ରୀଡ଼କୋକୁ ଯୋଗାଣ କରୁଛି ଏବଂ ଗ୍ରୀଡ଼କୋ ସେହି ଶକ୍ତିକୁ ରାଜ୍ୟର ବିତରକ କମ୍ପାନୀମାନଙ୍କୁ ଯୋଗାଇ ଦେଉଛି । ବିଦ୍ୟୁତ୍ ଆକ୍ଟ, ୨୦୦୩ ଲାଗୁ ହେବା ପରେ ଏବଂ ଓଡ଼ିଶା ସରକାରଙ୍କ ହସ୍ତାନ୍ତରଣ ସ୍କିମ, ୨୦୦୫ର ଆଚରଣ ବିଧିର ପ୍ରବର୍ତ୍ତନ ପରେ, ଗ୍ରୀଡ଼କୋ ଏକ 'ମତାବଲମ୍ବୀ ଅନୁମତିଧାରୀ' ଭାବରେ ଶକ୍ତିର ସ୍ଥୁଳ ଯୋଗାଣ ବ୍ୟବସାୟର ଦାୟିତ୍ୱ ନେଲା । ଏହା ସହ ଚଳିତ 'ସ୍ଥୁଳ ଯୋଗାଣ ଚୁକ୍ତିନାମା' ଓ 'ଶକ୍ତି କ୍ରୟ ଚୁକ୍ତିନାମା' ମଧ ଗ୍ରୀଡ଼କୋ ଉପରେ ନ୍ୟସ୍ତ

କରାଗଲା ଓ ଗ୍ରୀଡ୍‌କୋ ସେଥିପାଇଁ ଚୁକ୍ତିବଦ୍ଧ ହେଲା । ସାମ୍ପ୍ରତିକ ଆଇନାନୁମୋଦିତ ବିଧି ବ୍ୟବସ୍ଥା ଅନୁଯାୟୀ, ଓଏଚପିସିର ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଗ୍ରୀଡ଼କୋ ଶକ୍ତି ଆହରଣ କରୁଛି ଓ ବିତରକ କମ୍ପାନୀମାନଙ୍କୁ ଯୋଗାଇ ଦେଉଛି ।

୨) ଉପରୋକ୍ତ ପରିଚ୍ଛେଦର ଅବତାରଣାକୁ ସ୍ପଷ୍ଟ ଉପଲବ୍ଧ ହୁଏ ଯେ, ଓଏଚପିସି ଶକ୍ତିର ଅସଲ ହିତାଧିକାରୀ ହେଉଛନ୍ତି ରାଜ୍ୟର ବିତରକ କମ୍ପାନୀମାନେ । ଓଡ଼ିଶାରେ ପ୍ରଚଳିତ 'ଏକକ କ୍ରେତା ନମୁନା' ଯୋଗୁ, ବିତରକ କମ୍ପାନୀମାନଙ୍କ ପାଇଁ ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଶକ୍ତି ଆଣିବାରେ ଗ୍ରୀଡ଼କୋ ଏକ ମାଧ୍ୟମ ରୂପେ କାର୍ଯ୍ୟ କରେ ।

୩) ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନଙ୍କରୁ ଶକ୍ତିର ଉତ୍ପାଦନ ଓ ବିକ୍ରୀ ସହ ସମ୍ପର୍କିତ ସ୍ଥିର ଓ ପରିବର୍ତ୍ତନୀୟ ଦରସମୂହର ସବିଶେଷତା ପ୍ରଦାନ କରି, ରାଜ୍ୟରେ ଶକ୍ତିର ବିକ୍ରୀ ପାଇଁ ଏକ ଉତ୍ପାଦନକାରୀ କମ୍ପାନୀକୁ ତା'ର ଯେ କୌଣସି ଉତ୍ପାଦନକାରୀ ଷ୍ଟେସନ ପାଇଁ ଦରସୂଚୀ ନିର୍ଦ୍ଧାରଣ ନିମନ୍ତେ ଓଇଆରସି (ବ୍ୟବସାୟ ପରିଚାଳନା) ନିୟମାବଳୀ, ୨୦୦୪ର ୬୧(୨) ଅନୁଯାୟୀ, ସବୁ ବର୍ଷ ୩୦, ନଭେମ୍ବର ସୁଦ୍ଧା ଆୟୋଗଙ୍କ ସମକ୍ଷରେ ଏକ ଦରଖାସ୍ତ ଦାଖଲ କରିବାକୁ ପଡିବ । ସେହି ଅନୁସାରେ, ଓଏଚପିସି ଏକ ଉତ୍ପାଦନକାରୀ କମ୍ପାନୀ ଭାବରେ, ୩୦.୧୧.୨୦୦୯ରେ ତା'ର ପ୍ରତ୍ୟେକ ଉତ୍ପାଦନକାରୀ ଷ୍ଟେସନ ଉଦ୍ଦେଶ୍ୟରେ ପୃଥକ ଭାବେ ୨୦୧୦-୧୧ ଆ.ବ. ପାଇଁ 'ବାର୍ଷିକ ରାଜସ୍ୱ ଆବଶ୍ୟକତା' (ଏଆର୍‌ଆର୍) ଓ ଟାରିଫ ନିର୍ଦ୍ଧାରଣର ଦରଖାସ୍ତ ଆୟୋଗଙ୍କ ସମକ୍ଷରେ ଦାଖଲ କରିଥିଲା ।

୪) ଉପରୋକ୍ତ ଆବେଦନ ପତ୍ରର ଯଥା-ଯାଞ୍ଚ ଓ ପଂଜିକରଣ ପରେ ଅନୁମୋଦିତ ଫର୍ମାଟରେ ତା'ର ଦରଖାସ୍ତକୁ ପ୍ରକାଶନ କରିବାକୁ ଆୟୋଗ ଓଏଚପିସିକୁ ନିର୍ଦ୍ଦେଶ ଦେଇଥିଲେ । ଏହାର ଉତ୍ତର ସ୍ୱରୂପ, ସର୍ବସାଧାରଣଙ୍କ ଠାରୁ ଅଭିଯୋଗ/ପରାମର୍ଶ ଆମନ୍ତ୍ରଣ ସକାଶେ ରାଜ୍ୟର ଅଗ୍ରଣୀ ଓ ବହୁଳ ପ୍ରସାରିତ ସମ୍ବାଦପତ୍ରମାନଙ୍କରେ ଓଏଚପିସି ତରଫରୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ନୋଟିସ ଦିଆଯାଇଥିଲା । ଅଭିଯୋଗକାରୀମାନଙ୍କର ଅଭିଯୋଗ ସମୂହର ଜବାବ-ଫର୍ଦ୍ଦ ମଧ୍ୟ ଦାଖଲ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଉପରୋକ୍ତ ସର୍ବସାଧାରଣ-ବିଜ୍ଞପ୍ତିର ପ୍ରତିକ୍ରିୟା ସ୍ୱରୂପ, ନିମ୍ନ ଲିଖିତ ବ୍ୟକ୍ତିବିଶେଷ/ପ୍ରତିଷ୍ଠାନ ସମୂହ ଠାରୁ ଆୟୋଗ ୯ଟି ଅଭିଯୋଗ ପ୍ରାପ୍ତ ହୋଇଥିଲେ । ସେମାନେ ହେଲେ -

(୧) ସମ୍ବଲପୁର ଡିଷ୍ଟ୍ରିକ୍ଟ କଂଜ୍ୟୁମର୍ସ ଫେଡେରେସନ, ବାଲାଜୀ ମନ୍ଦିର ଭବନ, କ୍ଷେତରାଜପୁର, ସମ୍ବଲପୁର (୨) ଶ୍ରୀ ଜୟଦେବ ମିଶ୍ର, ଏନ୍ -୪/୯୮, ନୟାପଲ୍ଲୀ, ଭୁବନେଶ୍ୱର, (୩) ଶ୍ରୀ ଆର୍.ପି.ମହାପାତ୍ର, ପ୍ଲଟ - ନଂ - ୭୭୫ (ପିଟି), ଲେନ-୩, ଜୟଦେବ ବିହାର, ଭୁବନେଶ୍ୱର (୪) ଉତ୍କଳ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ଏନ/୬, ଆଇଆଇସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱରର, (୫) ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ପ୍ଲଟ-ନଂ - ୩୦୨ (ଖ) ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର (୬) ସାଉଥ୍‌କୋ, କର୍ପୋରେଟ ଅଫିସ, କୋର୍ଟପେଟା, ବ୍ରହ୍ମପୁର (୭) ନେସ୍‌କୋ, କର୍ପୋରେଟ ଅଫିସ, ଜାନୁପଞ୍ଜ ବାଲେଶ୍ୱର, (୮) ୱେସ୍‌କୋ, କର୍ପୋରେଟ ଅଫିସ, ବୁର୍ଲା, ଜିଲ୍ଲା-ସମ୍ବଲପୁର (୯) ଗ୍ରୀଡ଼କୋ, ଜନପଥ, ଭୁବନେଶ୍ୱର। ଟାରିଫ ଶୁଣାଣି ସମୟରେ, ଉପର ଲିଖିତ ଅଭିଯୋଗକାରୀମାନେ ଉପସ୍ଥିତ ଥିଲେ ଏବଂ ଆୟୋଗଙ୍କ ତରଫରୁ ବିବେଚନା ଓ ବିଚାର ନିମନ୍ତେ ଆୟୋଗଙ୍କ ସମକ୍ଷରେ ସେମାନଙ୍କର ନଥିଭୁକ୍ତ ଲିଖିତ ଉପସ୍ଥାପନା ସମୂହକୁ ବିବରଣୀଭୁକ୍ତ କରାଯାଇଥିଲା ।

୫) ଆବେଦନକାରୀ ଭିନ୍ନ ଭିନ୍ନ ଅଭିଯୋଗକାରୀଙ୍କ ଦ୍ୱାରା ଉଦ୍ରେକିତ ସମସ୍ୟା ସମୂହର ଉତ୍ତର ଉପସ୍ଥାପନ କରିଥିଲେ ।

୬) ବିଦ୍ୟୁତ୍ ଆକ୍ଟ, ୨୦୦୩ର ବିଭାଗ-୯୪(୩)ରେ ନ୍ୟସ୍ତ କ୍ଷମତା ବଳରେ ଏବଂ ଉପଭୋକ୍ତାଙ୍କର ସ୍ୱାର୍ଥର ସୁରକ୍ଷା ଉଦ୍ଦେଶ୍ୟରେ ଆୟୋଗ 'ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜ'ର ଡଃ ଏସ୍. ମେହେରଙ୍କୁ ଉପଭୋକ୍ତା ଉପଦେଷ୍ଟା ଭାବେ ନିଯୁକ୍ତି ଦେଲେ । ତାଙ୍କ ଉପରେ ଆବେଦନକାରୀଙ୍କର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' (ଏଆର୍‌ଆର୍) ଓ ଟାରିଫ ପ୍ରସ୍ତାବର ପୁଂଖାନୁପୁଂଖ ବିଶ୍ଳେଷଣ ପାଇଁ ଦାୟିତ୍ୱ ନ୍ୟସ୍ତ କରାଗଲା । ଅତଏବ, ଶୁଣାଣି ପ୍ରକ୍ରିୟାରେ ଉଦ୍ଦିଷ୍ଟ ପ୍ରସଂଗ/ସମସ୍ୟା ଉପରେ ଉପଭୋକ୍ତା ଉପଦେଷ୍ଟା ତାଙ୍କର ମତ ଉପସ୍ଥାପନ କରିଥିଲେ ।

୭)	୮.୨.୨୦୧୦କୁ ଶୁଣାଣି ତାରିଖ ଧାର୍ଯ୍ୟ କରାଗଲା ଏବଂ ଅଭିଯୋଗକାରୀଙ୍କର ନାମ ତାଲିକା ଉଲ୍ଲେଖ କରଯାଇ ଯଥା ଭାବେ ରାଜ୍ୟର ଅଗ୍ରଣୀ ଓ ବହୁଳ ପ୍ରସାରିତ ଦୈନିକ ସମ୍ବାଦପତ୍ରମାନଙ୍କରେ ବିଜ୍ଞପିତ କରାଗଲା । ଶୁଣାଣିର ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ସୂଚନା ସହିତ ଏବଂ ଶୁଣାଣି ପ୍ରକ୍ରିୟାରେ ଭାଗ ନେବା ନିମନ୍ତେ ସରକାରୀ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ପଠାଇବା ନିମେନ୍ତ ଅନୁରୋଧ କରି ଆୟୋଗ ସରକାରଙ୍କ ଶକ୍ତି ବିଭାଗ ଜରିଆରେ ଓଡ଼ିଶା ସରକାରଙ୍କୁ ମଧ ନୋଟିସ ଜାରି କଲେ ।

୮)	ଆଲୋଚନାତ୍ମକ ପ୍ରକ୍ରିୟାରେ ଆୟୋଗ ୮.୨.୨୦୧୦ ତାରିଖରେ ନିଜ ପରିସରରେ ଏକ ଜନ ଶୁଣାଣିର ଆୟୋଜନ କରିଥିଲେ ଏବଂ ଦରଖାସ୍ତକାରୀ, ଅଭିଯୋଗକାରୀ, ଉପଭୋକ୍ତା ଉପଦେଷ୍ଟା, ଶକ୍ତି ବିଭାଗର ପ୍ରତିନିଧି ଓ ଶେଷରେ ଓଡ଼ିଶା ସରକାରଙ୍କର ମତାମତକୁ ଶୁଣିଥିଲେ ।

୯)	ଉତ୍ପାଦନକାରୀ କମ୍ପାନୀର ଏଆର୍‌ଆର୍ ଦରଖାସ୍ତ ଓ ତାରିଫ ପ୍ରସ୍ତାବ ଉପରେ ଆଲୋଚନା ନିମନ୍ତେ ୧୮.୨.୨୦୨୦ ତାରିଖ ଦିନ ଅପରାହ୍ନ ଘ.୩.୩୦ ମିନିଟରେ ଆୟୋଗ ରାଜ୍ୟ ଉପଦେଷ୍ଟା କମିଟିର ଏକ ବୈଠକ ଡକାଇଲେ । ଉପଦେଷ୍ଟା କମିଟିର ସଦସ୍ୟମାନେ ଆୟୋଗଙ୍କର ବିବେଚନା ଓ ବିଚାର ନିମନ୍ତେ ଉଦ୍ଦିଷ୍ଟ ପ୍ରସଂଗ ସମୂହ ଉପରେ ସେମାନଙ୍କର ମୂଲ୍ୟବାନ ପରାମର୍ଶ ଓ ମତ ପ୍ରଦାନ କରିଥିଲେ ।

**୨୦୧୦-୧୧ ଆ.ବ. ପାଇଁ ଓଏଚପିସିର ଏଆର୍‌ଆର୍ ପ୍ରସ୍ତାବ (ପରିଚ୍ଛେଦ ୧୦ ରୁ ୧୮):**

**ଶକ୍ତି ଉତ୍ପାଦନର କ୍ଷମତା:**

୧୦)	ଓଡ଼ିଶା ଜଳ ବିଦ୍ୟୁତ ଶକ୍ତି ନିଗମ (ଓଏଚପିସି) ଦ୍ୱାରା ମାଲିକାନାତ୍ୱ ପ୍ରାପ୍ତ ବିବିଧ ଜଳ ବିଦ୍ୟୁତ ଶକ୍ତି ଷ୍ଟେସନଗୁଡିକ ହେଲା - ୧) ହୀରାକୁଦ ଜଳ ବିଦ୍ୟୁତ୍ ଶକ୍ତି ପ୍ରୋଜେକ୍ଟ (୨) ଚିପିଲିମା ଜଳ ବିଦ୍ୟୁତ ଶକ୍ତି ପ୍ରୋଜେକ୍ଟ, (୩) ବାଲିମେଳା ଜଳ ବିଦ୍ୟୁତ ଶକ୍ତି ପ୍ରୋଜେକ୍ଟ , (୪) ରେଙ୍ଗାଲି ଜଳ ବିଦ୍ୟୁତ ଶକ୍ତି ପ୍ରୋଜେକ୍ଟ, (୫) ଅପରକୋଲାବ ଜଳ ବିଦ୍ୟୁତ ଶକ୍ତି ପ୍ରୋଜେକ୍ଟ, (୬) ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ଶକ୍ତି ପ୍ରୋଜେକ୍ଟ ଏବଂ ମାଛକୁଣ୍ଡ ଜଳ ବିଦ୍ୟୁତ ଶକ୍ତି ପ୍ରୋଜେକ୍ଟ। ମାଛକୁଣ୍ଡ ଜଳ ବିଦ୍ୟୁତ ଶକ୍ତି ପ୍ରୋଜେକ୍ଟରେ ଓଡ଼ିଶା ଏକ ଭାଗୀଦାର ଅଟେ । ଉପରୋକ୍ତ 'ସଂକ୍ଷିପ୍ତ ଶୀର୍ଷକ ସମୂହ' କୁ ପ୍ରତି ଶକ୍ତି ଷ୍ଟେସନ ବିପକ୍ଷରେ ସମୁଦାୟ ଆଦେଶନାମା  ପାଇଁ ବ୍ୟବହାର କରାଯିବ । ମାଛକୁଣ୍ଡ 'ଷ୍ଟେସନରୁ ଓଡ଼ିଶାର ଭାଗକୁ ମିଶାଇ ଓଡ଼ିଶା ଜଳ ବିଦ୍ୟୁତ ଶକ୍ତି ନିଗମ ପରିଚାଳନାଧିନ ଷ୍ଟେସନମାନଙ୍କର ସମୁଦାୟ ଉତ୍ପାଦନ କ୍ଷମତା ୨୦୧୦-୧୧ ଆ.ବ.  ପାଇଁ ୨୦୬୨ ମେଗାୱାଟ ଭାବେ ଦର୍ଶାଯାଇଛି । ବାଲିମେଳା ଜଳ ବିଦ୍ୟୁତ ଶକ୍ତି ଷ୍ଟେସନର ୟୁନିଟ-୭ ଓ ୟୁନିଟ - ୮ର ବିସ୍ତାରଣ ଯୋଗୁ ଅଧିକ ୧୫୦ ମେଗାୱାଟ ଶକ୍ତି ଉତ୍ପାଦନ ହେଉଛି । ୟୁନିଟ - ୭ ଓ ୟୁନିଟ - ୮ ରୁ ବ୍ୟବସାୟିକ ଉତ୍ପାଦନ ଯଥାକ୍ରମେ ୨୩.୧୨.୨୦୦୮ ଓ ୨୩.୧.୨୦୦୯ରୁ ହୋଇଛି । ଉପରୋକ୍ତ ସମୁଦାୟ ୨୦୬୨ ମେଗାୱାଟ ମଧରେ ଏହି ଅତିରିକ୍ତ ପରିମାଣ ଅନ୍ତର୍ଭୁକ୍ତ ଅଟେ।

୨୦୧୦-୧୧ ଆ.ବ. ପାଇଁ ଭିନ୍ନ ଭିନ୍ନ ଉତ୍ପାଦନକାରୀ ଷ୍ଟେସନଗୁଡିକର ଉତ୍ପାଦନ କ୍ଷମତାକୁ ନିମ୍ନ ସାରଣୀରେ ଉଲ୍ଲେଖ କରାଗଲା ।

**ସାରଣୀ-୧**

| କ୍ର.ମ | **ଶକ୍ତି କେନ୍ଦ୍ର ମାନଙ୍କର ନାମ** | **ସଂସ୍ଥାପନ କ୍ଷମତା (ମେଗାୱାଟ୍)**<br>ଓଭସ୍ବସ୍ବବକ୍ଷକ୍ଷରୟ ଉବକ୍ଟବମସସ୍ବଛ<br>(ଗଡ) | |
|---|---|---|---|
| | | ୨୦୦୯-୧୦ | ୨୦୧୦-୧୧ |

| | | | |
|---|---|---|---|
| ୧ | **ହୀରାକୁଦ (ଏଚ୍.ଏଚ୍.ଇ.ପି)** | ୨୭୫.୫୦ | ୨୭୫.୫୦ |
| ୨ | **ଚିପିଲିମା (ସି.ଏଚ୍.ଇ.ପି)** | ୭୨.୦୦ | ୭୨.୦୦ |
| ୩ | **ବାଲିମେଳା (ବି.ଏଚ୍.ଇ.ପି)** | ୫୧୦.୦୦ | ୫୧୦.୦୦ |
| ୪ | **ରେଙ୍ଗାଲି (ଆର୍.ଏଚ୍.ଇ.ପି)** | ୨୫୦.୦୦ | ୨୫୦.୦୦ |
| ୫ | ଅପର କୋଲାବ (ୟୁ.କେ.ଏଚ୍.ଇ.ପି) | ୩୨୦.୦୦ | ୩୨୦.୦୦ |
| ୬ | **ଅପର ଇନ୍ଦ୍ରାବତୀ (ୟୁ.ଆଇ.ଏଚ୍.ଇ.ପି)** | ୬୦୦.୦୦ | ୬୦୦.୦୦ |
| ୭ | **ମାଛକୁଣ୍ଡ (ଓଡ଼ିଶାର ଭାଗ)** | ୩୪.୫୦ | ୩୪.୫୦ |
| **ସମୁଦାୟ** | | **୨୦୬୨** | **୨୦୬୨** |

**ଓଏଚପିସି ଷ୍ଟେସନସମୂହର ଆକାରାୟିତ ଶକ୍ତି:**

୧୧) ଟାରିଫ ବା ଦରସୂଚୀ ନିର୍ଦ୍ଧାରଣ ପାଇଁ ଏକ ଜଳ ବିଦ୍ୟୁତ ଷ୍ଟେସନର ଆକାରାୟିତ ଶକ୍ତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ମାପକ । ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ୩୧.୫.୨୦୦୮ର ସତ୍ୟପାଠ ଜରିଆରେ ଓଏଚପିସି ଅଧିନସ୍ଥ ଜଳ ବିଦ୍ୟୁତ୍ ଶକ୍ତି ଷ୍ଟେସନମାନଙ୍କର ଆକାରାୟିତ ଶକ୍ତିର ପୁନଃ ଅଟକଳନ ଉପରେ ଓଏଚପିସି ଆୟୋଗଙ୍କୁ ଏକ ରିପୋର୍ଟ ଉପସ୍ଥାପନ କରିଥିଲା । ଆକାରାୟିତ ଶକ୍ତିର ପୁନଃ ଅଟକଳନର ପଦ୍ଧତି ଉଦ୍ଦେଶ୍ୟରେ ଗ୍ରହଣୀୟ ପ୍ରକ୍ରିୟାନ୍ୱୟନ ଓ ପଦ୍ଧତି-ଅନ୍ୱୟନ ନିହିତ ଥାଇ ଆୟୋଗ ଓ କେନ୍ଦ୍ରୀୟ ବିଦ୍ୟୁତ କର୍ତ୍ତୃପକ୍ଷ(ସିଇଏ)ଙ୍କ ସମକ୍ଷରେ ଏକ ସବିଶେଷ ଉପସ୍ଥାପନା କରାଯାଇଥିଲା । ୭.୧.୨୦୦୯ର ଚିଠି ନଂ-୩/୮୧/ଏଚପି ଏବଂ ୧(୧) - ୨୦୦୯/୨୦ ମୂଳେ ସିଇଏ ମତ ଦେଇଥିଲେ ଯେ, ସିଇଏଙ୍କ ପ୍ରଦତ୍ତ ପରାମର୍ଶବଳୀକୁ ଅନୁସରଣ କରି ଓଏଚପିସି ଆକାରାୟିତ ଶକ୍ତିର ପୁନଃ ଅଟକଳନ ରିପୋର୍ଟ ଉପସ୍ଥାପନ କରିଛି । ତେବେ, ପୁନଃ-ମତାୟନ ପାଇଁ ଗ୍ରହଣୀୟ ବିବିଧ ତଥ୍ୟର ଅସଲତ୍ୱ / ସଠିକତା ଓଇଆରସି ଦ୍ୱାରା ନିଶ୍ଚିତ କରାଯିବା ବାଞ୍ଛନୀୟ। ଯେଣୁ, ଜଳ ବିଦ୍ୟୁତ ଶକ୍ତି ଦରସୂଚୀ ଉପରେ ଆକାରାୟିତ ଶକ୍ତିର ପ୍ରଭାବ ରହିଛି, ତେଣୁ, ଏକ ଜନଶୁଣାଣି ଜରିଆରେ ଆୟୋଗ ମାମଲାର ଫଇସଲା କରିବାକୁ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ଜନସାଧାରଣଙ୍କ ଠାରୁ ଅଭିଯୋଗ / ପରାମର୍ଶ ଆମନ୍ତ୍ରଣ ଉଦ୍ଦେଶ୍ୟରେ ସମ୍ବାଦପତ୍ରମାନଙ୍କରେ ଏକ ସର୍ବସାଧାରଣ ନୋଟିସର ପ୍ରକାଶନ କରାଯାଇଥିଲା ଏବଂ ଅଭିଯୋଗ / ପରାମର୍ଶ ସବୁ ପ୍ରାପ୍ତ ହେଲାପରେ ୧.୧୨.୨୦୦୯ରେ ଶୁଣାଣି ଅନୁଷ୍ଠିତ ହୋଇଥିଲା । କିନ୍ତୁ, ଅଭିଯୋଗକାରୀମାନେ ଅଧିକ ରିପୋର୍ଟ ଅଧ୍ୟୟନ/ଅନୁଧାନ ପୂର୍ବକ ସବିଶେଷ ତଥ୍ୟ ଜାଣିବାକୁ ଚାହିଁଥିଲେ। ତେଣୁ ଅଭିଯୋଗ ଦାଖଲର ତାରିଖକୁ ୩୧.୧୨.୨୦୦୯କୁ ଗଡାଇ ଦିଆଯାଇଥିଲା । ସଂପ୍ରତି, ଯେଣୁ ଅଭିଯୋଗକାରୀମାନେ ଆହୁରି ଅଧିକ ସମୟ ଚାହିଁଛନ୍ତି, ତେଣୁ ଶୁଣାଣି ଚୂଡାନ୍ତ ହୋଇସାରିନାହିଁ ଏବଂ ଓଏଚପିସି ଷ୍ଟେସନସମୂହର ସଂଶୋଧିତ ଆକାରାୟିତ ଶକ୍ତିର ଚୂଡାନ୍ତକରଣ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ।

୨୦୧୦-୧୧ ଆ.ବ. ପାଇଁ ବିବେଚିତ ଓଏଚପିସି ଶକ୍ତି ଷ୍ଟେସନସମୂହର ସ୍ଥିତ ଆକାରାୟିତ ଶକ୍ତି ଏବଂ ସଂଶୋଧିତ ଆକାରାୟିତ ଶକ୍ତି (ଓଏଚପିସି ଦ୍ୱାରା ଉପସ୍ଥାପିତମତେ)ର ବିବରଣୀ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

**ସାରଣୀ-୨**

| କ୍ର.ମ | **ଶକ୍ତି କେନ୍ଦ୍ର ମାନଙ୍କର ନାମ** | ପ୍ରଚଳିତ - ଆକାରାୟିତ ଶକ୍ତି | ବିକ୍ରି ପାଇଁ ପ୍ରଚଳିତ ଆକାରାୟିତ ଶକ୍ତି ପରିମାଣ | ସଂଶୋଧିତ ଆକାରାୟିତ ଶକ୍ତି | ବିକ୍ରି ପାଇଁ ସଂଶୋଧିତ ଆକାରାୟିତ ଶକ୍ତି |
|---|---|---|---|---|---|

| | | (ଏମୟୁରେ) Existing Design Energy (MU) | (ଏମୟୁରେ) Existing Design Energy for sale (MU) | ଏମୟୁରେ) Revised Design Energy (MU) | ପରିମାଣ (ଏମୟୁରେ) Revised Design Energy for sale (MU) |
|---|---|---|---|---|---|
| ୧ | **ଏଚ୍.ପି.ଏସ୍** (ବୁର୍ଲା ଓ ଚିପିଲମା) | ୧୧୭୪ | ୧୧୬୨.୨୬ | ୯୫୭.୪୩ | ୯୪୭.୮୫ |
| ୨ | **ବି.ଏଚ୍.ଇ.ପି** | ୧୧୮୩ | ୧୧୭୧.୧୭ | ୯୨୮.୫୬ | ୯୧୯.୨୭ |
| ୩ | **ଆର୍.ଏଚ୍.ଇ.ପି** | ୫୨୫ | ୫୧୯.୭୫ | ୬୬୯.୯୬ | ୬୬୩.୨୬ |
| ୪ | **ୟୁ.କେ.ଏଚ୍.ଇ.ପ** | ୮୩୨ | ୮୨୩.୬୮ | ୬୪୩.୮୬ | ୬୩୭.୪୨ |
| ୫ | **ୟୁ.ଆଇ.ଏଚ୍.ଇ.ପି** | ୧୯୬୨ | ୧୯୪୨.୩୮ | ୧୭୦୩.୮୨ | ୧୬୮୬.୭୮ |
| **ସମୁଦାୟ** | | **୫୬୭୬** | **୫୬୧୯.୨୪** | **୪୯୦୩.୬୩** | **୪୮୫୪.୫୮** |

**ପ୍ରୋଜେକ୍ଟ ବ୍ୟୟ-ପରିମାଣ:**

୧୨) ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ୧.୪.୧୯୯୬ର ବିଜ୍ଞପ୍ତି ସଂଖ୍ୟା-୫୨୦୭ ଅନୁଯାୟୀ, ୧.୪.୧୯୯୬ ସୁଦ୍ଧା ଓଏଚପିସିର ପୁରୁଣା ଶକ୍ତି ଷ୍ଟେସନମାନଙ୍କର ପୁନର୍ମୂଲ୍ୟାୟିତ ଦାମ୍ ହେଉଛି ୧୧୯୬.୮୦ କୋଟି ଟଙ୍କା । ଅତଏବ, ଆୟୋଗ ତାଙ୍କର ୨୩.୩.୨୦୦୬ର ଆଦେଶନାମାର ଧାରା ସଂଖ୍ୟା - ୫.୪(ଗ)ରେ ତାହାକୁ ଅନୁମୋଦନ ଦେଇଥିଲେ । ଓଏଚପିସିର ପୁରୁଣା ଶକ୍ତି ଷ୍ଟେସନମାନଙ୍କର ଐତିହାସିକ ଦାମ ହେଉଛି ୪୭୯.୮୦କୋଟି ଟଙ୍କା । ପୁନଶ୍ଚ, ଦରସୂଚୀ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ, ଆୟୋଗ ତାଙ୍କର ୨୦.୩.୨୦୦୮ର ଆଦେଶନାମାରେ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ଯୋଜନାର ଚୂଡ଼ାନ୍ତ ମୂଳ ଦାମ୍‌କୁ ୧୧୯୫.୪୨ କୋଟି ଟଙ୍କାରେ ଅନୁମୋଦନ ଦେଇଛନ୍ତି । ୨୦୧୦-୧୧ ଆ.ବ. ପାଇଁ ଏଆର୍‌ଆର୍‌ର କମ୍ପ୍ୟୁଟରୀକୃତ ହିସାବ ଉଦ୍ଦେଶ୍ୟରେ ଓଏଚପିସି ଶକ୍ତି ଷ୍ଟେସନସମୂହର ପ୍ରୋଜେକ୍ଟ ଦାମ୍‌କୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

**ସାରଣୀ-୩**

(କୋଟି ଟଙ୍କାରେ)

| କ୍ର. ସ | ଶକ୍ତି କେନ୍ଦ୍ର ମାନଙ୍କର ନାମ | ୦୧.୦୪.୯୬ ର ସମ୍ପତିର ଐତିହାସିକ ମୂଲ୍ୟ Historical cost of asset as on ୦୧.୦୪.୯୬ | ୦୧.୦୪.୯୬ ର ସମ୍ପତିର ପୁନଃନିର୍ଦ୍ଧାରିତ ମୂଲ୍ୟ Revalued cost of assets as on ୦୧.୦୪.୯୬ | ୨୦୦୯-୧୦ ସୁଦ୍ଧା ନୂତନ ସମଷ୍ଟି ଘରଙ୍ଗ additions up to ୨୦୦୯-୧୦ | ୨୦୧୦-୧୧ ପାଇଁ ପ୍ରକଳ୍ପ ମୂଲ୍ୟ (ପ୍ରକୃତି ମୂଲ୍ୟ ଉପରେ ଆଧାରିତ) Project cost for ୨୦୧୦-୧୧ (based on original cost) | ୨୦୧୦-୧୧ ପାଇଁ ପ୍ରକଳ୍ପ ମୂଲ୍ୟ (ପୁନଃନିର୍ଦ୍ଧାରିତ ମୂଲ୍ୟ ଉପରେ ଆଧାରିତ) Project cost for ୨୦୧୦-୧୧ (based on revalued cost) |
|---|---|---|---|---|---|---|
| ୧. | ଏଚ୍.ଏଚ୍.ଇ.ପି | ୭୨.୭୫ | ୧୩୦.୧୬ | ୧୯୦.୦୯ | ୨୬୨.୮୪ | ୩୨୦.୨୫ |
| ୨. | ସି.ଏଚ୍.ଇ.ପି | ୯୨.୨୩ | ୧୬୫.୦୧ | ୩୬.୦୨ | ୧୨୮.୨୫ | ୨୦୧.୦୩ |
| ୩. | ବି.ଏଚ୍.ଇ.ପି | ୧୧୫.୪୨ | ୩୩୪.୬୬ | ୨୦୮.୭୪ | ୩୨୪.୧୬ | ୫୪୩.୪୦ |
| ୪. | ଆର୍.ଏଚ୍.ଇ.ପି | ୯୧.୦୯ | ୨୫୯.୦୧ | ୨.୮୩ | ୯୩.୯୨ | ୨୬୧.୮୪ |
| ୫. | ୟୁ.କେ.ଏଚ୍.ଇ.ପ | ୧୦୮.୩୧ | ୩୦୭.୯୬ | ୩.୮୧ | ୧୧୨.୧୨ | ୩୧୧.୭୭ |
| | ସମୁଦାୟ | ୪୭୯.୮୦ | ୧୧୯୬.୮୦ | ୪୪୧.୪୯ | ୯୨୧.୨୯ | ୧୬୩୮.୨୯ |
| ୬. | ୟୁ.ଆଇ.ଏଚ୍.ଇ.ପି | - | - | - | ୧୧୯୫.୪୨ | ୧୧୯୫.୪୨ |

ମେସର୍ସ ମେକନଙ୍କ ଦ୍ୱାରା ପ୍ରସ୍ତୁତ ଦାମ୍‌ର ପୁନଃ ମୂଲ୍ୟାୟନକୁ ଭିତ୍ତି କରି ୨୯୫.୧୭ କୋଟି ଟଙ୍କାର ଜଳ ବିଦ୍ୟୁତ ଷ୍ଟେସନର ପୁନଃ-ମୂଲ୍ୟାୟିତ ଦାମ୍‌କୁ ହୀରାକୁଦ ଜଳବିଦ୍ୟୁତ ପ୍ରୋଜେକ୍ଟ ଓ ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ସହ ଭାଗକରଣ କରାଯାଇଛି । ସେହିଭଳି, ୧୬୪.୯୮ କୋଟି ଟଙ୍କାର ଜଳ ବିଦ୍ୟୁତ ଷ୍ଟେସନର ଐତିହାସିକ ଦାମ୍‌କୁ ଆସେଟ୍‌ସମୂହର ପୁନଃମୂଲ୍ୟାୟିତ ଦାମ ଉଦ୍ଦେଶ୍ୟରେ ପ୍ରସ୍ତୁତ ଭାଗକରଣର ଅନୁପାତକୁ ଆଧାର କରି ଭାଗ କରାଯାଇଛି ।

**ବାର୍ଷିକ ସ୍ଥିର ଦାମ୍‌ର ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଗ୍ରହଣୀୟ ଶୃଙ୍ଖଳା ସମୂହ:**

୧୩) ବାର୍ଷିକ ସ୍ଥିର ଦାମ୍‌ର ଭରଣା ପାଇଁ ୫୦:୫୦ ଭିତ୍ତିରେ ବଣ୍ଟଆରା କରାଯିବାକୁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ଦରସୂଚୀ ନିର୍ଦ୍ଧାରଣର ବ୍ୟବଧାନିକ ସମୟର ନିୟମ-ସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ ୨୦୦୯, ଏକ ଜଳବିଦ୍ୟୁତ୍ ଉତ୍ପାଦନକାରୀ ଷ୍ଟେସନରୁ ବିଦ୍ୟୁତ୍ ଯୋଗାଣ ଉଦ୍ଦେଶ୍ୟରେ ଦରସୂଚୀର କମ୍ପ୍ୟୁଟରୀକୃତ ହିସାବକରଣ ପାଇଁ 'ପରିମାଣ

(କ୍ଷମତା) ଦେୟ-ଦର' ଓ ଶକ୍ତି ଦେୟ-ଦରକୁ ସଂଶ୍ଳିଷ୍ଟ କରାଇବ । ଏକ ଜଳବିଦ୍ୟୁତ ଶକ୍ତି ଉତ୍ପାଦନକାରୀ ଷ୍ଟେସନ ନିମ୍ନଲିଖିତ ଉପାଦାନ ସମୂହ ସହ ସଂଶ୍ଳିଷ୍ଟ ରହିବ ।

(କ) ନିବେଶିତ ମୂଳଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ

(ଖ) ଋଣ-ଧନ ଉପରେ ସୁଧ

(ଗ) ମୂଲ୍ୟ-ହ୍ରାସ

(ଘ) ନିର୍ବାହନ ଓ ତୁଲାଜମା ବ୍ୟୟ-ସମୂହ

(ଙ) କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ

**(କ) ନିବେଶିତ ମୂଳଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ:**

୧୫.୫ ପ୍ରତିଶତର ଆଧାର ଦର-ହାରରେ ପ୍ରାକ୍-ଶୁଳ୍କ ଭିତ୍ତି ଉପରେ ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣର କମ୍ପ୍ୟୁଟରୀକୃତ ହିସାବ କରାଯିବ । ଓଏଚପିସି ଶକ୍ତି ଷ୍ଟେସନସମୂହ ଉଦ୍ଦେଶ୍ୟରେ ୨୦୧୦-୧୧ ଆ.ବ. ପାଇଁ ବାର୍ଷିକ ୧୮.୬୭୪ ପ୍ରତିଶତ ଦର-ହାରରେ ନିବେଶିତ ମୂଳଧନ ଉପରେ ପ୍ରାକ୍-ଶୁଳ୍କ ଫେରସ୍ତକୁ ବିବେଚନା କରାଯାଇଛି ।

୨୦.୩.୨୦୦୯ ତାରିଖର କେଶ୍-ନଂ-୬୪/୨୦୦୮ ମୂଳେ ଆୟୋଗଙ୍କର ଆଦେଶନାମାକୁ ଭିତ୍ତି କରି, ୧.୪.୯୬ ସୁଦ୍ଧା ଆସେଟ୍‌ସମୂହର ଐତିହାସିକ ଦାମ୍‌କୁ ଲାଭାଂଶ ପରିମାଣ ଫେରସ୍ତ ପାଇଁ ବିବେଚନା କରାଯାଇନାହିଁ । ହୀରାକୁଦ ଜଳ ବିଦ୍ୟୁତ ପ୍ରୋଜେକ୍ଟ, ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ୨୫ ପ୍ରତିଶତ ଏବଂ ଆଉ ସବୁ ପୁରୁଣା ଶକ୍ତି ଷ୍ଟେସନଗୁଡ଼ିକ ପାଇଁ ୩୦ ପ୍ରତିଶତର ଏକ ନିବେଶ-ଭିତ୍ତି ସହ ଲାଭାଂଶ ଫେରସ୍ତ ପରିମାଣର ହିସାବ ପାଇଁ ୧.୪.୯୬ ଠାରୁ ୩୧.୩.୨୦୧୦ ପର୍ଯ୍ୟନ୍ତ ଓଏଚପିସି ଦ୍ୱାରା ପ୍ରସ୍ତୁତ ନୂଆ ମୂଳଧନର ଯୋଗକ୍ରିୟାକୁ ଗ୍ରହଣ କରାଯାଇଛି । ଅପରଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରୋଜେକ୍ଟ ଉଦ୍ଦେଶ୍ୟରେ ଲାଭାଂଶ ଫେରସ୍ତ ପରିମାଣର କମ୍ପ୍ୟୁଟରୀକୃତ ହିସାବ ପାଇଁ ଅନୁମୋଦିତ ପ୍ରୋଜେକ୍ଟ ଦାମ୍‌ର ୨୫ ପ୍ରତିଶତର ନିବେଶିତ ଆଧାରରୁ ଅଧାପନ୍ତରିଆ ଭାବରେ ଉତ୍ପାଦିତ ଶକ୍ତିର ଦାମ୍‌କୁ ବିଯୋଗ କରାଯାଇ ବିବେଚନା କରାଯାଇଛି ।

**ସାରଣୀ-୪**

**(କୋଟି ଟଙ୍କାରେ)**

| କ୍ର.ସ | **ଶକ୍ତି କେନ୍ଦ୍ର ମାନଙ୍କର ନାମ** | **୩୧.୦୩.୨୦୧୦ ସୁଦ୍ଧା ଅତିରିକ୍ତ ପୁଞ୍ଜି** Additional capital up to **୩୧.୦୩.୨୦୧୦** | **ଲାଭାଂଶ ପୁଞ୍ଜି** Equity capital | **୧୮.୬୭୪% ରେ ଲାଭାଂଶ ଫେରସ୍ତ** ROE at ୧୮.୬୭୪ % |
|---|---|---|---|---|
| ୧. | **ଏଚ୍.ଏଚ୍.ଇ.ପି** | ୧୯୦.୦୯ | ୪୭.୫୨ | ୮.୮୭୪ |
| ୨. | **ସି.ଏଚ୍.ଇ.ପି** | ୩୬.୦୨ | ୯.୦୦ | ୧.୬୮୨ |
| ୩. | **ବି୍.ଏଚ୍.ଇ.ପି** | ୨୦୮.୭୪ | ୬୨.୬୨୨ | ୧୧.୬୯୪ |

| | | | | |
|---|---|---|---|---|
| ୪. | **ଆର୍.ଏଚ୍.ଇ.ପି** | ୨.୮୩ | ୦.୮୪୯ | ୦.୧୫୯ |
| ୫. | **ୟୁ.କେ.ଏଚ୍.ଇ.ପି** | ୩.୮୧ | ୧.୧୪୩ | ୦.୨୧୩ |
| ୬. | **ୟୁ.ଆଇ.ଏଚ୍.ଇ.ପି** | ପ୍ରକଳ୍ପ ମୂଲ୍ୟ<br>୧୧୯୪.୭୯<br>ଚକ୍ସକ୍ଷହରମସ୍ୱ ମକ୍ଷସ୍ୱସ୍ୱ | ୨୯୮.୭୯ | ୫୫.୭୭୯ |

**(ଖ) ରଣ ଉପରେ ସୁଧ:**

ଓଏଚପିସି ଉପରେ ରଣ ଦାୟବଦ୍ଧତା ମଧରେ 'ରାଜ୍ୟ ସରକାରଙ୍କ ଠାରୁ ଅଣାଯାଇଥିବା ରଣ' ଓ ପିଏଫ୍‌ସି ରଣ ଅନ୍ତର୍ଭୁକ୍ତ ଅଟେ । ମୂଳଧନ ବାବଦକୁ ପରିଶୋଧ-ପରିମାଣର ସହସାମିଲକରଣ ପରେ ୧.୪.୨୦୧୦ ସୁଦ୍ଧା ରାଜ୍ୟ ସରକାରଙ୍କୁ ଦେବାକୁ ଥିବା ବାକିଆ ରଣର ପରିମାଣ ହେଉଛି ୮.୮୦କୋଟି ଟଙ୍କା ।

କେଶ୍-ନଂ-୬୪/୨୦୦୮ରେ ୨୦.୩.୨୦୦୯ର ଆୟୋଗଙ୍କର ଆଦେଶନାମାୟ ଅନୁଯାୟୀ, ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣକୁ ସଙ୍କୁଚିତ କରି ଏବଂ ରାଜ୍ୟ ସରକାରଙ୍କ ଠାରୁ ଅଣାଯାଇଥିବା ରଣ ଉପରେ ଆଇନାନୁମୋଦିତ ଭାବେ ଅଦାନାୟ ଜନିତ ସ୍ଥଗିତାଦେଶ କିମ୍ବା ବିଳମ୍ବରେ ଆଦାୟ ପୂର୍ବକ ଆର୍ଥିକ ସହଯୋଗର ହସ୍ତ ପ୍ରସାରଣ ପାଇଁ ଆୟୋଗ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଅବଶ୍ୟ, ଏହି ପରାମର୍ଶ ଉପରେ, ରାଜ୍ୟ ସରକାରଙ୍କ ଅର୍ଥବିଭାଗ ୨୦୦୬-୦୭ ଠାରୁ ୨୦୧୦-୧୧ ସମୟ ଅବଧି ପାଇଁ ସହମତି ପ୍ରକାଶ କରିଛନ୍ତି । ସେହି ଅନୁଯାୟୀ, କେବଳ ୩୯.୨୦ କୋଟି ଟଙ୍କାର ଏକ ରାଜ୍ୟ ସରକାରୀ ରଣ ବାଦ୍ ସବୁ ରାଜ୍ୟ ସରକାରୀ ରଣ ଉପରେ ଓଏଚପିସି ସୁଧ ପରିମାଣକୁ ବିବେଚନା କରିନାହିଁ । ବୁର୍ଲା, ଅପର ଇନ୍ଦ୍ରାବତୀ ଏବଂ ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ୟୁନିଟ୍-୭ ଓ ୟୁନିଟ – ୮ର ବିସ୍ତାରଣ ପାଇଁ ଓଏଚପିସି ପିଏଫ୍‌ସିରୁ ରଣ ଆଣିଛି ।

ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ଯୋଜନା ପାଇଁ ପିଏଫ୍‌ସିରୁ ଆଣିଥିବା ୩୨୦ କୋଟି ଟଙ୍କାର ରଣକୁ ସଫଳତାର ସହ ଓଏଚପିସି ପରିଶୋଧ କରିପାରିଛି ।

୨୦୧୦-୧୧ ଆ.ବ. ପାଇଁ ଓଚପିସି ଦ୍ୱାରା ପରିଶୋଧ ବାକିଆ ରଣ ଉପରେ ସୁଧ ପରିମାଣ ଓ ଗ୍ୟାରେଣ୍ଟି କମିଶନର ପରିମାଣ ହେଉଛି ୧୫.୨୦ କୋଟି ଟଙ୍କା

**(ଗ) ମୂଲ୍ୟ - ହ୍ରାସ:**

ନିବେଶ କରାଯାଇଥିବା ମୂଳଧନକୁ ଫେରିପାଇବାର ଏହା ଏକ ପରୋକ୍ଷ ପ୍ରକ୍ରିୟା ଏବଂ କୌଣସି ଆସେଟ୍‌ର ସ୍ଥାନାନ୍ତରଣ ଉଦ୍ଦେଶ୍ୟରେ ଏକ ଜମା (ପୁଂଜି) ସୃଷ୍ଟି କରିବା ବିପକ୍ଷରେ ଏକ ନିରବିଚ୍ଛିନ୍ନ ଦେୟ-ଦର । ଉତ୍ପାଦନକାରୀ ଷ୍ଟେସନମାନଙ୍କର ବାର୍ଷିକ ସ୍ଥିର ଦାମ୍‌ର ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ।

ଆୟୋଗଙ୍କ ଦ୍ୱାରା ସ୍ୱୀକୃତ ମୁଖ୍ୟ ଦର(ଦାମ) ଉପରେ ଭିତ୍ତି କରି 'ମୂଲ୍ୟ-ହ୍ରାସ'ର ହିସାବ ପାଇଁ ସିଇଆରସି ଟାରିଫ ନିୟମାବଳୀ-୨୦୦୯-୧୪ ଦର-ହାର ସୂଚିତ କରିଛନ୍ତି ।

୨୦୧୦-୧୧ ଆ.ବ. ପାଇଁ ଐତିହାସିକ ପ୍ରୋଜେକ୍ଟ ଦାମ୍ ଉପରେ ୨.୫୭ ପ୍ରତିଶତ ଦର-ହାର ସହ ୨୦୦୯-୧୦ ଆ.ବ. ପର୍ଯ୍ୟନ୍ତ ଅତିରିକ୍ତ ମୂଳଧନୀକରଣକୁ ମିଶାଇ ଓଏଚପିସି 'ମୂଲ୍ୟ-ହ୍ରାସ'କୁ କମ୍ପ୍ୟୁଟରୀକୃତ ହିସାବ କରିଛି ।

ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଏବଂ ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ ଯେଣୁ ୨.୫୭ ପ୍ରତିଶତ ହାରରେ କମ୍ପ୍ୟୁଟରୀକୃତ ମୂଲ୍ୟ-ହ୍ରାସର ହିସାବ କରାଯାଇଥିବା ପରିମାଣ ଠାରୁ ପରିଶୋଧ ରଣର ପରିମାଣ ଅଧିକ ଅଟେ, ତେଣୁ ମୂଳ ରଣ କିସ୍ତିର ପରିଶୋଧର ଆବଶ୍ୟକତାକୁ ଭେଟିବା ନିମନ୍ତେ ପ୍ରକୃତ ପରିଶୋଧ ରଣ-ପରିମାଣକୁ ବିବେଚନା

କରାଯାଇଛି । ତେଣୁ, ୨୦୦୯-୧୦ ଆ.ବ.ରେ ପିଏଫ୍‌ସି ଋଣକୁ ପୂର୍ଣ୍ଣ ଭାବେ ଓଏଚପିସି ପରିଶୋଧ କରିବ ଏବଂ ସିଓଡି ଠାରୁ ପ୍ରୋଜେକ୍ଟ ୧୨ବର୍ଷର ସମୟ-ଅବଧିକୁ ସମ୍ପୂର୍ଣ୍ଣ କରି ନାହିଁ, ତେଣୁ ଓଏଚପିସି ଏବଂ ଗ୍ରୀଡ଼କୋ ମଧ୍ୟରେ ଶକ୍ତି କ୍ରୟ ଚୁକ୍ତିନାମା ଅନୁଯାୟୀ, ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଉଦ୍ଦେଶ୍ୟରେ ଅନୁମୋଦିତ ପ୍ରୋଜେକ୍ଟ ଦାମ୍‌ର ୩.୬ ପ୍ରତିଶତ ଦର-ହାରରେ ମୂଲ୍ୟ-ହ୍ରାସକୁ ବିବେଚନା କରାଯାଇଛି ।

**(ଘ) ନିର୍ବାହନ ଓ ତୁଲାଜମା ବ୍ୟୟ ସମୂହ:**

ନୂଆ ସିଇଆରସି ଟାରିଫ ନିୟମାବଳୀ, ୨୦୦୯ ଅନୁଯାୟୀ, ନିମ୍ନ ବର୍ଣ୍ଣିତ ମତେ ମାପଦଣ୍ଡ ଭିତ୍ତିକ ଓ'ଆଣ୍ଡ ଏମ୍ ବ୍ୟୟ ସମୂହର ହିସାବ କରାଯିବ ।

- ୨୦୦୭-୦୮ର ଦର-ସ୍ତରକୁ ଏହାକୁ ଆଣିବା ପାଇଁ ୨୦୦୩-୦୪ ଠାରୁ ୨୦୦୭-୦୮ ପର୍ଯ୍ୟନ୍ତ ବର୍ଷମାନଙ୍କ ପାଇଁ ପ୍ରକୃତ ଓ'ଆଣ୍ଡ ଏମ୍ ବ୍ୟୟକୁ ବାର୍ଷିକ ୫.୧୭ ପ୍ରତିଶତ ହାରରେ ଅଭିବର୍ଦ୍ଧିତ କରାଯିବ ଏବଂ ତା'ପରେ ଉତ୍ପାଦନକାରୀ ଷ୍ଟେସନମାନଙ୍କର ଓ'ଆଣ୍ଡ ଏମ୍ ବ୍ୟୟକୁ ୨୦୦୭-୦୮ର ଦର-ସ୍ତରରେ ପହଞ୍ଚାଇବାକୁ ତାହାକୁ ହାରାହାରିକରଣ କରାଯିବ । ତା'ପରେ,୨୦୧୦-୧୧ ବର୍ଷର ଓ'ଆଣ୍ଡଏମ୍ ବ୍ୟୟରେ ଉପନୀତ ହେବାକୁ ଏହାକୁ ବାର୍ଷିକ ୫.୭୨ ପ୍ରତିଶତ ହାରରେ ଅଭିବର୍ଦ୍ଧିତ କରାଯିବ ।
- ଆୟୋଗ ୨୦୦୯-୧୦ ଆ.ବ.ର ଟାରିଫ ଆଦେଶନାମାରେ ୨୦୦୯-୧୦ ପାଇଁ ପୃଥକ ଭାବେ କର୍ମଚାରୀମାନଙ୍କର ବେତନ ବୃଦ୍ଧିକୁ ଅନୁମୋଦନ ଦେଇଛନ୍ତି । ତେଣୁ, ୨୦୦୯-୧୦ ଆ.ବ. ପାଇଁ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ମତେ ବେତନ ବୃଦ୍ଧିକୁ ୨୦୧୦-୧୧ ଆ.ବ.ରେ ଉନପୀତ ହେବା ନିମନ୍ତେ ୫.୭୨ ପ୍ରତିଶତ ହାରରେ ଅଭିବୃଦ୍ଧି କରିଛନ୍ତି ଏବଂ ଏହି ବର୍ଦ୍ଧିତ ପରିମାଣକୁ ଓ'ଆଣ୍ଡ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଛି ।
- ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ବାବଦକୁ କର୍ମଚାରୀମାନଙ୍କୁ ସେମାନଙ୍କର ବାକିଆ ଦେୟ-ଦେବା ନେଇ ଓଏଚପିସିର ନିର୍ଦ୍ଦେଶକ ପରିଷଦର ଅନୁମୋଦିତ ନକଲ ଓଇଆରସିଙ୍କ ସମକ୍ଷରେ ଉପସ୍ଥାପନ କରାଯାଇ ନଥିବା ଯୋଗୁ ଆୟୋଗ ୨୦୦୯-୧୦ ପାଇଁ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ୪୦ ପ୍ରତିଶତର ବାକିଆ ବେତନକୁ ଅନୁମୋଦନ କରିନାହାନ୍ତି । ଟାରିଫ ଦରଖାସ୍ତର ଆନେକ୍ସଚର - ୨ରେ କର୍ମଚାରୀଙ୍କର ବାକିଆ ପେମେଣ୍ଟ ନେଇ ଓଏଚପିସିର ନିର୍ଦ୍ଦେଶକ ପରିଷଦର ଅନୁମୋଦନ ପତ୍ର ଗ୍ରଥିତ ହୋଇଛି । ୨୦୦୯-୧୦ ଆ.ବ.ର ଓଏଚପିସିର କର୍ମଚାରୀଙ୍କୁ ବାକିଆ ବେତନର ୪୦ ପ୍ରତିଶତ ଦିଆଯାଇଛି ଏବଂ ୨୦୧୦-୧୧ ଆ.ବ.ରେ ବାକିଆ ବେତନର ୩୦ ପ୍ରତିଶତ ଦିଆଯିବାକୁ ଅଛି । ଉଭୟ ୪୦ ପ୍ରତିଶତ (୨୦.୮୨ କୋଟି ଟଙ୍କା) ଏବଂ ୩୦ପ୍ରତିଶତ (୧୫.୬୩ କୋଟି ଟଙ୍କା) ପରିମାଣକୁ ୨୦୧୦-୧୧ ଆ.ବ.ର ଏଆର୍‌ଆର୍‌ରେ ଅନ୍ତର୍ଭୁକ୍ତ କରାଯାଇଛି ।
- ସେହିଭଳି ଭାବେ, ୧୬.୧୭ କୋଟି ଟଙ୍କାର କର୍ପୋରେଟ କାର୍ଯ୍ୟାଳୟ ବ୍ୟୟକୁ ଉତ୍ପାଦନ କ୍ଷମତା ଭିତ୍ତିରେ ଓଏଚପିସି ଅଧିନସ୍ଥ ଭିନ୍ନ ଭିନ୍ନ ୟୁନିଟକୁ ଆନୁପାତିକ ଭାବେ ବଣ୍ଟାଆରା କରାଯାଇଛି ଏବଂ ୨୦୧୦-୧୧ ଆ.ବ. ପାଇଁ ଓ'ଆଣ୍ଡ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରଯାଇଛି ।
- ୧୬.୧୨.୨୦୦୮ର ସରକାରୀ ବିଜ୍ଞପ୍ତି ସଂଖ୍ୟା - ୫୪୦୮୦ ଅନୁଯାୟୀ, ଅବସର ଗ୍ରହଣ କରିସାରିଥିବା କିମ୍ବା ୩୧.୩.୨୦୦୯ ପୂର୍ବରୁ କିମ୍ବା ସେହିଦିନ ଅବସର କରିଥିବା କର୍ମଚାରୀମାନଙ୍କୁ ଗୋଟିଏ କିସ୍ତିରେ ଶତପ୍ରତିଶତ ବାକିଆ ବେତନ ଦେବାକୁ ପଡିବ । ଯେଣୁ, ୨୦୦୯-୧୦ ଆ.ବ.ରେ ବାକିଆ ବେତନର ୪୦ ପ୍ରତିଶତ ଦିଆସରିଛି; ଉପର ପରିଚ୍ଛେଦରେ ଆଲୋଚିତମତେ ଅବଶିଷ୍ଟ ୩୦ ପ୍ରତିଶତକୁ ଅନ୍ତର୍ଭୁକ୍ତ କରାଯାଇଛି, ତେଣୁ,

ଅବଶିଷ୍ଟ ୩୦ ପ୍ରତିଶତ (୧.୪୨କୋଟି ଟଙ୍କା)କୁ ୨୦୧୦-୧୧ ଆ.ବ. ପାଇଁ ମରାମତି ଓ ତୁଲାଜମା ବ୍ୟୟ ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇଛି ।

- ଯେହେତୁ, ବୁର୍ଲା ପାୱାର ହାଉସ୍ ଓ ଚିପିଲିମା ପାୱାର ହାଉସ୍‌କୁ ସ୍ୱତନ୍ତ୍ର ୟୁନିଟ ଭାବରେ ଘୋଷଣା କରାଯାଇଛି, ତେଣୁ ୨୦୦୯-୧୦ ଆ.ବ. ପାଇଁ ଆୟୋଗଙ୍କ ଅନୁମୋଦିତ ଓ'ଆଣ୍ଡ ଏମ୍ ବ୍ୟୟକୁ ମଧ ଶ୍ରମ-ଶକ୍ତିର ପରିମାଣକୁ ନେଇ ୭୦:୩୦ରେ ଭାଗକରଣ କରାଯାଇଛି; କାରଣ କର୍ମଚାରୀଙ୍କ ବାବଦ ବ୍ୟୟ ବା ଶ୍ରମ-ଶକ୍ତି ବାବଦ ବ୍ୟୟ ହିଁ ଓ'ଆଣ୍ଡ ଏମ୍ ବ୍ୟୟର ମୁଖ୍ୟ ଅଂଶ ।
- ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ପ୍ରଦାନ ପ୍ରକ୍ରିୟାରେ ଦୁରାନ୍ତ ଓ ଅଗମ୍ୟ ସ୍ଥାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଭତ୍ତା ମଧ ବୃଦ୍ଧି କରାଯାଇଛି । ୨୦୦୯, ଏପ୍ରିଲ ଠାରୁ ୨୦୧୦, ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏହି ଉଦ୍ଦେଶ୍ୟରେ ବାକିଆ ଭତ୍ତାର ପରିମାଣ ସହ ୨୦୧୦-୧୧ ଆ.ବ. ପାଇଁ ଭତ୍ତା ପରିମାଣକୁ ମିଶାଇଲେ ତାହା ୩.୪୬ କୋଟି ଟଙ୍କା ହେଉଛି (ଆନେକ୍ସଚର-୩ରେ ସବିଶେଷ ତଥ୍ୟ ଉପସ୍ଥାପିତ ହୋଇଛି)। ଏହି ୩.୪୭କୋଟି ଟଙ୍କାକୁ ମଧ ଓ'ଆଣ୍ଡ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଛି ।
- ୨୦୧୦-୧୧ ଆ.ବ. ଠାରୁ ଆରମ୍ଭ କରି ୫ ବର୍ଷର ଏକ ସମୟ ଅବଧି ପାଇଁ ଦାବୀ କରାଯାଇଥିବା ୧.୧.୨୦୦୬ ଠାରୁ ବଳବତ୍ତର ସଂଶୋଧିତ ବେତନ ହାର ଯୋଗୁ ୩୧.୩.୨୦୦୯ ସୁଦ୍ଧା ୭୮.୦୧ କୋଟି ଟଙ୍କାର ବାକିଆ ଟର୍ମିନାଲ ଦାୟବଦ୍ଧ ଦେୟ ପରିମାଣକୁ ଓ'ଆଣ୍ଡ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଛି ।
- **ହୀରାକୁଦ ଜଳ ବିଦ୍ୟୁତ୍ ଶକ୍ତି ପ୍ରୋଜେକ୍ଟ, ବୁର୍ଲାର ୟୁନିଟ-୩ ଓ ୟୁନିଟ-୪ ପାଇଁ ଯନ୍ତ୍ରାଂଶ:**

୨୦୧୦-୧୧ ଆ.ବ. ଠାରୁ ଆରମ୍ଭ କରି ପରବର୍ତ୍ତୀ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ୯.୨୭ କୋଟି ଟଙ୍କାର କିଣାଯାଇଥିବା ବୈଦ୍ୟୁତିକ ଯନ୍ତ୍ରାଂଶକୁ ଉଦ୍ଦିଷ୍ଟ କରାଯାଇଛି । ୨୦୦୯-୧୦ରେ ଏହି ଯନ୍ତ୍ରାଂଶସମୂହ ଉପରୋକ୍ତ ୨ଟି ୟୁନିଟ ଉଦ୍ଦେଶ୍ୟରେ କିଣାଯାଇଥିଲା । ଉପରୋକ୍ତ ପରିମାଣର ଏକ ପଞ୍ଚମାଂଶ ଅର୍ଥାତ୍ ୧.୮୬ କୋଟି ଟଙ୍କାକୁ ଓ'ଆଣ୍ଡ୍ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଛି ।

**ସାରଣୀ-୫**

**ଆର୍ଥିକ ବର୍ଷ ୨୦୧୦-୧୧ ଓ'ଆଣ୍ଡଏମ୍' ବ୍ୟୟ ପରିମାଣ**

(କୋଟି ଟଙ୍କାରେ)

| ର୍ଣ୍ଣନା | ଆର୍.ଏଚ୍.ଇ.ପି | ୟୁ.କେ.ଏଚ୍.ଇ.ପି | ବି.ଏଚ୍.ଇ.ପି | ଏଚ୍.ଏଚ୍.ଇ.ପି | ସି.ଏଚ୍.ଇ.ପି | ଅର୍ଦ୍ଧସମୁଦାୟ | ୟୁ.ଆଇ.ଏଚ୍.ଇ.ପି | ସମୁଦାୟ |
|---|---|---|---|---|---|---|---|---|
| ଆର୍ଥିକ ବର୍ଷ ୦୧୦-୧୧ ର ଓ'ଆଣ୍ଡଏମ୍' ବ୍ୟୟ O&M expenses | ୩୬.୧୪ | ୨୬.୩୧ | ୫୧.୦୫ | ୪୪.୪୧ | ୧୭.୮୮ | ୧୭୫.୭୯ | ୬୩.୦୭ | ୨୩୮.୮ |

| | | | | | | | | |
|---|---|---|---|---|---|---|---|---|
| for FY ୨୦୧୦ -୧୧ | | | | | | | | |
| ଆର୍ଥିକ ବର୍ଷ ୨୦୦୯-୧୦ ପାଇଁ ଅନୁମୋଦିତ ଓ'ଆଣ୍ଡଏମ୍' ବ୍ୟୟ O&M approved for ୨୦୦୯-୧୦ | ୨୬.୦୩ | ୧୬.୩୯ | ୩୦.୯୫ | ୪୩.୯୩ | | ୧୧୭.୩୦ | ୫୦.୯୩ | ୧୬୮.୨୯ |

**(ଙ) କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ:**

ସିଇଆରସି, ଟାରିଫ ନିୟମାବଳୀ, ୨୦୦୯ ଅନୁଯାୟୀ, ନିମ୍ନଲିଖିତ ବିଭାବଗୁଡିକ କାର୍ଯ୍ୟକାରୀ ମୂଳଧନର ହିସାବ ପାଇଁ ଭିତ୍ତି ଭାବେ ଅନ୍ତର୍ଭୁକ୍ତ ହେବ ।

- ୨ମାସର ସ୍ଥିର ଦାମ୍ ସହ ପାଖାପାଖି ସମାନ ପରିମାଣର ପ୍ରାପ୍ୟ-ଦେୟ
- ୧୫ ପ୍ରତିଶତ ହାରରେ ଓ'ଆଣ୍ଡ ଏମ୍ ବ୍ୟୟ ଅନ୍ତର୍ଭୁକ୍ତ ଯନ୍ତ୍ରାଂଶର ତୁଲାଜମା
- ଗୋଟିଏ ମାସ ପାଇଁ ଓ'ଆଣ୍ଡ ଏମ୍ ବ୍ୟୟ ପରିମାଣ

କାର୍ଯ୍ୟକାରୀ ମୂଳଧନ ଉପରେ ସୁଧର ହାରକୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ ଇଣ୍ଡିଆର ସ୍ୱଳ୍ପକାଳୀନ ଋଣର ସୁଧ-ହାର, ଅର୍ଥାତ୍ ୧୧.୭୫%ରେ ବିବେଚନା କରାଯାଇଛି । ସିଇଆରସି ଗାଇଡ୍ ଲାଇନ ଅନୁସାରେ, କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣ 'ମାପଦଣ୍ଡ ଭିତ୍ତି'ରେ ଦେୟ-ଯୋଗ୍ୟ ହେବ ।

**(ଚ) ଆବେଦନପତ୍ର ବାବଦ ଦେୟ ଓ ପ୍ରକାଶନ ବାବଦ ବ୍ୟୟସମୂହ:**

ସିଇଆର୍ସି ଟାରିଫ ନିୟମାବଳୀ, ୨୦୦୯ରେ ଆବେଦନ ପତ୍ର ଦାଖଲ ବାବଦକୁ ଦେୟ ଏବଂ ସୂଚନା/ବିଜ୍ଞପ୍ତିର ପ୍ରକାଶନ ଜନିତ ବ୍ୟୟ ପରିମାଣର ନିର୍ଦ୍ଦିଷ୍ଟକ ଋଣ ସମ୍ପୂର୍ଣ୍ଣ ଭାବେ ଆୟୋଗଙ୍କର ବିଚାରାଧୀନ ଅଟେ । ଏହି ପରିମାଣକୁ ଉତ୍ପାଦନକାରୀ କମ୍ପାନୀମାନେ ସିଧାସଳଖ ହିତାଧିକାରୀଙ୍କ ଠାରୁ ଭରଣା କରିବାକୁ ଆୟୋଗ ଅନୁମତି ଦେଇ ପାରନ୍ତି । ୩୧.୮.୨୦୦୯ ତାରିଖର ଆୟୋଗଙ୍କ ବିଜ୍ଞପ୍ତି ସଂଖ୍ୟା - ୧୯୯୨ର ଉପାଧାରା - ୧୭ ଅନୁଯାୟୀ, ଗତାନୁଗତିକ ଜାଳେଣୀ-ଭିତ୍ତିକ ପ୍ଲାଣ୍ଟ/ହାଇଡେଲ ପ୍ଲାଣ୍ଟଗୁଡିକର ଟାରିଫ ନିର୍ଦ୍ଧାରଣ ନିମନ୍ତେ ଦରଖାସ୍ତ ଫି' ବାବଦରେ ମେଗାୱାଟ ପିଛା ୫ହଜାର ଟଙ୍କାର

ପରିମାଣକୁ ସ୍ଥିର କରଯାଇଛି। ଅବଶ୍ୟ ଏହି ଉଦ୍ଦେଶ୍ୟରେ ପରିମାଣର ସର୍ବୋଚ୍ଚ ସୀମା ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସର୍ତ୍ତାଧିନ ଅଟେ ।

ଉପରୋକ୍ତ ଆଦେଶନାମାର ଆଭିମୁଖ୍ୟ ଅନୁଯାୟୀ, ଓଏଚପିସିକୁ ୨୫ଲକ୍ଷ ଟଙ୍କାର ଦରଖାସ୍ତ ଫି' ଦେବାକୁ ପଡିବା ହିତାଧିକାରୀମାନଙ୍କ ଠାରୁ ଏହି ଅର୍ଥକୁ ଭରଣା କରିବା ପାଇଁ ଓଏଚପିସିକୁ ଅନୁମତି ଦିଆଯାଇପାରେ ।ଏହା ସହ, ୨୦୦୯-୧୦ ଆ.ବ.ରେ ଟାରିଫ ସମ୍ପର୍କିତ କେତେକ ପ୍ରସଂଗର ସମ୍ବାଦପତ୍ରରେ ପ୍ରକାଶନ ଜନିତ ବ୍ୟୟ ଭାର ମଧ ଓଏଚପିସି ବହନ କରିଛି । ଅତଏବ, ୨୦୧୦-୧୧ ଆ.ବ. ପାଇଁ ଦରଖାସ୍ତ ଫି' ଏବଂ ପ୍ରକାଶନ ବ୍ୟୟକୁ ସିଧାସଳଖ ଗ୍ରୀଡ଼କୋ ଠାରୁ ଭରଣା କରିବା ପାଇଁ ଓଏଚପିସିକୁ ଅନୁମତି ଦିଆଯାଇପାରେ।

**(ଛ) ସମୁଦାୟ ବାର୍ଷିକ ସ୍ଥିର ବ୍ୟୟ :**

ଉପରୋକ୍ତ ନିୟମସମୂହକୁ ଆଧାର କରି ୨୦୧୦-୧୧ ଆ.ବ. ପାଇଁ ଷ୍ଟେସନ-ୱାରୀ ହିସାବ କରାଯାଇଥିବା ଏଆର୍‌ଆର୍ ଏବଂ ତାରିଫର ବିବରଣୀ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ।

**ସାରଣୀ-୬**

ଆର୍ଥିକ ବର୍ଷ ୨୦୧୦-୧୧ପାଇଁ ପୁରୁଣା **ଆକାରାୟିତ ଶକ୍ତି ଉପରେ ଆଧାରିତ ଷ୍ଟେସନ ଅନୁଯାୟୀ ବାର୍ଷିକ ରାଜସ୍ୱ ଚାହିଦା ଓ ଶୁଳ୍କ**

ଝଗ୍ବବଗ୍ବସଙ୍କ-ଙ୍ଗସଙ୍କର ଇଜଜ ବଭୟ ଞବଙ୍କସଲଲ ଲଙ୍କଙ୍କ ଋଣ ୨୦୧୦-୧୧, ମଙ୍କଭଙ୍କସୟରଙ୍କସଭଶ ଙ୍କକ୍ଷୟ ୟରଙ୍କସଶଭ ରଭରଙ୍କଶଚ:

(କୋଟି ଟଙ୍କାରେ)

| ବିଶଦ ବିବରଣର ଖର୍ଚ୍ଚ Detailsexpenses | ଏଚ୍.ଏଚ୍.ଇ.ପି | ସି.ଏଚ୍.ଇ.ପି | ବି.ଏଚ୍.ଇ.ପି | ଆର୍.ଏଚ୍.ଇ.ପି | ୟୁ.କେ.ଏଚ୍.ଇ.ପ | ଅର୍ଦ୍ଧସମୁଦାୟ | ୟୁ.ଆଇ.ଏଚ୍.ଇ.ପି | ସମୁଦାୟ |
|---|---|---|---|---|---|---|---|---|
| ବିକ୍ରୀ ଯୋଗ୍ୟ **ଆକାରାୟିତ ଶକ୍ତି** (ଏମୟୁ) | ୬୭୭.୧୬ | ୪୮୫.୧୦ | ୧୧୭୧.୧୭ | ୫୧୯.୭୫ | ୮୨୩.୬୮ | ୩୬୭୭.୮୬ | ୧୯୪୨.୩୮ | ୫୬୧୯.୨୪ |
| ଲାଭାଂଶ ଫେରସ୍ତ | ୮.୮୭ | ୧.୬୮ | ୧୧.୬୯ | ୦.୧୬ | ୦.୨୧ | ୨୨.୬୨ | ୫୫.୭୮ | ୭୮.୪୦ |
| ଋଣ ଉପରେ ସୁଧ | ୩.୬୪ | ୧.୦୦ | ୧୦.୧୦ | ୦.୨୧ | ୦.୨୫ | ୧୫.୨୦ | ----- | ୧୫.୨୦ |
| ହ୍ରାସ-ମୂଲ୍ୟ | ୭.୯୭ | ୩.୩୦ | ୧୬.୧୨ | ୨.୪୧ | ୨.୮୮ | ୩୨.୬୮ | ୪୩.୦୧ | ୭୫.୬୯ |
| ଓ'ଆଣ୍ଡଏମ୍ ବ୍ୟୟ | ୪୪.୪୧ | ୧୭.୮୮ | ୫୧.୦୫ | ୩୬.୧୪ | ୨୬.୩୧ | ୧୭୫.୭୯ | ୬୩.୦୭ | ୨୩୮.୮୬ |
| କାର୍ଯ୍ୟକାରୀ ପୁଞ୍ଜି ଉପରେ ସୁଧ Interest on | ୨.୫୪ | ୦.୯୮ | ୩.୨୧ | ୧.୭୯ | ୧.୩୩ | ୯.୮୪ | ୪.୯୯ | ୧୪.୮୩ |

| | | | | | | | | |
|---|---|---|---|---|---|---|---|---|
| working capital | | | | | | | | |
| ସମୁଦାୟବାର୍ଷିକ ରାଜସ୍ୱ ଚାହିଦା (କୋଟି ଟଙ୍କାରେ) Total ARR (Rs. in Crs.) | ୬୭.୪୩ | ୨୪.୮୩ | ୯୨.୧୬ | ୪୦.୭୧ | ୩୦.୯୮ | ୨୫୬.୧୩ | ୧୬୬.୮୫ | ୪୨୨.୯୮ |
| ପ୍ରସ୍ତାବିତ ହାରାହାରୀ ଶୁଳ୍କ (ୟୁନିଟ୍ ପ୍ରତି ପଇସା) Average Tariff proposed (p/u) | ୯୯.୫୮ | ୫୧.୧୯ | ୭୮.୬୯ | ୭୮.୩୩ | ୩୭.୬୨ | ୬୯.୬୬ | ୮୫.୯୦ | ୭୫.୨୭ |
| ୨୦୦୯-୧୦ ର ଅନୁମୋଦିତ ହାରାହାରୀ ଶୁଳ୍କ (ୟୁନିଟ୍ପ୍ରତି ପଇସା) Average Tariff approved for 2009-10 (p/u) | ୬୪.୯୬ | | ୫୬.୬୬ | ୫୮.୨୨ | ୨୫.୧୯ | ୫୨.୪୬ | ୭୩.୩୫ | ୫୯.୬୮ |

ଦ୍ରଷ୍ଟବ୍ୟ :

(୧) ଓଇଆରସିଙ୍କ ଦ୍ୱାରା ପୁନଃ-ଆକଳିତ ଆକାରାୟିତ ଶକ୍ତିର ଅନୁମୋଦନ ଉପରେ ହାରାହାରି ଟାରିଫର ପରିବର୍ତ୍ତନ ହେବ ।

(୨) ୨୦୧୦-୧୧ ଆ.ବ.ରେ ୨୫.୭୩ ଲକ୍ଷ ଟଙ୍କାର ଦରଖାସ୍ତ ଫି’ ଏବଂ ପ୍ରକାଶନ ବ୍ୟୟ ପରିମାଣ, ୨୦୦୮-୦୯ ପାଇଁ ୨.୨୫ କୋଟି ଟଙ୍କା ‘ସର୍ବନିମ୍ନ ବିକଳ୍ପ ଶୁଳ୍କ’ ‘ମ୍ୟାଟ୍’ ଏବଂ ବିଦ୍ୟୁତ୍ ଶକ୍ତିର ଗୌଣ ଉପଯୋଗ ଉପରେ ୦.୫୭ କୋଟି ଟଙ୍କାର ବିଦ୍ୟୁତ ଡ୍ୟୁଟି ସିଧାସଳଖ ଭାବେ ଗ୍ରୀଡ଼କୋ ଠାରୁ ଭରଣା କରାଯିବ ।

**ସାରଣୀ-୭**

ଆର୍ଥିକ ବର୍ଷ ୨୦୧୦-୧୧ପାଇଁ ସଂଶୋଧିତ **ଆକାରାୟିତ ଶକ୍ତି ଉପରେ ଆଧାରିତ ଷ୍ଟେସନ ଅନୁଯାୟୀ ବାର୍ଷିକ ରାଜସ୍ୱ ଚାହିଦା ଓ ଶୁଳ୍କ**

Station-wise ARR and Tariff for FY 2010-11, based on revised design energy

(କୋଟି ଟଙ୍କାରେ)

| ବିଶଦ ରଣର ଖର୍ଚ୍ଚ | ଏଚ୍.ଏଚ୍.ଇ.ପି | ସି.ଏଚ୍.ଇ.ପି | ବି.ଏଚ୍.ଇ.ପି | ଆର୍.ଏଚ୍.ଇ.ପି | ୟୁ.କେ.ଏଚ୍.ଇ.ପି | ଅର୍ଦ୍ଧସମୁଦାୟ | ୟୁ.ଆଇ.ଏଚ୍.ଇ.ପି | ସମୁଦାୟ |
|---|---|---|---|---|---|---|---|---|
| ଯୋଗ୍ୟ **ାରାୟିତ** ି (ଏମୟୁ) aleable esign nergy lu) | **୫୯୫.୨୬** | **୩୫୨.୬୦** | **୯୧୯.୨୭** | **୬୬୩.୨୬** | **୬୩୭.୪୨** | **୩୧୬୭.୮୧** | **୧୬୮୬.୭୮** | **୪୮୫୪.** |
| ାଂଶ ରସ୍ତ | ୮.୮୭ | ୧.୬୮ | ୧୧.୬୯ | ୦.୧୬ | ୦.୨୧ | ୨୨.୬୨ | ୫୫.୭୮ | ୭୮.୪ |
| ା ଉପରେ | ୩.୬୪ | ୧.୦୦ | ୧୦.୧୦ | ୦.୨୧ | ୦.୨୫ | ୧୫.୨୦ | ----- | ୧୫.୨ |
| ା-ମୂଲ୍ୟ | ୭.୯୭ | ୩.୩୦ | ୧୬.୧୨ | ୨.୪୧ | ୨.୮୮ | ୩୨.୬୮ | ୪୩.୦୧ | ୭୫.୬ |
| ାଣ୍ଡଏମ୍ ୟ | ୪୪.୪୧ | ୧୭.୮୮ | ୫୧.୦୫ | ୩୬.୧୪ | ୨୬.୩୧ | ୧୭୫.୭୯ | ୬୩.୦୭ | ୨୩୮.୮ |
| ର୍ଯ୍ୟକାରୀ ପୁଞ୍ଜି ରେ ସୁଧ | ୨.୫୪ | ୦.୯୮ | ୩.୨୧ | ୧.୭୯ | ୧.୩୩ | ୯.୮୪ | ୪.୯୯ | ୧୪.୮ |
| **ୁଦାୟବାର୍ଷିକ ଜସ୍ୱ ଚାହିଦା ଲାଟି** | ୬୭.୪୩ | ୨୪.୮୩ | ୯୨.୧୬ | ୪୦.୭୧ | ୩୦.୯୮ | ୨୫୬.୧୩ | ୧୬୬.୮୫ | ୪୨୨.୯ |

| | | | | | | | | |
|---|---|---|---|---|---|---|---|---|
| ଂଶରେ) | | | | | | | | |
| ାହାରୀ ଶୁଳ୍କ ୁନିଟ୍ ପ୍ରତି ଇସା) | ୧୧୩.୨୮ | ୭୦.୪୨ | ୧୦୦.୨୬ | ୬୧.୩୮ | ୪୮.୬୧ | ୮୦.୫୮ | ୯୮.୯୨ | ୮୭.୧୯ |

(୧୪) ନୂଆ ସିଇଆରସି ଟାରିଫ ନିୟମାବଳୀ, ୨୦୦୯ ଅନୁଯାୟୀ, ୩୧ ମାର୍ଚ୍ଚ, ୨୦୦୯ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ନିୟମିତ ବେତନ ବାଦ୍ ଅତିରିକ୍ତ ବେନିଫିଟ୍ ଜନିତ ଶୁଳ୍କକୁ ବାଦ୍ ଦେଇ (ଯେତେବେଳେ ଏଭଳି ସ୍ଥିତି ଉପୁଜିଥିବ) ବିଳମ୍ବିତ ଶୁଳ୍କ ଦାୟବଦ୍ଧତା (ଯାହା ହିତାଧିକାରୀ ଏବଂ ଦୀର୍ଘକାଳୀନ ଉପଭୋକ୍ତାଙ୍କ ଠାରୁ ସିଧାସଳଖ ଭାବେ ଭରଣାଯୋଗ୍ୟ ହେବ) ବ୍ୟତିରେକ ଉତ୍ପାଦନକାରୀ କମ୍ପାନୀର ଆୟ-ଉତ୍ସ ଉପରେ ଆୟକର ହିତାଧିକାରୀମାନଙ୍କ ଠାରୁ ଭରଣା କରାଯିବ ନାହିଁ । ସେହି ଅନୁଯାୟୀ, ୨୦୦୮-୦୯ ଆ.ବ. ପାଇଁ ଓଏଚପିସି ଦେବାକୁ ଥିବା ୨.୨୧ କୋଟି ଟଙ୍କାର ଆୟକର, ଅର୍ଥାତ୍ 'ସର୍ବନିମ୍ନ ବିକଳ୍ପ ଶୁଳ୍କ' (ମ୍ୟାଟ୍) ସିଧାସଳଖ ଭାବେ ଗ୍ରୀଡ଼କୋ ଠାରୁ ଭରଣା କରିବାକୁ ପଡିବ । ଅତଏବ, ୨୦୦୮-୦୯ଆ.ବ. ପାଇଁ ଓଏଚପିସି ଦ୍ୱାରା ପ୍ରଦତ୍ତ ଆୟକର (ମ୍ୟାଟ୍)କୁ ଗ୍ରୀଡ଼କୋ ଠାରୁ ଭରଣା କରିବା ପାଇଁ ଆୟୋଗ ଓଏଚପିସିକୁ ଅନୁମତି ଦେଇ ପାରନ୍ତି ।

**ଗୌଣ ଉପଯୋଗ ଉପରେ ବିଦ୍ୟୁତ ଡ୍ୟୁଟି:**

୧୫) ଓଏଚପିସି ଓ ଗ୍ରୀଡ଼କୋ ମଧ୍ୟରେ ଶକ୍ତି କ୍ରୟର ସହମତି ଭିତ୍ତିକ ଚୁକ୍ତିନାମା ଅନୁଯାୟୀ, ରାଜ୍ୟ ସରକାର ଏବଂ ଅନ୍ୟାନ୍ୟ ଆଇନଗତ ସଂସ୍ଥାଗୁଡିକୁ ଓଏଚପିସି ଦେବାକୁ ଥିବା ଶକ୍ତିର ଗୌଣ ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟିକୁ ମିଶାଇ ଶୁଳ୍କ ଓ ଡ୍ୟୁଟି ଆଦିକୁ ଓଏଚପିସି ଦ୍ୱାରା ଉଦ୍ରେକିତ ଅତିରିକ୍ତ ବିଲ୍ ଭାବରେ ଗ୍ରୀଡ଼କୋ ଉପରେ ପକାଯିବ । ବିଲ୍ ପାଇବାର ୩୦ ଦିନ ମଧ୍ୟରେ ଗ୍ରୀଡ଼କୋ ତା'ର ପେମେଣ୍ଟ କରିବ ।

୧୬) ସେହି ଅନୁଯାୟୀ, ସବୁ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଗୌଣ ଉପଯୋଗ ଉପରେ ୦.୫୭ କୋଟି ଟଙ୍କାର ବିଦ୍ୟୁତ୍ ଡ୍ୟୁଟି ଗ୍ରୀଡ଼କୋ ଓଏଚପିସିକୁ ଦେବାକୁ ପଡିବ ।

**ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ (ମିଳିତ ସ୍କିମ) ପାଇଁ ଟାରିଫ:**

୧୭) ମାଛକୁଣ୍ଡ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ହେଉଛି ଆନ୍ଧ୍ରପ୍ରଦେଶ ସରକାର ଓ ଓଡ଼ିଶା ସରକାରଙ୍କର ଏକ ମିଳିତ ଯୋଜନା । ଏଥିରୁ ଉତ୍ପାଦିତ ଶକ୍ତିର ୭୦ ପ୍ରତିଶତ ହେଉଛି ଆନ୍ଧ୍ରପ୍ରଦେଶର ଓ ୩୦ ପ୍ରତିଶତ ଓଡ଼ିଶାର । କିନ୍ତୁ ୧୯୭୮ରେ ଆନ୍ଧ୍ରପ୍ରଦେଶ ସରକାର ଓ ଓଡ଼ିଶା ସରକାରଙ୍କର ମଧ୍ୟରେ ଏକ ଅନ୍ତଃ-ରାଜ୍ୟ ଅତିରିକ୍ତ ରାଜିନାମା ଅନୁଯାୟୀ, ୟୁନିଟ ପିଛା ୦.୦୮ ପଇସାର ଦର-ହାରରେ ୨୦ ପ୍ରତିଶତର ଏକ ଅତିରିକ୍ତ ଶକ୍ତି ପରିମାଣ ଉଠାଣ କରିବା ଓଡ଼ିଶା ସରକାରଙ୍କର ଇଛାଧିନ ବ୍ୟାପାର ଅଟେ । ୨୦୧୦-୧୧ ଆ.ବ. ପାଇଁ ମାଛକୁଣ୍ଡ ଶକ୍ତି ଷ୍ଟେସନରୁ ଶକ୍ତି ଉଠାଣ ଉଦ୍ଦେଶ୍ୟରେ ୟୁନିଟ ପିଛା ୨୧.୯୪୭ ପଇସା ଦର-ହାରର ପ୍ରସ୍ତାବିତ ଟାରିଫକୁ 'ଦାମ୍ ଫେରସ୍ତ ଭିତ୍ତି'ରେ କମ୍ପ୍ୟୁଟରୀକରଣ କରାଯାଇଛି । ଓଏଚପିସି ଦ୍ୱାରା ପ୍ରସ୍ତାବିତ ଟାରିଫ ସେହି ଆକଳନ ଉପରେ ଆଧାରିତ ଯେ, ମାଛକୁଣ୍ଡ ଶକ୍ତି ଷ୍ଟେସନର ଆକାରାୟିତ ଶକ୍ତିର ୫୦ ପ୍ରତିଶତ ପରିମାଣ ପର୍ଯ୍ୟନ୍ତ ଶକ୍ତି (ପାଖାପାଖି ୨୬୨.୫୦ ଲକ୍ଷ ୟୁନିଟ) ଗ୍ରୀଡ଼କୋ ଉଠାଇବା । ମାଛକୁଣ୍ଡ ଷ୍ଟେସନର ସମୁଦାୟ ଉତ୍ପାଦନ କ୍ଷମତା ୫୨୫ ଲକ୍ଷ ୟୁନିଟରେ ଆକଳନ କରାଯାଇଛି । କିନ୍ତୁ, ଅନ୍ୟ ପ୍ରତ୍ୟେକ ଜଳ ବିଦ୍ୟୁତ ଷ୍ଟେସନ ଭଳି ଆକାରାୟିତ ପରିମାଣ ପର୍ଯ୍ୟନ୍ତ ଶକ୍ତିର ଉତ୍ପାଦନ ପ୍ରକୃତିର ଅନୁକୂଳତା ଉପରେ ନିର୍ଭର କରେ । ଅତଏବ, ୨୬୨.୫୦ ଲକ୍ଷ ୟୁନିଟ ଉଠାଣକୁ ଶତ ପ୍ରତିଶତ ନିଶ୍ଚିତ ବୋଲି କୁହାଯାଇ ପାରିବ ନାହିଁ । ତେଣୁ, ଇଏସ୍ଓ ପଏଣ୍ଟରେ ଯୋଗାଣ କରାଯାଉଥିବା

ପ୍ରକୃତ ପରିମାଣ ଶକ୍ତିର ସର୍ବାଧିକ ୫୦ ପ୍ରତିଶତର ଏକ 'କ୍ୟାପ୍' ସହିତ ମେସର୍ସ ଗ୍ରୀଡ଼କୋ ଦ୍ୱାରା ପ୍ରକୃତ ଶକ୍ତି ଉଠାଣ ପରିମାଣକୁ ଭିତ୍ତି କରି ୨୦୧୦-୧୧ ଆ.ବ.ର ଶେଷ ଭାଗରେ ଓଏଚପିସି ଓ ଗ୍ରୀଡ଼କୋ ମଧ୍ୟରେ ଏକ ବୁଝାମଣା ସହ ସର୍ତ୍ତାଧିନ ଭାବେ ଓଏଚପିସି ସାମୟିକ ଭାବେ ତାରିଫ ଦର-ହାରର ଅନୁମୋଦନ ନିମନ୍ତେ ପ୍ରସ୍ତାବ ଦେଇଛି ।

**ଦୁଇ-ଅଂଶ ତାରିଫ :**

୧୮) କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ତାରିଫ ନିର୍ଦ୍ଧାରଣର ବ୍ୟବଧାନିକ ନିୟମ-ସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୯ ଅନୁଯାୟୀ, ଏକ ଶକ୍ତି ଷ୍ଟେସନର ବାର୍ଷିକ ସ୍ଥିର ବ୍ୟୟ କ୍ଷମତା (ପରିମାଣ), ଦେୟ-ଦର (ପାରିତୋଷିକତାକୁ ମିଶାଇ) ଏବଂ ଶକ୍ତି ଦେୟ-ଦର (ଯାହା ୫୦:୫୦ ଭିତ୍ତିରେ ବଣ୍ଟୁଆରା କରାଯିବାକୁ ଥିବ) ଜରିଆରେ ଭରଣା କରାଯିବ ।

୧) ଏକ କ୍ୟାଲେଣ୍ଡର ମାସ ପାଇଁ ଯେ କୌଣସି ଏକ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନକାରୀ ଷ୍ଟେସନକୁ ଦେବାକୁ ଥିବା କ୍ଷମତା (ପରିମାଣ) ଦେୟ-ଦର (ପାରିତୋଷିକତାକୁ ମିଶାଇ) ନିମ୍ନ ପ୍ରକାରରେ ହେବ ।

ପରିମାଣ ଦେୟ-ଦର = ଏଏଫ୍‌ସି×୦.୫×ଏନଡିଏମ୍/ଏନ୍‌ଡିଓ୍ୱାଇ×ପିଏଏଫ୍‌ଏମ୍/ଏନ୍‌ଏପିଏଏଫ(ଟଙ୍କାରେ)

ଯେଉଁ କ୍ଷେତ୍ରରେ -

ଏଏଫ୍‌ସି = ଟଙ୍କାରେ ନିର୍ଦ୍ଦିଷ୍ଟ ବର୍ଷ ପାଇଁ ନିର୍ଦ୍ଦିଷ୍ଟ ଭାବେ ସୂଚିତ ବାର୍ଷିକ ସ୍ଥିର ବ୍ୟୟ

ଏନଏପିଏଫ୍ = ପ୍ରତିଶତରେ ମାପଦଣ୍ଡ ଭିତ୍ତିକ ପ୍ଲାଣ୍ଟ ଉପଲବ୍ଧତା ଫାକ୍ଟର

ଏନଡିଏମ = ଗୋଟିଏ ମାସରେ ଦିବସର ସଂଖ୍ୟା

ଏନ୍‌ଡିଓ୍ୱାଇ = ଗୋଟିଏ ବର୍ଷରେ ଦିବସ ସଂଖ୍ୟା

ପିଏଏଫ୍‌ଏମ୍ = ପ୍ରତିଶତରେ ନିର୍ଦ୍ଦିଷ୍ଟ ମାସରେ ହାସଲ କରାଯାଇଥିବା ପ୍ଲାଣ୍ଟ ଉପଲବ୍ଧତା ଫାକ୍ଟର।

ନିମ୍ନଲିଖିତ ଫର୍ମୁଲା ଅନୁଯାୟୀ ପିଏଏଫ୍‌ଏମ୍‌କୁ କମ୍ପ୍ୟୁଟ କରାଯିବ ।

$$\text{ଚଇଋଗ} = ୧୦୦୦୦ \times \sum_{i=1}^{N} DCi / \{N¨\ IC¨\ (100\text{-}Aux)\}\%$$

ଯେଉଁ କ୍ଷେତ୍ରରେ -

Aux = ପ୍ରତିଶତରେ ନର୍ମାଟିଭ ଅକ୍‌ଜିଲାରୀ ଏନର୍ଜି କଂଜପ୍‌ସନ (ପ୍ରତିଶତରେ ମାପଦଣ୍ଡ ଭିତ୍ତିକ ଗୌଣ ଶକ୍ତିର ଉପଯୋଗ)

N = (ଗୋଟିଏ ମାସର ଦିବସ ସଂଖ୍ୟା)

IC = (ଏକ ସମ୍ପୂର୍ଣ୍ଣ ଉତ୍ପାଦନକାରୀ ଷ୍ଟେସନର ମେଗାଓ୍ୱାଟରେ ଉତ୍ପାଦନ କ୍ଷମତା (ପରିମାଣ))

ଅର୍ଥାତ୍ - ମାସର ନିର୍ଦ୍ଦିଷ୍ଟ-ତମ ଦିବସ ପାଇଁ ଘୋଷିତ ପରିମାଣ (ଏକ୍‌ସ-ବସ୍ ମେଗାଓ୍ୱାଟରେ), ଯାହା ଦିବସର ପରିସମାପ୍ତି ପରେ ନମୁନା ଲୋଡ଼ ଡେସ୍‌ପାଚ ସେଣ୍ଟର ଦ୍ୱାରା ପ୍ରମାଣୀକୃତ ଭାବେ ଶକ୍ତି ଷ୍ଟେସନ ଅନ୍ୟୁନ ୩ ଘଣ୍ଟା ପାଇଁ ଯୋଗାଣ କରିପାରିବ ।

୨) କମ୍ପ୍ୟୁଟରୀକୃତ ଶକ୍ତି ଦେୟ-ଦର ହାରରେ ପୂର୍ବରୁ ଥିବା ଶକ୍ତି ପ୍ଲାଣ୍ଟ ଭିତ୍ତିରେ କୌଣସି କ୍ୟାଲେଣ୍ଡର ମାସ ମଧ୍ୟରେ ହିତାଧିକାରୀଙ୍କୁ ସୂଚୀଭୁକ୍ତ ଭାବେ ଯୋଗାଣ କରାଯିବାକୁ ଥିବା ସମୁଦାୟ ପରିମାଣର ଶକ୍ତି ପାଇଁ ପ୍ରତି ହିତାଧିକାରୀଙ୍କ ଦ୍ୱାରା ଶକ୍ତି ଦେୟ-ଦର ଦେୟ-ଯୋଗ୍ୟ ହେବ ।

ଏକ ନିର୍ଦ୍ଦିଷ୍ଟ ମାସ ପାଇଁ ଉତ୍ପାଦନକାରୀ କମ୍ପାନୀଙ୍କୁ ଦେୟ-ଯୋଗ୍ୟ ସମୁଦାୟ ଶକ୍ତି ଦେୟ-ଦର ହେବ -

(କିଲୋହ୍ୱାଟ ପିଛା ଟଙ୍କାରେ ଶକ୍ତି ଦେୟ-ଦର ହାର) × କିଲୋହ୍ୱାଟରେ ନିର୍ଦ୍ଦିଷ୍ଟ ମାସ ପାଇଁ ସୂଚୀଭୁକ୍ତ ଶକ୍ତି (ଏକ୍ସ-ବସ୍)

୩) ସିଇଆରସି ଟାରିଫ ନିୟମାବଳୀ, ୨୦୦୯ର ସିଡ୍ୟୁଲ-୨୨ର କ୍ଲଜ-୬ ଓ କ୍ଲଜ-୭ର ବ୍ୟବସ୍ଥା-ସମୂହ ସହ ସର୍ତ୍ତାଧିକ ଭାବେ, ଏକ ଜଳ ବିଦ୍ୟୁତ୍ ଉତ୍ପାଦନକାରୀ ଷ୍ଟେସନ ପାଇଁ 'ଏକ୍-ବସ୍ ପ୍ଲାଣ୍ଟ' ଭିତ୍ତି ଉପରେ କିଲୋହ୍ୱାଟ ପିଛା ଟଙ୍କାରେ 'ଶକ୍ତି ଦେୟ-ଦର ହାର' ନିମ୍ନଲିଖିତ ଫର୍ମୁଲାକୁ ଭିତ୍ତି କରି ୩ ଦଶମିକ ସ୍ଥାନ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯିବ ।

$$ECR = AFC \times 0.5 \times 10 / \{DE \times (100-Aux) \times 100\}$$

ଯେଉଁ କ୍ଷେତ୍ରରେ -

ଆକାରାୟିତ ଶକ୍ତି = ସିଇଆରସି ଟାରିଫ ନିୟମାବଳୀ, ୨୦୦୯ର ସିଡ୍ୟୁଲ-୨୨ର କ୍ଲଜ-୬ର ବ୍ୟବସ୍ଥାସମୂହ ସହ ସର୍ତ୍ତାଧିନ ଭାବେ ମେଗାହ୍ୱାଟର ଜଳ ବିଦ୍ୟୁତ୍ ଉତ୍ପାଦନକାରୀ ଷ୍ଟେସନ ପାଇଁ ସୂଚିତ ବାର୍ଷିକ ଆକାରାୟିତ ଶକ୍ତି

**୨୦୧୦-୧୧ ଆ.ବ. ପାଇଁ ଓଏଚପିସିର ଏଆର୍ଆର୍ ଏବଂ ଟାରିଫ ଉପରେ ଅଭିଯୋଗକାରୀଙ୍କର ମତାୟନ:**

**(ପରିଚ୍ଛେଦ ୧୯ରୁ ୪୫)**

୧୯) ଶୁଣାଣି ଆରମ୍ଭରେ, ୨୦୧୦-୧୧ ଆ.ବ. ପାଇଁ ତା'ର ଏଆର୍ଆର୍ ଏବଂ ଟାରିଫ ଦରଖାସ୍ତ ଉପରେ ଏକ ଉପସ୍ଥାପନା-ବିବରଣୀ ପ୍ରଦାନ କରିବାକୁ ଓଏଚପିସିକୁ ଅନୁମତି ଦିଆଯାଇଥିଲା । ଆୟୋଗଙ୍କ ଦ୍ୱାରା ଉପଭୋକ୍ତା ଉପଦେଷ୍ଟା ଭାବେ ନିଯୁକ୍ତି ପାଇଥିବା ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜ, ଭୁବନେଶ୍ୱରର ଡଃ ଶିବଲାଲ ମେହେର ଓଏଚପିସିର ଏଆର୍ଆର୍ ଓ ଟାରିଫ ଦାଖଲ ଜନିତ ପ୍ରସ୍ତାବସମୂହ ଉପରେ ଏକ ସାରଗର୍ଭକ ଓ ବିଶ୍ଳେଷଣାତ୍ମକ ବିବରଣୀ ଉପସ୍ଥାପନ କରିଥିଲେ । ତା'ପରେ, ୨୦୧୦-୧୧ ଆ.ବ. ପାଇଁ ଓଏଚପିସିର ପ୍ରସ୍ତାବିତ ଏଆର୍ଆର୍ ଉପରେ ଆମନ୍ତ୍ରିତ ଅଭିଯୋଗକାରୀମାନେ ସେମାନଙ୍କର ଅଭିଯୋଗ/ନୀରିକ୍ଷଣ/ମତ/ମନ୍ତବ୍ୟ ପ୍ରଦାନ କରିଥିଲେ । ତା'ପରେ, ଓଏଚପିସିର ଫାଇଲିଂ ଉପରେ ନିର୍ଦ୍ଦେଶକ (ଟାରିଫ) କେତେକ ଯାଞ୍ଚକାରୀ ପ୍ରଶ୍ନର ଉଦ୍ରେକ ଓ ଉତ୍ଥାପନ କରିଥିଲେ ।

୨୦) ଜନଶୁଣାଣି ସମୟରେ, ସହଭାଗୀମାନଙ୍କ ଦ୍ୱାରା ଉଦ୍ରେକିତ ସବୁ ଲିଖିତ ଓ ମୌଖିକ ପ୍ରସଂଗ/ସମସ୍ୟାସମୂହକୁ ଆୟୋଗ ଶୁଣିଥିଲେ ଓ ବିଚାର କରିଥିଲେ । କେତେକ ଅଭିଯୋଗ ସାଧାରଣ ପ୍ରକୃତିର ଥିଲା ବେଳେ ଆଉ କେତେକ ୨୦୧୦-୧୧ ଆ.ବ.ର ପ୍ରସ୍ତାବିତ ଏଆର୍ଆର୍ ଓ ଟାରିଫ ଫାଇଲିଂ ଉଦ୍ଦେଶ୍ୟରେ ସୁ-ନିର୍ଦ୍ଦିଷ୍ଟ ଥିଲା । ପ୍ରକୃତି ଓ ପ୍ରକାର ଭେଦରେ, ସେହିସବୁ ଅଭିଯୋଗଗୁଡିକ ନିମ୍ନଲିଖିତ ଭାବେ ଶ୍ରେଣୀକରଣ କରାଗଲା ।

**ଉପଭୋକ୍ତା ଉପଦେଷ୍ଟା:**

୨୧) ଆୟୋଗଙ୍କ ଦ୍ୱାରା ଉପଭୋକ୍ତା ଉପଦେଷ୍ଟା ଭାବେ ନିଯୁକ୍ତ 'ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର୍ ଡେଭଲପମେଣ୍ଟ ଷ୍ଟଡିଜ'ର ଡଃ ଶିବଲାଲ ମେହେର ଦରଖାସ୍ତର ବିଶ୍ଳେଷଣ କରିଥିଲେ । ବିଶ୍ଳେଷଣରୁ ନିମ୍ନୋକ୍ତ କେତେକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟବେକ୍ଷଣ-ଜନିତ ତଥ୍ୟ/ସାରାଂଶ ଆହରିତ ହୋଇଥିଲା ।

୨୨) ସଂପ୍ରତି, ଓଡ଼ିଶାରେ ପ୍ରଚଳିତ 'ଏକକ-କ୍ରେତା-ଢ଼ାଞ୍ଚା' ଯୋଗୁ ଓଏଚପିସି ତା'ର ସମୁଦାୟ ଶକ୍ତିକୁ ଗ୍ରୀଡ଼କୋକୁ ଯୋଗାଣ କରୁଛି ଏବଂ ଗ୍ରୀଡ଼କୋ ରାଜ୍ୟର ବିତରକ କମ୍ପାନୀମାନଙ୍କୁ ଶକ୍ତି ଯୋଗାଣ କରୁଛି । ଏଆର୍‌ଆର୍‌ରେ ବୃଦ୍ଧି ଯୋଗୁ ୨୦୦୯-୧୦ ଆ.ବ. ତୁଳନାରେ ୨୦୧୦-୧୧ ଆ.ବ.ରେ ରାଜ୍ୟର ସବୁ ପୁରୁଣା ଶକ୍ତି ଷ୍ଟେସନ ଓ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ଟାରିଫ ପ୍ରସ୍ତାବରେ ଉଲ୍ଲେଖଯୋଗ୍ୟ ବୃଦ୍ଧି ପ୍ରଦର୍ଶନ କରାଯାଇଛି । ଏଚପିଏସ୍ (ହୀରାକୁଦ ପାୱାର ଷ୍ଟେସନ) ଏବଂ ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଭଳି ଶକ୍ତି ଷ୍ଟେସନଗୁଡିକ ଉଦ୍ଦେଶ୍ୟରେ ଟାରିଫ ପ୍ରସ୍ତାବରେ ଦୁଇଗୁଣରୁ ଅଧିକ ବୃଦ୍ଧିର ପ୍ରଦର୍ଶନ ହୋଇଛି ।

**ସାରଣୀ-୮**

**ବିଭିନ୍ନ ଶକ୍ତି କେନ୍ଦ୍ରମାନଙ୍କର ଶୁଳ୍କର ତୁଳନା**

Comparison of Tariff of Different Power Stations

| ଶକ୍ତି କେନ୍ଦ୍ର ମାନଙ୍କର ନାମ | ପ୍ରଚଳିତ ଶୁଳ୍କ (ୟୁନିଟ୍ ପ୍ରତି ପଇସା) Existing Tariff (P/U) | ପ୍ରସ୍ତାବିତ ଶୁଳ୍କ (ୟୁନିଟ୍ ପ୍ରତି ପଇସା) Proposed Tariff (P/U) | ପରିବର୍ତ୍ତନ (ୟୁନିଟ୍ ପ୍ରତି ପଇସା) Change (P/U) |
|---|---|---|---|
| **ଏଚ୍.ଏଚ୍.ଇ.ପ** | - | ୯୯.୫୮ | - |
| **ସି.ଏଚ୍.ଇ.ପ** | - | ୫୧.୧୯ | - |
| **ବି.ଏଚ୍.ଇ.ପି** | ୫୬.୬୬ | ୬୮.୬୯ | ୨୨.୦୩ |
| **ଆର୍.ଏଚ୍.ଇ.ପି** | ୫୮.୨୨ | ୬୮.୩୩ | ୨୦.୧୧ |
| **ୟୁ.କେ.ଏଚ୍.ଇ.ପି** | ୨୫.୧୯ | ୩୭.୬୨ | ୧୨.୪୩ |
| **ୟୁ.ଆଇ.ଏଚ୍.ଇ.ପି** | ୭୩.୩୫ | ୮୫.୯୦ | ୧୨.୫୫ |
| **ସମୁଦାୟ** | ୫୯.୬୮ | ୭୫.୨୭ | ୧୫.୫୯ |

୨୩) ଉପଭୋକ୍ତା ଉପଦେଷ୍ଟା ଅନୁଧ୍ୟାନ କରି ଜାଣିପାରିଥିଲେ ଯେ, ଯଦି ଏହି ଟାରିଫ ବୃଦ୍ଧିର ପ୍ରସ୍ତାବକୁ ଅନୁମତି ଦିଆଯାଏ, ତେବେ ତାହା ରାଜ୍ୟର ଉପଭୋକ୍ତାଙ୍କ ଉପରେ ବୋଝ ଉପରେ ନଳିତା ବିଡା ସଦୃଶ ହେବ । ଓଏଚପିସି ତା'ର ୬ଟି ଶକ୍ତି ଷ୍ଟେସନର ବର୍ଦ୍ଧିଷ୍ଣୁ ବ୍ୟୟଭାରର ମୁକାବିଲା ନିମନ୍ତେ ୨୦୧୦-୧୧ ଆ.ବ.ର ଏଆର୍‌ଆର୍‌ରେ ୨୬ ପ୍ରତିଶତ ବୃଦ୍ଧିର ପ୍ରସ୍ତାବ ପ୍ରଦର୍ଶନ କରିଛି ।

୨୪) ଉପଭୋକ୍ତା ଉପଦେଷ୍ଟା ମତ ଉପସ୍ଥାପନ କରିଥିଲେ ଯେ, ବାଲିମେଳା, ରେଙ୍ଗାଲି ଏବଂ ଅପରକୋଲାବ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଭଳି ଶକ୍ତି ଷ୍ଟେସନଗୁଡିକ ଉଦ୍ଦେଶ୍ୟରେ ୨୦୦୯-୧୦ ଆ.ବ. ତୁଳନାରେ ୨୦୧୦-୧୧ଆ.ବ.ର ଏଆର୍‌ଆର୍ ପ୍ରସ୍ତାବରେ ଅତ୍ୟଧିକ ବୃଦ୍ଧିର ପ୍ରଦର୍ଶନ ହୋଇଛି । ନିମ୍ନୋକ୍ତ ସାରଣୀ - ୭ରେ ଏହାର ସ୍ୱଷ୍ଟ ଚିତ୍ର ପ୍ରଦାନ କରାଗଲା ।

**ସାରଣୀ-୯**

## ବିଭିନ୍ନ ଶକ୍ତି କେନ୍ଦ୍ରମାନଙ୍କର ବାର୍ଷିକ ରାଜସ୍ୱ ଚାହିଦା

## ARR of Different Power Stations

(କୋଟି ଟଙ୍କାରେ)

| ଶକ୍ତି କେନ୍ଦ୍ର ମାନଙ୍କର ନାମ | ୨୦୦୮-୦୯ର ଅନୁମୋଦିତ | ୨୦୦୯-୧୦ର ଅନୁମୋଦିତ | ପରିବର୍ତ୍ତନ ପ୍ରତିଶତ | ୨୦୧୦-୧୧ପାଇଁ ପ୍ରସ୍ତାବ | ୨୦୦୯-୧୦ ମଧ୍ୟରେ ପରିବର୍ତ୍ତନ ପ୍ରତିଶତ |
|---|---|---|---|---|---|
| ଏଚ୍.ଏଚ୍.ଇ.ପ | ୬୦.୪୪ | ୭୫.୫୧ | ୨୪.୯୩ | ୬୭.୪୩ | ୨୨.୧୮ |
| ସି.ଏଚ୍.ଇ.ପ | | | | ୨୪.୮୩ | |
| ବି.ଏଚ୍.ଇ.ପି | ୬୧.୨୯ | ୬୬.୩୬ | ୮.୨୭ | ୯୨.୧୬ | ୩୮.୮୮ |
| ଆର୍.ଏଚ୍.ଇ.ପି | ୨୫.୫୦ | ୩୦.୨୬ | ୧୮.୬୭ | ୪୦.୭୧ | ୩୪.୫୩ |
| ୟୁ.କେ.ଏଚ୍.ଇ.ପି | ୨୦.୪୪ | ୨୦.୭୫ | ୧.୫୨ | ୩୦.୯୮ | ୪୯.୩୦ |
| ୟୁ.ଆଇ୍.ଏଚ୍.ଇ.ପି | ୧୨୩.୮୫ | ୧୪୨.୪୭ | ୧୫.୦୩ | ୧୬୬.୮୫ | ୧୭.୧୧ |
| ସମସ୍ତ | ୨୯୧.୫୨ | ୩୩୫.୩୫ | ୧୫.୦୩ | ୪୨୨.୯୬ | ୨୬.୧୧ |

୨୫) ପର୍ଯ୍ୟବେକ୍ଷଣରୁ ଉପଭୋକ୍ତା ଉପଦେଷ୍ଟା ଜାଣିବାକୁ ପାଇଥିଲେ ଯେ, ପରିଚାଳନା ଓ ତୁଲାଜମା ବ୍ୟୟ, ମୂଲ୍ୟ-ହ୍ରାସ ଓ ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣରେ ବୃଦ୍ଧି ଯୋଗୁ ଏହି ସବୁ ଶକ୍ତି ଷ୍ଟେସନମାନେ ଉଲ୍ଲେଖଯୋଗ୍ୟ ଭାବେ ଏଆର୍ଆର୍ ବୃଦ୍ଧିର ପ୍ରଦର୍ଶନ କରିଛନ୍ତି ।

୨୬) ଉପଭୋକ୍ତା ଉପଦେଷ୍ଟା ତାଙ୍କର ଉପସ୍ଥାପନାକୁ ସାରାଂଶୀକୃତ ଭାବେ କହିଥିଲେ ଯେ, ଯେହେତୁ ଏହି ସବୁ ଶକ୍ତି ଷ୍ଟେସନମାନେ ଉଲ୍ଲେଖଯୋଗ୍ୟ ଭାବେ ଏଆର୍ଆର୍ ବୃଦ୍ଧିର ପ୍ରସ୍ତାବ ପ୍ରଦର୍ଶନ କରିଛନ୍ତି, ତେଣୁ ତାହାକୁ କମାଇବାର ଆବଶ୍ୟକତା ଓ ଅବକାଶ ଅଛି । ଉପଭୋକ୍ତା ଉପଦେଷ୍ଟା ଅନୁଭବ କରିଥିଲେ ଯେ, ଉପଭୋକ୍ତାଙ୍କର ସ୍ୱାର୍ଥର ସୁରକ୍ଷା ପାଇଁ ଟାରିଫ ବୃଦ୍ଧିକୁ ମଧ୍ୟ ଅନୁମତି ଦିଆଯିବା ଉଚିତ ନୁହେଁ । ଅନ୍ୟପକ୍ଷରେ, ଏଆର୍ଆର୍‌କୁ କମାଇବା ପାଇଁ ଓଏଚପିସିର ମୂଲ୍ୟାୟନ କରାଯିବାର ଆବଶ୍ୟକତା ଅଛି ।

**ଅଭିଯୋଗକାରୀମାନଙ୍କର ମତାୟନ:**

**ଆକାରାୟିତ ଶକ୍ତିର ରିଭ୍ୟୁ**

୨୭) ଆକାରାୟିତ ଶକ୍ତିକୁ କମାଇବାକୁ ନେଇ ଅନେକ ଅଭିଯୋଗକାରୀ ଓଏଚପିସିର ପ୍ରସ୍ତାବକୁ ବିରୋଧ କରିଥିଲେ । କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଉଦ୍ଦେଶ୍ୟମୂଳକ ଭାବେ 'ଆକାରାୟିତ ଶକ୍ତି'କୁ ସଂଶୋଧନ କରିବାକୁ ଏବଂ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନଙ୍କର ଟାରିଫରେ ବୃଦ୍ଧି ପ୍ରସ୍ତାବ ପ୍ରଦର୍ଶନ ପାଇଁ ଓଏଚପିସି ଜଳ-ସମ୍ବଳ ଉପଲବ୍ଧତାକୁ ପୂର୍ଣ୍ଣ ଭାବେ ବିନିଯୋଗ କରିନାହିଁ । ଅଭିଯୋଗକାରୀମାନେ ଦର୍ଶାଇଥିଲେ ଯେ, ଯଦିଓ ୨୦୦୭-୦୮ ଆ.ବ. ଏବଂ ୨୦୦୮-୦୯ ଆ.ବ.ର ନଭେମ୍ବର, ୧ ସୁଦ୍ଧା ଜଳସ୍ତରର ପାର୍ଥକ୍ୟ ଖୁବ୍ କମ ଥିଲା, ତଥାପି ୨୦୦୮-୦୯ ଆ.ବ.ର ଶକ୍ତି ଉତ୍ପାଦନ ପୂର୍ବ ବର୍ଷର ଉତ୍ପାଦନ ଠାରୁ ଯଥେଷ୍ଟ କମ୍ ଥିଲା । ଅତଏବ, ଜଳ ବିଦ୍ୟୁତ ଉତ୍ପାଦନ ଷ୍ଟେସନମାନଙ୍କୁ ଉତ୍ପାଦନର ଅଟକଳନ

ଉଦ୍ଦେଶ୍ୟରେ ଜଳ-ସମ୍ବଳ ଉପଲବ୍ଧତାର ନିର୍ଦ୍ଧାରଣ ନିମନ୍ତେ ଆକାରାୟିତ ଶକ୍ତିକୁ ମୁଖ୍ୟ ଉପାଦାନ ଭାବେ ଗଣ୍ୟ କରାଯିବା ଉଚିତ ନୁହେଁ, ବରଂ ଅନ୍ୟାନ୍ୟ ବିଭାବ ସମୂହ, ଯଥା - ଜଳଭଣ୍ଡାରର ସ୍ତର, ମେସିନ୍ ଉପଲବ୍ଧତା, ଜଳଭଣ୍ଡାରର ଜଳଧାରଣର କ୍ଷମତା ଓ ବିଗତ ୫ ବର୍ଷର ହାରାହାରି ଉତ୍ପାଦନକୁ ବିଚାରକୁ ନିଆଯିବା ବାଞ୍ଛନୀୟ ଅଟେ ।

୨୮) ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପାଇଁ ଆନୁଷଙ୍ଗିକ ନିର୍ବାହନର ଉତ୍କୃଷ୍ଟତା ସାଧନ କରିବା ପରିବର୍ତ୍ତେ ଓଏଚପିସି ହୀରାକୁଦ ପାୱାର ଷ୍ଟେସନ, ଚିପ୍ଲିମା, ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ, ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଏବଂ ଏପରିକି ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଭଳି ପୁରୁଣା ଜଳଜ ଶକ୍ତି ଷ୍ଟେସନମାନଙ୍କୁ ବିକ୍ରୀ ଉଦ୍ଦେଶ୍ୟରେ ଆକାରାୟିତ ଶକ୍ତି ପରିମାଣ କମାଇ ଦେବାକୁ ହଠାତ୍ ଏକ ଅଜବ ପ୍ରସ୍ତାବ ନେଇଛି । ୨୦୦୨ରେ,ଅର୍ଥାତ୍ ମାତ୍ର ୭ ବର୍ଷ ପୂର୍ବେ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ତା'ର ପୂର୍ଣ୍ଣ ଉତ୍ପାଦନ ପ୍ରକ୍ରିୟା ଆରମ୍ଭ କରିଛି । ଏହା ଫଳରେ ଏକ ସ୍ୱଭାବିକ ମୌସୁମୀ ବର୍ଷରେ ଆକାରାୟିତ ଶକ୍ତିର ପରିମାଣ ୫୬୧୯.୨୪ ଲକ୍ଷ ୟୁନିଟ ପରିବର୍ତ୍ତେ ୪୮୫୪.୫୮ଲକ୍ଷ ୟୁନିଟ ହେବ; ଅର୍ଥାତ୍ ୭୬୪.୬୬ ଲକ୍ଷ ୟୁନିଟର ଆକାରାୟିତ ଶକ୍ତିକୁ କମାଇ ଦିଆଯିବ । ଓଏଚପିସିର ଆକାରାୟିତ ଶକ୍ତିର ଏଭଳି ସଂଶୋଧନର ପ୍ରସ୍ତାବକୁ ସବୁ ଅଭିଯୋଗକାରୀମାନେ ବିରୋଧ କରିଛନ୍ତି ।

୨୯) ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଜଳ ବିଦ୍ୟୁତ୍ ଷ୍ଟେସନଗୁଡିକର ମୂଳ ଆକାରାୟିତ ଶକ୍ତିକୁ ପରିଚାଳନା କରିବାର କୌଣସି ପ୍ରୟାସ ନ କରି ସୁବିଧାବାଦର ରାସ୍ତା ବାଛି ଓଏଚପିସି ତା'ର ଆକାରାୟିତ ଶକ୍ତିର ସଂଶୋଧନ କରୁଛି ।

୩୦) ଯେଣୁ, ନୂଆ ଆକାରାୟିତ ଶକ୍ତି ଅଦ୍ୟାପି ଆୟୋଗଙ୍କ ଦ୍ୱାରା ଅନୁମୋଦିତ ହୋଇନାହିଁ, ତେଣୁ, ତାରିଫ ସ୍ଥିରୀକରଣ ଉଦ୍ଦେଶ୍ୟରେ ପୁରୁଣା ଆକାରାୟିତ ଶକ୍ତିକୁ ବିଚାର ଓ ବିବେଚନା ଭୁକ୍ତ କରିବାକୁ ଅଭିଯୋଗକାରୀମାନେ ପରାମର୍ଶ ଦେଇଥିଲେ ।

**ବିଦ୍ୟୁତ୍ ଡ୍ୟୁଟି:**

୩୧) ଜଣେ ଅଭିଯୋଗକାରୀ ମତ ବ୍ୟକ୍ତ କରିଥିଲେ ଯେ, ଶକ୍ତିର ଗୌଣ ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟି ବାବଦକୁ ୦.୫୭ କୋଟି ଟଙ୍କାର ପରିମାଣ ଗ୍ରୀଡ଼କୋ ଭରଣା କରିବାର ଦାବୀର କୌଣସି ଆବଶ୍ୟକତା ନାହିଁ, ଯେଣୁ ଏହା ଓଏଚପିସି ଦ୍ୱାରା ଦାବୀ କରାଯାଇଛି । ଶକ୍ତି କ୍ରୟ ଚୁକ୍ତିନାମାର ବ୍ୟବସ୍ଥାସମୂହ ଅନୁଯାୟୀ ବିଦ୍ୟୁତ୍ ଡ୍ୟୁଟି ବାବଦକୁ ପେମେଣ୍ଟ ହେବ ଏବଂ ୨୦୧୦-୧୧ ଆ.ବ.ର ଏଆର୍ଆର୍‌ରେ ଗ୍ରୀଡ଼କୋ ଏହାକୁ ସାମିଲ କରିଛି ।

**ଆୟକର:**

୩୨) ଅନ୍ୟତମ ଅଭିଯୋଗକାରୀ ଗ୍ରୀଡ଼କୋ ଦର୍ଶାଇଥିଲା ଯେ, ବାଲିମେଳା ଓ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଉଦ୍ଦେଶ୍ୟରେ ୨୦୦୮-୦୯ ଆ.ବ.ର ଆୟକର ଭରଣା ବାବଦକୁ ଓଏଚପିସି ୨.୨୫ କୋଟି ଟଙ୍କା ଦାବୀ କରିଛି, କିନ୍ତୁ ଗ୍ରୀଡ଼କୋ ସେ ନେଇ ଏପର୍ଯ୍ୟନ୍ତ ବିଲ୍ ପାଇ ନାହିଁ । ବିଲ୍ ପାଇବା ପରେ, ପାରିତୋଷିକତା ଓ ଅନ୍ୟାନ୍ୟ ଆୟକୁ ବାଦ୍ ଦେଇ 'କେନ୍ଦ୍ରିକ ବ୍ୟବସାୟ'ର ଲାଭାଂଶ ଉପରେ ଶୁଳ୍କକୁ ଭିତ୍ତି କରି ସେହି ଆୟକରର ପ୍ରକ୍ରିୟାନ୍ୱୟନ କରାଯିବ । ତେବେ, ୨୦୦୭-୦୮ ଆ.ବ.ରେ ଆୟକର ବାବଦକୁ ଦେୟ-ପ୍ରଦାନକୁ ଭିତ୍ତି କରି ୨୦୦୮-୦୯ ଆ.ବ.ର ଆୟକର ପେମେଣ୍ଟ ବାବଦକୁ ୨୦୧୦-୧୧ ଆ.ବ.ର ଏଆର୍ଆର୍‌ରେ ୧୩.୭୫କୋଟି ଟଙ୍କାର ଏକ ପରିମାଣକୁ ଅନ୍ତର୍ଭୁକ୍ତ କରାଯାଇଛି ।

**ନିବେଶିତ ମୂଳଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ:**

୩୩) ୟୁନିଟର ସିଓଡି ପରେ ନିବେଶିତ ମୂଳଧନ ଉପରେ ଲାଭାଂଶ ପରିମାଣ ଫେରସ୍ତକୁ କେବଳ ଅନୁମତି ଦିଆଯାଇଥାଏ ବୋଲି ଗ୍ରୀଡ଼କୋ ପରାମର୍ଶ ଦେଇଛି । ତେଣୁ, ପ୍ଲାଣ୍ଟର ସିଓଡି ପୂର୍ବରୁ ଓଏଚପିସିକୁ ଅନୁମତି ଦିଆଯାଇଥିବା ଲାଭାଂଶ ଫେରସ୍ତ ପରିମାଣକୁ ୟୁନିଟର ମୁଖ୍ୟ ବ୍ୟୟସମୂହ ବିପକ୍ଷରେ ଭରଣା କରାଯିବାର ଓ ସହ-ସାମିଲକରଣ କରାଯିବାର

ଆବଶ୍ୟକତା ଅଛି । ୨୦୦୭-୦୮ ଆ.ବ. ଓ ୨୦୦୮-୦୯ ଆ.ବ.ରେ ଓଏଚପିସିକୁ ଅନୁମତି ଦିଆଯାଇ ସାରିଥିବା ଲାଭାଂଶ ଫେରସ୍ତ ପରିମାଣ ଉପରେ ଆୟୋଗ ଏକ ବୈଚିତ୍ରିକ ଦୃଷ୍ଟିଭଙ୍ଗୀ ଗ୍ରହଣ କରିପାରନ୍ତି ।

**ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ବିସ୍ତାରଣ:**

୩୪) ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ୨୦୦୯-୧୦ ଆ.ବ.ର ଏଆର୍ଆର୍‌ରେ ବାଲିମେଳା ପାୱାର ହାଉସ୍‌ର ୭ମ ଓ ୮ମ ୟୁନିଟ ପାଇଁ ଓଏଚପିସି ୧୮୦ କୋଟି ଟଙ୍କାର ମୂଳଧନ ନିବେଶ କରିଛି । ବର୍ତ୍ତମାନର ଏଆର୍ଆର୍‌ରେ ବାଲିମେଳା ପାୱାର ହାଉସ୍‌ର ୭ମ ଓ ୮ମ ୟୁନିଟ ପାଇଁ ମଧ୍ୟ ଓଏଚପିସି ୨୦୬ କୋଟି ଟଙ୍କାର ମୂଳଧନ ନିବେଶ ଦର୍ଶାଇଛି । କିନ୍ତୁ, ଏତଦ୍ ଜନିତ ବ୍ୟୟ ପରିମାଣ ସପକ୍ଷରେ ଓଏଚପିସି ସବିଶେଷ ଅଡିଟ କରାଯାଇଥିବା ହିସାବ ଦାଖଲ କରିନାହିଁ ।

୩୫) ଅଧାପନ୍ତରିଆଭାବେ ଉତ୍ପାଦିତ ଶକ୍ତି ଉପାର୍ଜିତ ଆୟ ପରିମାଣ ପର୍ଯ୍ୟନ୍ତ ମୁଖ୍ୟ ବ୍ୟୟର ହ୍ରାସକରଣ କରାଯାଇଛି କି ନାହିଁ, ଓଏଚପିସି ସେ ସମ୍ପର୍କରେ ସ୍ପଷ୍ଟ କରିନାହିଁ । କିନ୍ତୁ ବାଲିମେଳା ପାୱାର ହାଉସ୍‌ର ୟୁନିଟ ୭ ଓ ୟୁନିଟ ୮ରୁ ଆହରିତ ଇନ୍‌ଫର୍ମ ଶକ୍ତି ବାବଦକୁ ଗ୍ରୀଡ୍‌କୋ ୫.୯୬ କୋଟି ଟଙ୍କା ପେମେଣ୍ଟ କରିସାରିଛି । ପ୍ରଚଳିତ ନିୟମ ଓ ଶକ୍ତି କ୍ରୟ ଚୁକ୍ତିନାମାର ବ୍ୟବସ୍ଥା ଅନୁଯାୟୀ ଇନ୍‌ଫର୍ମ ଶକ୍ତିରୁ ଅର୍ଜିତ ରାଜସ୍ୱ ମୁଖ୍ୟ ବ୍ୟୟରେ ହ୍ରାସକରଣ ନିମନ୍ତେ ପ୍ରଯୋଜ୍ୟ ହେବ ।

**ପରିଚାଳନା ଓ ତୁଲାଜମା (ଓ'ଆଣ୍ଡ ଏମ୍) ବ୍ୟୟସମୂହ:**

୩୬) ଅଭିଯୋଗକାରୀମାନଙ୍କ ଦ୍ୱାରା ଓ'ଆଣ୍ଡ ଏମ୍' ବ୍ୟୟ ଉପରେ ଉପସ୍ଥାପନା ନିମ୍ନମତେ ସଂକ୍ଷେପରେ ବ୍ୟକ୍ତ କରାଗଲା ।

କ) ୨୦୦୯-୧୦ ଆ.ବ.ରେ ଅନୁମତି ପ୍ରାପ୍ତ ଓ'ଆଣ୍ଡ ଏମ୍ ବ୍ୟୟର ଉର୍ଦ୍ଧ୍ୱରେ ଓଏଚ୍‌ପିସି ୫.୭୨ ପ୍ରତିଶତର ଦାବୀ କରିବା ଉଚିତ ନୁହେଁ, ଯେଣୁ ଏହା ପ୍ରଚଳିତ ସିଇଆରସି ନିୟମାନୁସାରୀ ନୁହେଁ ।

ଖ) ପ୍ରଥମ ଥର ପାଇଁ ଓଏଚପିସି ୧୬.୫୭ କୋଟି ଟଙ୍କାର କର୍ପୋରେଟ କାର୍ଯ୍ୟାଳୟ ଜନିତ ବ୍ୟୟକୁ ଓ'ଆଣ୍ଡଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରିଛି, ଯାହାକୁ ଉତ୍ପାଦନ କ୍ଷମତା ଭିତ୍ତିରେ ଓଏଚପିସିର ଭିନ୍ନ ଭିନ୍ନ ୟୁନିଟଗୁଡିକ ମଧ୍ୟରେ ଭାଗ କରିଦିଆଯାଇଛି ।

ଗ) ଶକ୍ତି ଷ୍ଟେସନ ଦ୍ୱୟରେ ନିଯୁକ୍ତ କ୍ରମ-ଶକ୍ତିର ଅନୁପାତ, ଅର୍ଥାତ୍ ୭୦:୩୦ରେ ହୀରାକୁଦ ଶକ୍ତି ଷ୍ଟେସନର ଓ'ଆଣ୍ଡଏମ୍ ବ୍ୟୟସମୂହକୁ ବୁର୍ଲା ପାୱାର ହାଉସ୍ ଓ ଚିପିଲିମା ପାୱାର ହାଉସ୍ ମଧ୍ୟରେ ବଣ୍ଟୁଆରା କରିବାର ପ୍ରସ୍ତାବ ରଖାଯାଇଛି । ଯେଣୁ, ପ୍ରତି ମେଗାୱାଟ ଆଧାରରେ ତାପଜ ଶକ୍ତି ଷ୍ଟେସନମାନଙ୍କ ପାଇଁ ସିଇଆର୍‌ସି ଓ'ଆଣ୍ଡଏମ୍ ବ୍ୟୟକୁ ଅନୁମତି ଦେଉଛି, ତେଣୁ ବରଂ ଶ୍ରମ-ଶକ୍ତି ଭିତ୍ତିରେ କରା ନ ଯାଇ ଉତ୍ପାଦନ କ୍ଷମତା (ପରିମାଣ)ରେ ଓ'ଆଣ୍ଡଏମ୍ ବ୍ୟୟକୁ ଭାଗ କରାଯିବାକୁ ପ୍ରସ୍ତାବ ଦିଆଯାଉଛି ।

ଘ) ପୂର୍ବବର୍ଷମାନଙ୍କର ଓ'ଆଣ୍ଡଏମ୍ ବ୍ୟୟ ଏବଂ କର୍ମଚାରୀଙ୍କର ବେତନ ବୃଦ୍ଧି ଉପରେ ଓଏଚପିସି ୫.୭୨ ପ୍ରତିଶତର ବୃଦ୍ଧି-ପରିମାଣ ଦାବୀ କରିଛି । ବର୍ଦ୍ଧିତ ବେତନରେ ଦୂରାନ୍ତ ଅଞ୍ଚଳ ଉଦ୍ଦେଶ୍ୟରେ ଭତ୍ତାକୁ ଅନ୍ତର୍ଭୁକ୍ତ କରାଯାଇଥିବା ଜଣାପଡ଼େ । ଦୂରାନ୍ତ ଅଞ୍ଚଳ ପାଇଁ ୩.୪୭ କୋଟି ଟଙ୍କାର ବର୍ଦ୍ଧିତ ପରିମାଣ ସମ୍ପର୍କିତ ଦାବୀ ଉପରେ ଓଏଚପିସି ନ୍ୟାୟୋଚିତ ଯଥାର୍ଥତା ଉପସ୍ଥାପନ କରିବା ଉଚିତ ।

ଙ) ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ କିଣାଯାଇଥିବା ଆନୁଷଙ୍ଗିକ ଯନ୍ତ୍ରାଂଶ ବ୍ୟୟ ପରିମାଣର ଏକ-ପଞ୍ଚମାଂଶ ପରିମାଣ, ଅର୍ଥାତ୍ ୧.୮୯୪ କୋଟି ଟଙ୍କାକୁ ଓଏଚପିସି ୨୦୧୦-୧୧ ଆ.ବ.ର ଓ'ଆଣ୍ଡ ଏମ୍ ବ୍ୟୟର ଅନ୍ତର୍ଭୁକ୍ତ କରିଛି । ସବୁ ବର୍ଷ ଓ'ଆଣ୍ଡଏମ୍ ବ୍ୟୟରେ କର୍ମଚାରୀଙ୍କ ବେତନ ବାବଦକୁ ଦେୟ, ଠିକା କର୍ମଚାରୀଙ୍କ ମଜୁରୀ ଓ ଯନ୍ତ୍ରାଂଶ କ୍ରୟ ବାବଦ ବ୍ୟୟ ଭାରକୁ ଅନ୍ତର୍ଭୁକ୍ତ କରାଯାଇଥାଏ । ତେଣୁ, ଓ'ଆଣ୍ଡଏମ ବ୍ୟୟ ପରିମାଣର ଉର୍ଦ୍ଧ୍ୱରେ

ଯନ୍ତ୍ରାଂଶ କ୍ରୟ ବାବଦ ବ୍ୟୟ ଭାରକୁ ଅନ୍ତର୍ଭୁକ୍ତ କରାଯାଇଥାଏ । ତେଣୁ, ଓ'ଆଣ୍ଡଏମ ବ୍ୟୟ ପରିମାଣର ଉର୍ଦ୍ଧ୍ୱରେ ଯନ୍ତ୍ରାଂଶ କ୍ରୟ ବାବଦକୁ ବ୍ୟୟ ପରିମାଣର ପ୍ରଦର୍ଶନକୁ ଦାବୀ କରିବାରେ କୌଣସି ଔଚିତ୍ୟ ନାହିଁ ।

ଚ) ଜଣେ ଅଭିଯୋଗକାରୀ ଦର୍ଶାଇଥିଲେ ଯେ, ଅବାଞ୍ଛିତ ଘାସ ଓ ଖାଡି ବୃଦ୍ଧି ଯୋଗୁ ଓଏଚପିସି ତା'ର ୭୨ ମେଗାୱାଟ ବିଶିଷ୍ଟ ଜଳ ବିଦ୍ୟୁତ୍ ଶକ୍ତି ଷ୍ଟେସନରୁ ଶକ୍ତି ଉତ୍ପାଦନ କରିବାରେ ଅସମର୍ଥ ହେବା ଅତି ଲଜ୍ଜା ଓ ପରିତାପର ପ୍ରସଂଗ । ଏଚପିଏସ୍‌ର ଚିପିଲିମା ଶକ୍ତି ଷ୍ଟେସନର ପରିଚାଳନା ଓ ତୁଲାଜମା ଓଏଚପିସି ପ୍ରଶାସନ ଅଧିନରେ ନ୍ୟୁନତମ ଓ ନିମ୍ନତମ ନିର୍ବାହନର ପରିଚାୟକ ଅଟେ । ଅନେକ ସମୟରେ ଏହି ଶକ୍ତି ଷ୍ଟେସନରୁ ଆଦୌ ଉତ୍ପାଦନ ହୋଇ ନଥାଏ; କିମ୍ବା ମାତ୍ର ୧୦/୧୫ ମେଗାୱାଟର ଶକ୍ତି ଉତ୍ପାଦନ ହୋଇଥାଏ । ଖାଡି ବୃଦ୍ଧିକୁ ରୋକିବା ଓ ପାୱାର ହାଉସ୍‌କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଉଦ୍ଦେଶ୍ୟରେ ଚିପିଲିମା ପାୱାର ହାଉସ୍ ଠାରେ ସାମନା ଜଳଭଣ୍ଡାରର ମୁହାଣରେ ଏକ ପୋଲ ସହିତ ଟ୍ରାସ୍ ର୍ୟାକ୍ ସିଷ୍ଟମର ନିର୍ମାଣ ପାଇଁ ବହୁ ଦିନ ତଳେ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ, ଏଥିପାଇଁ କୌଣସି ସକ୍ରିୟ ପ୍ରୟାସ କରାଯାଇନାହିଁ ।

**ମୂଲ୍ୟ-ହ୍ରାସ:**

୩୭) କେତେକ ଅଭିଯୋଗକାରୀ ସୂଚାଇଥିଲେ ଯେ, ରେଙ୍ଗାଲି ଜଳ ବିଦ୍ୟୁତ ପ୍ରୋଜେକ୍ଟ, ଅପର କୋଲାବ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ ଆସେଟ୍‌ର ପୁସ୍ତିକା ମୂଲ୍ୟର ୨.୫୭% ଦର-ହାର ପ୍ରୟୋଗ କରି ଏବଂ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ ୩.୬%ର ଦର-ହାରରେ ଓଏଚପିସି ମୂଲ୍ୟ-ହ୍ରାସ ପରିମାଣ ଦାବୀ କରିଛି । କିନ୍ତୁ, ଅଭିଯୋଗକାରୀଙ୍କର କହିବା କଥା ହେଉଛି, ମୂଲ୍ୟ-ହ୍ରାସ ପରିମାଣର ଦାବୀ ପ୍ରକୃତ ଋଣ ପରିଶୋଧନୀୟତାର ପରିମାଣ ସହ ପାଖାପାଖି ସମାନ ପରିମାଣର ହେବା ଉଚିତ । ସେହି ଅନୁଯାୟୀ, ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ୭.୯୭ କୋଟି ଟଙ୍କା, ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ୧.୭୨ କୋଟି ଟଙ୍କା, ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ୧୬.୧୨ କୋଟି ଟଙ୍କା, ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ୧.୦୫ କୋଟି ଟଙ୍କା, ଅପର କୋଲାବ ଜଳ ବିଦ୍ୟୁତ ପ୍ରୋଜେକ୍ଟ ପାଇଁ ୧.୨୫ କୋଟି ଓ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ୪୩.୦୧କୋଟି ଟଙ୍କାର ମୂଲ୍ୟ-ହ୍ରାସ ପରିମାଣକୁ ପ୍ରସ୍ତାବ ଦିଆଯାଇଛି ।

୩୮) ଆଉ ଜଣେ ଅଭିଯୋଗକାରୀ ଦାବୀ କରିଥିଲେ ଯେ, ବଳବତ୍ତର ଥିବା ବର୍ତ୍ତମାନର ନିୟମାବଳୀ ଅନୁଯାୟୀ, ଋଣ ପରିଶୋଧ ପରେ, ପ୍ଲାଣ୍ଟର ଅବଶିଷ୍ଟ ଆୟୁଷ ଜରିଆରେ ସମାନ ଭାବେ ଅବଶିଷ୍ଟ ମୂଲ୍ୟ-ହ୍ରାସ ପରିମାଣକୁ ଭରଣା କରାଯିବା ଉଚିତ । ତେଣୁ, ବର୍ତ୍ତମାନ ସମୟ ପାଇଁ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର କୌଣସି ପରିଶୋଧନୀୟ ଋଣ ନଥିବା ପରିପ୍ରେକ୍ଷୀରେ, ୧.୧୬ ପ୍ରତିଶତ ହାରରେ ମୂଲ୍ୟ-ହ୍ରାସ ପରିମାଣକୁ ହିସାବ କରାଯାଇପାରେ । ଅର୍ଥାତ୍, (୯୦/%-(୫.୨୮×୧୨)/୨୩

**କଲୋନୀ-ଉପଯୋଗ ପାଇଁ ଜମାକରଣ :**

୩୯) ଓଇଆରସି ତାଙ୍କର ୧.୧୧.୦୮ ତାରିଖର ଆଦେଶନାମାରେ ନିର୍ଦ୍ଦେଶ ଦେଇଥିଲେ ଯେ, ଗୌଣ-ଉପଯୋଗ-ପରିମାଣ ଠାରୁ କୌଣସି ଅଧିକ ପରିମାଣର ଶକ୍ତିର ଉପଯୋଗ ପାଇଁ ବିତରକ କମ୍ପାନୀମାନଙ୍କର ଉପଭୋକ୍ତାଙ୍କ ପ୍ରତି ପ୍ରଯୋଜ୍ୟ ସଦୃଶ ହାଉସିଂ କଲୋନୀଗୁଡିକରେ ଶକ୍ତିର ଯୋଗାଣ ପାଇଁ ପାଇକାରୀ ଯୋଗାଣ ଟାରିଫ ଦର-ହାର ସହ ସମାନ ଏକ ଦର-ହାରରେ ଓଏଚପିସି ଏକ 'ଜମା' (ଅର୍ଥ) ଦେଇ ପାରିବେ ଏବଂ ଏହା ୧.୧୧.୦୮ ଠାରୁ ଲାଗୁ ହେବ । ତେଣୁ, ଅଭିଯୋଗକାରୀଙ୍କ ମଧ୍ୟରୁ ଆଉ ଜଣେ ଦର୍ଶାଇଥିଲେ ଯେ, କଲୋନୀ-ଉପଯୋଗ ବାବଦକୁ ଜମା କରାଯିବାକୁ ଥିବା ଅର୍ଥକୁ ଓଚଏପିସିକୁ ଦର୍ଶାଇବାକୁ ଓ ଦାଖଲ କରିବାକୁ ପଡିବ, ଯାହାଫଳରେ, ୨୦୧୦-୧୧ ଆ.ବ. ପାଇଁ ଓ ଏଚପିସିର ଏଆର୍‌ଆର୍ ବିପକ୍ଷରେ ସେହି ପରିମାଣକୁ ସହ-ସାମିଲକରଣ କରାଯାଇ ପାରିବ ।

**ଜଳ ଭଣ୍ଡାରର ସ୍ତର ଓ ଆକଳିତ ଉତ୍ପାଦନ :**

୪୦)	୨୦୦୮-୦୯ ଆ.ବ. ପାଇଁ ଓଏଚପିସି ପାୱାର ହାଉସ୍-ୱାରୀ ଉତ୍ପାଦନକୁ ଯୋଗାଣ କରିଛି । ସମୁଦାୟ ପରିମାଣ ପାଖାପାଖି ୩୯୭୨.୮୫ଲକ୍ଷ ୟୁନିଟ ହେବ । ୪୯୦ ଲକ୍ଷ ୟୁନିଟର ଆକାରାୟିତ ଶକ୍ତି ବିପକ୍ଷରେ ଚିପିଲିମା ପାୱାର ହାଉସ୍‌ର ଉତ୍ପାଦନ ଖୁବ୍ କମ, ଅର୍ଥାତ୍ ୧୧୪.୭୫୯ ଲକ୍ଷ ୟୁନିଟ ବୋଲି ଜଣେ ଅଭିଯୋଗକାରୀ ସୂଚାଇଛନ୍ତି ଏବଂ ଏହା ମୁଖ୍ୟତଃ ପାୱାର ଚ୍ୟାନେଲ୍‌ରେ ଖାଡି ବୃଦ୍ଧି ଯୋଗୁ ହେଉଛି ବୋଲି ସେ କହିଛନ୍ତି । ଅଭିଯୋଗକାରୀ ଜଣକ ପ୍ରସ୍ତାବନାରେ କହିଛନ୍ତି ଯେ, ଯଦି ଦ୍ୱିତୀୟ ପାୱାର ଚ୍ୟାନେଲ ଓ ଚିପିଲିମା-ଖ ପାଇଁ ପ୍ରସ୍ତାବିତ ସହାୟକ-ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟକୁ ଆଗେଇ ନିଆଯାଇପାରେ, ତେବେ ଚିପିଲିମା ଜଳ ବିଦ୍ୟୁତ ଶକ୍ତି ଷ୍ଟେସନର ଉତ୍ପାଦନ ଆଖି ଦୃଶିଆ ଭାବେ ବଢ଼ି ପାରିବ। ଡ୍ରେଜର ଲଗାଇ ଖାଡ଼ି ସଫା କରିବା ଏକ ସବୁଦିନିଆ ଓ ସ୍ୱୟଂସମ୍ପୂର୍ଣ୍ଣ ବ୍ୟବସ୍ଥା ବୋଲି କୁହାଯିବ ନାହିଁ । ଏଠାରେ ବାର୍ଷିକ ଯେତିକି କ୍ଷତି ହେଉଛି, ତା'ର ପରିମାଣ ପାଖାପାଖି ୩୫୦ ଲକ୍ଷ ୟୁନିଟ ହେବ ଏବଂ ଯଦି ତାହା ଗ୍ରୀଡ଼କୋକୁ ଉପଲବ୍ଧ ହୁଅନ୍ତା, ତେବେ ଗ୍ରୀଡ଼କୋ ବର୍ଷକୁ ୧.୫୦କୋଟି ଟଙ୍କା ଆୟ କରିପାରନ୍ତା ।

**ଋଣ ଉପରେ ସୁଧ:**

୪୧)	ଓଏଚପିସି ଦ୍ୱାରା ହିସାବ କରାଯାଇଥିବା ଋଣ ଉପରେ ସୁଧ ପରିମାଣ ଉପରେ କେତେକ ଅଭିଯୋଗକାରୀ ସେମାନଙ୍କର ମନ୍ତବ୍ୟ ଉପସ୍ଥାପନ କରିଥିଲେ । ସେଗୁଡିକୁ ସଂକ୍ଷେପରେ ତଳେ ବର୍ଣ୍ଣନା କରାଗଲା।

କ)	ପୂର୍ବରୁ ଓଇଆରସିଙ୍କ ପରାମର୍ଶ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ଗୃହୀତ ସଠିକ ହିସାବ ସହ ଓଏଚପିସି ଦ୍ୱାରା ପ୍ରସ୍ତୁତ ହିସାବରେ ମେଳ ଖାଇନାହିଁ ।

ଖ)	'ମାପଦଣ୍ଡ ଭିତ୍ତିକ ଋଣ' ଉପରେ ସୁଧ ପ୍ରସ୍ତାବକୁ ଅନୁମତି ଦିଆଯିବା ଉଚିତ ନୁହେଁ ।

**କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ :**

୪୨)	କେତେକ ଅଭିଯୋଗକାରୀ ମତ ଉପସ୍ଥାପନ କରିଥିଲେ ଯେ, କାର୍ଯ୍ୟକାରୀ ମୂଳଧନକୁ କମ୍ପ୍ୟୁଟ୍ କରିବାର ଉଦ୍ଦେଶ୍ୟ ହେଉଛି (ଯାହା କାର୍ଯ୍ୟକାରୀ ମୂଳଧନ ଉପରେ ସିଇଆରସି ନିୟମାବଳୀ ଓ ସୁଧ ଅନୁଯାୟୀ ହିସାବ କରାଯାଇଛି), ୧୧.୭୫%ର ଏସ୍.ବି.ଆଇ ପିଏଲ୍‌ଆର୍ ଦର-ହାରକୁ ଭିତ୍ତି କରି ତାହାକୁ ହିସାବ କରାଯିବା ଉଚିତ ।

**ଦରଖାସ୍ତ ଦେୟ ଓ ପ୍ରକାଶନ ବ୍ୟୟ :**

୪୩)	ଜଣେ ଅଭିଯୋଗକାରୀ ସୂଚାଇଥିଲେ ଯେ, କେବଳ ଗ୍ରୀଡ଼କୋ ଠାରୁ ତା'ର ପ୍ରକାଶନ ବାବଦରେ ବ୍ୟୟକୁ ଭରଣା କରିବାକୁ ଓଚଏପିସିକୁ ଅନୁମତି ଦିଆଯାଇପାରେ, କିନ୍ତୁ ଆବେଦନ ପତ୍ର ବାବଦ ବ୍ୟୟ-ପରିମାଣକୁ ନୁହେଁ, କାରଣ 'ଜାତୀୟ ଜଳ ବିଦ୍ୟୁତ୍ ଶକ୍ତି ନିଗମ' କ୍ଷେତ୍ରରେ ଏଥିପାଇଁ ଅନୁମତି ଦିଆଯାଇନାହିଁ ।

**ବିବିଧ ଆୟ:**

୪୪)	ଓଏଚପିସିର ଏଆର୍‌ଆର୍‌ରେ ନିମ୍ନୋକ୍ତ ଉପ-ପ୍ରସଙ୍ଗଗୁଡିକୁ ଅନ୍ତର୍ଭୁକ୍ତ କରିବାକୁ ଜଣେ ପରାମର୍ଶକାରୀ ପରାମର୍ଶ ଦେଇଥିଲେ ।

କ)	ସମୟକୁ ସମୟ ନିଆଯାଇଥିବା ଋଣ ପରିଶୋଧ ଉପରେ ପିଏଫ୍‌ସିରୁ ମିଳୁଥିବା ନଗଦ ରିହାତି ।

ଖ)	ଗ୍ରୀଡ଼କୋ ବଣ୍ଡ୍ ଉପରେ ମିଳୁଥିବା ସୁଧ

**ବାସ୍ତବାୟନ :**

୪୫)	କେତେକ ଅଭିଯୋଗକାରୀ ମନ୍ତବ୍ୟ ଦେଇଥିଲେ ଯେ, ବାସ୍ତବାୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବା ଉଚିତ । ଓଏଚପିସିର ପୂର୍ବ ବର୍ଷମାନଙ୍କର (୨୦୦୩-୦୪ ରୁ ୨୦୦୭-୦୮) ବାସ୍ତବାୟନ ନିର୍ବାହନ ଦ୍ୱାରା ଜଳ ବିଦ୍ୟୁତ ଶକ୍ତି

ଉତ୍ପାଦନର ଉଚ୍ଚା ସ୍ଥିତି ଜନିତ ଲାଭକୁ ଓଡ଼ିଶାର ସାଧାରଣ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରାଯିବା ଉଚିତ ଏବଂ ତଜ୍ଜନିତ ପ୍ରଭାବ ଓ ପ୍ରତିଫଳନକୁ ୨୦୧୦-୧୧ ଆ.ବ. ପାଇଁ ଓଏଚପିସିର ଏଆର୍ଆର୍‌ରେ ସଂଶ୍ଲିଷ୍ଟ କରାଯିବା ଉଚିତ ।

**ଅଭିଯୋଗ ସମୂହର ଜବାବରେ ଓଏଚପିସିର ଉତ୍ତର (ପରିଚ୍ଛେଦ ୪୬ ରୁ ୯୩) :**

୪୬)  ୩୦.୧୧.୨୦୦୯ରେ ଓଏଚପିସିର ପ୍ରତ୍ୟେକ ଶକ୍ତି ଷ୍ଟେସନ ଉଦ୍ଦେଶ୍ୟରେ ୨୦୧୦-୧୧ ଆ.ବ. ପାଇଁ 'ବାର୍ଷିକ ରାଜସ୍ୱ ଆବଶ୍ୟକତା' (ଏଆର୍ଆର୍) ଓ ଦରସୂଚୀ (ଟାରିଫ) ଦରଖାସ୍ତ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନା କରାଯାଇଥିଲା । ସଂଖ୍ୟାଧିକ ଅଭିଯୋଗକାରୀଙ୍କ ଠାରୁ ଏଆର୍ଆର୍ ଦରଖାସ୍ତ ଉପରେ ଅଭିଯୋଗ/ପରାମର୍ଶସମୂହ ପ୍ରାପ୍ତ ହୋଇଥିଲା । ସେହିସବୁ ଅଭିଯୋଗ/ପରାମର୍ଶ ସମୂହ ଜବାବରେ ଓଏଚପିସି ନିମ୍ନଲିଖିତ ଉତ୍ତର ଦେଇଥିଲା ।

**ଆକାରାୟିତ ଶକ୍ତିର ପୁନଃ ଆକଳନ :**

୪୭)  ଓଏଚପିସିର ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କର ସଂଶୋଧିତ ଆକାରାୟିତ ଶକ୍ତିର ଅନୁମୋଦନ ପ୍ରସଂଗରେ ଆୟୋଗଙ୍କ ଦ୍ୱାରା ୧.୧୨.୨୦୦୯ର ପୂର୍ବାହ୍ନ ୧୧ଟା ବେଳେ ଶୁଣାଣି ଅନୁଷ୍ଠିତ ହୋଇଥିଲା । ଯେଣୁ, ଆବେଦନକାରୀ (ଓଏଚପିସି) ତଥ୍ୟ ଓ ଏହାର ପୁଂଖାନୁପଂଖ ବିଶ୍ଳେଷଣାତ୍ମକ ବିଭାବ ସମ୍ବଳିତ ନଥିକୁ ଶୁଣାଣି ପୂର୍ବରୁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିନାହିଁ, ତେଣୁ ଓଏଚପିସି ଅଧିନସ୍ଥ ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କର ଆକାରାୟିତ ଶକ୍ତିର ସଂଶୋଧନ ଉପରେ ଆଉ ଏକ ତାରିଖକୁ ଶୁଣାଣି ପାଇଁ ଧାର୍ଯ୍ୟ କରିବାକୁ ଅଧିକାଂଶ ସହଭାଗୀ (ଅଭିଯୋଗକାରୀ) ଆୟୋଗଙ୍କୁ ପ୍ରାର୍ଥନା କରିଥିଲେ । ଅଭିଯୋଗକାରୀମାନଙ୍କ ଉଦ୍ଦେଶ୍ୟରେ ସିଡି ଫର୍ମରେ ତା'ର ଉପସ୍ଥାପନା ସହିତ ସଂଶୋଧିତ ଆକାରାୟିତ ଶକ୍ତିର ସଠିକ ନିରୂପଣତା ପାଇଁ ସତ୍ୟ-ତଥ୍ୟ ଓ ବିଶ୍ଳେଷଣାତ୍ମକ ପୁଂଖାନୁପଂଖତାକୁ ୧୦.୧୨.୨୦୦୯ କିମ୍ବା ତା'ପୂର୍ବରୁ ଓଇଆରସି ଏବଂ ସିଇଏଙ୍କ ସମକ୍ଷରେ ଦାଖଲ କରିବାକୁ ଆୟୋଗ ଓଏଚପିସିକୁ ନିର୍ଦ୍ଦେଶ ଦେଇଥିଲେ । ଓଏଚପିସି ୮.୧୨.୨୦୦୯ ତାରିଖର ଚିଠି. ନଂ - ୯୯୦୫ (ଡବ୍ଲ୍ୟୁଟି) ମୂଳେ ସମ୍ପୃକ୍ତ ନଥିସବୁ ଆୟୋଗଙ୍କୁ ଦାଖଲ କରିଥିଲା । ୨୦୧୦-୧୧ ଆ.ବ. ପାଇଁ ଟାରିଫର ଚୂଡ଼ାନ୍ତକରଣ ପୂର୍ବରୁ ସଂଶୋଧିତ ଆକାରାୟିତ ଶକ୍ତିକୁ ଅନୁମୋଦନ ଦେବା ନିମନ୍ତେ ମଧ ଓଏଚପିସି ଆୟୋଗଙ୍କୁ ଅନୁରୋଧ କରିଥିଲେ।

୪୮)  ଓଏଚପିସିର ମତ ଏହି ଯେ, ଷ୍ଟେସନସମୂହର ଶକ୍ତି ଉପଲବ୍ଧତା ନିର୍ଦ୍ଧାରଣ ନିମନ୍ତେ କୌଣସି ପ୍ରକାରର ଆକାରାୟିତ ଶକ୍ତିକୁ ଏକ କାରଣ ଭାବେ ବିବେଚନା କରାଯାଇନାହିଁ । ବରଂ, ଉତ୍ପାଦନକାରୀ ଷ୍ଟେସନର ଉତ୍ପାଦନ କ୍ଷମତାର ୯୫%ର ଉପଲବ୍ଧତା ସହ ୯୦ ପ୍ରତିଶତର ଏକ ନିର୍ଭରଶୀଳ ବର୍ଷରେ ଉତ୍ପାଦନ ହୋଇପାରୁଥିବା ନିର୍ଦ୍ଦିଷ୍ଟ ପରିମାଣର ଶକ୍ତିକୁ ଷ୍ଟେସନସମୂହର ଶକ୍ତି ଉପଲବ୍ଧତା ନିର୍ଦ୍ଧାରଣ ନିମନ୍ତେ ବିବେଚନା କରାଯାଇପାରେ ।

୪୯)  ଅନୁମତିଧାରୀ (ଓଏଚପିସି) ଦାବୀ କରିଥିଲା ଯେ, ୨୦୦୭-୦୮ରେ ସମୁଦାୟ ଶକ୍ତି ଉତ୍ପାଦନ ୭୮୮୭ ଲକ୍ଷ ୟୁନିଟ ହୋଇଥିବା ବେଳେ ୨୦୦୮-୦୯କୁ ଏହା କମି ୫୬୯୬ ଲକ୍ଷ ୟୁନିଟ ହୋଇଥିଲା । ଏହି ଦୁଇ ବର୍ଷରେ ଏଭଳି ତାରତମ୍ୟର କାରଣ ହେଉଛି ନଭେମ୍ବର ୧ ମଧରେ ଜଳଭଣ୍ଡାରର ଜଳସ୍ତରରେ ପାର୍ଥକ୍ୟ ଥିଲା । ନିମ୍ନ ମତେ ତା'ର ସବିଶେଷତାକୁ ବ୍ୟକ୍ତ କରାଗଲା ।

କ)  ୨୦୦୭-୦୮ ଆ.ବ.ର ବର୍ଷା ଋତୁରେ ଭଲ ବୃଷ୍ଟିପାତ ହୋଇଥିବା ଯୋଗୁ ଏହି ସମୟରେ ଅତିରିକ୍ତ ଉତ୍ପାଦନ ହୋଇଥିଲା ।

ଖ)  ୨୦୦୮-୦୯ରେ ଦୁର୍ବଳ ମୌସୁମୀ ପ୍ରବାହ ଯୋଗୁ ରବି ଫସଲ ଉଦ୍ଦେଶ୍ୟରେ ଜଳର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ବର୍ଷା ଋତୁରେ କମ ବିଦ୍ୟୁତ ଶକ୍ତି ଉତ୍ପାଦନ ହୋଇଥିଲା ।

୫୦)  ୨୦୧୦-୧୧ ଆ.ବ.ରେ ଓଏଚପିସିର ୬୯୪୮.୦୩ ଲକ୍ଷ ୟୁନିଟର ଶକ୍ତି ଉତ୍ପାଦନ ପ୍ରସ୍ତାବ ଉପରେ ଓଇଆରସି ସହମତ ନୁହନ୍ତି, କାରଣ ମୁଖ୍ୟତଃ ବୃଷ୍ଟିପାତର ଢାଞ୍ଚା ଉପରେ ହିଁ ଉତ୍ପାଦନ ନିର୍ଭରଶୀଳ । ତେଣୁ, ୨୦୧୦-୧୧ ଆ.ବ. ପାଇଁ  ଓଏଚପିସି ଷ୍ଟେସନରୁ ଉପଲବ୍ଧ ଶକ୍ତି ପାଇଁ ୯୦ ପ୍ରତିଶତର ନିର୍ଭରଶୀଳ ବିଭାବକୁ ବିବେଚନା କରାଯିବା ନ୍ୟାୟୋଚିତ ଅଟେ । ଏହା ହିଁ ଆକାରାୟିତ ଶକ୍ତି ଅଟେ ।

୫୧)  ଆକାରାୟିତ ଶକ୍ତିର ପୁନଃ ଆକଳନ ଉପରେ ହୀରାକୁଦର ରୁଲିଂ କର୍ଭର ପୁନଃ ସୂଚନାକରଣ ସମ୍ପର୍କରେ ଯଥୋଚିତ ପରାମର୍ଶକ୍ରମେ ଆୟୋଗ ଉପଯୁକ୍ତ ସିଦ୍ଧାନ୍ତ ଗ୍ରହଣ କରିବେ । ଆୟୋଗଙ୍କୁ ଉପସ୍ଥାପିତମତେ, ଆକାରାୟିତ ଶକ୍ତିର ପୁନଃ ଆକଳନ ଉପରେ 'ମେସର୍ସ ସ୍ପାର୍କ' 'ରୁଲିଂ କର୍ଭ' ପ୍ରଭାବକୁ ଯଥୋଚିତ ଭାବେ ବିବେଚନା କରିଛନ୍ତି ।

୫୩)  ଓଏଚପିସି ଅଧିନସ୍ଥ ଶକ୍ତି ଷ୍ଟେସନମାନଙ୍କର ଆକାରାୟିତ ଶକ୍ତିର ସଂଶୋଧନକରଣ ଆୟୋଗଙ୍କ ପାଖରେ ଅନୁମୋଦନ ଅପେକ୍ଷାରେ ପଡି ରହିଛି । ତେଣୁ, ଉଭୟ ମୂଳ ଓ ସଂଶୋଧିତ ଆକାରାୟିତ ଶକ୍ତିକୁ ହିସାବକୁ ନେଇ ଓଏଚପିସି ତା'ର ଏଆର୍ଆର୍ ଓ ତାରିଫ ପ୍ରସ୍ତାବ ଦାଖଲ କରିଛି । ଅତଏବ, ପ୍ରତିବର୍ଷ ଆକାରାୟିତ ଶକ୍ତିକୁ ସଂଶୋଧନ କରିବାକୁ ଅଭିଯୋଗକାରୀମାନେ ଯେଉଁ ପ୍ରସ୍ତାବ ଦେଇଛନ୍ତି, ତାହା ବସ୍ତୁତଃ ଠିକ୍ ନୁହେଁ । ତା'ଛଡା, ସବୁ ପୂର୍ବ ବର୍ଷମାନଙ୍କରେ ମୂଳ ଆକାରାୟିତ ଶକ୍ତିକୁ ଭିତ୍ତି କରି ଓଏଚପିସିର ତାରିଫ ଆଦେଶନାମା ଅନୁମୋଦିତ ହୋଇଛି ।

**କଲୋନୀ ଉପଯୋଗ ଉଦ୍ଦେଶ୍ୟରେ ରିହାତି ବ୍ୟବସ୍ଥା ସମ୍ପର୍କରେ.........**

୫୪)  କେଶ୍ - ନଂ ୧୩୫/୨୦୦୯ରେ ୧୬.୧୨.୨୦୦୯ର ଆଦେଶନାମାରେ ଓଇଆରସି ଲକ୍ଷ୍ୟ କରିଛନ୍ତି ଯେ, ଯେକୌଣସି ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନକାରୀ ଷ୍ଟେସନର ଗୌଣ ଉପଯୋଗର ରିହାତି ବ୍ୟବସ୍ଥାକୁ ତା'ର ଏଆର୍ଆର୍ ଓ ତାରିଫ ଦରଖାସ୍ତରେ ପ୍ରସଂଗଭୁକ୍ତ କରି ଓଏଚପିସି ଆୟୋଗଙ୍କ ପାଖରେ ଦାବୀ ଉଠାଇପାରେ କିମ୍ବା ପରବର୍ତ୍ତୀ ସମୟରେ ଏଭଳି ରିହାତି ସପକ୍ଷରେ ଯଥେଷ୍ଟ ଯୁକ୍ତିଯୁକ୍ତ ଭିତ୍ତି ଓ କାରଣ ଦର୍ଶାଇ ଆୟୋଗଙ୍କ ସମକ୍ଷରେ ଏକ ସ୍ୱତନ୍ତ୍ର ଦରଖାସ୍ତ ଦାଖଲ କରିପାରେ । ପୁନଶ୍ଚ, ଯେଣୁ ଆୟୋଗଙ୍କର ୧.୧୧.୨୦୦୮ର ଆଦେଶନାମାକୁ ସାଉଥ୍କୋ ଚ୍ୟାଲେଞ୍ଜ କରିଛି ଓ ମାମଲାଟି ଏଟିଇ, ନୂଆଦିଲ୍ଲୀଙ୍କ ପାଖରେ ବିଚାର ଅପେକ୍ଷାରେ ସ୍ଥଗିତ ରଖାଯାଇଛି, ତେଣୁ ମାମଲାର ଫଇସଲା ପରେ ଓଏଚପିସି ସେ ନେଇ ଆୟୋଗଙ୍କ ପାଖରେ ଦାବୀ ଉପସ୍ଥାପନ କରିପାରେ । ଉପରୋକ୍ତ ଆଦେଶନାମା ଦୃଷ୍ଟିରୁ ଆୟୋଗ ଓଏଚପିସି, ଓପିଟିସିଏଲ ଓ ଗ୍ରୀଡ଼କୋ ଆଦି ହିତାଧିକାରୀଙ୍କର କଲୋନୀରେ ଶକ୍ତିର ଗୌଣ ଉପଯୋଗ ପାଇଁ ସମାନ ପ୍ରକାରର ନୀତି ଗ୍ରହଣ କରିପାରନ୍ତି  ।

**ଶକ୍ତି କ୍ରୟ ଚୁକ୍ତିନାମା ଧାର୍ଯ୍ୟକରଣ ସମ୍ପର୍କରେ........**

୫୫)  ଓଡ଼ିଶା ସରକାରଙ୍କ ଦାୟିତ୍ୱ ହସ୍ତାନ୍ତରଣ ସ୍କିମ, ୨୦୦୫ ଅନୁଯାୟୀ, ଗ୍ରୀଡ଼କୋ ହେଉଛି 'ମତାବଲମ୍ବୀ ଶକ୍ତି ବିପଣନ ହିତାଧିକାରୀ', ଯାହା ଉପରେ ସାରା ରାଜ୍ୟ ପାଇଁ ଶକ୍ତିର ସ୍ଥୁଳ ଯୋଗାଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ତେଣୁ, ଗ୍ରୀଡ଼କୋ ସହ ବର୍ତ୍ତମାନର ସ୍ଥିତ ସ୍ଥୁଳ ଯୋଗାଣ ଚୁକ୍ତିନାମା ଓ ଶକ୍ତି କ୍ରୟ ଚୁକ୍ତିନାମା ଓଇଆରସି ନିୟମାବଳୀକୁ ଅନୁସରଣ କରି ସଂପାଦିତ ହୋଇଥାଏ । ଅତଏବ, ଏ ପ୍ରସଙ୍ଗରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ଓଇଆରସିଙ୍କର ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି ।

**ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଉନ୍ନୟନ ପାଇଁ ବିକାଶମୁଖୀ ଖସଡା :**

୫୬)  ନୂଆ ପ୍ରୋଜେକ୍ଟ ସମୂହର ସମ୍ପର୍କିତ ସମସ୍ୟାସବୁର ସମାଧାନ କରିବାକୁ ଓଡ଼ିଶା ସରକାରଙ୍କ ଦ୍ୱାରା ଡବ୍ଲ୍ୟୁ ଆର୍ ବିଭାଗ ଓ ଶକ୍ତି ବିଭାଗରୁ ସଦସ୍ୟମାନଙ୍କୁ ନେଇ 'ଅନ୍ତଃ-ବିଭାଗୀୟ ବୈଷୟିକ ସମନ୍ୱୟ କମିଟି' ଗଠନ କରାଯାଇଛି । ଯେଉଁ ୯ଟି ନୂଆ ପ୍ରୋଜେକ୍ଟ ସୂଚିତ ହୋଇଛି, ସେଗୁଡିକ ହେଲା

୧)	ମିତ୍‌ଲି କୋଲାବ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ

୨)	ତେଲ୍ ଇଣ୍ଟିଗ୍ରେଟେଡ ପ୍ରୋଜେକ୍ଟ

୩)	ଲୋୟର ବସୁନ୍ଧରା ପ୍ରୋଜେକ୍ଟ

୪)	ବାଲିଜୋରି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ

୫)	ସାଲ୍‌କୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ

୬)	ଖାଡାଗୋ ଡାମ୍ ପ୍ରୋଜେକ୍ଟ

୭)	ଉଡେଇ-ରାଉଲ୍ ଇଣ୍ଟିଗ୍ରେଟେଡ ପ୍ରୋଜେକ୍ଟ

୮)	ମହାନଦୀ-ବ୍ରାହ୍ମଣୀ ନଦୀ ସଂଯୋଗ

୯)	ବରମୂଳ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ

୫୭)	ଇନ୍ଦ୍ରାବତୀ ଜଳଭଣ୍ଡାର ସଂଶ୍ଳିଷ୍ଟ ପୋଡାଗଡା ବନ୍ଧର ଅବକ୍ଷୟିତ ଚ୍ୟାନେଲରେ ୨×୩ ମେଗାୱାଟ କ୍ଷମତା ବିଶିଷ୍ଟ ଏକ କ୍ଷୁଦ୍ର ଜଳଜ ଶକ୍ତି ଷ୍ଟେସନକୁ ଓଏଚପିସି ବୋର୍ଡ଼ ତା'ର ୯୪ତମ ବୈଠକରେ ଅନୁମୋଦନ ଦେଇଛି । ନବରଙ୍ଗପୁର ଜିଲ୍ଲାରେ ଇନ୍ଦ୍ରାବତୀ ନଦୀର ତଳ ମୁଣ୍ଡର ଜଳ ଆବଶ୍ୟକତାକୁ ଏହା ପରିପୂରଣ କରିବ ।

୫୮)	ମେସର୍ସ 'ୱାପ୍‌କସ୍'ଙ୍କୁ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇ 'ସିନ୍ଦଲ-୧' ଦେଓଗାଁ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ୯୦ ମେଗାୱାଟ କ୍ଷମତା ବିଶିଷ୍ଟ) ପାଇଁ ସଂଶୋଧିତ ଡିପିଆର ପ୍ରସ୍ତୁତି  କ୍ଷେତ୍ରରେ ଓଏଚପିସି ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ତେବେ, 'ସିନ୍ଦଲ-୨' ଏବଂ 'ସିନ୍ଦଲ-୩' ପାଇଁ 'ୱାପକସ୍' ଦ୍ୱାରା ପିଏଫଆର୍ ପ୍ରସ୍ତୁତ କରାଯାଇସାରିଛି ।

୫୯)	ଓଡ଼ିଶାର ବିଭିନ୍ନ ଅବସ୍ଥିତିରେ ପମ୍ପ ଷ୍ଟୋରେଜ ଏବଂ ନଦୀ ସଂଯୋଗ ପ୍ରୋଜେକ୍ଟସମୂହର ଉନ୍ନୟନ ପ୍ରସଂଗ ଡିଓଡବ୍ଲ୍ୟୁଆର୍‌ର ଯାଞ୍ଚ କରାଯାଉଥିବା ସ୍ଥିତିରେ ଅଛି ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ 'ଅନ୍ତଃ-ବିଭାଗୀୟ ସମନ୍ୱୟ କମିଟି' ଦ୍ୱାରା ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ।

**ଆୟକର:**

୬୦) ୨୦୦୯-୧୦ ଆ.ବ. ପାଇଁ ଓଏଚପିସିର ଟାରିଫ ଆଦେଶନାମାରେ, ସିଧାସଳଖ ମେସର୍ସ ଗ୍ରୀଡ଼କୋ ଠାରୁ ଆୟକର ଭରଣା ପାଇଁ ଆୟୋଗ ନିର୍ଦ୍ଦେଶ ଦେଇଥିଲେ । ତେଣୁ, ୨୦୦୮-୦୯ ଆ.ବ. ପାଇଁ ଆୟକର ପ୍ରଦାନ କରିବାକୁ ୨.୨୫ କୋଟି ଟଙ୍କାର ଓଏଚପିସିର ଦାବୀକୁ ୨୦୧୦-୧୧ ଆ.ବ.ରେ ଭରଣା କରିବାକୁ ପଡିବ ।

**ଆବେଦନପତ୍ର ବାବଦକୁ ଦେୟ ଓ ପ୍ରକାଶନ ଜନିତ ବ୍ୟୟ ପରିମାଣ ସମୂହ:**

୬୧) ଏନ୍‌ଏଚପିସି ଏବଂ ପିଜିସିଆଇଏଲ କ୍ଷେତ୍ରରେ ସିଇଆର୍‌ସି ୫ ବର୍ଷିଆ ବହୁବାର୍ଷିକ ଟାରିଫକୁ ଗ୍ରହଣ କରିଛନ୍ତି; ଅର୍ଥାତ୍ ପ୍ରତି ୫ ବର୍ଷରେ ଥରେ ଏନଏଚପିସି ଓ ପିଜିସିଆଇଏଲ ଆବେଦନ ପତ୍ର ଦାଖଲ ଜନିତ ଦେୟକୁ ବହନ କରିବାକୁ ପଡିବ । କିନ୍ତୁ ଓଏଚପିସି ପାଇଁ ଓଇଆରସି ବର୍ଷ-ୱାରୀ ଟାରିଫକୁ ଗ୍ରହଣ କରିଛନ୍ତି, ଯେଉଁ କ୍ଷେତ୍ରରେ ଏଆର୍‌ଆର୍ ଓ ଟାରିଫ ଅନୁମୋଦନ ଉଦ୍ଦେଶ୍ୟରେ ପ୍ରତି ବର୍ଷ ଓଏଚପିସିକୁ ଆବେଦନ ପତ୍ର ଜନିତ ଦେୟ ଦେବାକୁ ପଡିବ । ସୁତରାଂ, 'ବହୁବାର୍ଷିକ ଟାରିଫ' (ଏଠାରେ ପଞ୍ଚବାର୍ଷିକ ଟାରିଫ) ତୁଳନାରେ ଏକବର୍ଷିଆ ଟାରିଫ ଯୋଗୁ ଓଏଚପିସି ଉପରେ ୫ଗୁଣର ଆର୍ଥିକ ପ୍ରଭାବ ପଡିବ । ତେବେ,

ସିଧାସଳଖ ହିତାଧିକାରୀମାନଙ୍କ ଠାରୁ ଦରଖାସ୍ତ ଦେୟ ଓ ପ୍ରକାଶନ ବ୍ୟୟ ଭରଣା କରାଯିବାକୁ ଏବଂ ତାହାକୁ ଅନୁମୋଦନ ଦେବାକୁ ଓଏଚପିସି ଆୟୋଗଙ୍କୁ ଅନୁରୋଧ କରିଛି ।

**ବାଲିମେଳା ପାୱାର ହାଉସ୍‌ର ୭ମ ଓ ୮ମ ୟୁନିଟ:**

୬୨) ବାଲିମେଳା ଜଳ ବିଦ୍ୟୁତ୍ ଶକ୍ତି ପ୍ରୋଜେକ୍ଟର ୭ମ ଓ ୮ମ ୟୁନିଟ ପାଇଁ ବ୍ୟୟ ପରିମାଣ ମୂଳଧନୀକରଣର ସବିଶେଷ ଅଡିଟ କରାଯାଇଥିବା ହିସାବକୁ ଓଏଚପିସି ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଛି, ଯାହା ୨୦୬.୦୬୯ କୋଟି ଟଙ୍କା ଅଟେ । ଗ୍ରୀଡ଼କୋକୁ ଉତ୍ପାଦିତ ଇନ୍‌ଫର୍ମ ଶକ୍ତିର ଦାମ୍‌କୁ ବିଯୋଗ କଲାପରେ ଏହି ମୂଳଧନୀକୃତ ହିସାବରେ ଉପନୀତ ହେବାକୁ ପଡିଛି । ଯଦିଓ ଯାନ୍ତ୍ରିକ ସମସ୍ୟା କାରଣରୁ ୨୦୦୭ର ମାର୍ଚ୍ଚ/ଏପ୍ରିଲ ସୁଦ୍ଧା ଏହି ଦୁଇଟି ୟୁନିଟର ଉତ୍ପାଦନକ୍ଷମ ହୋଇପାରିଲା ନାହିଁ, ତେବେ ୨୦୦୭-୦୮ର ତାରିଫରେ ନିଆଯାଇଥିବା ୧୮୦କୋଟି ଟଙ୍କାର ମୁଖ୍ୟ ବ୍ୟୟ ବିପକ୍ଷରେ ୧୭୮.୦୦ କୋଟି ଟଙ୍କାର ମୁଖ୍ୟ ବ୍ୟୟ ପରିମାଣ ୩୧.୩.୨୦୦୭ ସୁଦ୍ଧା ବ୍ୟୟିତ ହୋଇଥିଲା । ଅନ୍ୟ ଭାଷାରେ କୁହାଗଲେ ଏହା ହେବ ଯେ, ପ୍ରାୟତଃ ପ୍ରୋଜେକ୍ଟରେ ପୂରା ବ୍ୟୟ ପରିମାଣକୁ ବିନିଯୋଗ କରାଯାଇଥିଲା ଏବଂ ଏହି ଶକ୍ତି ଷ୍ଟେସନରୁ ଆକାରାୟିତ ଶକ୍ତି ପରିମାଣ (୧୧୮୩ ଲକ୍ଷ ୟୁନିଟ) ଠାରୁ ଅଧିକ ପରିମାଣର ଶକ୍ତି (୧୮୩୨ ଲକ୍ଷ ୟୁନିଟ) ଯୋଗାଣ କରାଯାଇଛି । ତେଣୁ, ସାଧିତ ମୁଖ୍ୟ ବ୍ୟୟ ପରିମାଣ ଉପରେ ଦାବୀ କରାଯାଇଥିବା ଲାଭାଂଶ ଫେରସ୍ତ ପରିମାଣ ଯଥାର୍ଥ ଓ ନ୍ୟାୟୋଚିତ ଅଟେ । ଏହି ଦୁଇଟି ୟୁନିଟରୁ ବ୍ୟବସାୟିକ ନିର୍ବାହନ ୨୦୦୮-୦୯ ଆ.ବ.ର ୨୩.୧୨.୨୦୦୮ (ୟୁନିଟ -୭) ଓ ୨୩.୧.୨୦୦୯ (ୟୁନିଟ-୮)ରେ ଆରମ୍ଭ ହୋଇଥିଲା । ଅତଏବ, ୨୦୧୦-୧୧ ଆ.ବ. ପାଇଁ ଲାଭାଂଶ ପରିମାଣ ଫେରସ୍ତର ଦାବୀ ଯଥାର୍ଥ ଓ ନ୍ୟାୟୋଚିତ ଅଟେ ।

**ପରିଚାଳନା ଓ ତୁଲାଜମା ବ୍ୟୟ ସମୂହ:**

୬୩) ଶକ୍ତି ଷ୍ଟେସନମାନଙ୍କର ପରିଚାଳନା ଓ ତୁଲାଜମା ବ୍ୟୟରେ କର୍ପୋରେଟ କାର୍ଯ୍ୟାଳୟ ଉଦ୍ଦେଶ୍ୟରେ ବ୍ୟୟ ପରିମାଣକୁ ଅନ୍ତର୍ଭୁକ୍ତ କରାଯିବାର ଆବଶ୍ୟକତା ଅଛି । ସତ୍ୟ ବିଗତ ୩ ବର୍ଷରେ (୨୦୦୬-୦୭ ରୁ ୨୦୦୯-୧୦) ଏହି ଶୃଙ୍ଖଳାରେ ବ୍ୟାହତି ସୃଷ୍ଟି ହୋଇଥିଲା। କାରଣ ଅନୁମାନ କରାଯାଉଥିଲା ଯେ, କର୍ପୋରେଟ କାର୍ଯ୍ୟାଳୟର ପରିଚାଳନା ନିମନ୍ତେ ଚଳିତ ମାସିକିଆ ବିଲ୍ ସହ ବାକିଆ ଶକ୍ତି ବିଲ୍‌କୁ ଗ୍ରୀଡ଼କୋ ପ୍ରଦାନ କରିବ । କିନ୍ତୁ ପାଖାପାଖି ଏକ ସଂକ୍ଷିପ୍ତ ସମୟ ଅବଧି, ଅର୍ଥାତ୍ ସେପ୍ଟେମ୍ବର, ୨୦୦୮ ପର୍ଯ୍ୟନ୍ତ ୨ ବର୍ଷର ସମୟ-ଅବଧି ବାଦ୍ ଆଉ କୌଣସି ସମୟ-ଅବଧି ପାଇଁ ଗ୍ରୀଡ଼କୋ ତା'ର ସ୍ୱୀକାରୋକ୍ତିକୁ କାର୍ଯ୍ୟକାରୀ କଲା ନାହିଁ । ଫଳରେ କର୍ପୋରେଟ କାର୍ଯ୍ୟାଳୟସମୂହର ବ୍ୟୟ ଭାରକୁ ଭରଣା କରିବାକୁ ଆଉ କୌଣସି ଆୟର ଉତ୍ସ ରହିଲା ନାହିଁ । କର୍ମଚାରୀ ବେତନ ବାବଦକୁ ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ହାର ଓ ଟର୍ମିନାଲ ଦାୟବଦ୍ଧତାର ବୃଦ୍ଧି ଯୋଗୁ କର୍ପୋରେଟ କାର୍ଯ୍ୟାଳୟର ବ୍ୟୟ ଦିନକୁ ଦିନ ବଢ଼ିଚାଲିଲା । ଉପରୋକ୍ତ ସତ୍ୟ ଓ ତଥ୍ୟର ବାସ୍ତବତାକୁ ଦୃଷ୍ଟିରେ ରଖି, ୨୦୧୦-୧୧ ଆ.ବ. ପାଇଁ ସେମାନଙ୍କର ଶକ୍ତି ଉତ୍ପାଦନର କ୍ଷମତାକୁ ଭିତ୍ତି କରି ବିଭିନ୍ନ ଶକ୍ତି ଷ୍ଟେସନମାନଙ୍କ ମଧ୍ୟରେ କର୍ପୋରେଟ କାର୍ଯ୍ୟାଳୟର ବ୍ୟୟ ଭାରକୁ ବାଣ୍ଟି ଦିଆଯାଇଛି ।

୬୪) ତାପଜ ଶକ୍ତି ଷ୍ଟେସନମାନଙ୍କ କ୍ଷେତ୍ରରେ, ସମୁଦାୟ ପରିଚାଳନା ଓ ତୁଲାଜମା (ଓ'ଆଣ୍ଡ ଏମ୍) ବ୍ୟୟର ୪୦ ପ୍ରତିଶତ ହେଉଛି କର୍ମଚାରୀଙ୍କ ବାବଦକୁ ବ୍ୟୟ ପରିମାଣ, ଅଥଚ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଓ ଚିପିଲିମା ଜଳବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ କର୍ମଚାରୀଙ୍କ ବେତନ ଓ ମଜୁରୀ ବାବଦକୁ ବ୍ୟୟ ପରିମାଣ ହେଉଛି ସମୁଦାୟ ଓ'ଆଣ୍ଡଏମ୍ ବ୍ୟୟର ୮୦ ପ୍ରତିଶତ। ପ୍ରକୃତ ବେତନ ଓ ମଜୁରୀ ଦେୟ ପରିମାଣକୁ ଭିତ୍ତି କରି ୭୦:୩୦ ଅନୁପାତରେ ଓ'ଆଣ୍ଡ ଏମ୍ ବ୍ୟୟକୁ ଭାଗ କରିଦେବା ଯୁକ୍ତିଯୁକ୍ତ ହେବ ।

୬୫) ୨୦୦୯-୧୦ ଆ.ବ. ପାଇଁ ଓଇଆରସିଙ୍କ ଦ୍ୱାରା ଅନୁମୋଦିତ ୨୮.୫୬କୋଟି ଟଙ୍କାର ବର୍ଦ୍ଧିତ ବେତନ ପରିମାଣ ଏକ ଅନ୍ଧାଧୁନିଆ ହିସାବ ଉପରେ ଆଧାରିତ ଅଟେ । ତେବେ, ୨୦୧୦-୧୧ ଆ.ବ. ପାଇଁ ବର୍ଦ୍ଧିତ ବେତନର ବାସ୍ତବ ପରିମାଣ ସମ୍ପର୍କରେ ଯାହା ଆଭାସ ମିଳେ, ତା'ର ଅଟକଳନ ୨୧କୋଟି ଟଙ୍କା । ତେଣୁ, ୭.୫୬ କୋଟି (୨୮.୫୬କୋଟି - ୨୧କୋଟି) ଟଙ୍କାର ଅବଶିଷ୍ଟ ପରିମାଣକୁ କର୍ମଚାରୀଙ୍କ ବାକିଆ ବେତନ ଓ ଦୂରାନ୍ତ ଅଞ୍ଚଳ ପାଇଁ କାର୍ଯ୍ୟରତ (ନିଯୁକ୍ତ) କର୍ମଚାରୀଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ବର୍ଦ୍ଧିତ ଭତ୍ତା (ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ହାର ପ୍ରବର୍ତ୍ତନ ଯୋଗୁ) ବାବଦକୁ ସାମିଲ କରାଯାଇପାରେ ।

୬୬) ଯେଣୁ, ୨୦୦୯-୧୦ରେ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ୟୁନିଟ-୩ ଓ ୟୁନିଟ-୪ ପାଇଁ କିଣା ଯାଇଥିବା ୯.୨୭ କୋଟି ଟଙ୍କାର ଯନ୍ତ୍ରାଂଶକୁ ଯଥାଶୀଘ୍ର ଓ'ଆଣ୍ଡ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରାଯିବାର ଅବକାଶ ନାହିଁ, ତେଣୁ ୨୦୧୦-୧୧ ଆ.ବ. ଠାରୁ ଆଗାମୀ ୫ ବର୍ଷର ସମୟ ଅବଧି ପାଇଁ ଯନ୍ତ୍ରାଂଶର ଦାମ୍‌କୁ ଓଏଚପିସି ଦାବୀ କରିଛି ।

୬୭) ରାଜ୍ୟ ଶକ୍ତି ଉତ୍ପାଦନକାରୀ ଷ୍ଟେସନମାନଙ୍କ ଉଦ୍ଦେଶ୍ୟରେ ଓ'ଆଣ୍ଡ ଏମ୍ ବ୍ୟୟ ପରିମାଣର ହିସାବ ପାଇଁ ସେମିତି କିଛି ଗାଇଡ୍‌ଲାଇନ ନ ଥିବା ନେଇ ଅନୁମତିଧାରୀ ଯେଉଁ ଦାବୀ କରିଛି, ତାହା ଠିକ୍ ନୁହେଁ। ସିଇଆରସିଙ୍କ ଗାଇଡ୍‌ଲାଇନର ଭିତ୍ତି ଉପରେ ୨୦୦୯-୧୦ ଆ.ବ. ପାଇଁ ଓଇଆରସି ଓଏଚପିସିର ଟାରିଫ ଅନୁମୋଦନ କରିଛନ୍ତି । ତେଣୁ, ୪ ପ୍ରତିଶତ ହାରରେ ଓ'ଆଣ୍ଡ ଏମ୍ ବ୍ୟୟ ବୃଦ୍ଧି ଜନିତ ଅନୁମତିଧାରୀଙ୍କର ପ୍ରସ୍ତାବକୁ ଓଏଚପିସି ଗ୍ରହଣ କରିନାହିଁ ।

୬୮) କେବଳ ଚିପିଲିମା ପାୱାର ହାଉସ୍‌କୁ ବାଦ୍ ଦେଲେ ଓଏଚପିସିର ଶକ୍ତି ଷ୍ଟେସନମାନଙ୍କର ନିର୍ବାହନ ଦକ୍ଷତା ୧୯୯୬-୯୭ ଆ.ବ. ଠାରୁ ୨୦୦୮-୦୯ ଆ.ବ. ମଧ୍ୟରେ ବୈଚରିକ ଭାବେ ବୃଦ୍ଧି ପାଇଛି । ତେବେ, ଚିପିଲିମା ପାୱାର ହାଉସ୍‌ର 'ଟ୍ରାସ୍ ର୍‌ୟାକ୍ ସଫା କରାଯିବା ମେସିନ'ର ସ୍ଥାପନା କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି । ଟ୍ରାସ୍ ର୍‌ୟାକ୍ ସଫା କରାଯିବା ମେସିନ ଚାଲୁ ହେବା ପରେ ଚିପିଲିମା ପାୱାରହାଉସର ମରାମତି ଓ ତୁଲାଜମା କାର୍ଯ୍ୟ ସମ୍ପର୍କରେ କୁହାଯାଇପାରେ ଯେ, ଚୁକ୍ତି ଭିତ୍ତିରେ କାମ କରୁଥିବା ସଂସ୍ଥା ସବୁ ଆଇନଗତ ନିୟମ ଅନୁଯାୟୀ କାର୍ଯ୍ୟ କରୁଛନ୍ତି । ମରାମତି/ତୁଲାଜମା ପାଇଁ ଆବଶ୍ୟକତାରୁ ଅଧିକ ବା ଅବାଞ୍ଛିତ ଖର୍ଚ୍ଚ କରାଯାଉଛି ବୋଲି ଅଭିଯୋଗକାରୀ ଯେଉଁ ଆରୋପ ଲଗାଇଛନ୍ତି, ତାହା ବରଂ ବାହୁଲ୍ୟ ବୋଲି କୁହାଯାଇପାରେ ।

**ମୂଲ୍ୟ-ହ୍ରାସ:**

୬୯) ଶକ୍ତି ଉତ୍ପାଦନକାରୀ ଷ୍ଟେସନର ଆୟୁଷ ପୂରିଗଲା ପରେ ପୁରୁଣା ଆସେଟ୍‌ସବୁର ସ୍ଥାନାନ୍ତରଣ ପାଇଁ ଆବଶ୍ୟକୀୟ ଅର୍ଥ ବିନିଯୋଗର ବ୍ୟବସ୍ଥା ଉଦ୍ଦେଶ୍ୟରେ ପାଖରେ ଥିବା ପୁଞ୍ଜି ହିଁ ମୂଲ୍ୟ-ହ୍ରାସ ଜନିତ ପୁଞ୍ଜି ।

୭୦) ବ୍ୟବସାୟିକ ନିର୍ବାହନର ତାରିଖଠାରୁ ପରବର୍ତ୍ତୀ ୧୨ ବର୍ଷର ଏକ ସମୟ-ଅବଧି ପର୍ଯ୍ୟନ୍ତ ଆସେଟ୍‌ସମୂହର ଅବଶିଷ୍ଟ ଉପଯୋଗୀ ଆୟୁଷ ଉପରେ କାର୍ଯ୍ୟାନ୍ୱିୟତ ହେବାକୁ ଆସେଟସମୂହର ମୂଲ୍ୟ-ହ୍ରାସ ଜନିତ ମୂଲ୍ୟ ହିଁ ଉଦ୍ଦିଷ୍ଟ ବୋଲି ବର୍ତ୍ତମାନର ସିଇଆରସି ନିୟମାବଳୀରେ ବ୍ୟବସ୍ଥା ରହିଛି । ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ସିଓଡିଠାରୁ ତଥାପି ଅଟକଳିତ ସଂଖ୍ୟକ ବର୍ଷ ପୂରା କରିବାକୁ ବାକି ଅଛି ଏବଂ ତେଣୁ ଗ୍ରୀଡ଼କୋ କହିବା ମତେ ୧.୧୬%ର ମୂଲ୍ୟ-ହ୍ରାସ ଦର-ହାର ଉପଯୁକ୍ତ ନୁହେଁ । ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରୋଜେକ୍ଟ ପାଇଁ ଓଏଚପିସି ଏବଂ ଗ୍ରୀଡ଼କୋ ମଧ୍ୟରେ ହୋଇଥିବା ଶକ୍ତି କ୍ରୟ ଚୁକ୍ତିନାମା ଅନୁଯାୟୀ ୩.୬୦ ପ୍ରତିଶତର ଦର-ହାରରେ ମୂଲ୍ୟ-ହ୍ରାସ ପରିମାଣ ଦାବୀ କରାଯାଇଛି ।

୭୧) ଓଡ଼ିଶା ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ଭାରତ ସରକାରଙ୍କ ବିଜ୍ଞପ୍ତିମତେ, ପ୍ରାକ୍-୧୯୯୨ ମାପଦଣ୍ଡ ଭିତ୍ତିରେ ଆସେଟସମୂହର ପୁସ୍ତିକା ମୂଲ୍ୟ ଉପରେ ମୂଲ୍ୟ-ହ୍ରାସର ହିସାବ କରାଯାଇଥିଲା । ସ୍ଥିରୀକୃତ ମୂଲ୍ୟ-ହ୍ରାସ ପରିମାଣ ଠାରୁ ଯେଉଁ କ୍ଷେତ୍ରରେ ଋଣ ପରିଶୋଧନୀୟତା ପରିମାଣ ଅଧିକ ହୋଇଛି, ସେ କ୍ଷେତ୍ରରେ ଓଇଆରସି ଦ୍ୱାରା ପକୃତ

ଋଣ ପରିଶୋଧନୀୟତାକୁ ଅନୁମତି ଦିଆଯାଇଛି । ଅତଏବ, ରେଂଗାଲି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ, ଅପର କୋଲାବ ଜଳ ବିଦ୍ୟୁତ ପ୍ରୋଜେକ୍ଟ ଓ ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ ୨.୫୭ ପ୍ରତିଶତ ଦର-ହାରରେ ମୂଲ୍ୟ-ହ୍ରାସ ପରିମାଣ ଦାବୀ କରାଯାଇଥିବା ସ୍ଥଳେ ବାଲିମେଳା ଓ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ ୨.୫୭ ପ୍ରତିଶତର ଦର-ହାରରେ ମୂଲ୍ୟ-ହ୍ରାସ ପରିମାଣ ଦାବୀ କରାଯାଇଥିବା ସ୍ଥଳେ ବାଲିମେଳା ଓ ହୀରାକୁଦ ଜଳ ବିଦ୍ୟୁ ପ୍ରୋଜେକ୍ଟ ଉଦ୍ଦେଶ୍ୟରେ ମୂଲ୍ୟ-ହ୍ରାସ ପରିମାଣ ଜରିଆରେ ଭରଣା ପାଇଁ ପ୍ରକୃତ ଋଣ ପରିଶୋଧନୀୟତା ପାଇଁ ଆବଶ୍ୟକତାକୁ ବିବେଚନା କରାଯାଇଥାଏ ।

୭୨) ଚିପିଲିମା, ରେଙ୍ଗାଲି ଏବଂ ଅପରକୋଲାବ କ୍ଷେତ୍ରରେ, ପ୍ରକୃତ ଋଣ ପରିଶୋଧନୀୟତା ପ୍ରତି ମୂଲ୍ୟ-ହ୍ରାସର ଭରଣା ପାଇଁ ଅନୁମତିଧାରୀଙ୍କର ଦାବୀ ନ୍ୟାୟୋଚିତ ନୁହେଁ, କାରଣ ଏହା ମୂଲ୍ୟ-ହ୍ରାସ ଭରଣା ପାଇଁ ଉଣା-ସ୍ଥିତି ସୃଷ୍ଟି କରିବ ।

**ଋଣ ଉପରେ ସୁଧ:**

୭୩) ସ୍ଥିରୀକୃତ ନିୟମ ଅନୁଯାୟୀ, ବ୍ୟବଧାନିକ ସମୟ ଉଦ୍ଦେଶ୍ୟିତ ଋଣ ଉପରେ ସୁଧ ପରିମାଣକୁ ଭରଣା କରିବା ପାଇଁ ସିଇଆରସି ଟାରିଫ ନିୟମାବଳୀ, ୨୦୦୯ ଉତ୍ପାଦନକାରୀମାନଙ୍କୁ ଅନୁମତି ଦେଇଛି । ତା'ଛଡା, ସେହି ସବୁ ଉତ୍ପାଦନକାରୀମାନଙ୍କୁ ମଧ ଉପରୋକ୍ତ ମତେ ସୁଧ ପରିମାଣ ଭରଣାର ବ୍ୟବସ୍ଥାକୁ ଅନୁମତି ଦିଆଯାଇଛି, ଯେଉଁମାନଙ୍କୁ ଓଏଚପିସି ଉପେକ୍ଷା କରି ନପାରେ । ପୂର୍ବ ବର୍ଷମାନଙ୍କରେ ବ୍ୟବଧାନିକ ସମୟ ଉଦ୍ଦେଶ୍ୟିତ ଋଣ ଉପରେ ସୁଧ ପରିମାଣକୁ ମଧ ଓଇଆର୍‌ସିଙ୍କ ଦ୍ୱାରା ଟାରିଫରେ ଅନୁମତି ଦିଆଯାଇଛି ।

**ନିବେଶିତ ମୂଳଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ :**

୭୪) ବିଏଚଇପିର ୟୁନିଟ-୭ ଓ ୟୁନିଟ - ୮ର ମୁଖ୍ୟ ବ୍ୟୟ ସଂଶ୍ଳିଷ୍ଟ ଦାମ ସମୂହର ସଂଶୋଧନ ଯୋଗୁ ହିଁ ନିବେଶିତ ମୂଳଧନର ଉର୍ଦ୍ଧ୍ୱମୁଖୀ ସଂଶୋଧନ ୨୦୦୯-୧୦ ପାଇଁ ୫୪.୭୫ କୋଟିରୁ ୨୦୧୦-୧୧ ପାଇଁ ୬୨.୬୨ କୋଟି ଟଙ୍କା ହୋଇଛି ।

୭୫) ପୁରୁଣା ଉତ୍ପାଦନକାରୀ ଷ୍ଟେସନଗୁଡିକ ପାଇଁ ଦାବୀ କରାଯାଇଥିବା ଲାଭାଂଶ ଫେରସ୍ତ ପରିମାଣ ହେଉଛି ୨୨.୬୨ କୋଟି ଟଙ୍କା ଏବଂ ପ୍ରାକ୍-ଶୁଳ୍କ ଦର-ହାରରେ ୟୁଆଇଏଚପି ପାଇଁ ୫୫.୭୭୯ କୋଟି ଟଙ୍କା । ୨୦୬୨ ମେଗାୱାଟର ଉତ୍ପାଦନ କ୍ଷମତାକୁ ବିଚାରକୁ ନେଲେ ଦାବୀ କରାଯାଇଥିବା ଲାଭାଂଶ ଫେରସ୍ତ ପରିମାଣ ଯଥେଷ୍ଟ କମ ଅଟେ । ତଜ୍ଜନିତ ଉପଲବ୍ଧ ଜମାର ପାଇପ ଲାଇନ୍‌ରେ ନୂଆ ପ୍ରୋଜେକ୍ଟ ଏବଂ ଓଏଚପିସିର ଶକ୍ତି ଷ୍ଟେସନସମୂହର ମରାମତି ଓ ତୁଲାଜମା କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ ଅଟେ ।

**କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ:**

୭୬) କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣ ୧୧.୭୫ ପ୍ରତିଶତର ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ପିଏଲ୍‌ଆର୍ ଦର-ହାର ଉପରେ ଆଧାରିତ ଅଟେ । ଗୋଟିଏ ମାସ ପାଇଁ ପରିଚାଳନା ଓ ତୁଲାଜମା ବ୍ୟୟ, ୬୦ ଦିନ ପାଇଁ ପ୍ରାପ୍ୟ ଦେୟ-ସମୂହ ଏବଂ ଯନ୍ତ୍ରାଂଶ ତୁଲାଜମାର ମୁଖ୍ୟ ଆବଶ୍ୟକତା ଉପରେ କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣ ଆଧାରିତ ଅଟେ । ଯେଣୁ, ଅନୁମତିଧାରୀଙ୍କ ଦ୍ୱାରା ହିସାବ କରାଯାଇଥିବା ଉପରୋକ୍ତ ତଥ୍ୟାବଳୀ ସେମାନଙ୍କର ନିଜ ଆକଳନ/ହିସାବ ଉପରେ ଆଧାରିତ ଅଟେ, ତେଣୁ ତାହା ସିଇଆର୍‌ସି ନିୟମାବଳୀ ଅନୁସାରୀ ନୁହେଁ । ଅତଏବ, ଉପରୋକ୍ତ ହିସାବ ନ୍ୟାୟସଂଗତ ନୁହେଁ ।

**ଜଳଭଣ୍ଡାରର ଜଳସ୍ତର ଓ ଆକଳିତ ଉତ୍ପାଦନ:**

୭୭) ଦୁର୍ବଳ ମୌସୁମୀ ପ୍ରବାହ ଯୋଗୁ ହୀରାକୁଦ ଓ ରେଙ୍ଗାଲିରୁ କମ ଶକ୍ତି ଉତ୍ପାଦନ ହୋଇଛି । 'ରୁଲ୍ କର୍ଭ' ମାଧ୍ୟମରେ ଜଳଭଣ୍ଡାର ପରିଚାଳନା ଯୋଗୁ ହୀରାକୁଦ ଓ ରେଙ୍ଗାଲିରେ ପ୍ରପାତକୁ ଶକ୍ତି ଉତ୍ପାଦନ ପାଇଁ ଉପଯୋଗୀ ଜଳ ବୋହି ଯିବାର ସ୍ଥିତି ସୃଷ୍ଟି ହୋଇଛି, ଯଦିଓ ଜଳଭଣ୍ଡାର ଏଫ୍ଆର୍ଏଲ୍‌ରେ ପହଞ୍ଚିନାହିଁ ।

୭୮) ସେହିଭଳି କମ ବୃଷ୍ଟିପାତ ଜନିତ କାରଣରୁ ଚିପିଲିମାରେ କମ ଶକ୍ତି ଉତ୍ପାଦନ ହୋଇଛି । ପାୱାର ଚ୍ୟାନେଲ୍‌ରେ ଖାଡି ସୃଷ୍ଟି ହେବା ଯୋଗୁ ଟ୍ରାସ୍ ର୍‍ୟାକ୍ ନିୟମିତ ଭାବେ ଜାମ୍ ରହୁଛି । ତେଣୁ, ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ସବୁ ୟୁନିଟରେ ସ୍ଥିତ ଟ୍ରାସ୍ ର୍‍ୟାକ୍‌ରେ ସ୍ୱୟଂଚାଳିତ ଟ୍ରାସ୍ ର୍‍ୟାକ୍ ସଫା କରିବା ମେସିନ୍‌ର ସ୍ଥାପନା ପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଛି ।

୭୯) ଅଦ୍ୟାବଧି ହୀରାକୁଦ-ଖ ଏବଂ ଚିପିଲିମା - ଖ ପ୍ରୋଜେକ୍ଟ ଦ୍ୱୟର ପ୍ରସ୍ତାବକୁ ସ୍ଥାଣୁ ପ୍ରସ୍ତାବ ଭାବରେ ବିବେଚନା କରାଯାଇଛି ।

୮୦) ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରେ ସର୍ବୋଚ୍ଚ କ୍ଷମତା ବୃଦ୍ଧି ପିକ୍ ନିର୍ଘଣ୍ଟରେ ନିୟଣ୍ଟିଆ ସ୍ଥିତିକୁ ହ୍ରାସ କରାଇଛି ଏବଂ ରାଜ୍ୟର ଉପଭୋକ୍ତାମାନଙ୍କୁ ଶକ୍ତି ବ୍ୟାହତିରୁ ରକ୍ଷା କରିଛି କିମ୍ବା ସନ୍ଧ୍ୟା/ସକାଳର ପିକ୍ ନିର୍ଘଣ୍ଟ ପାଇଁ ଉଚ୍ଚା ଦାମ୍‌ର ଶକ୍ତି କିଣାରୁ ରାଜ୍ୟକୁ ରକ୍ଷା କରିଛି । ଯେଣୁ, ଉପଭୋକ୍ତା / ହିତାଧିକାରୀଙ୍କ ଦ୍ୱାରା ଉପକାରିତା ଉପଲବ୍ଧ ହୋଇଛି, ତେଣୁ ସ୍ଥିର ଦରରେ ହିସାବ ବୃଦ୍ଧି ଉପରେ ବୋଝକୁ ବଣ୍ଟୁଆରା କରିଦେବା ନ୍ୟାୟୋଚିତ ଅଟେ ।

**୨୦୧୦-୧୧ ଆ.ବ. ପାଇଁ ଶକ୍ତିର ଉପଲବ୍ଧତା:**

୮୧) ଖୁବ ଭଲ ମୌସୁମୀ ପ୍ରବାହ ଯୋଗୁ ଓଏଚପିସି ପାଇଁ ୨୦୦୬-୦୭ ଓ ୨୦୦୭-୦୮ ବର୍ଷଦ୍ୱୟ ବ୍ୟତିକ୍ରମ ବର୍ଷ ଥିଲା । ଉପରୋକ୍ତ ୨ ବର୍ଷର ହାରାହାରି ଉତ୍ପାଦନକୁ ୨୦୧୦-୧୧ ଆ.ବ. ପାଇଁ 'ପ୍ରସଂଗିତ ବର୍ଷ' ଭାବେ ଗଣ୍ୟ କରାଯାଇ ପାରିବ ନାହିଁ । ୨୦୦୮-୦୯ରେ ଓଏଚପିସି ୫୬୬୦.୬୦୨ ଲକ୍ଷ ୟୁନିଟର ଶକ୍ତି ଉତ୍ପାଦନ କରିଥିଲା ଏବଂ ୨୦୦୯-୧୦ ଆ.ବ. ପାଇଁ ଆନୁମାନିକ ଉତ୍ପାଦିତ ପରିମାଣକୁ ୩୯୩୯.୩୨୨ ଲକ୍ଷ ୟୁନିଟ ଭାବେ ଆଶା କରାଯାଉଛି । ଅତଏବ, ଓଏଚପିସି ଦ୍ୱାରା ୭୦୦୦ ୟୁନିଟର ଶକ୍ତି ଉତ୍ପାଦନର ପ୍ରସ୍ତାବ ବାସ୍ତବରେ ହାସଲ କରିବା ସମ୍ଭବ ନୁହେଁ ।

**ସର୍ବୋଚ୍ଚ ଉପଲବ୍ଧତା:**

୮୨) ଜଳର ଉପଲବ୍ଧତା ଓ ଜଳସେଚନର ଆବଶ୍ୟକତା ଅନୁଯାୟୀ ଉତ୍ପାଦନ ଖସଡାର ଭିତ୍ତି ଉପରେ ସର୍ବୋଚ୍ଚ ଉପଲ୍ବଧତାକୁ ବିବେଚନା କରାଯାଇଛି । ୨୦୦୮-୦୯ ଠାରୁ ୨୦୦୯-୧୦ ପର୍ଯ୍ୟନ୍ତ 'ସର୍ବୋଚ୍ଚ କ୍ଷମତା'ର ମାସ-ୱାରୀ ଉପଲ୍ବଧତାକୁ ଓଇଆରସିଙ୍କ ସମକ୍ଷରେ ଉପସ୍ଥାପନ କରାଯାଇଛି ।

**ବିବିଧ ଆୟ:**

୮୩) ଋଣ ପରିଶୋଧ ଉପରେ ପିଏଫ୍‌ସିରୁ ପ୍ରାପ୍ତ ୧୪.୨୨ ଲକ୍ଷ ଟଙ୍କାର ନଗଦ ରିହାତି ଏବଂ ମେସର୍ସ ଗ୍ରୀଡ୍‌କୋ ବନ୍ଧକସମୂହରୁ ପ୍ରାପ୍ତ ନାମମାତ୍ର ସୁଧ ପରିମାଣ ଓଏଚପିସିର ଉତ୍ତମ ଆର୍ଥିକ ପରିଚାଳନା ଯୋଗୁ ହିଁ ସମ୍ଭବ ହୋଇଛି । ଓଏଚପିସିର ଏଆର୍ଆର୍ / ଟାରିଫ ପ୍ରସ୍ତାବରେ ବିବେଚନା କରିବା ପାଇଁ ଆୟୋଗ ଆଉ ସେଭଳି କିଛି ଆୟକୁ ଚିହ୍ନଟ କରିନାହାନ୍ତି ।

**ବାସ୍ତବାୟନ:**

୮୪)  କେଶ୍-ନଂ-୩୮/୨୦୦୫ରେ ୨୨.୧୦.୨୦୦୫ର ଆଦେଶନାମା ମୂଳେ ଓଇଆରସି ପ୍ରକାଶ କରିଛନ୍ତି ଯେ, 'ମାଧ୍ୟମିକ ଶକ୍ତି' (ଝରମକ୍ଷଭୟବକ୍ଷଛ ରଭରକ୍ଷଶଛ) ବିକ୍ରୀରୁ ଉପାର୍ଜିତ ରାଜସ୍ୱକୁ ଓଏଚପିସିର ସ୍ୱଭାବିକ ଜମାର ଏକ ଅଂଶବିଶେଷ ଭାବରେ ରଖାଯାଇପାରେ; କିନ୍ତୁ କମ୍ ବୃଷ୍ଟିପାତ ହେଉଥିବା ବର୍ଷରେ ଓଏଚପିସିର କମ ଶକ୍ତି ଉତ୍ପାଦନ ଜନିତ ନିଅଣ୍ଟିଆ ରାଜସ୍ୱକୁ ସହାୟତା ଦେବାରେ ସେହି ଜମାକୁ ବିନିଯୋଗ କରାଯିବ । ଉପରଲିଖିତ ଆଦେଶନାମା ତାରିଖର ପରବର୍ତ୍ତୀ ସମୟ ଠାରୁ ଦୁର୍ବଳ ମୌସୁମୀ ପ୍ରବାହ ପାଇଁ ଓଏଚପିସିକୁ କୌଣସି କ୍ଷତିପୂରଣ ଦିଆଯାଇନାହିଁ । ବୃଷ୍ଟିପାତର ସ୍ଥିତିକୁ ନେଇ ନିଅଣ୍ଟିଆ ରାଜସ୍ୱ/ରାଜସ୍ୱରେ ନିମ୍ନତର ଭରଣା ଏବଂ ୧୯୯୬-୯୭ ରୁ ୨୦୦୮-୦୯ ପର୍ଯ୍ୟନ୍ତ 'ମାଧ୍ୟମିକ ଶକ୍ତି' ବିକ୍ରୀରୁ ଉପାର୍ଜିତ ଅତିରିକ୍ତ ରାଜସ୍ୱର ଏକ ବିଶ୍ଳେଷଣରୁ ଜଣାପଡିଛି ଯେ, ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ ମାତ୍ର ୪୦.୦୪ କୋଟି ଟଙ୍କାର ରାଜସ୍ୱ ଆୟ କରିଛି ।

**ଏସ୍ଏଲ୍ଡିସିର ଦେୟ ଓ ଦେୟ-ଦର ଉପରେ ଅତିରିକ୍ତ ଉପସ୍ଥାପନା:**

୮୫)  ଏସ୍ଏଲ୍ଡିସିର 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଦେୟସମୂହ ଓ ଦେୟ-ଦର ସମୂହକୁ ଉପଭୋକ୍ତାମାନେ ବହନ କରିବାକୁ ଓପିଟିସିଏଲ୍ ଆୟୋଗଙ୍କ ସମକ୍ଷରେ ଦରଖାସ୍ତ ଦାଖଲ କରିଛି । ଦାଖଲ କରାଯାଇଥିବା ନଥି ଅନୁଯାୟୀ, ଏସ୍ଏଲ୍ଡିସିକୁ

ଓଏଚପିସି ଦେୟ ଓ ଦେୟ-ଦର ବାବଦକୁ ବାର୍ଷିକ ୩୪୮.୪୨୧ ଲକ୍ଷ ଟଙ୍କାର ଏକ ପରିମାଣ ଦେବାକୁ ପଡିବ । ଅବଶ୍ୟ ଓଏଚପିସି ଏ ନେଇ ଆୟୋଗଙ୍କ ସମକ୍ଷରେ ତା'ର ଅଭିଯୋଗ/ପରାମର୍ଶ ବାଢ଼ିଛି । ଏସ୍ଏଲ୍ଡିସି ଉଦ୍ଦେଶ୍ୟରେ ଦେୟ ଓ ଦେୟ-ଦରର ଅନୁମୋଦନ ଅନୁଯାୟୀ, ୨୦୧୦-୧୧ ଆ.ବ. ପାଇଁ ଓଏଚପିସି ଏସ୍ଏଲ୍ଡିସିକୁ ଦେବାକୁ ଥିବା ଦେୟ ଓ ଦେୟ-ଦର ସମୂହ ସିଧାସଳଖ ଭାବେ ଗ୍ରୀଡ଼କୋ ଠାରୁ ଭରଣା କରିବାକୁ ଓଇଆର୍ସି ଅନୁମତି ଦେଇପାରନ୍ତି ।

**ମାପଦଣ୍ଡ ଭିତ୍ତିକ ବାର୍ଷିକ ପ୍ଲାଣ୍ଟ ଉପଲବ୍ଧତା ଫାକ୍ଟର:**

୮୬)  ସିଇଆରସିଭ ତାରିଫ ନିୟମାବଳୀ, ୨୦୦୯ର ଉପଧାରା-୨୭.୧(ସସସ) ନିର୍ଦ୍ଧାରଣ କରିଛି ଯେ, ଯେଉଁଠାରେ ଗୁଳ୍ମ ଓ ଖାଡି ଆଦି ପ୍ଲାଣ୍ଟର ଉପଲବ୍ଧତା କାଦୁଅ ଦ୍ୱାରା ପ୍ରଭାବିତ ନୁହେଁ, ସେ କ୍ଷେତ୍ରରେ ୮ ପ୍ରତିଶତରୁ ଅଧିକ ଭାବେ ଏଫ୍ଆର୍ଏଲ୍ ଏବଂ ଏମ୍ଡିଡିଏଲ୍ ମଧ୍ୟରେ 'ପ୍ଲାଣ୍ଟର ଶୀର୍ଷଭାଗର ପାର୍ଥକ୍ୟ' ସହ ଜଳଭଣ୍ଡାର ଓ ପୁଷ୍କରିଣୀରେ ବଢ଼ୁଥିବା ପ୍ଲାଣ୍ଟ ବା ଗୁଳ୍ମାଦିକୁ ବିଚାରକୁ ନିଆଯିବ । ଜଳଭଣ୍ଡାରର ଜଳସ୍ତର ପ୍ରତି ପରବର୍ତ୍ତୀ ମାସରେ ଯେତିକି କମୁଥିବ, ଏବଂ ସେହି ଅନୁଯାୟୀ, ଉତ୍ପାଦନ କ୍ଷମତାର ମେଗାୱାଟ ହିସାବରେ ହ୍ରାସ ଜନିତ ସ୍ଥିତିକୁ ବିଚାରକୁ ନିଆଯାଇ ଏନ୍ଏପିଏଫ୍ରେ ସୁ-ନିର୍ଦ୍ଦିଷ୍ଟ ଶ୍ରେଣୀର ପ୍ଲାଣ୍ଟକୁ ଦୃଷ୍ଟିରେ ରଖି ଭଡା ଦିଆଯିବ । ଏକ ସାଧାରଣ ଗାଇଡ୍ଲାଇନ ହିସାବରେ, ଗୁଣିତକ ପ୍ରଣାଳୀରେ ଏହି ଦିଗରେ ଭଡାକୁ ପରବର୍ତ୍ତୀ ପ୍ଲାଣ୍ଟ ଅଗ୍ରଭାଗର ବାର୍ଷିକ ହାରାହାରି ପ୍ରଦର୍ଶନରୁ ନିମ୍ନଲିଖିତ ସୂତ୍ରକୁ ପ୍ରୟୋଗ କରି ହିସାବ କରାଯାଇପାରେ ।

(ହାରାହାରି ଅଗ୍ରଭାଗ / ପ୍ରକରଣିତ ଅଗ୍ରଭାଗ) +୦.୦୨

ଏଭଳି ପ୍ରଦର୍ଶନ ଯେଉଁ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଥିବ, ଯେ କ୍ଷେତ୍ରରେ ବିକଳ୍ପ ଭାବେ ଗୁଣନକାରୀ ଫାକ୍ଟରକୁ ନିମ୍ନମତେ ନିର୍ଦ୍ଧାରଣ କରାଯଇପାରେ।

(ଏମ୍ଡିଡିଏଲ୍ରେ ଅଗ୍ରଭାଗ / ପ୍ରକରଶିତ ଅଗ୍ରଭାଗ) ×୦.୫+୦.୫୨

୮୭)  ଏଆର୍ଆର୍ ଉଦ୍ଦେଶ୍ୟରେ ଓଏଚପିସିର ଦରଖାସ୍ତ ଅନୁଯାୟୀ, ୨୦୦୮-୦୯ ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ହାରାହାରି ଅଗ୍ରଭାଗ ହେଉଛି ୩୪.୯୪ ମିଟର । ମେସର୍ସ ଗ୍ରୀଡ଼କୋ ଦ୍ୱାରା ଦାବୀ କରାଯାଇଥିବା ମତେ, ୩୬.୬୭ ମିଟରର

ହିସାବକୁ ସେହି ଅନୁସାରେ ସଂଶୋଧନ କରାଯାଇପାରେ । ଅତଏବ, ୨୦୦୭-୦୮ ଓ ୨୦୦୮-୦୯ରେ ହାରାହାରି ପ୍ଲାଣ୍ଟ ଅଗ୍ରଭାଗ ହେଉଛି ୩୪.୭୯ ମିଟର; କିନ୍ତୁ ମେସର୍ସ ଗ୍ରୀଡ଼କୋର ହିସାବ ଅନୁଯାୟୀ ୩୬.୧୬ ମିଟର ନୁହେଁ ।

୮୮) 'ଅଗ୍ରଭାଗ ପାର୍ଥକ୍ୟ' ଯୋଗୁ ଭଡା ହିସାବ ପାଇଁ 'ହାରାହାରି ଅଗ୍ରଭାଗ'ର ସିଦ୍ଧାନ୍ତ ନିମ୍ନୋକ୍ତ କାରଣସମୂହ ପାଇଁ ହିଁ ବିବେଚନାଯୋଗ୍ୟ ।

ଉତ୍କୃଷ୍ଟ ମୌସୁମୀ ପ୍ରବାହ ଯୋଗୁ ଜଳଭଣ୍ଡାରରେ ଜଳର ସୁଲଭ ଉପଲବ୍ଧତାର ହିସାବରେ 'ହାରାହାରି ଅଗ୍ରଭାଗ'ର ହିସାବ ବାହାର କରିବାକୁ ଉପରୋକ୍ତ ଦୁଇ ବର୍ଷକୁ ଉଚିତ ବର୍ଷ ଭାବେ ଗ୍ରହଣ କରାଯାଇଛି ।

ଦୁର୍ବଳ ମୌସୁମୀ ପ୍ରବାହ ହୋଇଥିବା ବର୍ଷରେ, ଉପରୋକ୍ତମତେ ହିସାବ କରାଯାଇଥିବା ହାରାହାରି ହେଡ଼କୁ ହାସଲ କରିବା ପ୍ରାୟତଃ କଷ୍ଟକର ଅଟେ । ତା'ଛଡା, ଗୋଟିଏ ବର୍ଷରେ ସବୁ ମାସର, ଅର୍ଥାତ୍ ୧୨ ମାସର ହାସଲ ଯୋଗ୍ୟ ହେଡ୍‌କୁ ଦାବୀ କରିବା ନେଇ ସେମିତି କିଛି ତଥ୍ୟର ଉପଲବ୍ଧତା ନାହିଁ ।

୮୯) ଦ୍ୱିତୀୟ ପଦ୍ଧତି, ଯେଉଁ କ୍ଷେତ୍ରରେ ଏମ୍‌ଡିଡିଏଲ୍‌ରେ ହେଡ୍ ଏବଂ ର୍‌ୟାଟେଡ ହେଡ଼ ହେଉଛି ଆକାରାୟିତ ମାପକ ସମୂହ, ସେ କ୍ଷେତ୍ରରେ ହେଡ୍ ପାର୍ଥକ୍ୟ ଯୋଗୁ ଉଦ୍ଦେଶ୍ୟିତ ଭଡା ପରିମାଣକୁ ଉପନୀତ ହେବା ନିମନ୍ତେ ଏହି ମାପକ ସମୂହକୁ ବିଚାରକୁ ନିଆଯିବା ବିଜ୍ଞତାର ପରିଚାୟକ ହେବ ।

୯୦) ଓଏଚପିସି ତା'ର ଉପସ୍ଥାପିତ ଏଆର୍‌ଆର୍ ଦରଖାସ୍ତରେ, ସବୁଠାରୁ ଭଲ ବର୍ଷା ହୋଇଥିବା ବର୍ଷ, ଅର୍ଥାତ୍ ୨୦୦୭-୦୮ ଓ ୨୦୦୮-୦୯ ବର୍ଷରେ ସିଇଆରସି ଗାଇଡ୍‌ଲାଇନ ଅନୁଯାୟୀ ଏନଏପିଏଏଫ୍‌ର ହିସାବ କରିଛି । ୧୨.୧.୨୦୧୦ର ଚିଠି - ନଂ-୨୭୦ ମୂଳେ ଆୟୋଗଙ୍କର ଯାଞ୍ଚକାରୀ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ସ୍ୱରୂପ ଓଏଚପିସି ଏନ୍‌ଏପିଏଏଫ୍‌ର ସବିଶେଷ ହିସାବ ଓ ବିଶ୍ଳେଷଣାତ୍ମକ ତଥ୍ୟକୁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଛି ।

**ମାଛକୁଣ୍ଡ ଜଳ ବିଦ୍ୟୁତ୍ (ଯୁଗ୍ମ) ସ୍କିମ:**

୯୧) ୧୯୯୭-୯୮ ଠାରୁ ୩୧.୩.୨୦୧୧ ପର୍ଯ୍ୟନ୍ତ ରୟାଲ୍‌ଟି ପରିମାଣକୁ ଓଏଚପିସିର ଏଆର୍‌ଆର୍‌ରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୧୦-୧୧ ପାଇଁ ଏଆର୍‌ଆର୍ ଜରିଆରେ ଗ୍ରୀଡ଼କୋ ଏହି ପରିମାଣକୁ ପ୍ରାପ୍ତ ହେବ ଓ ଓଏଚପିସିକୁ ପେମେଣ୍ଟ କରିବ ।

(୯୨) ୪ ପ୍ରତିଶତ ହାରରେ ଓ'ଆଣ୍ଡଏମ୍ ବ୍ୟୟ ପରିମାଣ ବୃଦ୍ଧିର ପ୍ରସ୍ତାବ ସିଇଆରସି ନିୟମାବଳୀ ଅନୁସରଣ କରି କରାଯାଇନାହିଁ । ତେଣୁ, ଅନୁମତିଧାରୀଙ୍କ ଦ୍ୱାରା ପ୍ରସ୍ତାବିତ ତାରିଫରେ ବିବେଚନା ପାଇଁ ଔଚିତ୍ୟ ନାହିଁ ।

**ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ:**

(୯୩) ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର କାର୍ଯ୍ୟ ନିର୍ବାହନରେ ବିଳମ୍ବଜନିତ କାରଣ ଓ ସମସ୍ୟାସମୂହ ନିମ୍ନ ପ୍ରକାରରେ ଅଟେ ।

କ) କାର୍ଯ୍ୟ କ୍ଷେତ୍ରରେ ଘନ ଘନ ଆଇନ ଶୃଙ୍ଖଳା ସୃଷ୍ଟି ହେବା

ଖ) ଜଳସମ୍ବଳ ବିଭାଗ ହାତକୁ ନେଇଥିବା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ

ଗ) କେନାଲ୍‌ରେ ବାରମ୍ବାର ତ୍ରୁଟି ସଂଘଟିତ ହେବା ଓ ଖାଡି ସମସ୍ୟା

ଘ) ମେସିନ ଚଳାଇବା ପାଇଁ ନିଅଣ୍ଟିଆ ଜଳ ଉପଲବ୍ଧତା

ଙ)	ୟୁନିଟଗୁଡିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଚଲୁ କରିବାରେ ଦାୟିତ୍ୱ ନେଇଥିବା ମେସର୍ସ ବି'ଆଣ୍ଡ ସି' ଇଞ୍ଜିନିୟରିଂ ଲିମିଟେଡ, ଚେନ୍ନାଇର ଅହେତୁକ ବିଳମ୍ବ

### ୮.୨.୨୦୧୦ର ଶୁଣାଣି ବେଳେ ନିର୍ଦ୍ଦେଶକ(ଟାରିଫ)ଙ୍କ ଦ୍ୱାରା ଉଦ୍ରେକିତ ଯାଞ୍ଚକାରୀ ପ୍ରଶ୍ନସମୂହ:

(୯୪)	ଓଏଚପିସି ଉପସ୍ଥାପନ କରିଥିବା ଆୟ ବ୍ୟୟର ବିବରଣୀରୁ ଜଣାପଡିଛି ଯେ, ୨୦୦୯ ବର୍ଷର ଶେଷ ସୁଦ୍ଧା ୭୫୧.୧୪ କୋଟି ଟଙ୍କା ବଳକା ହୋଇଛି । ତା'ପରବର୍ତ୍ତୀ ସମୟରେ ଏହି ବଳକା ସ୍ଥିତି କାହିଁକି ଜାରି ରହିପାରିନାହିଁ, ସେ ନେଇ ଓଏଚପିସି ଆୟୋଗଙ୍କ ସମକ୍ଷରେ କାରଣ ଦର୍ଶାଇଛି । ତା'ଛଡା, ଟର୍ମିନାଲ ଲାଏବିଲିଟିଜ ଫଣ୍ଡ ବା ବ୍ୟବଧାନିକ ସମୟ ପାଇଁ ଦାୟବଦ୍ଧ ଜମା, ଦୁର୍ବଳ ମୌସୁମୀ ଜନିତ ସ୍ଥିତିକୁ ମୁକାବିଲା ପାଇଁ ଜମା, ଯୁଗ୍ମ ଉଦ୍ୟୋଗ ଉଦ୍ଦେଶ୍ୟିତ ଜମା, ମୂଲ୍ୟ-ହ୍ରାସ ଜନିତି ସ୍ଥିତି ପାଇଁ ଜମା ଆଦି ପାଇଁ ଉଦ୍ଦିଷ୍ଟ ସେହି ବଳକା ପରିମାଣକୁ ଓଏଚପିସି କିଭଳି ବିନିଯୋଗ କରିଛି, କ୍ଷମତାସିଦ୍ଧି ତଥ୍ୟ ପ୍ରମାଣ ସହିତ ତା'ର ନ୍ୟାୟିକତା ଓ ଔଚିତ୍ୟକୁ ଓଏଚପିସି ବ୍ୟବସ୍ଥିତ ଭାବେ ଉପସ୍ଥାପନ କରିବାକୁ ମଧ ନିର୍ଦ୍ଦେଶକ (ଟାରିଫ) ଓଏଚପିସିକୁ ନିର୍ଦ୍ଦେଶ ଦେଇଛନ୍ତି । ପୁନଶ୍ଚ, ଏହି ସବୁ ନିବେଶରୁ ଯେଉଁ ସୁଧ ପରିମାଣ ଉପାର୍ଜନ ହୋଇଛି, ତା'ର ପରିମାଣ ଉଲ୍ଲେଖ ସହ ଉପସ୍ଥାପନ କରିବାକୁ ନିର୍ଦ୍ଦେଶକ (ଟାରିଫ) ଓଏଚପିସିକୁ ନିର୍ଦ୍ଦେଶ ଦେଇଛନ୍ତି ।

### ଓଏଚପିସିର ପୁରୁଣା ଶକ୍ତି ଷ୍ଟେସନମାନଙ୍କ ପାଇଁ ଶକ୍ତି କ୍ରୟ ଚୁକ୍ତିନାମା:

(୯୫)	ଆୟୋଗଙ୍କର ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରୁ ଜାଣିବାକୁ ମିଳିଛି ଯେ, ୨୦.୧୧.୨୦୦୯ରେ ଗ୍ରୀଡ଼କୋ ସହ ଓଏଚପିସିର ପୁରୁଣା ଶକ୍ତି ଷ୍ଟେସନସମୂହର ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ତେଣୁ, ଆବଶ୍ୟକୀୟ ଅନୁମୋଦନ ନିମନ୍ତେ ଗ୍ରୀଡ଼କୋ ସହ ପରାମର୍ଶ କରି ଓଏଚପିସି ଶକ୍ତି କ୍ରୟ ଚୁକ୍ତିନାମା ଉପସ୍ଥାପନାର ପ୍ରକ୍ରିୟାକୁ ଆଗେଇ ନେଇଯିବା ବାଞ୍ଛନୀୟ ଅଟେ ।

### ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଆଇନଗତ ସ୍ଥିତି:

(୯୬)	୨୦୧୦-୧୧ ପାଇଁ ଏଆର୍‌ଆର୍ ଦରଖାସ୍ତରେ ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଆଇନଗତ ସ୍ଥିତି ଓ ଭିତ୍ତି ସମ୍ପର୍କରେ ପ୍ରତିଫଳନ ପ୍ରଦର୍ଶନ ହୋଇନାହିଁ । ପ୍ରୋଜେକ୍ଟ ପାଇଁ ବ୍ୟୟ କରାଯାଇଥିବା ଅର୍ଥ ପରିମାଣର ସବିଶେଷତା ଦର୍ଶାଇ ତା'ର ସଦ୍ୟତମ ସ୍ଥିତି ଓ ଭିତ୍ତି ସହ ପ୍ରୋଜେକ୍ଟ କାର୍ଯ୍ୟ ନିର୍ବାହନରେ ବିଳମ୍ବର କାରଣକୁ ଉପସ୍ଥାପନ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ।

### ୮.୨.୨୦୧୦ର ଶୁଣାଣି ବେଳେ ନିର୍ଦ୍ଦେଶକ (ଟାରିଫ)ଙ୍କ ଦ୍ୱାରା ଉଦ୍ରେକିତ ପ୍ରଶ୍ନର ଉତ୍ତର (ପରିଚ୍ଛେଦ ୯୭ ରୁ ୧୦୦):

(୯୭)	୮.୨.୨୦୧୦ରେ ଶୁଣାଣି ବେଳେ ନିର୍ଦ୍ଦେଶକ (ଟାରିଫ)ଙ୍କ ଦ୍ୱାରା ଉଦ୍ରେକିତ ପ୍ରସଂଗସମୂହ ଉତ୍ତରରେ ଓଏଚପିସି ଯେଉଁ ଉତ୍ତର ଦେଇଥିଲା, ତାହାକୁ ନିମ୍ନମତେ ସାରାଂଶୀକରଣ କରାଗଲା ।

### ୭୫୧.୧୪କୋଟି ଟଙ୍କାର ବଳକା ଅର୍ଥର ସବିଶେଷତା

(୯୮)	୩୦ ନଭେମ୍ବର, ୨୦୦୯ ସୁଦ୍ଧା ପ୍ରାପ୍ତ ସୁଧ ପରିମାଣକୁ ମିଶାଇ ଉପରୋକ୍ତ ବଳକା ଅର୍ଥକୁ ନିମ୍ନୋକ୍ତ ଦାୟବଦ୍ଧ ଦାୟିତ୍ୱ ନିର୍ବାହନ ସକାଶେ ଉଦ୍ଦିଷ୍ଟ କରାଯାଇଛି ।

କ)	ଟର୍ମିନାଲ (ପେନ୍‌ସନ) ଦାୟବଦ୍ଧତା - ୧୪୦.୯୫ କୋଟି ଟଙ୍କା

ଖ)	ଦୁର୍ବଳ ମୌସୁମୀ ଜନିତ ନିଅଣ୍ଟିଆ ଆର୍ଥିକ ସ୍ଥିତିର ମୁକାବିଲା ପାଇଁ ଜମାକୃତ ୪୦.୦୫ କୋଟି ଟଙ୍କା

ଗ)	ଯୁଗ୍ମ ନିବେଶ ଜନିତ ଜମା - ୧୦୦.୦୦କୋଟି ଟଙ୍କା

ଘ)	ମାଛକୁଣ୍ଡ ଜମା - ୧୦୦.୦୦କୋଟି ଟଙ୍କା

ଙ)	ବିବିଧ ଦାୟବଦ୍ଧତା - ୨୦.୦୦କୋଟି ଟଙ୍କା

ଚ)	ମୂଲ୍ୟ-ହ୍ରାସ ସ୍ଥିତିର ମୁକାବିଲା ପାଇଁ ଜମା - ୩୩୬.୧୪କୋଟି ଟଙ୍କା

ଛ)	ଚଳନ୍ତି କାର୍ଯ୍ୟକାରୀ ମୂଳଧନ - ୧୪.୦୦କୋଟି ଟଙ୍କା

ଏହି ସବୁ ନଗଦ ବଳକା ପରିମାଣକୁ ନିର୍ଦ୍ଦିଷ୍ଟ କୋଟେସନ ବିପକ୍ଷରେ ଭିନ୍ନ ଭିନ୍ନ ଅଫର୍ ଦ୍ୱାରା ନିର୍ଦ୍ଧାରିତ ପ୍ରତିଦ୍ୱନ୍ଦିତାମୂକ ସୁଧ-ହାରରେ ଜାତୀୟକରଣ ବ୍ୟାଙ୍କରେ 'ସ୍ୱଳ୍ପକାଳୀନ ସ୍ଥିର ଜମା' ଭାବରେ ଜମା କରାଯିବାକୁ ଆୟୋଗଙ୍କ ଦ୍ୱାରା ସ୍ଥିରୀକରଣ କରାଯାଇଛି ।

ବିବିଧ ଆୟ ମଧ୍ୟରେ ଟେଣ୍ଡର ସାମଗ୍ରୀସମୂହରୁ ବିକ୍ରୀଲବ୍ଧ ଅର୍ଥ, ସ୍କ୍ରାପ୍ ବିକ୍ରୀରୁ ଉପଲବ୍ଧ ଆୟ, ଦେୟ ଖିଲାପ କରୁଥିବା ଯୋଗାଣକାରୀ/କଣ୍ଟ୍ରାକ୍ଟରମାନଙ୍କ ଠାରୁ ଜୋରିମାନା ଅର୍ଥ ଆଦି ଅନ୍ତର୍ଭୁକ୍ତ ଅଟେ ।

**ଓଏଚପିସିର ପୁରୁଣା ଶକ୍ତି ଷ୍ଟେସନସମୂହ ପାଇଁ ଶକ୍ତି କ୍ରୟ ଚୁକ୍ତିନାମା:**

(୯୯)	ଖୁବ୍ ଶୀଘ୍ର ଗ୍ରୀଡ଼କୋ ସହ ପରାମର୍ଶ କ୍ରମେ ଓଏଚପିସି ପୁରୁଣା ଶକ୍ତି ଷ୍ଟେସନମାନଙ୍କର ଶକ୍ତି କ୍ରୟ ଚୁକ୍ତିନାମାକୁ ନିର୍ଦ୍ଦେଶ ଅନୁଯାୟୀ ଆୟୋଗଙ୍କୁ ଉପସ୍ଥାପନ କରିବ ।

**ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଆଇନଗତ ସ୍ଥିତି:**

୧୦୦)	୧୦, ଜୁଲାଇ ୨୦୦୯ରେ ଅନୁଷ୍ଠିତ ଓଏଚପିସିର 'ନିର୍ଦ୍ଦେଶକ ମଣ୍ଡଳୀ'ଙ୍କର ୯୪ ତମ ବୈଠକରେ ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ସମ୍ପର୍କରେ ଫଇସଲା କରିଦେବା ପାଇଁ ଅନୁମତି ପ୍ରାପ୍ତି ନିମନ୍ତେ ଆତ୍ମପକ୍ଷ ସମର୍ଥନର ଏକ ବିବରଣୀ ଲିପିବଦ୍ଧ କରି ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗକୁ ଏକ ପ୍ରସ୍ତାବ ଦେବାକୁ ଓଏଚପିସିକୁ ପରାମର୍ଶ ଦିଆଯାଇଥିଲା । ସବୁ ଆସେଟ୍ ଓ ଦାୟବଦ୍ଧତା ଯେମିତି ଅଛି, ସେମିତି ଅବସ୍ଥାରେ ଥାଇ, ସରକାରଙ୍କ ଠାରୁ ଉପଯୁକ୍ତ ଅନୁମୋଦନ ପାଇବା ପରେ ପ୍ରୋଜେକ୍ଟକୁ ସିଧାସଳଖ ବିକ୍ରୀ କରିଦେବା ହିଁ ପ୍ରସ୍ତାବର ଉଦ୍ଦେଶ୍ୟ ଥିଲା । ୧୧.୯.୨୦୦୯ର ଚିଠି ନଂ-୭୪୯୦ (ଡବ୍ଲୁଇ)ମୂଳେ, ଓଏଚପିସି ପ୍ରୋଜେକ୍ଟର ଫଇସଲା ପାଇଁ ଅନୁମତି ଦେବା ନିମନ୍ତେ ଓଡ଼ିଶା ସରକାରଙ୍କୁ ଲେଖିଛନ୍ତି । ସରକାରଙ୍କ ଠାରୁ ଅନୁମତିକୁ ଅପେକ୍ଷା କରାଯାଇଛି । ୩୧.୩.୨୦୧୦ ସୁଦ୍ଧା ପୋଟେରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ସମୁଦାୟ ବ୍ୟୟ ପରିମାଣକୁ ୩୭.୪୩ କୋଟି ଟଙ୍କାରେ ଅଟକଳନ କରାଯାଇଛି ।

**ଓଡ଼ିଶା ସରକାରଙ୍କ ମତାୟନ:**

୧୦୧)	ଗ୍ରୀଡ଼କୋ/ଓଏଚପିସିର ଆସେଟ୍ସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନ ସମ୍ପର୍କରେ ଓଡ଼ିଶା ସରକାରଙ୍କ ପ୍ରତିନିଧି କହିଥିଲେ ଯେ, ୨୦୧୦-୧୧ ଆ.ବ. ପର୍ଯ୍ୟନ୍ତ ଗ୍ରୀଡ଼କୋ ଏବଂ ଓଏଚପିସିର ଆସେଟ୍ସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ସେକ୍ଟରର ସବୁ ଅଂଶୀଦାରମାନଙ୍କୁ ସୂଚନା ଦେଇ ସରକାର ଆବଶ୍ୟକୀୟ ବିଜ୍ଞପ୍ତି ଜାରି କରିଛନ୍ତି । ୨୭.୦୧.୨୦୧୦ ତାରିଖର ଚିଠି-ନଂ-ଜେଡି(ଏଫ୍)-୧୭୫/୦୨/୩୨୩୫ ମୂଳେ ଓଇଆରସିଙ୍କୁ ଜଣାଇବା ପରେ ଓଇଆରସିଙ୍କର ପରାମର୍ଶକୁ ଭିତ୍ତି କରି ଉପରୋକ୍ତ ବିଜ୍ଞପ୍ତିର ସଂଶୋଧନ ପାଇଁ ଅବଶ୍ୟ ସରକାରୀ ଅଦେଶନାମା ପ୍ରାପ୍ତ କରାଯିବ ।

**'ରାଜ୍ୟ ଉପଦେଷ୍ଟା କମିଟି'ର ନିରୀକ୍ଷଣ (ପରିଚ୍ଛେଦ - ୧୦୨ରୁ ୧୧୫) :**

୧୦୨) ଓଏଚପିସି, ଓପିଟିସିଏଲ୍, ଗ୍ରୀଡ଼କୋ, ଏସ୍ଏଲ୍ଡିସି, ନେସ୍କୋ, ସାଉଥ୍କୋ ଏବଂ ସେସୁ ନାମଧାରୀ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷଙ୍କର ୨୦୧୦-୧୧ ଆର୍ଥିକ ବର୍ଷ ପାଇଁ 'ବାର୍ଷିକ ରାଜସ୍ୱ ଆବଶ୍ୟକତା' ଓ ଦରସୂଚୀ ଦରଖାସ୍ତ

ଉପରେ ବିମର୍ଶାଲୋଚନା ପାଇଁ ବିଦ୍ୟୁତ ଆକ୍ଟ, ୨୦୦୩ର ବିଭାଗ-୮୭ ଅଧିନରେ ଗଠିତ ରାଜ୍ୟ ଉପଦେଷ୍ଟା କମିଟି (ସାକ୍)ର ଏକ ବୈଠକ ୧୮.୨.୨୦୧୦ରେ ଆହୂତ ହୋଇଥିଲା ।

୧୦୩) ନିମ୍ନ ଉଲ୍ଲେଖମତେ, ନିର୍ଦ୍ଦେଶକ (ଟାରିଫ) ୨୦୧୦-୧୧ ଆ.ବ. ପାଇଁ ଏଆର୍ଆର୍ ଏବଂ ଟାରିଫ ଦରଖାସ୍ତ ଉପରେ ଏକ ସଂକ୍ଷିପ୍ତ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

**ସାରଣୀ-୧୦**

| **ଲାଇସେନ୍ସ ପ୍ରାପ୍ତ ସଂସ୍ଥାର ନାମ** | ଆର୍ଥିକ ବର୍ଷ ୨୦୦୯-୧୦ରେ ଓଇଆରସି ଅନୁମୋଦିତ **ବାର୍ଷିକ ରାଜସ୍ୱ ଚାହିଦା (କୋଟି ଟଙ୍କାରେ)** | ଆର୍ଥିକ ବର୍ଷ ୨୦୧୦-୧୧ରେ ପ୍ରସ୍ତାବିତ **ବାର୍ଷିକ ରାଜସ୍ୱ ଚାହିଦା (କୋଟି ଟଙ୍କାରେ)** | ଆର୍ଥିକ ବର୍ଷ ୨୦୧୦-୧୧ପାଇଁ ପ୍ରସ୍ତାବିତ **ବାର୍ଷିକ ରାଜସ୍ୱ ଚାହିଦା ବୃଦ୍ଧିର ପ୍ରତିଶତ** | ଆର୍ଥିକ ବର୍ଷ ୨୦୦୯-୧୦ରେ ଓଇଆରସି ଅନୁମୋଦିତ **ଶୁଳ୍କ (ପଇସା/କିଲୋୱାଟ୍)** | ଆର୍ଥିକ ବର୍ଷ ୨୦୦୯-୧୦ରେ ପ୍ରସ୍ତାବି **ଶୁଳ୍କ (ପଇସା/କିଲୋୱାଟ୍)** | ଆର୍ଥିକ ବର୍ଷ ୨୦୧୦-୧୧ପାଇଁ ପ୍ରସ୍ତାବିତ **ଶୁଳ୍କ ବୃଦ୍ଧିର ପ୍ରତିଶତ** |
|---|---|---|---|---|---|---|
| **ଓଏଚ୍ପିସି** | ୩୩୫.୩୫ | ୪୨୨.୯୮ | ୨୬.୧୩ | ୫୯.୬୮ | ୭୫.୨୭ | ୨୬.୧୨ |
| **ଗ୍ରୀଡ଼କୋ** | ୨୯୪୯.୮୦ | ୫୪୮୦.୨୨ | ୮୫.୭୮ | ୧୨୨.୨୦ | ୨୬୨.୮୯ | ୧୧୫.୧୩ |
| **ଓପିଟିସିଏଲ୍** | ୩୯୪.୧୫ | ୧୪୪୩.୫୦ | ୨୬୬.୨୩ | ୨୦.୫୦ | ୬୮.୭୨ | ୨୩୫.୨୨ |
| **ଏସ୍ଏଲଡିସି** | ୯.୬୬ | ୧୪.୯୦ | ୫୪.୩୦ | ୦.୫୦ (ହାରାହାରୀ) | ୦.୭୧ (ହାରାହାରୀ) | ୪୨.୦୦ |
| ୪ଟି ବଣ୍ଟନକାରୀ କମ୍ପାନୀ | ୩୮୨୭.୪୮ | ୩୯୯୫.୩୬ | ୪.୩୮ | ୨୬୫.୧୫ | ୨୮୦.୯୮ | ୫.୯୭ |

'ସାକ୍'ର ସଦସ୍ୟମାନଙ୍କୁ ଦର୍ଶାଇ ଦିଆଯାଇଥିଲା ଯେ, ବିତରକ କମ୍ପାନୀମାନେ ପ୍ରଦର୍ଶନ କରିଥିବା ୫.୯୭%ର ପ୍ରସ୍ତାବିତ ଟାରିଫ ବୃଦ୍ଧି ୨୦୦୯-୧୦ ଆ.ବ. ପାଇଁ ଯଥାକ୍ରମେ ପ୍ରଚଳିତ 'ସ୍ଥୁଳ ଯୋଗାଣ ଦର' ଏବଂ ଗ୍ରୀଡ଼କୋ ଓ ଓପିଟିସିଏଲ୍ର ସରବରାହ ଟାରିଫ ଉପରେ ଆଧାରିତ ଅଟେ । ବିତରକ କମ୍ପାନୀମାନଙ୍କ ଉଦ୍ଦେଶ୍ୟରେ ସ୍ଥୁଳ ଯୋଗାଣ ଦର ଓ ଓପିଟିସିଏଲ୍ର ସରବରାହ ଦରରେ କୌଣସି ବୃଦ୍ଧି କରାଗଲେ ତାହା ବିତରକ କମ୍ପାନୀଙ୍କର ପ୍ରସ୍ତାବମତେ ସେମାନଙ୍କର ପାଇକାରୀ ଟାରିଫର ପ୍ରସ୍ତାବିତ ବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିବ ।

୧୦୪) 'ସାକ୍'ର ଜଣେ ସଦସ୍ୟ ସୂଚାଇଥିଲେ ଯେ, ଜଳଜ ଶକ୍ତି ପାଇଁ ଉତ୍ପାଦନକାରୀ କମ୍ପାନୀ ଓଏଚପିସି, ସ୍ଥୁଳ ଯୋଗାଣକାରୀ ଗ୍ରୀଡ଼କୋ ଏବଂ ସରବରାହ ବିନିଯୋଗକାରୀ କର୍ତ୍ତୃପକ୍ଷ ଓପିଟିସିଏଲ୍ ଏବଂ ୪ଟି ବିତରକ କମ୍ପାନୀ ନିଜ ନିଜର କାର୍ଯ୍ୟ ନିର୍ବାହନ ଓ ସେବା ସାଧନ ଉତ୍କୃଷ୍ଟ ଭାବେ କରିବା ଉଚିତ । କିନ୍ତୁ ଯାହା ଉପଲବ୍ଧତାକୁ ଆସୁଛି, ଉପରୋକ୍ତ ସରକାରୀ କମ୍ପାନୀମାନେ (ଓଏଚପିସି, ଗ୍ରୀଡ଼କୋ ଓ ଓପିଟିସିଏଲ) ନିକୃଷ୍ଟ ନିର୍ବାହନର ଚରମ ଅବସ୍ଥାରେ ଅଛନ୍ତି । ବିତରକ କମ୍ପାନୀମାନଙ୍କ କଥା ବା କ'ଣ କୁହାଯାଇପାରେ ? ସ୍ଥୁଳ ଯୋଗାଣ ତାରିଫରେ ୧୫୦ ପ୍ରତିଶତ ବୃଦ୍ଧି ପାଇଁ ଗ୍ରୀଡ଼କୋ ତା'ର ଏଆର୍‌ଆର୍‌ରେ ପ୍ରସ୍ତାବ ଦେଇଛି । ପାଇକାରୀ ଦରକୁ ଏହା ତ ପ୍ରଭାବିତ କରିବ । ସରବରାହ ଦର ମଧ୍ୟ ୩୦୦ ପ୍ରତିଶତକୁ ବୃଦ୍ଧି କରାଯିବାର ପ୍ରସ୍ତାବ ରହିଛି । ଏଣୁ, ବାଧ୍ୟତଃ ବିତରକ କମ୍ପାନୀମାନେ ପାଇକାରୀ ଯୋଗାଣ ଦର ବୃଦ୍ଧି କଲେ ଆମେ ତାଙ୍କୁ ଦୋଷ ଦେଇ ପାରିବା କି ? ତେବେ, ଏଥର ପାଇଁ ପ୍ରଚଳିତ ସ୍ଥୁଳ ଯୋଗାଣ ତାରିଫକୁ ନେଇ ସେମାନେ ଖୁବ୍ କମ ପରିମାଣର ପାଇକାରୀ ତାରିଫ ବୃଦ୍ଧିର ପ୍ରସ୍ତାବ ଦେଇଛନ୍ତି ।

୧୦୫) ଓଏଚପିସିର ଆକାରାୟିତ ଶକ୍ତି ପରିମାଣରେ କିଭଳି ପରିବର୍ତ୍ତନ ସଂଘଟିତ ହେଉଛି, ସାକ୍‌ର ସଦସ୍ୟ ଜଣକ ତାହା ଜାଣିବାକୁ ଚାହିଁଥିଲେ । ଆକାରାୟିତ ଶକ୍ତି ପରିମାଣ ଏମିତି କମ/ବେଶୀ ହେବାର ମାପଦଣ୍ଡଗୁଡ଼ିକ କ'ଣ ? କାହିଁକି ଏହା କମିଯାଇଛି ? ତୁଳନାଯୋଗ୍ୟ ପରିସଂଖ୍ୟାନଟିଏ କ'ଣ ? ୧୩ ପ୍ରତିଶତରେ ଆକାରାୟିତ ଶକ୍ତି ପରିମାଣ କମିଛି ଏବଂ ଓଏଚପିସି ୨୬ ପ୍ରତିଶତର ବୃଦ୍ଧି ପ୍ରସ୍ତାବ ଦେଇଛି । ଅତଏବ, ସବୁକୁ ମିଶାଇଲେ ବୃଦ୍ଧି ପ୍ରସ୍ତାବର ପରିମାଣ ୪୨ ପ୍ରତିଶତ ହେବ । ବିକ୍ରୀ ଉଦ୍ଦେଶ୍ୟରେ ଓଏଚପିସି ଶକ୍ତି ଷ୍ଟେସନର ଆକାରାୟିତ ଶକ୍ତି ୫୮୮୧.୭୪ ଲକ୍ଷ ୟୁନିଟରୁ ୫୧୧୭.୦୮ଲକ୍ଷ ୟୁନିଟକୁ ଅର୍ଥାତ୍ ୧୩ ପ୍ରତିଶତ ପରିମାଣରେ କିଭଳି ହ୍ରାସ ପାଇବ ବୁଝିହେଉନାହିଁ ।

୧୦୬) ଶକ୍ତି ଉତ୍ପାଦନ, ଶକ୍ତି ଆହରଣ (କ୍ରୟ) ଓ ଶକ୍ତି ବିତରଣ ଜନିତ ଦାମ୍‌ରେ ଯେଉଁ ବୃଦ୍ଧି ପ୍ରସ୍ତାବ କରାଯାଇଛି, ସେ ସବୁ ଷଷ୍ଠ ବେତନ ଆୟୋଗଙ୍କର କର୍ମଚାରୀ ଓ ପେନ୍‌ସନଧାରୀଙ୍କ ଉଦ୍ଦେଶ୍ୟରେ ସଂଶୋଧିତ ବେତନ ବୃଦ୍ଧି ଯୋଗୁ ହିଁ କରାଯାଇଛି । ଏଠାରେ ଉପଲବ୍ଧି କରାଯାଇପାରେ ଯେ, କର୍ମଚାରୀ ଓ ପେନ୍‌ସନ୍‌ଧାରୀଙ୍କ ଉଦ୍ଦେଶ୍ୟରେ ଯେଉଁ ବର୍ଦ୍ଧିତ ବେତନ ଓ ପେନସନ ପରିମାଣ ୬ଷ୍ଠ ବେତନ ଆୟୋଗ ଧାର୍ଯ୍ୟ କରିଛନ୍ତି, ତାହା ବାସ୍ତବତଃ ରାଜ୍ୟର ସାଧାରଣ ଉପଭୋକ୍ତାମାନେ ହିଁ ବହନ କରିବେ । ଅତଏବ, କର୍ମଚାରୀ ଓ ପେନସନଧାରୀମାନଙ୍କ ବର୍ଦ୍ଧିତ ବେତନ ଓ ପେନସନକୁ ସେମାନଙ୍କର ବ୍ୟକ୍ତିଗତ ସେବା ସାଧନ ଓ ଉତ୍ପାଦନରେ ଉତ୍କୃଷ୍ଟ ନିର୍ବାହନ ସହିତ ସଂଯୋଗ କରାଯିବ; ଅର୍ଥାତ୍ ୬ଷ୍ଠ ବେତନ ଆୟୋଗ ସଂଶୋଧିତ ବେତନ ହାର ପ୍ରବର୍ତ୍ତନ କରିଦେଲେ ବୋଲି ଯେ ସବୁ କର୍ମଚାରୀଙ୍କୁ ତାହା ସମାନ ଭାବେ ପ୍ରଦାନ କରାଯିବ, ତାହା ନୁହେଁ ।

୧୦୭) 'ସାକ୍'ର କେତେକ ସଦସ୍ୟ ଦର୍ଶାଇଥିଲେ ଯେ, ଜଳ ବିଦ୍ୟୁତ୍ ଶକ୍ତି ଷ୍ଟେସନମାନଙ୍କରୁ ଅଧିକ ଉତ୍ପାଦନ ପାଇବାକୁ ହେଲେ ଜଳ ସମ୍ବଳ ବିଭାଗ ସହ ପରାମର୍ଶ କରାଯାଇ ପ୍ରାଥମିକତା ଭିତ୍ତିରେ ଜଳଭଣ୍ଡାରମାନଙ୍କରେ ଜମା ହୋଇଯାଇଥିବା କାଦୁଅ/ପଙ୍କ ପରିଷ୍କାର କରାଯିବା ଉଚିତ ।

୧୦୮) 'ସାକ୍'ର ସଦସ୍ୟମାନଙ୍କର ଉପସ୍ଥାପିତ ମତ / ମନ୍ତବ୍ୟର ଉତ୍ତରରେ ଓଏଚପିସିର ଅର୍ଥ ବିଭାଗର ନିର୍ଦ୍ଦେଶକ ଉପସ୍ଥାପନ କରିଥିଲେ ଯେ, ୨୦୦୭-୦୮ ଆ.ବ.ରେ ଓଏଚପିସିର ଶକ୍ତି ଷ୍ଟେସନମାନେ ୭୫୮୦ ଲକ୍ଷ ୟୁନିଟର ଶକ୍ତି ଉତ୍ପାଦନ କରିଥିଲେ (ମାଛକୁଣ୍ଡରୁ ୧୭୫ଲକ୍ଷ ୟୁନିଟକୁ ବାଦ୍ ଦେଇ) ଏବଂ ବିକ୍ରୀ କରାଯାଇଥିବା ଶକ୍ତିର ପରିମାଣ ହେଉଛି ୭୭୩୪ ଲକ୍ଷ ୟୁନିଟ (ମାଛକୁଣ୍ଡରୁ ଓଡ଼ିଶାର ଉଠାଣ ଭାଗ ୧୭୫ ଲକ୍ଷ ୟୁନିଟକୁ ବାଦ୍ ଦେଇ) । ୨୦୦୮-୦୯ରେ ଏହି ଉତ୍ପାଦନ ୫୬୬.୬୦ ଲକ୍ଷ ୟୁନିଟକୁ କମି ଆସିଥିଲା ଏବଂ ବିକ୍ରୀ ହୋଇଥିବା ପରିମାଣ ଥିଲା ୫୪୯୬.୫୯ ଲକ୍ଷ ୟୁନିଟ(ମାଛକୁଣ୍ଡରୁ ଓଡ଼ିଶାର ଉଠାଣ ଭାଗ ୨୪୨.୮୪ଲକ୍ଷ ୟୁନିଟକୁ ବାଦ୍ ଦେଇ) । ୨୦୦୯-୧୦ରେ ବିକ୍ରୀ ପରିମାଣ ୩୯୦୦ ଲକ୍ଷ ୟୁନିଟ କିମ୍ବା ଅତି ବେଶୀରେ ପାଖାପାଖି ୪୩୦୦୦ଲକ୍ଷ ୟୁନିଟ ହେବ । କାରଣ ଏହି ବର୍ଷ ଦୁର୍ବଳ ମୌସୁମୀ ସାଙ୍ଗକୁ ଅପେକ୍ଷାକୃତ ଶସ୍ତା ଦରରେ ଗ୍ରୀଡ଼କୋ ଶକ୍ତି ପାଇପାରୁଥିବା ଯୋଗୁ ବଳକା ଶକ୍ତି ବିକିବାକୁ (ଟ୍ରେଡିଂ ଉଦ୍ଦେଶ୍ୟରେ)

ସକ୍ଷମ ହେଉଛି; ଲାଭ ଉପାର୍ଜନ କରୁଛି; ଏବଂ ସାମୁଦାୟିକ କ୍ଷତିକୁ ହ୍ରାସ କରାଇ ପାରୁଛି ଏବଂ ବିଗତ ୯ ବର୍ଷ ଧରି ପାଇକାରୀ ବଣ୍ଟନ ତାରିଫକୁ ସ୍ଥିର ରଖି କମ ଦର-ହାରରେ ବିତରକ କମ୍ପାନୀମାନଙ୍କୁ ଶକ୍ତି ଯୋଗାଇ ପାରୁଛି । ଅବଶ୍ୟ ରାଜ୍ୟର/ଉପଭୋକ୍ତାଙ୍କର ସର୍ବୋଚ୍ଚ ଚାହିଦା ସମୟରେ ଓଏଚପିସିର ଶକ୍ତି ଷ୍ଟେସନମାନେ ଯଥାବଶ୍ୟକୀୟ ଶକ୍ତି ଉତ୍ପାଦନ କରିପାରୁଥିବାରୁ ଗ୍ରୀଡ଼ ଶୃଙ୍ଖଳା ବ୍ୟାହତ ହେଉନାହିଁ ଏବଂ ସାଧାରଣ ଉପଭୋକ୍ତାଙ୍କୁ ଶକ୍ତି ଯୋଗାଣକୁ ନିଶ୍ଚିତ କରି ହେଉଛି । ଅତଏବ, ଉଚ୍ଚତର ତାରିଫ ଦାବୀ କରିବା ଉଦ୍ଦେଶ୍ୟରେ ଆକାରାୟିତ ଶକ୍ତିକୁ ସଂଶୋଧନ କରିବାରେ ଓଏଚପିସି ହିସାବରେ ଗୋଳମାଳିଆ କରିଛି ବୋଲି କହିବା ସମ୍ପୂର୍ଣ୍ଣ ଭୁଲ ହେବ; ବରଂ ଏପର୍ଯ୍ୟନ୍ତ କେବଳ ଓଏଚପିସି ହିଁ କମ ଓ ସୁହାଇଲା ଭଳି ଦର-ହାରରେ ଶକ୍ତି ଯୋଗାଣ କରି ରାଜ୍ୟର ଶକ୍ତି ସେକ୍ଟରକୁ ସାହାଯ୍ୟ/ସହଯୋଗ କରିଆସିଛି । ଓଏଚପିସିକୁ ଧନ୍ୟବାଦ ଓ ପ୍ରଶଂସା କରାଯିବା ଉଚିତ ଯେ, ରାଜ୍ୟର ଅଗମ୍ୟ ଅଞ୍ଚଳମାନଙ୍କୁ ବିଭିନ୍ନ ବାଧା ବିଘ୍ନ ସତ୍ତ୍ୱେ ସେ ଶକ୍ତି ଯୋଗାଣ ଅବ୍ୟାହତ ରଖି ଆସିଛି । ସିଇଏ ଏବଂ ଓଇଆରସିଙ୍କ ସମକ୍ଷରେ ଓଏଚପିସି ଉପସ୍ଥାପନ କରିଥିବା ଆକାରାୟିତ ଶକ୍ତିର ପୁନଃ ମତାୟନ କରିବାକୁ ଆୟୋଗ ଚାହିଁଥିଲେ । ଆକାରାୟିତ ଶକ୍ତି ଉପସ୍ଥାପନାରେ କୌଣସି ତ୍ରୁଟି ବିଚ୍ୟୁତି ନାହିଁ ।

୧୦୯) ଯେତେବେଳେ, ମୁଖ୍ୟତଃ ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ହାରକୁ ନେଇ କର୍ମଚାରୀଙ୍କର ବର୍ଦ୍ଧିତ ବେତନ ଓ ଠିକା ମଜୁରିଆଙ୍କ ବର୍ଦ୍ଧିତ ମଜୁରୀ ଯୋଗୁ ଏବଂ ଏକ ବର୍ଦ୍ଧିତ ହାରରେ ଜଳ ବିଦ୍ୟୁତ ଶକ୍ତି ଷ୍ଟେସନମାନଙ୍କର ମରାମତି ଓ ତୁଲାଜମା ପାଇଁ ଅର୍ଥର ଆବଶ୍ୟକତା ଯୋଗୁ ଶକ୍ତି ଉତ୍ପାଦନର ଦାମ ବଢୁଛି, ସେତେବେଳେ ଏହା ସ୍ୱଭାବିକ ଯେ ଉତ୍ପାଦନ ତାରିଫର ବୃଦ୍ଧି ଘଟିବା ଉଚିତ । ଜଳସେଚନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ସେଥିପାଇଁ ନିର୍ଦ୍ଦିଷ୍ଟ ସମୟରେ ଅବ୍ୟାହତ ଶକ୍ତି ଯୋଗାଇ ଦେବା ନିମନ୍ତେ, ଯଦ୍ଦ୍ୱାରା ରାଜ୍ୟର ଜନସାଧାରଣ/ଉପଭୋକ୍ତା/ଚାଷୀକୁଳ ଉପକୃତ ହୋଇ ପାରିବେ, ଜଳ ବିଦ୍ୟୁତ୍ ଶକ୍ତି ଷ୍ଟେସନମାନେ ଓ ଜଳଜ ଶକ୍ତି ଉତ୍ସମାନେ ଔଚିତ୍ୟତଃ ଉତ୍ପାଦନ ଜାରି ରଖିବାକୁ ବାଧ ଅଟନ୍ତି । ଯଦିଓ ଏଭଳି ଯୋଗାଣ ନିରବିଚ୍ଛିନ୍ନ ଭାବେ ଜାରି ରହିବ; କିନ୍ତୁ ପ୍ରଚଳିତ ଏକ ନିମ୍ନ ହାରର ତାରିଫରେ ତ ଯୋଗାଣ ଅବ୍ୟାହତ ରଖିବା ସମ୍ଭବ ନୁହେଁ; କାରଣ ଉତ୍ତମ ପାରିତୋଷିକତା ବିନା କର୍ମଚାରୀ/ମଜୁରିଆମାନେ ଆବଶ୍ୟକ ଗୁଣ, ମାନ, ପରିମାଣର କାର୍ଯ୍ୟ ସଂପାଦନ କରିବାକୁ ପ୍ରୋତ୍ସାହିତ ହେବେ ନାହିଁ ଏବଂ ଉତ୍ପାଦନକାରୀ ଷ୍ଟେସନସମୂହର ସମୁଚିତ ମରାମତି ଓ ତୁଲାଜମା କାର୍ଯ୍ୟ ସମ୍ପାଦନ ବିନା ସେଥିରୁ କମ ଉତ୍ପାଦନ ହିଁ ଅବଶ୍ୟମ୍ଭାବୀ ହେବ ।

୧୧୦) କର୍ମଚାରୀଙ୍କ ବେତନ, ଠିକା କର୍ମଚାରୀଙ୍କ ମଜୁରୀ, କୋଇଲା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀର ବୃଦ୍ଧି ଯୋଗୁ ଯଦିଓ ତାରିଫ ବୃଦ୍ଧି ଘଟିବାକୁ ବାଧ ଅଟେ, ତେବେ ରାଜ୍ୟର ସମୁଦାୟ ଶକ୍ତି ଚାହିଦାର ପ୍ରତିଶତ ହିସାବରେ ଜଳଜ ଶକ୍ତି ଉତ୍ପାଦନ କମିବାରେ ଲାଗିଛି । ୨୦୦୪-୦୫ରେ ଉତ୍ପାଦିତ ଜଳଜ ଶକ୍ତିର ପରିମାଣ ୫୬.୬୭ ଥିଲା ବେଳେ ୨୦୦୮-୦୯କୁ ଏହା ୩୦.୩୩ ହୋଇଥିଲା ଏବଂ ୨୦୦୯-୧୦ ବେଳକୁ ଏହା ୩୦% ତଳକୁ ଖସିଆସିଥିଲା । ଏଭଳି ସ୍ଥିତିରେ ରାଜ୍ୟର ଉପଭୋକ୍ତାଙ୍କର ଦେୟ ପ୍ରଦାନ କ୍ଷମତାକୁ ଦୃଷ୍ଟିରେ ରଖି ବିଭିନ୍ନ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ସହନୀୟ ଦର-ହାରରେ ତାରିଫ ସ୍ଥିର କରାଯିବା ଉଚିତ ।

୧୧୧) ବିଭିନ୍ନ ଜଳ ବିଦ୍ୟୁତ ଉତ୍ପାଦନ ଉତ୍ସର ଜଳଭଣ୍ଡାରମାନଙ୍କରେ ଜମି ଯାଉଥିବା କାଦୁଅ/ପଙ୍କକୁ ନିଷ୍କାସନ କରିବାକୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ, ଯାହା ଫଳରେ ଭିନ୍ନ ଭିନ୍ନ ଜଳ ବିଦ୍ୟୁତ୍ ଶକ୍ତି ଷ୍ଟେସନର ଅନୁମୋଦିତ ଆକାରାୟିତ ଶକ୍ତି ଅନୁଯାୟୀ କମ ଦାମର ଜଳଜ ଶକ୍ତି ଉତ୍ପାଦନ ହୋଇ ପାରିବ ।

୧୧୨) ଭିନ୍ନ ଭିନ୍ନ ଆଇଟମ ଉପରେ ଶକ୍ତି ବିନିଯୋଗକାରୀ କର୍ତ୍ତୃପକ୍ଷମାନେ ପ୍ରଦର୍ଶନ କରୁଥିବା ଏଆର୍‌ଆର୍‌କୁ ଆୟୋଗ ସତର୍କତାର ସହ ଯାଞ୍ଚ କରିବା ଉଚିତ ଅଟେ ଏବଂ ସେମାନଙ୍କୁ କେବଳ ଯୁକ୍ତିସମ୍ମତ ବ୍ୟୟ ପରିମାଣକୁ ଅନୁମତି ଦେବା ଉଚିତ । ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ହାର ଯୋଗୁ କର୍ମଚାରୀମାନଙ୍କୁ ବର୍ଦ୍ଧିତ ବେତନ ପ୍ରଦାନ ସହ ସେମାନଙ୍କର କାର୍ଯ୍ୟ ନିର୍ବାହନରେ ଉତ୍କୃଷ୍ଟତା ସାଧନକୁ ସଂଯୋଗ କରାଯିବା ଉଚିତ ।

୧୧୩)	ଶକ୍ତିର ଉତ୍ପାଦନ ଓ ସରବରାହର ଦର ବଢ଼ିଲେ ତାହା ପାଇକାରୀ ତାରିଫ ଉପରେ ପ୍ରଭାବ ପକାଇବ । ତେଣୁ, ଓଏଚପିସି, ଓପିଟିସିଏଲ ଓ ଗ୍ରୀଡ଼କୋ ଉତ୍କୃଷ୍ଟତାର ସହ ସେମାନଙ୍କର କାର୍ଯ୍ୟ ପରିଚାଳନା କରିବା ଉଚିତ, ଯେପରିକି ଉତ୍ପାଦନ ଓ ସରବରାହ ଦରକୁ ଏକ ଯୁକ୍ତି ସଂଗତ ସ୍ତରରେ ରଖାଯାଇପାରିବ, ଯଦ୍ଦ୍ୱାରା ପାଇକାରୀ ତାରିଫରେ ମଧ ଆଖିଦୃଶିଆ ବୃଦ୍ଧିକୁ ପରିହାର କରିହେବ ।

୧୧୪)	ଓଏଚପିସି ଦର୍ଶାଇଥିଲା ଯେ, ୨୦୦୯ ଡିସେମ୍ବର ୧୯ ରାତିରେ ବନ୍ଧୁକ ମୂନରେ ନକ୍ସାଲମାନେ ବିଏଚଇପିର ଭଲ୍‌ଭ ହାଉସ୍‌କୁ ଅଧିକାର କରିନେଲେ ଏବଂ ଭଲ୍‌ଭ ହାଉସ୍‌ର କେବୁଲ୍ ଓ ପ୍ୟାନେଲ ଗୁଡ଼ିକରେ ନିଆଁ ଲଗାଇଦେଲେ । ଭଲ୍‌ଭ ହାଉସ୍‌ର କେବୁଲ ଗ୍ୟାଲେରୀ, କଣ୍ଟ୍ରୋଲ କେବୁଲ ଏବଂ କଣ୍ଟ୍ରୋଲ ପ୍ୟାନେଲ ସବୁ ଜଳି ଧ୍ୱଂସ ହୋଇଗଲା । ସେହି ଘଡିସନ୍ଧି ସମୟରେ କର୍ତ୍ତବ୍ୟରେ ଥିବା କର୍ମଚାରୀମାନେ ଉଦାହରଣୀୟ ସାହସ ଓ ଦାୟିତ୍ୱ ଜ୍ଞାନର ପରିଚୟ ଦେଇଥିଲେ । ତତ୍‌କ୍ଷଣାତ୍ ଓଏଚପିସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା ଓ ପରେ ପରେ ମରାମତି କାର୍ଯ୍ୟ ଆରମ୍ଭ କରିଦେଲା । ମାଓବାଦୀମାନଙ୍କର ଧମକ ସତ୍ତ୍ୱେ, ୨୦ ଦିନ ମଧରେ, ଅର୍ଥାତ୍ ୧୧.୧.୨୦୧୦ ସୁଦ୍ଧା ଉତ୍ପାଦନକାରୀ ୟୁନିଟ ଗୁଡ଼ିକ ସେମାନଙ୍କର ପୂର୍ବାବସ୍ଥା ବା ଗ୍ରୀଡ଼ ଅବସ୍ଥାକୁ ଫେରି ଆସିଲେ । ଏହା ଓଏଚପିସିର ଉତ୍କୃଷ୍ଟ ଓ ଆଶୁ ନିର୍ବାହନର ଦୃଷ୍ଟାନ୍ତ ନୁହେଁ କି ?

୧୧୫)	ମୋଟ ଉପରେ, ସାକ୍‌ର ସଦସ୍ୟମାନେ କ୍ଷତି ହ୍ରାସ, ସାଧାରଣ ଉପଭୋକ୍ତାମାନଙ୍କୁ ଯୋଗାଣ ଦରରେ ହ୍ରାସ ଏବଂ ନିର୍ବାହନରେ  ଅଗ୍ରଗତି ସାଧନ ଉପରେ ଗୁରୁତ୍ୱ ଆରୋପ କରିଥିଲେ ଏବଂ ମଧମ ଦର-ହାରର ଏକ ତାରିଫ ବୃଦ୍ଧି ନିମନ୍ତେ ମତ ଦେଇଥିଲେ, ଯାହା ଯୋଗାଣର ଗୁଣବତ୍ତା ଓ ଉପଭୋକ୍ତାମାନଙ୍କ ଉଦ୍ଦେଶ୍ୟରେ ଉତ୍ତମ ସେବା ସାଧନ ସାପେକ୍ଷ ହୋଇଥିବ ।

**ଆୟୋଗଙ୍କର ପର୍ଯ୍ୟବେକ୍ଷଣ ଏବଂ ଓଏଚପିସି ପ୍ରସ୍ତାବର ବିଶ୍ଳେଷଣ (ପରିଚ୍ଛେଦ ୧୧୬ ରୁ ୧୬୩):**

୧୧୬)	ଓଏଚପିସିର ପ୍ରସ୍ତାବକୁ ଆୟୋଗ ପୁଂଖାନୁପଂଖ ଭାବେ ପର୍ଯ୍ୟବେକ୍ଷଣ ଓ ବିଶ୍ଳେଷଣ କରିଛନ୍ତି । ତାରିଫ ନିର୍ଦ୍ଧାରଣ ସକାଶେ ବିବିଧ ବିଭାବସମୂହ ଉପରେ ନିଷ୍ପତ୍ତି ନେବା ବେଳେ ଅଭିଯୋଗକାରୀମାନଙ୍କର ଲିଖିତ ଓ ମୌଖିକ ଉପସ୍ଥାପନା ସମୂହକୁ ବିଚାର କରାଯାଇଛି । ଓଏଚପିସିର ତାରିଫ ପ୍ରସ୍ତାବରେ ଜଳ ବିଦ୍ୟୁତ ଶକ୍ତି ଷ୍ଟେସନଗୁଡ଼ିକର ପ୍ରକାର, ମାପଦଣ୍ଡ ଭିତ୍ତିକ ବାର୍ଷିକ ପ୍ଲାଣ୍ଟ ଉପଲବ୍‌ଧତା ଫାକ୍ଟର, ଶକ୍ତି ଉତ୍ପାଦନର ଗୁଣବତ୍ତା ଏବଂ ଋଣ, ମୂଳଧନ, ମୂଲ୍ୟ-ହ୍ରାସର ହିସାବ ଓ ସୁଧ ଆଦି ଆର୍ଥିକ ସବିଶେଷତା ନିହିତ ଅଛି । ପ୍ରତି ପୁରୁଣା ଶକ୍ତି ଷ୍ଟେସନ ତଥା ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ଶକ୍ତି ଷ୍ଟେସନ କ୍ଷେତ୍ରରେ ବୈଷୟିକ ଓ ଅର୍ଥଗତ ପୁଂଖାନୁପୁଂଖତାକୁ ଓଏଚପିସି ନଥିଭୁକ୍ତ ଭାବେ ଦାଖଲ କରିଛି । ତାରିଫ ହିସାବ ସହ ଏହି ସମସ୍ତ ଷ୍ଟେସନ ଉଦ୍ଦେଶ୍ୟରେ 'ମୁଖ୍ୟ ବ୍ୟୟ'ର ଷ୍ଟେସନ-ଓ୍ୱାରୀ ଭାଗକରଣକୁ ମଧ ବ୍ୟବସ୍ଥିତ ଭାବେ ଉପସ୍ଥାପନ କରାଯାଇଛି ।

୧୧୭)	ଜନଶୁଣାଣି ସମୟରେ ଓଏଚପିସିର ତାରିଫ ଉପରେ ପ୍ରତ୍ୟକ୍ଷ ପ୍ରଭାବ ଥିବା କେତେକ ପ୍ରସଂଗକୁ ଅଭିଯୋଗକାରୀମାନେ ଉଠାଇଥିଲେ । ଓଏଚପିସି ସେ ସବୁର ପ୍ରସଂଗ-ଓ୍ୱାରୀ ଉତ୍ତର ଦେଇଥିଲା । ଓଏଚପିସିର ତାରିଫ ସମ୍ପର୍କିତ ନିମ୍ନୋକ୍ତ ନିର୍ଦ୍ଦିଷ୍ଟ ପ୍ରସଂଗଗୁଡ଼ିକ ଉପରେ ଆୟୋଗଙ୍କର ବିଶ୍ଳେଷଣକୁ ଆଲୋଚନା କରାଗଲା ।

- ଆକାରାୟିତ ଶକ୍ତିର ରିଭ୍ୟୁ
- ଓଏଚପିସିରୁ ଶକ୍ତି ଆହରଣ
- ହୀରାକୁଦ ଓ ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଦ୍ୱୟର ପୃଥକୀକରଣ

**ବାର୍ଷିକ ସ୍ଥିର ଦର ନିମ୍ନୋକ୍ତ ଉପାଦନାଗୁଡ଼ିକୁ ଅନ୍ତର୍ଭୁକ୍ତ କରେ-**

(କ)	ଋଣ-ଧନ ଉପରେ ସୁଧ

(ଖ)	ମୂଲ୍ୟ-ହ୍ରାସ

(ଗ) ନିବେଶିତ ମୂଳଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ

(ଘ) ପରିଚାଳନା ଓ ତୁଲାଜମା ବ୍ୟୟ

(ଙ) କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ

- ଦୁଇ ଅଂଶ-ତାରିଫ (କ୍ଷମତା ବା ପରିମାଣ ଦେୟ-ଦର ଓ ଶକ୍ତି ଦେୟ-ଦର)
- ଉତ୍ପାଦିତ ବଳକା ଶକ୍ତିରୁ ଉପାର୍ଜିତ ରାଜସ୍ୱର ଉପଯୁକ୍ତ ବିନିଯୋଗ
- ମାପଦଣ୍ଡ ଭିତ୍ତିକ ବାର୍ଷିକ ପ୍ଲାଣ୍ଟ ଉପଲବ୍ଧତା ଫାକ୍ଟର
- ମାଛକୁଣ୍ଡ ଜଳ ବିଦ୍ୟୁତ ପ୍ରୋଜେକ୍ଟ
- ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ସର୍ବାଧିକ କ୍ଷମତା
- ରାଜ୍ୟରେ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ/ଶକ୍ତିର ଉତ୍ସାହପ୍ରଦ ଉନ୍ନୟନ
- ଉଦ୍ଧାରିକରଣ ଓ ଆଧୁନିକୀକରଣ

**ଆକାରାୟିତ ଶକ୍ତିର ପୁନଃ ମତାୟନ:**

୧୧୮) ତାରିଫ ନିର୍ଦ୍ଧାରଣ ପାଇଁ ଏକ ଜଳ ବିଦ୍ୟୁତ୍ ଷ୍ଟେସନର ଆକାରାୟିତ ଶକ୍ତି ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ । ଆୟୋଗଙ୍କର ନିର୍ଦ୍ଦେଶନାମା ଅନୁଯାୟୀ, ଓଏଚପିସି ଅଧିନସ୍ଥ ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କର ଆକାରାୟିତ ଶକ୍ତିର ପୁନଃ ଆକଳନ ଉପରେ ରିପୋର୍ଟକୁ ଓଏଚପିସି ୩୧.୫.୨୦୦୮ର ଏକ ସତ୍ୟପାଠ ଜରିଆରେ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିଥିଲା । ଆକାରାୟିତ ଶକ୍ତିର ପୁନରାକଳନର ପ୍ରକ୍ରିୟାନ୍ୱୟନ ନିମନ୍ତେ ଗୃହୀତ ପଦ୍ଧତି ଓ ପ୍ରଣାଳୀ ଅବଲମ୍ବିତ ଏକ ପୁଂଖାନୁପୁଂଖ ଉପସ୍ଥାପନାକୁ ଆୟୋଗ ଓ ସିଇଏଙ୍କ ସମକ୍ଷରେ ଦାଖଲ କରାଯାଇଥିଲା । ୭.୧.୨୦୦୯ର ଚିଠି ନଂ-୩/୮୧/ଏଚପି ଏବଂ ୧(୧)- ୨୦୦୯/୨୦ ମୂଳେ ସିଇଏ ମତ ଦେଇଥିଲେ ଯେ, ଓଏଚପିସି ଦ୍ୱାରା ଦାଖଲ କରାଯାଇଥିବା ଆକାରାୟିତ ଶକ୍ତିର ପୁନରାକଳନ ଉପରେ ରିପୋର୍ଟ ସମୂହ ସିଇଏଙ୍କ ପ୍ରଦତ୍ତ ନିର୍ଦ୍ଦେଶାବଳୀକୁ ଅନୁସରଣ କରି ହିଁ କରାଯାଇଛି । ତେବେ, ପୁନଃ ମତାୟନ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ତଥ୍ୟାବଳୀର କ୍ଷମତାସିଦ୍ଧତା/ସଠିକତାକୁ ଓଇଆରସିଙ୍କ ଦ୍ୱାରା ନିଶ୍ଚିତ କରାଯାଇଛି । ଯେଣୁ, ଜଳ ବିଦ୍ୟୁତ୍ ଶକ୍ତିର ତାରିଫ ଉପରେ ଆକାରାୟିତ ଶକ୍ତିର ପୁନରାକଳନର ପ୍ରତିଫଳନ ରହିଛି, ତେଣୁ ଏକ ଜନଶୁଣାଣି ଜରିଆରେ ଆୟୋଗ ମାମଲାର ଫଇସଲା କରିବାକୁ ନିଷ୍ପତ୍ତି ନେଇଛନ୍ତି । ଜନସାଧାରଣଙ୍କ ଠାରୁ ଅଭିଯୋଗ/ପରାମର୍ଶ ଆମନ୍ତ୍ରଣ ପୂର୍ବକ ସମ୍ବାଦପତ୍ରମାନଙ୍କରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ନୋଟିସ ପ୍ରକାଶନ କରାଯାଇଥିଲା । ଅଭିଯୋଗ ସବୁ ହସ୍ତଗତ ହେବା ପରେ ୧.୧୨.୨୦୦୯ରେ ଶୁଣାଣି ଅନୁଷ୍ଠିତ ହୋଇଥିଲା । କିନ୍ତୁ ଅଭିଯୋଗକାରୀମାନେ ପୁଂଖାନୁପଂଖ ସୂଚନା ଚାହିଁଥିଲେ ଓ ରିପୋର୍ଟ ସବୁର ଅଧ୍ୟୟନ/ଅନୁଧ୍ୟାନ କରିବାକୁ ଚାହିଁଥିଲେ । ତେଣୁ, ଅଭିଯୋଗ ସମୂହର ଦାଖଲ ତାରିଖକୁ ୩୧.୧୨.୨୦୦୯ ପର୍ଯ୍ୟନ୍ତ ସମୟ ଗଡ଼ାଇ ଦିଆଯାଇଥିଲା । ଏବେ, ଅଭିଯୋଗକାରୀମାନେ ଆହୁରି ଅଧିକ ସମୟ ଚାହିଁବାରୁ ଶୁଣାଣିର ଫଇସଲା କରାଯାଇନାହିଁ ଏବଂ ଓଏଚପିସି ଷ୍ଟେସନମାନଙ୍କର ଆକାରାୟିତ ଶକ୍ତିର ଚୂଡ଼ାନ୍ତକରଣ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ ।

୧୧୯) ମାମଲାର ଶୁଣାଣି ସମୟରେ, ଆକାରାୟିତ ଶକ୍ତିର ହ୍ରାସକରଣ ପାଇଁ ଓଏଚପିସିର ପ୍ରସ୍ତାବକୁ କେତେକ ଅଭିଯୋଗକାରୀ ବିରୋଧ କରିଥିଲେ । ଅଭିଯୋଗକାରୀମାନେ ଦର୍ଶାଇଥିଲେ ଯେ, ଆକାରାୟିତ ଶକ୍ତିକୁ ସଂଶୋଧନ କରି ଜଳବିଦ୍ୟୁତ ଶକ୍ତି ଉତ୍ପାଦନକାରୀ ଷ୍ଟେସନସମୂହ ତାରିଫ ବୃଦ୍ଧିର ଉଦ୍ଦେଶ୍ୟ ରଖି ଓଏଚପିସି ଉପଲବ୍ଧ ଜଳସମ୍ବଳର ପୂର୍ଣ୍ଣ ଉପଯୋଗ କରିନାହିଁ ।

୧୨୦) ଆୟୋଗ ଅନୁଭବ କରିଥିଲେ ଯେ, ଜନ ଶୁଣାଣି ପଦ୍ଧତି ଜରିଆରେ ଆକାରାୟିତ ଶକ୍ତିର ଚୂଡ଼ାନ୍ତକରଣ କାର୍ଯ୍ୟ ଅଧିକ ସମୟ ସାପେକ୍ଷ । ଏହି ଦୃଷ୍ଟିରୁ, ୨୦୧୦-୧୧ ଆ.ବ. ପାଇଁ ଇନ୍ଦ୍ରାବତୀକୁ ମିଶାଇ ପ୍ରଚଳିତ ସ୍ତର (ପରିମାଣ)ର ଆକାରାୟିତ ଶକ୍ତିକୁ ୫୬୧୯.୨୪ ଲକ୍ଷ ୟୁନିଟରେ ବିକ୍ରୀ ପାଇଁ ନିଷ୍ପତ୍ତି ନେଲେ ଏବଂ ଜନଶୁଣାଣି ପ୍ରକ୍ରିୟାର ପରିସମାପ୍ତି ପରେ ଓଏଚପିସିର ପ୍ରସ୍ତାବମତେ ସଂଶୋଧିତ ଆକାରାୟିତ ଶକ୍ତି ଉପରେ ଶେଷ ନିଷ୍ପତ୍ତି ଗ୍ରହଣ କରାଯିବ ।

**ଏକକ ଭାବେ ଷ୍ଟେସନ-ଓ୍ୱାରୀ ଶକ୍ତି କ୍ରୟ ଚୁକ୍ତିନାମାର ଆଇନଗତ ସ୍ଥିତି:**

୧୨୧) ଓଏଚପିସି ଦର୍ଶାଇଛି ଯେ, ଓଏଚପିସିର ପୁରୁଣା ଶକ୍ତି ଷ୍ଟେସନସମୂହ ଉଦ୍ଦେଶ୍ୟରେ ଦୀର୍ଘ-ମିଆଦୀ ଶକ୍ତି କ୍ରୟ ଚୁକ୍ତିନାମା ୨୦.୧୧.୨୦୦୯ରେ ଓଏଚପିସି ଓ ଗ୍ରୀଡ଼କୋ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ଖୁବ୍ ଶୀଘ୍ର ଓଏଚପିସି ଓ ଗ୍ରୀଡ଼କୋ ମିଳିତ ଭାବେ ପୁରୁଣା ଶକ୍ତି ଷ୍ଟେସନଗୁଡିକ ପାଇଁ ଶକ୍ତି କ୍ରୟ ଚୁକ୍ତିନାମାସମୂହକୁ ଉପସ୍ଥାପନ କରିବେ ।

**ଓଏଚପିସିରୁ ଶକ୍ତି ଆହରଣ ସମ୍ପର୍କରେ........**

୧୨୨) ମାଛକୁଣ୍ଡରୁ ଓଡ଼ିଶାର ଭାଗକୁ ମିଶାଇ ୨୦୧୦, ଏପ୍ରିଲ ୧ ସୁଦ୍ଧା 'ଓଡ଼ିଶା ଜଳ ବିଦ୍ୟୁତ୍ ଶକ୍ତି ନିଗମ' (ଓଏଚପିସି) କର୍ତ୍ତୃତ୍ୱାଧିନ ବିବିଧ ଜଳ ବିଦ୍ୟୁତ ଷ୍ଟେସନର ସମୁଦାୟ ଉତ୍ପାଦନ କ୍ଷମତା ହେଉଛି ୨୦୬୨ ମେଗାଓ୍ୱାଟ । ୨୦୦୯-୧୦ ପାଇଁ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଶକ୍ତି ଉଠାଣର ପୁଂଖାନୁପୁଂଖତା ଏବଂ ୨୦୧୦-୧୧ ପାଇଁ ଗ୍ରୀଡ଼କୋର ପ୍ରଦର୍ଶନ ନିମ୍ନ ସାରଣୀରେ ଉପସ୍ଥାପନ କରାଗଲା ।

**ସାରଣୀ-୧୧**

**୨୦୧୦-୧୧ ଜଳ ବିଦ୍ୟୁତ୍ ଉଠାଣର ପ୍ରକ୍ଷେପଣ**

| କ୍ର.ସ ° | ଜଳବିଦ୍ୟୁତ୍ ପ୍ରକଳ୍ପର ନାମ | **ସଂସ୍ଥାପନ କ୍ଷମତା (ମେଗାଓ୍ୱାଟ୍)** | **ଆକାରାୟିତ ଶକ୍ତି (ଏମ୍.ୟୁ)** | ଆର୍ଥିକ ବର୍ଷ ୨୦୦୯-୧୦ ରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତ **(ଏମ୍.ୟୁ)** | **୨୦୧୦-୧୧ ପାଇଁ ଗ୍ରୀଡ଼କୋ ଦ୍ୱାରା ପ୍ରସ୍ତିବିତ ଉଠାଣ (ଏମ୍.ୟୁ)** |
|---|---|---|---|---|---|
| ୧. | **ହିରାକୁଦ** | ୩୪୭.୫୦ | ୧୧୭୪.୦୦ | ୧୧୩୨.୭୯ | ୯୯୭.୧୬ |
| ୨. | **ଚିପିଲିମା** | | | - | - |
| ୩. | **ବାଲିମେଳା** | ୫୧୦ | ୧୧୮୩.୦୦ | ୧୧୭୧.୧୭ | ୧୧୭୨.୧୬ |
| ୪. | **ରେଙ୍ଗାଲି** | ୨୫୦ | ୫୨୫.୦୦ | ୮୧୭.୭୪ | ୬୮୮.୦୫ |
| ୫. | ଅପର କୋଲାବ | ୩୨୦ | ୮୩୨.୦୦ | ୮୨୬.୬୫ | ୮୨୮.୬୩ |
| | **ସମୁଦାୟ (ପୁରୁଣା ଷ୍ଟେସନ)** | **୧୪୨୭.୫୦** | **୩୭୧୪.୦୦** | **୩୯୪୮.୩୫** | **୩୬୮୬.୦୦** |
| ୬. | ୟୁ.ଆଇ.ଏଚ୍.ଇ.ପ | ୬୦୦ | ୧୯୬୨.୦୦ | ୯୭୧.୦୯ | ୧୯୪୪.୩୬ |

| | | | | | |
|---|---|---|---|---|---|
| ୭. | **ମାଛକୁଣ୍ଡ (ଓଡ଼ିଶାର ଭାଗ)** | ୩୪.୫୦ | **୨୬୨.୫୦** | **୨୬୫.୦୦** | **୨୬୨.୫୦** |
| | **ସମୁଦାୟ ଜଳ ବିଦ୍ୟୁତ୍** | **୨୦୬୨** | **୫୯୩୮.୫୦** | **୬୧୮୪.୪୪** | **୫୮୯୨.୮୬** |

୧୨୩) ବିଦ୍ୟୁତ୍ ଆକ୍ଟ ୨୦୦୩ର ବିଭାଗ-୬୧(କ) ସହ ସମଛନ୍ଦରେ, ଉତ୍ପାଦନକାରୀ କମ୍ପାନୀଙ୍କ ପ୍ରତି ପ୍ରଯୋଜ୍ୟ ତାରିଫ ନିର୍ଦ୍ଧାରଣ ସକାଶେ ସିଇଆରସି ନିୟମାବଳୀ ଦ୍ୱାରା ସୂଚିତ ଶୃଙ୍ଖଳା ଓ ପଦ୍ଧତିସମୂହ ଦ୍ୱାରା ଆୟୋଗଙ୍କୁ ପରିଚାଳିତ ହେବାକୁ ପଡିବ । ୧.୪.୨୦୦୯ ଠାରୁ ନୂଆ ସିଇଆରସି (ତାରିଫର ବ୍ୟବଧାନିକ ସମୟର ନିୟମ-ସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୯ ବଳବତ୍ତର ହୋଇଛି ଏବଂ ଲାଗୁ ହେବା ଦିନ ଠାରୁ ପରବର୍ତ୍ତୀ ୫ ବର୍ଷର ସମୟ ଅବଧି ପର୍ଯ୍ୟନ୍ତ ତାହା ବଳବତ୍ତର ରହିବ ।

୧୨୪) ବହିର୍ପାର୍ଶ୍ୱ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନକାରୀ ଷ୍ଟେସନଗୁଡିକ ଉଦ୍ଦେଶ୍ୟରେ ଶକ୍ତିର ଗୌଣ ଉପଯୋଗ (ସ୍ଥିତିଶୀଳ ନିର୍ଗମନ ପଦ୍ଧତି ସହ)କୁ ଉତ୍ପାଦିତ ଶକ୍ତିର ୦.୫ ପ୍ରତିଶତରେ ନିର୍ଦ୍ଧାରଣ କରିବାକୁ ପଡିବ ଏବଂ ଉତ୍ପାଦନ-ଭୋଲ୍ଟେଜରୁ ସରବରାହ-ଭୋଲ୍ଟେଜକୁ ଅବସ୍ଥାନ୍ତରଣ କ୍ଷତିକୁ ଉତ୍ପାଦିତ ଶକ୍ତିର ୦.୫%ରେ ହିସାବ କରିବାକୁ ପଡିବ । ସେହି ଅନୁଯାୟୀ, ଓଏଚପିସି କ୍ଷେତ୍ରରେ, ଉତ୍ପାଦନକାରୀ ଷ୍ଟେସନ ସମୂହରୁ ବାହାରକୁ ପଠାଯାଉଥିବା ଶକ୍ତିକୁ ଗୌଣ ଉପଯୋଗ ଉଦ୍ଦେଶ୍ୟରେ ୦.୫% ଓ ଅବସ୍ଥାନ୍ତରଣ କ୍ଷତି ଉଦ୍ଦେଶ୍ୟରେ ୦.୫%କୁ ବିବେଚନାକୁ ନେଇ 'ସମୁଦାୟ ଉତ୍ପାଦନ' ଉପରେ ୧%କୁ ବିଯୋଗ କରି ନିର୍ଦ୍ଧାରଣ କରାଯିବା ଉଚିତ ।

୧୨୫) ଉପରୋକ୍ତ ସାରଣୀରେ ସୂଚିତମତେ, ଓଏଚପିସିର ପୁରୁଣା ଷ୍ଟେସନମାନଙ୍କର ଆକାରାୟିତ ଶକ୍ତିର ପରିମାଣ ହେଉଛି ୩୭୧୪ ଲକ୍ଷ ୟୁନିଟ । ଗୌଣ ଉପଯୋଗ ଓ ଅବସ୍ଥାନ୍ତରଣ କ୍ଷତିକୁ ବିଯୋଗ କଲା ପରେ ଗ୍ରୀଡ଼କୋକୁ ପଠାଯାଉଥିବା ଶକ୍ତିର ପରିମାଣ ହେଉଛି ୩୬୭୬.୮୬ ଲକ୍ଷ ୟୁନିଟ । ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ, ଆକାରାୟିତ ଶକ୍ତିର ପରିମାଣ ହେଉଛି ୧୯୬୨ ଲକ୍ଷ ୟୁନିଟ । ଗୌଣ ଉପଯୋଗ ଓ ଅବସ୍ଥାନ୍ତରଣ କ୍ଷତିକୁ ବିଯୋଗ କଲା ପରେ ଗ୍ରୀଡ଼କୋକୁ ପଠାଯାଉଥିବା ଶକ୍ତିର ପରିମାଣ ହେଉଛି ୧୯୪୨.୩୮ ଲକ୍ଷ ୟୁନିଟ ।

୧୨୬) ଓଏଚପିସି ତା'ର ଭିନ୍ନ ଭିନ୍ନ ୟୁନିଟ ପାଇଁ ଏକ ଖାପଛଡା ଓ ତରବରିଆ ମାସିକିଆ ଉତ୍ପାଦନ ସୂଚୀକୁ ଦାଖଲ କରିଛି । ୨୦୧୦-୧୧ ଆ.ବ. ପାଇଁ ଓଏଚପିସି ଏହି ଏକା ସୂଚୀକୁ ଗ୍ରୀଡ଼କୋକୁ ମଧ୍ୟ ଦାଖଲ କରିଛି । ଓଏଚପିସିର ଭିନ୍ନ ଭିନ୍ନ ଷ୍ଟେସନ ଉଦ୍ଦେଶ୍ୟରେ ଉପସ୍ଥାପିତ ସଦ୍ୟତମ ଉତ୍ପାଦନ ଖସଡା ଭିତ୍ତିରେ ଗ୍ରୀଡ଼କୋ ଓଏଚପିସି ଷ୍ଟେସନମାନଙ୍କରୁ ଶକ୍ତି କ୍ରୟ ପ୍ରଦର୍ଶନ କରିଛି । ହୀରାକୁଦ ଶକ୍ତି ଷ୍ଟେସନରୁ ସିଏସ୍ଇବିକୁ ନିର୍ଦ୍ଧାରିତ ୧୬.୬୦ ଲକ୍ଷ ୟୁନିଟର ଶକ୍ତି ଏବଂ ୦.୫ ପ୍ରତିଶତର ଗୌଣ ଉପଯୋଗ ଓ ୦.୫ପ୍ରତିଶତର ଅବସ୍ଥାନ୍ତରଣ କ୍ଷତିକୁ ବିଯୋଗ କଲା ପରେ, ଉତ୍ପାଦନ ଖସଡ଼ା ଅନୁଯାୟୀ, ଗ୍ରୀଡ଼କୋ ଓଏଚପିସିର ଜଳ ବିଦ୍ୟୁତ୍ ଷ୍ଟେସନମାନଙ୍କରୁ ୫୮୯୨.୮୬ ଲକ୍ଷ ୟୁନିଟର ଶକ୍ତି ଉପଲବ୍ଧତାକୁ ବିବେଚନାକୁ ନେଇଛି ।

୧୨୭) ପୂର୍ବ ଆଲୋଚନାରେ ସୂଚୀତ ମତେ, ଓଏଚପିସିର ପୁରୁଣା ଷ୍ଟେସନମାନଙ୍କର ଆକାରାୟିତ ଶକ୍ତିର ପରିମାଣ ୩୬୭୬.୮୬ ଲକ୍ଷ ୟୁନିଟ ହୋଇଥିବା ବେଳେ, ଏହି ସନ୍ଧିକ୍ଷଣରେ ବୃଷ୍ଟିପାତକୁ ଅନୁମାନ କରିବା ଅପରିପକ୍ୱ ଚିନ୍ତାଧାରାର ପରିଚାୟକ ଅଟେ । ଯେଣୁ, ଶକ୍ତିର ଉତ୍ପାଦନ ମୌସୁମୀ ପ୍ରବାହର ସ୍ଥିତି, ଜଳଭଣ୍ଡାରର ସ୍ତର ଏବଂ ଅନ୍ୟାନ୍ୟ ଏଜେନ୍ସିମାନଙ୍କ ଦ୍ୱାରା ଜଳର ବ୍ୟବହାର ଉପରେ ଶକ୍ତି ଉତ୍ପାଦନ ନିର୍ଭର କରେ, ତେଣୁ କେତେକ ଅଭିଯୋଗକାରୀଙ୍କ ପରାମର୍ଶ ମତେ ୭୦୦୦ଲକ୍ଷ ୟୁନିଟର ଶକ୍ତି ଉତ୍ପାଦନ କରାଯାଇ ପାରିବା କଥାକୁ ଆୟୋଗ ଗ୍ରହଣ କରିପାରୁ ନାହାନ୍ତି । ଏମିତି ଏକ ଉଚ୍ଚ ପରିମାଣର ପରିସଂଖ୍ୟାନକୁ ଗ୍ରହଣ କରିବା ଅର୍ଥ ଉଚ୍ଚା ଦାମ୍‌ର ଶକ୍ତି ଉତ୍ସରୁ କମ ଶକ୍ତି ଉଠାଣକୁ ବୁଝାଇବ, ଯାହା ପରୋକ୍ଷରେ ହ୍ରାସିତ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଗ୍ରୀଡ଼କୋର ଶକ୍ତି କ୍ରୟର ଦାମ୍‌କୁ ପ୍ରଭାବିତ କରିବ । ଅତଏବ, ଗୌଣ ଉପଯୋଗ ପରିମାଣ ଓ ଅବସ୍ଥାନ୍ତରଣ କ୍ଷତିକୁ ବିଯୋଗ କଲା ପରେ, ୨୦୧୦-୧୧ ଆ.ବ. ପାଇଁ ପୁରୁଣା ଷ୍ଟେସନସମୂହରୁ

୩୬୭୬.୮୬ ଲକ୍ଷ ୟୁନିଟର ନିଟ୍ ଉପଲବ୍ଧ ଶକ୍ତି ପରିମାଣ ଓ ଅପର ଇନ୍ଦ୍ରାବତୀ କ୍ଷେତ୍ରରେ ୧୯୪୨.୩୮ ୟୁନିଟର ନିଟ୍ ପରିମାଣକୁ ଆୟୋଗ ଗ୍ରହଣ ଓ ଅନୁମୋଦିତ ଦେବାକୁ ଉପଯୁକ୍ତ ବିବେଚନା କରିଛନ୍ତି ।

**ମାଛକୁଣ୍ଡ:**

୧୨୮) ୧୧୪.୫ ମେଗାୱାଟର ଉତ୍ପାଦନ କ୍ଷମତା ବିଶିଷ୍ଟ ଓ ୫୨୫ ଲକ୍ଷ ୟୁନିଟର ଆକାରାୟିତ ଶକ୍ତି ବିଶିଷ୍ଟ ମାଛକୁଣ୍ଡ ଜଳ ବିଦ୍ୟୁତ ଶକ୍ତି ଷ୍ଟେସନ ଓଡ଼ିଶା ସରକାର ଓ ଆନ୍ଧ୍ରପ୍ରଦେଶ ସରକାରଙ୍କର ଏକ ମିଳିତ ଉଦ୍ୟୋଗ । ଦକ୍ଷିଣାଞ୍ଚଳ ଗ୍ରୀଡ଼ ସହ ସହବନ୍ଧିତ ଭାବେ ମାଛକୁଣ୍ଡର ନିର୍ବାହନ ସ୍ଥିତିଶୀଳ ଏବଂ ଏକ ରେଡିଆଲ୍ ଜରିଆରେ ମାଛକୁଣ୍ଡରୁ ଶକ୍ତି ଓଡ଼ିଶାକୁ ମିଳିଥାଏ । ଏଥିରୁ ଗ୍ରୀଡ଼କୋର ୫୦ ପ୍ରତିଶତ ଉଠାଣ ଭିତ୍ତିରେ ପରିମାଣ ହେବ ୨୬୨.୫୦ ଲକ୍ଷ ୟୁନିଟ । ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ଼କୋ ମାଛକୁଣ୍ଡରୁ ଏହି ୨୬୨.୫୦ ଲକ୍ଷ ୟୁନିଟର ଶକ୍ତି ଉଠାଣକୁ ପ୍ରଦର୍ଶନ କରିଛି । ଆୟୋଗ ମଧ୍ୟ ୨୦୧୦-୧୧ ଆ.ବ. ପାଇଁ ଏହି ଷ୍ଟେସନରୁ ଉଠାଣ ପାଇଁ ୨୬୨.୫୦ ଲକ୍ଷ ୟୁନିଟକୁ ଅନୁମୋଦନ ଦେଇଛନ୍ତି । ଆୟୋଗ ଆଶା କରନ୍ତି ଯେ, ଓଡ଼ିଶା ଗ୍ରୀଡ୍‌ରୁ ବିଚ୍ଛିନ୍ନ କରାଯାଇ ସାଉଥ୍‌କୋର ଯଥେଷ୍ଟ ଲୋଡ୍ କେନ୍ଦ୍ରୀଭୂତ ଭାବେ ମାଛକୁଣ୍ଡ ସିଷ୍ଟମ ଉପରେ ପକାଯିବା ଉଚିତ । ଯାହା ଫଳରେ ମାଛକୁଣ୍ଡ ଷ୍ଟେସନର ଉତ୍ପାଦନରୁ ପ୍ରତିଦିନ ଅନ୍ୟୁନ ୫୦ ପ୍ରତିଶତ ଶକ୍ତି ଓଡ଼ିଶା ଉଠାଣ କରିପାରିବ । ଏ ନେଇ ସାଉଥ୍‌କୋ ଓ ଓପିଟିସିଏଲ୍ ମିଳିତ ପ୍ରୟାସ କରିବା ବାଞ୍ଛନୀୟ ।

୧୨୯) ଓଏଚପିସିର ଭିନ୍ନ ଭିନ୍ନ ଷ୍ଟେସନମାନଙ୍କରୁ ୨୦୧୦-୧୧ ଆ.ବ. ପାଇଁ ଗ୍ରୀଡ଼କୋ କ୍ରୟ କରିବାକୁ ଥିବା ଶକ୍ତିର ପରିମାଣକୁ ନିମ୍ନ ସାରଣୀରେ ଉଲ୍ଲେଖମତେ ଆୟୋଗ ଅନୁମୋଦନ ଦେଇଛନ୍ତି ।

**ସାରଣୀ-୧୨**

**୨୦୧୦-୧୧ରେ ଜଳ ବିଦ୍ୟୁତ୍ ଉଠାଣ**

**(ଏମ୍.ୟୁ)**

| ଉତ୍ପାଦନର ଉତ୍ସ | ୨୦୦୯-୧୦ରେ ଆୟୋଗଙ୍କ ଅନୁମୋଦିତ | **୨୦୧୦-୧୧ ପାଇଁ ଗ୍ରୀଡ଼କୋ ଦ୍ୱାରା ପ୍ରସ୍ତାବିତ** | ୨୦୧୦-୧୧ ପାଇଁ ଆୟୋଗଙ୍କ ଅନୁମୋଦିତ |
|---|---|---|---|
| **ବୁର୍ଲା** | ୧୧୩୨.୭୯ | ୯୯୭.୧୬ | ୬୭୭.୧୬ |
| **ଚିପିଲିମା** | | | ୪୮୫.୧୦ |
| **ବାଲିମେଳା** | ୧୧୭୧.୧୭ | ୧୧୭୨.୧୬ | ୧୧୭୧.୧୭ |
| **ରେଙ୍ଗାଲି** | ୮୧୭.୭୪ | ୬୮୮.୦୫ | ୫୧୯.୭୫ |
| ଅପର କୋଲାବ | ୮୨୬.୬୫ | ୮୨୮.୬୩ | ୮୨୩.୬୮ |
| **ଓମୁଦାୟ (ପୁରୁଣା ଷ୍ଟେସନ)** | **୩୯୪୮.୩୫** | **୩୬୮୬.୦୦** | **୩୬୭୬.୮୬** |
| **ଉପର ଇନ୍ଦ୍ରାବତୀ** | ୧୯୭୧.୦୯ | ୧୯୪୪.୩୬ | ୧୯୪୨.୩୮ |
| **ମାଛକୁଣ୍ଡ** | **୨୬୫.୦୦** | **୨୬୨.୫୦** | **୨୬୨.୫୦** |
| **ଓମୁଦାୟ ଜଳ ବିଦ୍ୟୁତ୍** | **୬୧୮୪.୪୪** | **୫୮୯୨.୮୬** | **୫୮୮୧.୭୪** |

**ହୀରାକୁଦ ଓ ଚିପିଲିମା ଶକ୍ତି ପ୍ରୋଜେକ୍ଟ ଦ୍ୱୟର ପୃଥକୀକରଣ:**

୧୩୦) ବୁର୍ଲାଠାରେ ଥିବା ହୀରାକୁଦ ପାୱାର ହାଉସ୍ ଏବଂ ଚିପିଲିମା ଠାରେ ଥିବା ଚିପିଲିମା ପାୱାର ହାଉସ୍ 'ହୀରାକୁଦ ପାୱାର ସିଷ୍ଟମ' ନାମକ ଗୋଟିଏ କଂପ୍ଲେକ୍ସ ଭାବେ ବିବେଚିତ ହେଉଛନ୍ତି ଏବଂ ଉଭୟ ପାୱାର ହାଉସ୍‌ର 'ବସ୍-ବାର୍' ଦୁଇଟି

୧୩୨ କେଭି ସଂଯୋଗ ଲାଇନ ଦ୍ୱାରା ସଂଯୋଗିତ ଅଟେ । କେଶ୍ ନଂ-୬୪/୨୦୦୯ରେ ୨୦୦୯-୧୦ ଆ.ବ. ପାଇଁ ୨୦.୩.୨୦୦୯ର ଟାରିଫ ଆଦେଶନାମା ମୂଳେ ଆୟୋଗ ହୀରାକୁଦ ଓ ଚିପିଲିମା ପାୱାର ହାଉସ୍ ପାଇଁ ପୃଥକ 'ଶକ୍ତି କ୍ରୟ ଚୁକ୍ତିନାମା' ଲାଗୁ କରିବା ଉଦ୍ଦେଶ୍ୟରେ ସବୁ ମନ୍ତେ ପ୍ରୟାସ କରିବାକୁ ଏବଂ ୨୦୧୦-୧୧ ଆ.ବ. ତଥା ପରବର୍ତ୍ତୀ ବର୍ଷ ଉଦ୍ଦେଶ୍ୟରେ ଉଭୟ ପାୱାର ହାଉସ୍ ପାଇଁ ପୃଥକ ଟାରିଫ ଫାଇଲିଂ ଉପସ୍ଥାପନ କରିବା ପାଇଁ ଓଏଚପିସିକୁ ପରାମର୍ଶ ଦେଇଥିଲେ । ସେହି ଅନୁଯାୟୀ, ହୀରାକୁଦ ଜଳ ବିଦ୍ୟୁତ ପ୍ରୋଜେକ୍ଟ ଓ ଚିପିଲିମା ଜଳ ବିଦ୍ୟୁତ ପ୍ରୋଜେକ୍ଟ ନାମକ ଉଭୟ ପାୱାର ହାଉସ୍ ଉଦ୍ଦେଶ୍ୟରେ ଓଏଚପିସି ପୃଥକ ଟାରିଫ ଫାଇଲିଂ ଉପସ୍ଥାପନ କରିଛି । ଅତଏବ, ୨୦୧୦-୧୧ ଆ.ବ. ଉଦ୍ଦେଶ୍ୟରେ, ଉଭୟ ପାୱାର ହାଉସ୍ ପାଇଁ ଆୟୋଗ ପୃଥକ ଟାରିଫ ନିର୍ଦ୍ଧାରଣ କରୁଛନ୍ତି ।

୧୩୧) ପୁନଶ୍ଚ, ଉପରୋକ୍ତ ପ୍ରସଂଗ ସମ୍ପର୍କରେ ଓଏଚପିସି ଓପିଟିସିଏଲ ସହ ବିମର୍ଶାଲୋଚନା କରିବାକୁ ଆୟୋଗ ଓଏଚପିସିକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସରକାରଙ୍କୁ ପରାମର୍ଶ ଦେଇଥିଲେ ଯେ, ଓପିଟିସିଏଲ୍‌ର ଦାୟିତ୍ୱାଧିନ ଭାବେ ପରିଚାଳନା ଓ ତୁଳାଜମା ନିମନ୍ତେ ହୀରାକୁଦ ଓ ଚିପିଲିମା ପାୱାର ହାଉସ୍ ମଧ୍ୟରେ ୧୩୨ କେଭି ସଂଯୋଗ - ଲାଇନକୁ ଓପିଟିସିଏଲ୍‌କୁ ହସ୍ତାନ୍ତରଣ କରାଯାଉ ।

**ବାର୍ଷିକ ସ୍ଥିର ବ୍ୟୟ:**

୧୩୨) ସିଇଆରସି ନିୟମାବଳୀ ଅନୁଯାୟୀ, ବାର୍ଷିକ ସ୍ଥିର ବ୍ୟୟର କମ୍ପ୍ୟୁଟେସନ ଉଦ୍ଦେଶ୍ୟରେ ନିମ୍ନୋକ୍ତ ଉପାଦାନସମୂହର ଏକ ପୁଂଖାନୁପୁଂଖ ବିଶ୍ଳେଷଣ ନିମ୍ନମତେ ପ୍ରସ୍ତୁତ କରାଯାଇଛି ।

**ଋଣ ଉପରେ ସୁଧ:**

୧୩୩) ଓଏଚପିସିର ଋଣ ଦାୟବଦ୍ଧତା ମଧ୍ୟରେ ରାଜ୍ୟ ସରକାରଙ୍କ ଠାରୁ ଋଣ ଓ ପିଏଫ୍‌ସି ଋଣ ଅନ୍ତର୍ଭୁକ୍ତ । ୧.୪.୧୯୯୬ ସୁଦ୍ଧା ଏହି ଋଣ ଦାୟବଦ୍ଧତାର ଅବଶିଷ୍ଟ ପରିମାଣ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

**ସାରଣୀ-୧୩**

**ସରକାରୀ ଋଣର ବିବରଣୀ**

(କୋଟି ଟଙ୍କାରେ)

| କ୍ର.ନଂ | ଋଣର ବିବରଣୀ | ୧.୪.୧୯୯୬ ସୁଦ୍ଧା ଋଣ ପରିମାଣ |
|---|---|---|
| ୧ | ୯.୮% ଋଣ | ୩୯.୨୦ |
| ୨ | ୧୩% ଋଣ (ୟୁଆଇଏଚଇପି) | ୪୯୭.୮୬ |
| ୩ | ସୁଧମୁକ୍ତ ଋଣ (ୟୁଆଇଏଚଇପି) | ୧୩୨.୧୪ |
| ୪ | ୧୩% ଋଣ (ପୋଟେରୁ) | ୧୪.୩ |
| ୫ | ଶୂନ୍ୟ କୁପନ ଋଣପତ୍ର-୧ | ୩୮୩.୧୦ |
| ୬ | ଶୂନ୍ୟ କୁପନ ଋଣପତ୍ର -୨ | ୩୮୩.୧୦ |
| ୭ | ଅନ୍ୟାନ୍ୟ ଋଣ | ୦.୯୯ |

ଉପରୋକ୍ତ ସାରଣୀରୁ ଜାଣିବାକୁ ମିଳେ ଯେ, ୧୫ ବର୍ଷର ପରିଶୋଧ ସମୟ ଅବଧି ସହିତ ୩୯.୨୦ କୋଟି ଟଙ୍କାର ରାଜ୍ୟ ସରକାରୀ ଋଣର ସୁଧର ହାର ହେଉଛି ୯.୮% । ୨୦୦୧-୦୨ ଠାରୁ ଆରମ୍ଭ କରି ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ଏହି ଋଣର ମୂଳ ପରିଶୋଧ ନ କରିବା ନେଇ ଆଇନଗତ ବ୍ୟବସ୍ଥା ରହିଛି । ତେବେ, ୨୦୦୧-୦୨ ଓ ୨୦୦୨-୦୩ରେ ଆୟୋଗ

ବର୍ଷକୁ ୩.୮୯କୋଟି ଟଙ୍କାର ମୂଳ ପରିମାଣ ପରିଶୋଧ କରିବା ପାଇଁ ଅନୁମତି ଦେଇଥିଲେ । ମୂଳ ବାବଦକୁ ପରିଶୋଧ ସହ-ପରିମାଣର ସାମିଲକରଣ ପରେ, ୧.୪.୨୦୧୦ ସୁଦ୍ଧା ସେହି ଋଣ ପରିମାଣ ୮.୦୮ କୋଟି ଟଙ୍କାକୁ କମିଆସିବ । ଇତି ମଧ୍ୟରେ, ବିଭିନ୍ନ ଉତ୍ପାଦନକାରୀ ୟୁନିଟ ମଧ୍ୟରେ ଓଏଚପିସି ଏହି ଋଣ ପରିମାଣକୁ ଭାଗକରଣ କରିଛି ।

କାନୁନଗୋ କମିଟିର ସୁପାରିଶ ଏବଂ ୨୯.୧.୨୦୦୩ର ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ, ୨୦୦୧-୦୨ ଆ.ବ. ଠାରୁ ୨୦୦୫-୦୬ ଆ.ବ. ପର୍ଯ୍ୟନ୍ତ କିମ୍ବା ଶକ୍ତି ସେକ୍ଟରରେ ସ୍ୱଚ୍ଛଳ ଅବସ୍ଥା ଆସିବା ପର୍ଯ୍ୟନ୍ତ (ଯେଉଁଟି ଆଗ ପଡିବ), ଆସେଟ୍‌ସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନକୁ ସ୍ଥଗିତ ଅବସ୍ଥାରେ ରଖାଯିବ । ଇତି ମଧ୍ୟରେ, ୨୦୦୫-୦୬ ପର ଠାରୁ ରାଜ୍ୟର ସାଧାରଣ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଏହି ଆର୍ଥିକ ବେନିଫିଟକୁ ବିସ୍ତାରଣ କରିବାକୁ ଆୟୋଗ ଓଡ଼ିଶା ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ୬.୧.୨୦୧୦ର ବିଜ୍ଞପ୍ତି ମୂଳେ ରାଜ୍ୟ ସରକାର ଉତ୍ତର ଦେଇଛନ୍ତି ଯେ:-

"କାନୁନଗୋ କମିଟି ରିପୋର୍ଟର ସୁପାରିଶ ଉପରେ ରାଜ୍ୟ ସରକାରଙ୍କ ପୂର୍ବ ନିଷ୍ପତ୍ତି ଏବଂ ଓଇଆରସିଙ୍କର ବର୍ତ୍ତମାନର ପରାମର୍ଶକୁ ଦୃଷ୍ଟିରେ ରଖି, କ୍ୟାବିନେଟ ମନ୍ତ୍ରିମଣ୍ଡଳର ଅନୁମୋଦନ ସହ ରାଜ୍ୟ ସରକାର ସିଦ୍ଧ ନିଷ୍ପତ୍ତି ନେଇଛନ୍ତି ଯେ, ୧.୪.୧୯୯୬ର ବିଜ୍ଞପ୍ତି ନଂ-୫୨୧୦ ଏବଂ ୧.୪.୧୯୯୬ର ବିଜ୍ଞପ୍ତି ନଂ-୫୨୦୭ରେ ସୂଚୀତ ଗ୍ରୀଡ଼କୋ/ ଓପିଟିସିଏଲ୍ ଓ ଓଏଚପିସିର ଆସେଟ୍‌ସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନକୁ ୨୦୦୬-୦୭ ଠାରୁ ୨୦୧୦-୧୧ ପର୍ଯ୍ୟନ୍ତ ସ୍ଥଗିତ ଅବସ୍ଥାରେ ରଖାଯିବ । ଏହା ସହ ନିମ୍ନୋକ୍ତ ପଂକ୍ତିସମୂହର ନିର୍ଯାସ ସହ ରାଜ୍ୟ ସରକାର ମଧ୍ୟ ସହମତ ହୋଇଛନ୍ତି ।

(କ) '୨୦୦୬-୦୭ ଆ.ବ. ଠାରୁ ୨୦୧୦-୧୧ ଆ.ବ. ପର୍ଯ୍ୟନ୍ତ ଏକ ପରବର୍ତ୍ତୀ ୫ ବର୍ଷର ସମୟ ଅବଧି ପାଇଁ ଆସେଟ୍ ସମୂହର ପୁନଃ-ମୂଲ୍ୟାୟନ ଉପରେ କୌଣସି ସୁଧ ହାର ଲାଗୁ କରାଯିବ ନାହିଁ' ସର୍ତ୍ତରେ ଗ୍ରୀଡ଼କୋ ଓ ଓଏଚପିସି ଦ୍ୱାରା ରାଜ୍ୟ ସରକାରଙ୍କୁ ବନ୍ଧକ ପ୍ରଦାନ କାର୍ଯ୍ୟ ସମାହିତ ହେଲା ।

(ଖ) ଆସେଟ୍‌ସମୂହର ପୁନଃ-ମୂଲ୍ୟାୟନକୁ ଭିତ୍ତି କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ଅତିରିକ୍ତ ନିବେଶିତ ଅଂଶ-ଧନ ୨୦୦୬-୦୭ ଆ.ବ. ଠାରୁ ୨୦୧୦-୧୧ ଆ.ବ. ପର୍ଯ୍ୟନ୍ତ ପରବର୍ତ୍ତୀ ୫ ବର୍ଷର ସମୟ ଅବଧି ପାଇଁ ନିବେଶିତ ମୂଳଧନ ଉପରେ କୌଣସି ଲାଭାଂଶ ଫେରସ୍ତ ପରିମାଣକୁ ଆୟ କରିବ ନାହିଁ ।

(ଗ) ପୁନଃ-ମୂଲ୍ୟାୟିତ (ପ୍ରାକ୍-'୯୨ ଦର-ହାରରେ) ଆସେଟ୍‌ସମୂହ ଉପରେ ଉଭୟ ଗ୍ରୀଡ଼କୋ/ଓପିଟିସିଏଲ ଏବଂ ଓଏଚପିସି ମୂଲ୍ୟ-ହ୍ରାସ ସହ ଭାଗୀଦାରୀ ରହିବେ ।

(ଘ) ଆସେଟ୍‌ସମୂହର ପୁନଃ-ମୂଲ୍ୟାୟନ ବାବଦକୁ ପ୍ରଯୋଜ୍ୟ ଦେୟ-ପରିମାଣ ବାଦ୍, ଋଣର ବ୍ୟବଧାନିକ ସମୟର ନିୟମ-ସୂଚୀ ଓ ସର୍ତ୍ତାବଳୀ ଅନୁଯାୟୀ ସୁଧ ସହ ରାଜ୍ୟ ସରକାରଙ୍କ ଠାରୁ ନିଆଯାଇଥିବା ପ୍ରକୃତ ଋଣର ଶୃଙ୍ଖଳାବଦ୍ଧ ପରିମାଣକୁ ଉଭୟ ଗ୍ରୀଡ଼କୋ/ଓପିଟିସିଏଲ ଓ ଓଏଚପିସି ପରିଶୋଧ କରିବେ ।

(ଙ) ପିଏଫ୍‌ସି ଋଣକୁ ସମ୍ପୂର୍ଣ୍ଣ ପରିଶୋଧ କରିସାରିବା ପରେ, ମାପଦଣ୍ଡ ଭିତ୍ତିକ ନିବେଶିତ ଅଂଶଧନକୁ ବାଦ୍ ଦେଇ, ପ୍ରକୃତରେ ଅପର ଇନ୍ଦ୍ରାବତୀ ପ୍ରୋଜେକ୍ଟରେ ରାଜ୍ୟ ସରକାର ନିବେଶ କରିଥିବା ମୂଳଧନ ଉପରେ ଲାଭାଂଶ ପରିମାଣ ୨୦୧୦-୧୧ ଆ.ବ. ଠାରୁ ରାଜ୍ୟ ସରକାର ହିଁ ଫେରସ୍ତ ପାଇବାକୁ ହକ୍‌ଦାର ହେବେ । ତେବେ, ୨୦୦୬-୦୭ ଆ.ବ. ଠାରୁ ପରବର୍ତ୍ତୀ ସମୟ ପାଇଁ ଏହି ନିବେଶ ଉପରେ ୭ ପ୍ରତିଶତର ସୁଧହାର ଲାଗୁ କରାଯିବ ଓ ପ୍ରଦାନ କରାଯିବ ।

(ଚ) ୧.୪.୧୯୯୬ ପରଠାରୁ ଉତ୍ପାଦନ ଆରମ୍ଭ କରାଯାଇଥିବା ନୂଆ ପ୍ରୋଜେକ୍ଟ କ୍ଷେତ୍ରରେ ଲାଭାଂଶ ପରିମାଣ ଫେରସ୍ତକୁ ଓଏଚପିସି ପାଇବାକୁ ଅନୁମତି ଦିଆଯାଇପାରେ ।

ଓଡ଼ିଶା ସରକାରଙ୍କର ଉପରୋକ୍ତ ବିଜ୍ଞପ୍ତିର ଉତ୍ତରରେ, ଆୟୋଗ ତାଙ୍କର ୨୭.୧.୨୦୧୦ର ଚିଠି ମୂଳେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ଯେ, "ରାଜ୍ୟ ସରକାରଙ୍କ ଠାରୁ ଋଣର ଋଣ-ସେବା ଉପରେ ଆଇନଗତ ରହିତାବସ୍ଥା ଓ

ଆସେଟ୍‌ସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନର ପ୍ରଭାବ ଜନିତ ସ୍ଥିତିକୁ ୨୦୧୨-୧୩ର ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ତା ୬.୧.୨୦୧୦ରିଖର ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା ଅନୁମୋଦିତ ମତେ, ୨୦୧୦-୧୧ ପରିବର୍ତ୍ତେ ବ୍ୟବସାୟିକ ଯୋଜନାର କଣ୍ଟ୍ରୋଲ ପିରିଅଡର ଶେଷ ସମୟ ପର୍ଯ୍ୟନ୍ତ ସ୍ଥଗିତାବସ୍ଥାରେ ରଖାଯାଇପାରେ ।"

ତା୨୭.୧.୨୦୧୦ରିଖର ଆୟୋଗଙ୍କ ଚିଠିର ଉତ୍ତରରେ ରାଜ୍ୟ ସରକାର ତା'୨୩.୨.୨୦୧୦ରିଖର ଚିଠି ନଂ-୧୫୭୭ରେ ସୂଚାଇଛନ୍ତି ଯେ, 'ସେକ୍ଟରର ସବୁ ଅଂଶୀଦାରମାନଙ୍କୁ ଯଥାବଶ୍ୟକୀୟ ସୂଚନା ସହ ଏ ସମ୍ପର୍କରେ ୨୦୧୦-୧୧ ଆ.ବ. ପର୍ଯ୍ୟନ୍ତ ଗ୍ରୀଡ଼କୋ ଏବଂ ଓଏଚପିସିର ଆସେଟ୍‌ସମୂହର ଉର୍ଦ୍ଧ୍ୱମୂଲ୍ୟାୟନକୁ ସ୍ଥଗିତାବସ୍ଥାରେ ରଖିବା ପାଇଁ ଆବଶ୍ୟକୀୟ ବିଜ୍ଞପ୍ତି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରକାଶ କରାଯାଇଛି । ୨୭.୧.୨୦୧୦ରେ ସୂଚିତ ଚିଠି ନଂ- ଜେଡି (ଏଫ୍)-୧୭୫/୦୨/୩୨୩୫ ମୂଳେ ଓଇଆରସିଙ୍କର ପରାମର୍ଶ ଭିତ୍ତିରେ ଉପରୋକ୍ତ ବିଜ୍ଞପ୍ତିର ସଂଶୋଧନ ନିମନ୍ତେ ସରକାରୀ ଆଦେଶନାମା ଖୁବ୍ ଶୀଘ୍ର ହାସଲ କରାଯିବ ।

ସେହି ଅନୁସାରେ, ୩୯.୨୦ କୋଟି ଟଙ୍କାର ଉପର-ଉଲ୍ଲେଖିତ ଋଣ (୧.୪.୨୦୧୦ ସୁଦ୍ଧା ଅବଶିଷ୍ଟ ପରିମାଣ ୮.୦୮ କୋଟି ଟଙ୍କା)କୁ ବାଦ୍ ଦେଇ ଆଉ ସବୁ ରାଜ୍ୟ ସରକାରୀ ଋଣର ପ୍ରତିଫଳନକୁ ଓଏଚପିସି ଷ୍ଟେସନସମୂହର ତାରିଫ ହିସାବ ଉଦ୍ଦେଶ୍ୟରେ ବିଚାର କରାଯାଇନାହିଁ ।

ଚିପିଲିମା, ବୁର୍ଲା, ଅପର ଇନ୍ଦ୍ରାବତୀ ଓ ବାଲିମେଳା ପ୍ରୋଜେକ୍ଟର ୟୁନିଟ ୭ ଓ ୮ର ବିସ୍ତାରଣ ଉଦ୍ଦେଶ୍ୟରେ ସିଏଫ୍‌ସି ଋଣ ଅଣାଯାଇଥିଲା । ୧.୫.୨୦୧୦ ସୁଦ୍ଧା ପିଏଫ୍‌ସି ଋଣର ଅବଶିଷ୍ଟ ପରିମାଣ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

**ସାରଣୀ-୧୪**

**ପିଏଫ୍‌ସି ବକେୟା ଋଣ**

(କୋଟି ଟଙ୍କାରେ)

| | ୧.୪.୨୦୦୯ ସୁଦ୍ଧା | ୧.୪.୨୦୧୦ ସୁଦ୍ଧା |
|---|---|---|
| (କ) ୟୁନିଟ୍ ୩ ଓ ୪- ବୁର୍ଲା | ୪୫.୫୯ | ୩୯.୦୭ |
| (ଖ) ୟୁନିଟ୍ ୭ ଓ ୮- ବୁର୍ଲା | ୭୬.୮୦ | ୬୭.୨୦ |
| (ଗ) ୟୁ.ଆଇ୍.ଏଚ୍.ଇ.ପ | ୩୨.୦୮ | ୦.୦୦ |
| **ସମୁଦାୟ** | **୧୫୪.୪୭** | **୧୦୬.୨୭** |

ଓଏପିସିର ପୁରୁଣା ଷ୍ଟେସନମାନଙ୍କ ପାଇଁ ଗ୍ୟାରେଣ୍ଟି କମିଶନକୁ ମିଶାଇ ଋଣ ଉପରେ ସୁଧ ପରିମାଣର ହିସାବ ହେଉଛି ୧୫.୨୦ କୋଟି ଟଙ୍କା ଏବଂ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ ଯେଣୁ ଋଣ ପରିମାଣର ସମ୍ପୂର୍ଣ୍ଣ ପରିଶୋଧ ହୋଇସାରିଛି, ତେଣୁ, ୨୦୦୯-୧୦ ଆ.ବ. ପାଇଁ ଯଥାକ୍ରମେ ୧୬.୮୫ କୋଟି ଓ ୨.୮୮କୋଟି ତୁଳନାରେ ୨୦୧୦-୧୧ ଆ.ବ. ପାଇଁ ଅବଶିଷ୍ଟ ବାକିଆ ପରିମାଣ ଶୂନ୍ୟ ଅଟେ ।

**ସାରଣୀ-୧୫**

**ଓଏଚପିସି ଋଣ ଓ ସୁଧର ବିବରଣୀ**

(କୋଟି ଟଙ୍କାରେ)

| ଋଣର ଉତ୍ସ | ବକେୟା ଋଣ | | ଋଣର ସୁଧ | | | |
|---|---|---|---|---|---|---|
| | ୧.୪.୨୦୦୯ | ୧.୪.୨୦୧୦ ସୁଦ୍ଧା | ଆର୍ଥିକ ବର୍ଷ | ଆର୍ଥିକ ବର୍ଷ | ଆର୍ଥିକ ବର୍ଷ ୨୦୧୦-୧୧ | ଆର୍ଥିକ ବର୍ଷ ୨୦୧୦- |

| | ସୁଧ୍ଯା | | ୨୦୦୯-୧୦ରେ ଓଇଆରସି ଅନୁମୋଦିତ | ୨୦୧୦-୧୧ରେ ଓଏଚ୍‌ପିସି ପ୍ରସ୍ତାବିତ | ପାଇଁ କମିଶନଙ୍କ ଅନୁମୋଦିତ | ୧୧ରେ ବିଏଚ୍‌ଇପି ଠାରେ ସମଯୋଜନ ପରେ ଅନୁମୋଦି |
|---|---|---|---|---|---|---|
| ୯.୮% ଦର-ହାରରେ ସରକାରୀଋଣ | ୧୧.୯୭ | ୮.୦୮ | ୧.୧୭ | ୦.୭୯ | ୦.୭୯ | ୦.୭୯ |
| ବୁର୍ଲା (ୟୁନିଟ ୩ ଓ ୪ ପାଇଁ ପିଏଫସି ଋଣ) | ୪୫.୫୯ | ୩୯.୦୭ | ୩.୬୫ | ୩.୦୯ | ୩.୦୯ | ୩.୦୯ |
| ବାଲିମେଲା (ୟୁନିଟ ୭ ଓ *) ପାଇଁ ପିଏଫସି ଋଣ | ୭୬.୮୦ | ୬୭.୨୦ | ୬.୯୫ | ୬.୦୨ | ୬.୦୨ | - ୨.୬୮ * |
| ଇବ୍ରୁଲା ପାଇଁ ଡିମ୍‌ଡ ଋଣ | ୨୨.୫୬ | ୧.୧୭ | ୧.୮୨ | ୦.୦୫ | ୦.୦୫ | ୦.୦୫ |
| ଚିପିଲିମା ପାଇଁ ଡିମ୍‌ଡ ଋଣ | | ୧୨.୨୪ | | ୦.୯୨ | ୦.୯୨ | ୦.୯୨ |
| ବାଲିମେଲା ପାଇଁ ଡିମ୍‌ଡ ଋଣ | ୨୪.୦୦ | ୩୯.୦୦ | ୨.୧୮ | ୩.୨୫ | ୩.୨୫ | ୩.୨୫ |
| ସରକାରୀ ଗ୍ୟାରେଣ୍ଟିଯୁକ୍ତ କମିଶନ | - | - | ୧.୦୮ | ୧.୦୮ | ୧.୦୮ | ୧.୦୮ |
| ସମୁଦାୟ (ପୁରୁଣା ଷ୍ଟେସନସମୂହ) | **୧୮୦.୯୨** | **୧୬୬.୭୬** | **୧୬.୮୫** | **୧୫.୨୦** | **୧୫.୨୦** | **୬.୪୦** |
| ୟୁଆଇଏଚଇପି (ପିଏଫସି ଋଣ) | ୩୨.୦୮ | ୦.୦୦ | ୨.୮୮ | ୦.୦୦ | ୦.୦୦ | ୦.୦୦ |

- ବାଲିମେଲା ଶକ୍ତି ଷ୍ଟେସନର ଋଣ ଉପରେ ସୁଧ ପରିମାଣକୁ ଅନୁମୋଦନ ଦେଲା ବେଳେ ଆୟୋଗ ଅନୁଧାନ କରି ଜାଣିଛନ୍ତି ଯେ, ୨୦୦୭-୦୮ ଆ.ବ.ରେ ବାଲିମେଲାର ୟୁନିଟ - ୭ ଓ ୟୁନିଟ - ୮କୁ ମୂଳଧନୀକରଣ ପାଇଁ ସୂଚୀଭୁକ୍ତ କରାଯାଇଥିଲା ଏବଂ ଓଏଚପିସିର ପ୍ରସ୍ତାବ ଅନୁଯାୟୀ, ୨୦୦୭-୦୮ ଆ.ବ. ପାଇଁ ଏଆର୍‌ଆର୍ ଅନୁମୋଦନ ବେଳେ ସେହି ଏକା ପ୍ରୋଜେକ୍ଟର ସୁଧ ପରିମାଣ ବାବଦକୁ ଆୟୋଗ ୮.୮୦କୋଟି ଟଙ୍କାର ପରିମାଣକୁ ଅନୁମୋଦନ କରିଛନ୍ତି । ତେବେ ସେ ଯା' ହେଉନା କାହିଁକି, ୨୦୦୮-୦୯ ଆ.ବ.ରେ ପ୍ରୋଜେକ୍ଟ ତା'ର ଉତ୍ପାଦନର ଶୁଭାରମ୍ଭ କରିଥିଲା । ସୁତରାଂ, ୨୦୦୭-୦୮ର ତାରିଫକୁ ପାରିତ କରାଇ ଦିଆଯାଇଥିବା ଋଣ ଉପରେ ସୁଧ ପରିମାଣକୁ ଆଡଜଷ୍ଟ କରାଯାଇଛି ଏବଂ ୨୦୧୦-୧୧ ଆ.ବ. ପାଇଁ ବାଲିମେଲା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଋଣ ଉପରେ ସୁଧ ପରିମାଣରୁ ବିଯୋଗ କରାଯାଇଛି । ସେହି ଅନୁସାରେ, ୧୫.୨୦ କୋଟି ପରିବର୍ତ୍ତେ, ୨୦୧୦-୧୧ ଆ.ବ. ପାଇଁ ଓଏଚପିସିର ପୁରୁଣା ଷ୍ଟେସନସମୂହ ଉଦ୍ଦେଶ୍ୟରେ ଆୟୋଗ ୬.୪୦ କୋଟି ଟଙ୍କାର ସୁଧ ଦେୟ ପରିମାଣକୁ ଅନୁମୋଦନ ଦେଇଛନ୍ତି । ଯେଣୁ, ବାକିଆ ଋଣ ପରିମାଣ ଶୂନ୍ୟ ଅଟେ, ତେଣୁ ୨୦୧୦-୧୧ ଆ.ବ. ପାଇଁ ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ଉଦ୍ଦେଶ୍ୟରେ କୌଣସି ସୁଧ ପରିମାଣକୁ ପାରିତ କରାଯାଇନାହିଁ ।

**ମୂଲ୍ୟହ୍ରାସ:**

୧୩୪) ମୂଲ୍ୟ-ହ୍ରାସ ପରିମାଣ ଉତ୍ପାଦନକାରୀ କମ୍ପାନୀଙ୍କର ବାର୍ଷିକ ପରିଚାଳନା ବ୍ୟୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାବ ଏବଂ ବାର୍ଷିକ ବ୍ୟୟ ପରିମାଣର ଏହା ୨୦ରୁ ୨୫ ପ୍ରତିଶତ ଅଟେ । ଉଦାହରଣୀୟ କ୍ଷେତ୍ର ବିଶେଷରେ ମୁଖ୍ୟ ଆସେଟ୍‌ସମୂହର

ପୁନଃ-ମୂଲ୍ୟାୟନ ସେ ସବୁର ଐତିହାସିକ ଦାମ୍‌ର ପାଖାପାଖି ୩ ଗୁଣ ହୋଇଛି । ପୂର୍ବବର୍ତ୍ତୀ ସମୟରେ, ଅର୍ଥାତ ୨୦୦୦-୦୧ ପର୍ଯ୍ୟନ୍ତ ପ୍ରଚଳିତ ଦର-ହାର, ଅର୍ଥାତ୍ '୯୪ ପର ଦର-ହାରରେ ଆୟୋଗ ମୂଲ୍ୟ-ହ୍ରାସ ପରିମାଣର ହିସାବ କରିଥିଲେ, ଯାହା ଅପ୍-ଫ୍ରଣ୍ଟ ଲୋଡିଂ ଯୋଗୁ ରାଜସ୍ୱ ଆବଶ୍ୟକତାକୁ ଆଖିଦୃଶିଆ ଭାବେ ବଢ଼ାଇଦେଲା । ୨୦୦୧-୦୨ ଆ.ବ. ଠାରୁ ସଠିକ ପରିମାପନର ଏକ ଅଂଶବିଶେଷ ଭାବରେ ଏକ ନିର୍ଦ୍ଦିଷ୍ଟ ବର୍ଷରେ ମୂଳ ଋଣ ପରିଶୋଧନୀୟତା ପ୍ରତି ମୂଲ୍ୟ-ହ୍ରାସ ପରିମାଣ ସସୀମ ଥିଲା। ତେବେ, ୨୦୦୩-୦୪ରେ ଓଡିଶା ଉଚ୍ଚ ନ୍ୟାୟାଳୟଙ୍କର ନିର୍ଦ୍ଦେଶନାମା ଅନୁଯାୟୀ, ଆସେଟସମୂହର ପୁସ୍ତିକା ମୂଲ୍ୟ ଉପରେ ଭାରତ ସରକାରଙ୍କ ବିଜ୍ଞପିତ ପ୍ରାକ୍-୧୯୯୨ ମାପଦଣ୍ଡରେ ମୂଲ୍ୟ-ହ୍ରାସର ହିସାବ କରାଯାଇଥିଲା । ପୁନଶ୍ଚ, ୨୦୦୪-୦୫ରେ ମୂଳ ପରିଶୋଧନୀୟତା ସହ ସସୀମ ଭାବେ ଆୟୋଗ ମୂଲ୍ୟ-ହ୍ରାସର ହିସାବ କରିଥିଲେ । ବାର୍ଷିକ ସ୍ଥିର ବ୍ୟୟ ପରିମାଣ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ପ୍ରୋଜେକ୍ଟ ବ୍ୟୟର ୨.୫୭% ଦର-ହାରରେ କମ୍ପ୍ୟୁଟରୀକୃତ ମୂଲ୍ୟ-ହ୍ରାସ ପରିମାଣ ୨୦୧୦-୧୧ ଆ.ବ. ପାଇଁ ବିବେଚନା କରାଯାଇଛି । ତେବେ, ବୁର୍ଲା ଓ ବାଲିମେଳା କ୍ଷେତ୍ରରେ, ଯେଉଁ କ୍ଷେତ୍ରରେ ୨.୫୭%ର କମ୍ପ୍ୟୁଟରୀକୃତ ମୂଲ୍ୟ-ହ୍ରାସ ପରିମାଣ ଠାରୁ ଋଣ ପରିଶୋଧ ପରିମାଣ ଅଧିକ ଅଟେ ସେ କ୍ଷେତ୍ରରେ ପାର୍ଥକ୍ୟଗତ ପରିମାଣକୁ ବିବେଚନାଭୁକ୍ତ କରାଯାଇଛି ଏବଂ ୨୦୧୦-୧୧ ଆ.ବ. ପାଇଁ ମୂଳ ଋଣର ସମ୍ପୂର୍ଣ୍ଣ ପରିଶୋଧନୀୟତା ପାଇଁ ମୂଲ୍ୟ-ହ୍ରାସ ପରିମାଣକୁ ବଢ଼ାଇ ଦିଆଯାଇଛି । ପୁରୁଣା ଷ୍ଟେସନଗୁଡିକ ଉଦ୍ଦେଶ୍ୟରେ ଓଏଚପିସି ଦ୍ୱାରା ଉପସ୍ଥାପିତ ମତେ ଋଣ ପରିଶୋଧନୀୟତାର ସବିଶେଷତାକୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

**ସାରଣୀ-୧୬**

**ଋଣ ପରିଶୋଧର ବିବରଣୀ**

(କୋଟି ଟଙ୍କାରେ)

| **ଶକ୍ତି ଷ୍ଟେସନର ନାମ** | **୨୦୦୯-୧୦** | **୨୦୧୦-୧୧** |
|---|---|---|
| ଆରଏଚଇପି | ୧.୦୫ | ୧.୦୫ |
| ୟୁକେଏଚଇପି | ୧.୨୫ | ୧.୨୫ |
| ବିଏଚଇପି | ୧୩.୫୫ | ୧୬.୧୨ |
| ଏଚଏଚ୍ଇପି | ୧୨.୫୦ | ୭.୯୭ |
| ସିଏଚ୍ଇପି | | ୧.୭୨ |
| ସମୁଦାୟ | **୨୮.୩୫** | **୨୮.୧୧** |

୨୦୧୦-୧୧ ଆ.ବ. ପାଇଁ ରେଙ୍ଗାଲି, ଅପର କୋଲାବ ଓ ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ ୨.୫୭%କୁ ପ୍ରୟୋଗ କରି ଟାରିଫରେ ମୂଲ୍ୟ-ହ୍ରାସ ପରିମାଣକୁ ଦାବୀ କରାଯାଇଛି । ଅଥଚ ବାଲିମେଳା ଓ ହୀରାକୁଦ ପ୍ରୋଜେକ୍ଟ କ୍ଷେତ୍ରରେ ନିମ୍ନ ସାରଣୀରେ ସାରାଂଶୀକୃତ ଭାବେ ଓଏଚପିସି ଦ୍ୱାରା ମୂଲ୍ୟ-ହ୍ରାସ ଜରିଆରେ ଭରଣା ପାଇଁ ପ୍ରକୃତ ଋଣ ପରିଶୋଧନୀୟତା ଉଦ୍ଦେଶ୍ୟରେ ଆବଶ୍ୟକତାକୁ ବିବେଚନା କରାଯାଇଛି ।

**ସାରଣୀ-୧୭**

| **ଶକ୍ତି କେନ୍ଦ୍ରମାନଙ୍କର ନାମ** | **ହ୍ରାସ-ମୂଲ୍ୟ (କୋଟି ଟଙ୍କାରେ)** | ମନ୍ତବ୍ୟ |
|---|---|---|
| ଆରଏଚଇପି | ୨.୪୧ | ୨.୫୭% |
| ଅପରକୋଲାବ | ୨.୮୮ | ୨.୫୭% |
| ବାଲିମେଳା | ୧୬.୧୨ | ପରିଶୋଧ୍ୟ ଋଣ ପରିମାଣ ସହ ସମାନ |

| | | |
|---|---|---|
| ଇବ୍ରା | ୭.୯୭ | ପରିଶୋଧ୍ୟ ଋଣ ପରିମାଣ ସହ ସମାନ |
| ଚିପିଲିମା | ୩.୩୦ | ୨.୫୭% |
| ସମୁଦାୟ | **୩୨.୬୮** | |

ଓଏଚପିସିର ପୁରୁଣା ଶକ୍ତି ଷ୍ଟେସନମାନଙ୍କ ଉଦ୍ଦେଶ୍ୟରେ ୨୦୧୦-୧୧ ଆ.ବ. ପାଇଁ ଆୟୋଗଙ୍କ ଦ୍ୱାରା ୩୨.୬୮ କୋଟି ଟଙ୍କାର ମୂଲ୍ୟ-ହ୍ରାସ ପରିମାଣ ଅନୁମୋଦିତ ହୋଇଛି । ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ, ପ୍ରୋଜେକ୍ଟ ବ୍ୟୟର ମୂଲ୍ୟ-ହ୍ରାସିତ ମୂଲ୍ୟରୁ ୨୦୦୯-୧୦ ଆ.ବ. ପର୍ଯ୍ୟନ୍ତ ଏଆର୍‌ଆର୍‌ରେ ଅନୁମତିପ୍ରାପ୍ତ ସାମୁଦାୟିକ ମୂଲ୍ୟ-ହ୍ରାସ ପରିମାଣକୁ ବିୟୋଗ କଲାପରେ 'ସରଳରେଖା ପଦ୍ଧତି'କୁ ଭିତ୍ତି କରି ମୂଲ୍ୟ-ହ୍ରାସ ପରିମାଣକୁ ହିସାବ କରାଯାଏ । ଯେଣୁ, ୩୧୯.୪୯ କୋଟି ଟଙ୍କା ପର୍ଯ୍ୟନ୍ତର ମୂଲ୍ୟ-ହ୍ରାସ ପରିମାଣକୁ ସମ୍ପୂର୍ଣ୍ଣ ଭାବେ ଭରଣା କରାଯାଇ ସାରିଛି, ତେଣୁ ପ୍ରୋଜେକ୍ଟ ବ୍ୟୟର ମୂଲ୍ୟ-ହ୍ରାସିତ ମୂଲ୍ୟରୁ ଏହି ପରିମାଣକୁ ବିୟୋଗ କରାଯାଇଛି । ୨୦୧୦-୧୧ ଆ.ବ. ପାଇଁ ମୂଲ୍ୟ-ହ୍ରାସ ପରିମାଣକୁ ହିସାବ କଲାବେଳେ ଅବଶିଷ୍ଟ ପରିମାଣକୁ ପ୍ରୋଜେକ୍ଟର ଅବଶିଷ୍ଟ 'ଆୟୁଷ' ଦ୍ୱାରା ଭାଗ କରାଯାଇଥାଏ । ନିମ୍ନ ସାରଣୀରେ ଏହାର ସବିଶେଷ ହିସାବର ସାରାଂଶୀକରଣ କରାଗଲା ।

**ସାରଣୀ-୧୮**

**ୟୁଆଇଏଚ୍‌ଇପି ଶୁଳ୍କରୁ ଆଦାୟ ହୋଇଥିବା ହ୍ରାସମୂଲ୍ୟ**

(କୋଟି ଟଙ୍କାରେ)

| | | |
|---|---|---|
| (କ) | ପ୍ରକଳ୍ପର ମୂଳ ମୂଲ୍ୟ | ୧୧୯୪.୭୯ |
| (ଖ) | ୩୧.୦୩.୨୦୦୯ ସୁଦ୍ଧା ପ୍ରକଳ୍ପର ମୂଲ୍ୟର ୯୦% | ୧୦୭୫.୩୧ |
| (ଗ) | **ବାର୍ଷିକ ରାଜସ୍ୱ ଚାହିଦା ୨୦୦୯-୧୦ ପର୍ଯ୍ୟନ୍ତ କ୍ରମବର୍ଦ୍ଧିଷ୍ଣୁ ହ୍ରାସମୂଲ୍ୟ ମଞ୍ଜୁର** | ୩୧୯.୪୯ |
| (ଘ) | **୨୦୧୦-୧୧ ପର୍ଯ୍ୟନ୍ତ ବାର୍ଷିକ ରାଜସ୍ୱ ଚାହିଦାର ହ୍ରାସମୂଲ୍ୟ ଦାବୀ** | ୪୩.୦୧ |
| (ଙ) | **ଆର୍ଥିକ ବର୍ଷ ୨୦୧୦-୧୧ ବାର୍ଷିକ ରାଜସ୍ୱ ଚାହିଦା ପର୍ଯ୍ୟନ୍ତ ହ୍ରାସମୂଲ୍ୟ ମଞ୍ଜୁର** | ୩୦.୨୩ |

**ନିବେଶିତ ମୂଳଧନ ଉପରେ ଲାଭାଂଶ ପରିମାଣ ଫେରସ୍ତ ସମ୍ପର୍କରେ.......**

୧୩୫) ନୂଆ ସିଇଆରସି ଟାରିଫ ନିୟମାବଳୀ ୨୦୦୯-୧୪ ସମୟ ଅବଧି ପାଇଁ ନିମ୍ନ ବର୍ଣ୍ଣିତ ମତେ ବ୍ୟବସ୍ଥା ରଖିଛି ।

କ) ନିୟମ - ୧୨ରେ ନିହିତ ବ୍ୟବସ୍ଥାକୁ ଅନୁସରଣ ପୂର୍ବକ ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣ ନିର୍ଦ୍ଧାରଣ କରାଯିବ । 'ଟଙ୍କା' ରୂପରେ ଏହାକୁ କମ୍ପ୍ୟୁଟରୀକୃତ କରାଯିବ ।

ଖ) ୧୫.୫ ପ୍ରତିଶତର ଭିତ୍ତି-ହାରରେ ପ୍ରାକ୍-ଶୁଳ୍କ ଆଧାରରେ ଲାଭାଂଶ ଫେରସ୍ତ ପରିମାଣକୁ କମ୍ପ୍ୟୁଟ କରାଯିବ । ଯଥା-ଉଦ୍ଦିଷ୍ଟ ଉତ୍ପାଦନକାରୀ କମ୍ପାନୀ ପ୍ରତି ପ୍ରଯୋଜ୍ୟମତେ, ୨୦୦୮-୦୯ର ସାଧାରଣ (ସ୍ୱଭାବିକ)ଶୁଳ୍କ ଦର-ହାର ସହ ଭିତ୍ତି ଦର-ହାରକୁ ମିଶାଇ ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣର ହାରକୁ କମ୍ପ୍ୟୁଟ କରାଯିବ ।

ଗ) ତିନି ଦଶମିକ ସ୍ଥାନ ପର୍ଯ୍ୟନ୍ତ ଲାଭାଂଶ ଫେରସ୍ତ ପରିମାଣର ହାରକୁ ନିର୍ଦ୍ଦିଷ୍ଟ ଭାବେ ସୂଚିତ କରାଯିବ ଏବଂ ନିମ୍ନଲିଖିତ ସୂତ୍ର ଅନୁଯାୟୀ କମ୍ପ୍ୟୁଟରୀକରଣ କରାଯିବ ।

ପ୍ରାକ୍-ଶୁଳ୍କ ଯୁକ୍ତ ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣର ହାର = ଭିତ୍ତି ହାର / (୧-ସ୍ୱ)

(ଏଠାରେ 'ସ୍ୱ' ହେଉଛି ପ୍ରଯୋଜ୍ୟ ଶୁଳ୍କ ହାର)

୧୩୬) ଉପରୋକ୍ତ ହିସାବ ଅନୁଯାୟୀ, ଓଏଚପିସି ଶକ୍ତି ଷ୍ଟେସନସମୂହର ନିବେଶିତ ଅଂଶଧନ ଉପରେ ଲାଭାଂଶ ଫେରସ୍ତ ପରିମାଣର ହାର ୨୦୧୦-୧୧ ଆ.ବ. ପାଇଁ ୧୮.୬୭୪ ପ୍ରତିଶତ ହେଉଛି ।

୧୩୭) ଓଏଚପିସିର ନିବେଶିତ ମୂଳଧନ ସମ୍ପର୍କରେ କୁହାଯାଇପାରେ ଯେ, କେଶ୍-ନଂ - ୬୫/୨୦୦୧ ଏବଂ କେଶ୍-ନଂ-୦୪/୨୦୦୨ର ପରିଚ୍ଛେଦ- ୬.୪.୧୭ (ପରିଚ୍ଛେଦ-୬.୪.୨୧ ଜରିଆରେ) ମୂଳେ, ଆୟୋଗଙ୍କର ୧୯, ଏପ୍ରିଲ, ୨୦୦୨ର ଟାରିଫ ଆଦେଶନାମାରେ ଏହା ସମ୍ପୂର୍ଣ୍ଣ ଭାବେ ସିଦ୍ଧାନ୍ତ ନିଆଯାଇଥିଲା ।

୧୩୮) ଉପରୋକ୍ତ ଆଦେଶନାମାର ମର୍ଯାର୍ଥ ଏବଂ ତା' ପରର ୨୯.୧.୨୦୦୩ର ସରକାରୀ ବିଜ୍ଞପ୍ତିକୁ ଭିତ୍ତି କରି, କେବଳ ୧.୪.୧୯୯୬ ପରେ କରାଯାଇଥିବା ନୂଆ ନିବେଶସମୂହ ଉପରେ ଓଏଚପିସିକୁ ୨୦୦୪-୦୫ ଆ.ବ. ପାଇଁ ନିବେଶିତ ଅଂଶଧନ ଉପରେ ଲାଭାଂଶ ପରିମାଣ ଫେରସ୍ତକୁ ଅନୁମତି ଦିଆଯାଇଥିଲା । ପୁନଶ୍ଚ, ରାଜ୍ୟ ସରକାର ତାଙ୍କର ୬.୧.୨୦୧୦ର ବିଜ୍ଞପ୍ତି ମୂଳେ ୨୦୧୦-୧୧ ଆ.ବ. ପର୍ଯ୍ୟନ୍ତ ତାହାକୁ ବଢ଼ାଇ ଦେଇଛନ୍ତି । ଆୟୋଗ ତାଙ୍କର ୨୭.୧.୨୦୧୦ ତାରିଖର ଚିଠି ନଂ-୨୮୦୭ ତାରିଖ, ଜେଡି (ଏଫ୍)- ୧୭୫/୦୨/୩୨୩୫ ମୂଳେ, ୨୦୧୨-୧୩ ପର୍ଯ୍ୟନ୍ତ ଆସେଟ ସମୂହର ଉର୍ଦ୍ଧ୍ୱ-ମୂଲ୍ୟାୟନ ଓ ଅନ୍ୟାନ୍ୟ ନୀତିଗତ ପ୍ରସଂଗସମୂହକୁ ସ୍ଥଗିତାବସ୍ଥାରେ ରଖିବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ; ଏବଂ ସରକାର ୨୩.୨.୨୦୧୦ ଚିଠି ନଂ-୧୫୬୭ ମୂଳେ ତାଙ୍କର ମତ ପ୍ରକାଶ କଲେ ଯେ, ୨୭.୧.୨୦୧୦ତାରିଖର ସୂଚିତ ଚିଠି ନଂ-ଜେଡି (ଏଫ୍) - ୧୭୫/୦୨/୩୨୩୫ ମୂଳେ, ଓଇଆରସିଙ୍କର ପରାମର୍ଶ ଭିତ୍ତିରେ ଉପରୋକ୍ତ ବିଜ୍ଞପ୍ତିର ସଂଶୋଧନ ପାଇଁ ସରକାରୀ ଆଦେଶନାମା ହାସଲ କରାଯିବ ।

୧୩୯) ଉପରୋକ୍ତ ଉଲ୍ଲେଖ-ଅବତାରଣାକୁ ଭିତ୍ତି କରି, ହୀରାକୁଦ ଶକ୍ତି ଷ୍ଟେସନ ପାଇଁ ୪୭.୫୨ କୋଟି ଟଙ୍କା, ଚିପିଲିମା ପାଇଁ ୯.୦୧ କୋଟି ଟଙ୍କା ଏବଂ ବାଲିମେଳା ଶକ୍ତି ଷ୍ଟେସନ ପାଇଁ ୬୨.୬୨ କୋଟି ଟଙ୍କାର ଓଏଚପିସିର ନିଜସ୍ୱ ନିବେଶ ଉପରେ ୧୮.୬୭୪ ପ୍ରତିଶତ ହାରରେ ପୁରୁଣା ଷ୍ଟେସନସମୂହର ଲାଭାଂଶ ଫେରସ୍ତ ପରିମାଣ ହିସାବ ହୋଇଛି । ଅତଏବ, ହୀରାକୁଦ ଷ୍ଟେସନ ପାଇଁ ନିବେଶିତ ମୂଳଧନ ଉପରେ ଲାଭାଂଶ ଫେରସ୍ତ ପରିମାଣ ୦.୮୭ କୋଟି ଟଙ୍କା, ଚିପିଲିମା ପାଇଁ ୧.୬୮ କୋଟି ଟଙ୍କା ଏବଂ ବାଲିମେଳା ଶକ୍ତି ଷ୍ଟେସନ ପାଇଁ ୧୧.୬୯ କୋଟି ଟଙ୍କା ହିସାବକୁ ଆସୁଛି । ତେବେ, ବାଲିମେଳା କ୍ଷେତ୍ରରେ, ୨୦୦୭-୦୮ରେ ପ୍ରୋଜେକ୍ଟର ୟୁନିଟ - ୭ ଓ ୮ର ଉତ୍ପାଦନକୁ ଆଶା ରଖି ୨୦୦୭-୦୮ ଆ.ବ. ଉଦ୍ଦେଶ୍ୟରେ ଏଆର୍ଆର୍ ଅନୁମୋଦନ ବେଳେ ୭.୫୭ କୋଟି ଟଙ୍କା ପର୍ଯ୍ୟନ୍ତ ଲାଭାଂଶ ଫେରସ୍ତ ପରିମାଣକୁ ଅନୁମତି ଦିଆଯାଇଥିଲା । କିନ୍ତୁ, ୨୦୦୮-୦୯ ଆ.ବ.ରେ ପ୍ରୋଜେକ୍ଟର ଶକ୍ତି ଉତ୍ପାଦନ ଆରମ୍ଭ ହୋଇଥିଲା । ତେଣୁ, ୭.୫୬କୋଟି ଟଙ୍କାର ଉପରୋକ୍ତ ଲାଭାଂଶ ଫେରସ୍ତ ପରିମାଣ, ଯାହା ସମ୍ପୂର୍ଣ୍ଣ ଭାବେ ଅନୁମତିପ୍ରାପ୍ତ ହୋଇସାରିଥିଲା, ୨୦୧୦-୧୧ ଆ.ବ. ପାଇଁ ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଏଆର୍ଆର୍ରୁ ବିଯୋଗ କରାଯାଇଛି । ଅତଏବ, ବାଲିମେଳା କ୍ଷେତ୍ରରେ ୨୦୧୦-୧୧ ଆ.ବ. ପାଇଁ ଅନୁମତି ଦିଆଯାଇଥିବା ନିଟ୍ ଲାଭାଂଶ ଫେରସ୍ତ ପରିମାଣ ହେଉଛି - ୧୧.୬୯କୋଟି - ୭.୫୬କୋଟି = ୪.୧୩ କୋଟି ଟଙ୍କା । ସେହିପରି, ରେଙ୍ଗାଲି ଓ ଅପରକୋଲାବ ପାଇଁ ୧.୪.୧୯୯୬ ପରେ ରେଙ୍ଗାଲି ଓ ଅପର କୋଲାବ ପ୍ରୋଜେକ୍ଟ ଉଦ୍ଦେଶ୍ୟରେ ଓଏଚପିସିର ନିଜସ୍ୱ ନିବେଶ ଉପରେ ଲାଭାଂଶ ଫେରସ୍ତ ପରିମାଣ ଯଥାକ୍ରମେ ୦.୧୬କୋଟି ଟଙ୍କା ଓ ୦.୨୧ କୋଟି ଟଙ୍କା ଭାବେ ହିସାବକୁ ଆସୁଛି । ଅତଏବ, ୨୦୧୦-୧୧ ଆ.ବ. ପାଇଁ ଓଏଚପିସି ପୁରୁଣା ଷ୍ଟେସନମାନଙ୍କର ସମୁଦାୟ ଲାଭାଂଶ ଫେରସ୍ତ ପରିମାଣ ୧୫.୦୬ କୋଟି ଟଙ୍କା ଭାବେ ହିସାବକୁ ଆସୁଛି ।

୧୪୦) ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ କ୍ଷେତ୍ରରେ, ୨୯୮.୭୦କୋଟି ଟଙ୍କାର ସରକାରୀ ନିବେଶ ଉପରେ ୧୮.୬୭୪ ପ୍ରତିଶତ ହାରରେ ଲାଭାଂଶ ଫେରସ୍ତ ପରିମାଣକୁ ୫୫.୭୮ କୋଟି ଟଙ୍କା ହେବ ବୋଲି ହିସାବକୁ ନିଆଯାଇଛି । ରାଜ୍ୟରେ ଜଳ ବିଦ୍ୟୁତ୍ ଶକ୍ତିର ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବାକୁ ଦୃଷ୍ଟିରେ ରଖି ଏହି ପ୍ରୋଜେକ୍ଟ ଉଦ୍ଦେଶ୍ୟରେ ନୂଆ ସିଇଆରସି

ନିୟମାବଳୀ ଓ ସର୍ତ୍ତାବଳୀ ଅନୁସାରେ ୧୮.୬୭୪ ପ୍ରତିଶତ ହାରରେ ଆୟୋଗ ଲାଭାଂଶ ଫେରସ୍ତ ପରିମାଣକୁ ଅନୁମୋଦନ ଦେଇଛନ୍ତି । ରାଜ୍ୟରେ ଜଳ ବିଦ୍ୟୁତ୍ ଶକ୍ତିର ବିନିଯୋଗ ପାଇଁ ଏକ ଦୀର୍ଘ-ମିଆଦୀ ସମୟ-ଅବଧି ଭିତ୍ତିରେ ସବୁ ପ୍ରକାର ସମ୍ଭାବନାମୟ ସୁଯୋଗକୁ ଆପଣେଇବାକୁ ଓଏଚପିସି ସବୁମନ୍ତେ ପ୍ରୟାସ କରିବା ଉଚିତ । ନିମ୍ନ ସାରଣୀରେ ସାରାଂଶୀକୃତ ମତେ, ୨୦୧୦-୧୧ ଆ.ବ. ପାଇଁ ସବୁ ଓଏଚପିସି ଷ୍ଟେସନ ପାଇଁ ୭୦.୮୪ କୋଟି ଟଙ୍କାର ନିବେଶିତ ଅଂଶଧନ ଉପରେ ଲାଭାଂଶ ଫେରସ୍ତ ପରିମାଣକୁ ଆୟୋଗ ଅନୁମୋଦନ ଦେଇଛନ୍ତି ।

**ସାରଣୀ-୧୯**

(କୋଟି ଟଙ୍କାରେ)

| **ଶକ୍ତି କେନ୍ଦ୍ରମାନଙ୍କର ନାମ** | ୨୦୦୯-୧୦ର ଲାଭାଂଶ ଫେରସ୍ତ (୧୭.୪୮୧%ହାରରେ) | ୨୦୧୦-୧୧ର ଲାଭାଂଶ ଫେରସ୍ତ (୧୮.୬୭୪% ହାରରେ) | ବିଏଚ୍ଇପିଠାରେ ସମୟୋଜନ ପରେ ଆର୍ଥିକ ବର୍ଷ **୨୦୧୦-୧୧ ପାଇଁ** ଅନୁମୋଦିତ **ଲାଭାଂଶ ଫେରସ୍ତ** |
|---|---:|---:|---:|
| ଆରଏଚଇପି | ୦.୧୪ | ୦.୧୬ | ୦.୧୬ |
| ଅପରକୋଲାବ | ୦.୨୧ | ୦.୨୧ | ୦.୨୧ |
| ବାଲିମେଳା | ୯.୫୭ | ୧୧.୬୯ | ୪.୧୩ |
| ଏଚଏଚ୍ଇପି | ୧୦.୧୬ | ୮.୮୭ | ୮.୮୭ |
| ସିଏଚ୍ଇପି | | ୧.୬୮ | ୧.୬୮ |
| ୟୁଆଇଏଚଇପି | ୫୨.୨୨ | ୫୫.୭୮ | ୫୫.୭୮ |
| ସମୁଦାୟ | **୭୨.୩୦** | **୭୮.୩୯** | **୭୦.୮୪** |

**ପରିଚାଳନା ଓ ତୁଲାଜମା ବ୍ୟୟ:**

୧୪୧) ଓଏଚପିସି ତା' ଅଧିନସ୍ଥ ପ୍ରତି ଶକ୍ତି ଷ୍ଟେସନ ଉଦ୍ଦେଶ୍ୟରେ ନିମ୍ନ ସାରଣୀରେ ବର୍ଣ୍ଣିତ ମତେ ଓ'ଆଣ୍ଡ ଏମ୍ ବ୍ୟୟ ପରିମାଣକୁ ପ୍ରଦର୍ଶନ କରିଛି ।

**ସାରଣୀ-୨୦**

**୨୦୧୦-୧୧ ପାଇଁ ଓ ଏଣ୍ଡ ଏମ୍ ଖର୍ଚ୍ଚ**

(କୋଟି ଟଙ୍କାରେ)

| **କ୍ର. ନଂ** | ଓଏଚ୍ପିସିର ପ୍ରସ୍ତବ | ଆରଏଚଇପି | ୟୁକେଏଚଇପି | ବିଏଚଇପି | ଏଚଏଚ୍ଇପି | ସିଏଚ୍ଇପି | ସମୁଦାୟ | ୟୁଆଇଏଚଇପି | **ଉ.ଡଂ** | ସର୍ବସମୁଦାୟ |
|---|---|---|---|---|---|---|---|---|---|---|
| ୧ | ୨୦୦୯-୧୦ ପାଇଁ ୫.୭୨% ହାରରେ ଏକ୍ସାଲେସନ ସହିତ ୨୦୧୦-୧୧ରେ 'ଓ'ଆଣ୍ଡଏମ୍ ବ୍ୟୟ | ୨୦.୬୪ | ୧୪.୦୮ | ୨୬.୨୬ | ୨୬.୨୬ | ୧୧.୨୫ | ୯୮.୪୯ | ୩୯.୬୬ | ୧୦.୭୭ | ୧୪୮.୯୨ |

| | | | | | | | | | | |
|---|---|---|---|---|---|---|---|---|---|---|
| ୨ | ଯୋଗ: ଦରମା ବୃଦ୍ଧି ଓ ଦୂରବର୍ତ୍ତୀ ସ୍ଥାନ ପାଇଁ ଭର୍ତ୍ତା | | | | | | | | | |
| ବ | ୬ଷ୍ଠ ବେତନ ଆୟୋଗ ଆଦେଶନାମା ଅନୁଯାୟୀ ୨୦୦୯-୧୦ ପାଇଁ ଓଇଆର୍‌ସି ଦ୍ୱାରା ଅନୁମୋଦିତ | ୩.୩୨ | ୨.୨୬ | ୪.୪୯ | ୪.୩୫ | ୧.୮୬ | ୧୬.୨୮ | ୪.୭୨ | ୦.୮୯ | ୨୧.୮୯ |
| ଭ | ଶୁଳ୍କ ବର୍ଷ ୨୦୧୦-୧୧ ପାଇଁ (ବ) ଉପରେ ୫.୭୨% ହାରରେଦରମା ବୃଦ୍ଧି | ୩.୫୧ | ୨.୩୯ | ୪.୭୫ | ୪.୬୦ | ୧.୯୭ | ୧୭.୨୧ | ୪.୯୯ | ୦.୯୪ | ୨୩.୧୪ |
| ମ | (ସ)+(ସସ)ରେ ୬ଷ୍ଠ ବେତନ ଆୟୋଗ ଆଦେଶନାମା ଅନୁଯାୟୀ ଦୂରବର୍ତ୍ତୀ ସ୍ଥାନ ପାଇଁ ଭର୍ତ୍ତା ବୃଦ୍ଧି (ଅର୍‌ଏଏ) | ୦.୭୬ | ୦.୩୩ | ୧.୦୩ | ୦.୪୦ | ୦.୧୯ | ୨.୭୧ | ୦.୭୫ | ୦.୦୦ | ୩.୪୬ |
| ସ | ୪/୨୦୦୯ ଠାରୁ ୩୧.୦୩.୨୦୧୦ ପର୍ଯ୍ୟନ୍ତ | ୦.୩୭ | ୦.୧୧ | ୦.୫୧ | ୦.୧୬ | ୦.୧୦ | ୧.୨୫ | ୦.୩୩ | ୦.୦୦ | ୧.୫୮ |
| ସସ | ୪/୨୦୧୦ ଠାରୁ ୩୧.୦୩.୨୦୧୧ ପର୍ଯ୍ୟନ୍ତ | ୦.୩୯ | ୦.୨୨ | ୦.୫୨ | ୦.୨୪ | ୦.୦୯ | ୧.୪୬ | ୦.୪୨ | ୦.୦୦ | ୧.୮୮ |
| ୩ | ଚଳିତ ବର୍ଷର ବେତନ ଓ ଦୂରବର୍ତ୍ତୀ ସ୍ଥାନ ପାଇଁ ଭର୍ତ୍ତା ବୃଦ୍ଧିକୁ ମିଶାଇ 'ଓ'ଆଣ୍ଡଏମ୍ ବ୍ୟୟ (୧+୨(ଭ)+ମ) | ୨୪.୯୧ | ୧୬.୮୦ | ୩୨.୦୪ | ୩୧.୨୬ | ୧୩.୪୧ | ୧୧୮.୪୧ | ୪୫.୪୦ | ୧୧.୭୧ | ୧୭୫.୫୨ |
| ୪ | ଯୋଗ: ବାକେୟା ଦରମା ଓ ଆନ୍ତିକ | | | | | | | | | |
| ବ | ଆର୍ଥିକ ବର୍ଷ ୨୦୦୯-୧୦ରେ ଓଏଚ୍‌ପିସି ଦ୍ୱାରା ପ୍ରଦାନ କରାଯାଇଥିବା ୪୦% ବାକେୟା ବେତନ | ୩.୬୦ | ୨.୬୨ | ୪.୦୨ | ୨.୬୬ | ୧.୧୪ | ୧୪.୦୪ | ୫.୩ | ୧.୪୮ | ୨୦.୮୨ |
| ଭ | ଆର୍ଥିକ ବର୍ଷ ୨୦୧୦-୧୧ରେ ୩୦% | ୨.୭୦ | ୧.୯୭ | ୩.୦୨ | ୨.୦୦ | ୦.୮୬ | ୧୦.୫୪ | ୩.୯୮ | ୧.୧୧ | ୧୫.୬୩ |

| | | | | | | | | | |
|---|---|---|---|---|---|---|---|---|---|
| | ବାକେୟା ବେତନ ଓଏଚ୍‌ପିସି ଦ୍ୱାରା ପ୍ରଦାନ କରାଯିବ | | | | | | | | |
| ମ | ସରକାରୀ ଆଦେଶନାମା ଅନୁସାରେ ୩୧.୦୩,୨୦୦୯ ସୁଦ୍ଧା ଅବସର ଗ୍ରହଣ କରିଥିବା କର୍ମଚାରୀ ମାନଙ୍କ ୩୦% ବାକେୟା ବେତନ ପ୍ରଦାନ | ୦.୧୯ | ୦.୦୮ | ୦.୫୫ | ୦.୧୫ | ୦.୦୬ | ୧.୦୩ | ୦.୩୧ | ୦.୦୮ | ୧.୪୨ |
| ୟ | ୨୦୧୦-୧୧ଠାରୁ ଆରମ୍ଭ କରି ୩୧.୦୩.୨୦୦୯ ସୁଦ୍ଧା ୫ ବର୍ଷ ପାଇଁ ୬୮.୦୧ କୋଟି ଟଙ୍କାର ବକେୟା ଆନ୍ତିକ ବାଧକତା | ୧.୪୪ | ୧.୩୭ | ୫.୫୪ | ୨.୫୮ | ୧.୧୧ | ୧୨.୦୪ | ୧.୩୮ | ୨.୧୯ | ୧୫.୬୧ |
| ୫ | ଏଚ୍‌ଏଚ୍‌ଇପି ବୁର୍ଲାର ୟୁନିଟ୍ ୩ଓ୪ ପାଇଁ ୨୦୦୯-୧୦ରେ କିଣାଯାଇଥିବା ୯.୨୭କୋଟି ଟଙ୍କାର ବଳକା ସାମଗ୍ରୀର ଖର୍ଚ୍ଚ ୨୦୧୦-୧୧ରୁ ଆରମ୍ଭ କରି ୫ ବର୍ଷ ପାଇଁ ବିସ୍ତାର କରାଯାଇଛି | | | | ୧.୮୬ | | | | | ୧.୮୬ |
| ୬ | କରପୋରେଟ୍ ଅଫିସ୍‌ର ଖର୍ଚ୍ଚ ଯାହାକି ଓଏଚପିସର ବିଭିନ୍ନ ୟୁନିଟ୍‌ମାନଙ୍କ ମଧ୍ୟରେ ବିଭାଜିତ କରାଯାଇଛି | ୨.୦୪ | ୨.୬୨ | ୪.୧୭ | ୨.୨୫ | ୦.୫୯ | ୧୧.୬୭ | ୪.୯୦ | ୧୫.୬୭ | |
| | **ସମୁଦାୟ (୩+୪+୫+୬)** | **୩୪.୮୮** | **୨୫.୪୬** | **୪୯.୩୪** | **୪୨.୭୫** | **୧୭.୧୬** | **୧୬୭.୭୩** | **୬୧.୨୭** | **୩୨.୨୪** | **୨୩୦.୮୬** |

୧୪୨) ଓଏଚପିସି କହିଛି ଯେ, ନୂଆ ଟାରିଫ ନିୟମାବଳୀ, ୨୦୦୯ ଆନୁଯାୟୀ, ମାପଦଣ୍ଡ ଭିତ୍ତିକ ଓ'ଆଣ୍ଡ ଏମ୍ ବ୍ୟୟ ନିମ୍ନମତେ ହିସାବ କରାଯିବ ।

କ) ୨୦୦୩-୦୪ ଆ.ବ. ଠାରୁ ୨୦୦୭-୦୮ ଆ.ବ. ପର୍ଯ୍ୟନ୍ତ ବର୍ଷମାନଙ୍କର ପ୍ରକୃତ ଓ'ଆଣ୍ଡ ଏମ୍ ବ୍ୟୟକୁ ୨୦୦୭-୦୮ର ଦର-ସ୍ତରକୁ ଆଣିବା ନିମନ୍ତେ ବାର୍ଷିକ ୫.୧୭% ହାରରେ ବୃଦ୍ଧି କରାଯିବ ଏବଂ ତା'ପରେ

ଉତ୍ପାଦନକାରୀ ଷ୍ଟେସନମାନଙ୍କର ଓ'ଆଣ୍ଡଏମ୍ ବ୍ୟୟକୁ ୨୦୦୭-୦୮ ଦର-ସ୍ତରରେ ଉପନୀତ କରାଇବା ନିମନ୍ତେ ହାରାହାରିକରଣ କରାଯିବ । ତା'ପରେ, ୨୦୧୦-୧୧ ଆ.ବ. ପାଇଁ ଓ'ଆଣ୍ଡ ଏମ୍ ବ୍ୟୟ ପରିମାଣକୁ ଉପନୀତ ହେବା ନିମନ୍ତେ ଏହାକୁ ବାର୍ଷିକ ୫.୭୨ ପ୍ରତିଶତ ହାରରେ ବୃଦ୍ଧି ଘଟାଇବାକୁ ପଡିବ ।

ଖ) ୨୦୦୯-୧୦ର ତାରିଫ ଆଦେଶନାମାରେ ଆୟୋଗ ୨୦୦୯-୧୦ ଆ.ବ. ପାଇଁ କର୍ମଚାରୀଙ୍କର ବେତନ ବୃଦ୍ଧିକୁ ପୃଥକ ଭାବେ ଅନୁମୋଦନ ଦେଇଛନ୍ତି । ତେଣୁ, ୨୦୦୯-୧୦ ଆ.ବ. ପାଇଁ ଆୟୋଗଙ୍କର ଅନୁମୋଦନ ମତେ ବେତନ ବୃଦ୍ଧିର ପରିମାଣକୁ ୨୦୧୦-୧୧ ଆ.ବ. ସକାଶେ ୫.୭୨ପ୍ରତିଶତ ହାରରେ ବୃଦ୍ଧି କରାଯାଇଛି ।

ଗ) ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ବେତନ ହାର ପ୍ରବର୍ତ୍ତନ ଯୋଗୁ, ଓଏଚପିସି କର୍ମଚାରୀଙ୍କର ୪୦ ପ୍ରତିଶତ ବାକିଆ ପରିମାଣକୁ ଦେଇ ସାରିଛି ଏବଂ ୩୦ପ୍ରତିଶତ ବାକିଆ ବେତନକୁ ୨୦୧୦-୧୧ ଆ.ବ.ରେ ଦେବାକୁ ପଡିବ । ଉଭୟ ୪୦ ପ୍ରତିଶତ (୨୦.୮୨ କୋଟି ଟଙ୍କା) ଓ ୩୦ ପ୍ରତିଶତ (୧୫.୬୩କୋଟି ଟଙ୍କା)କୁ ୨୦୧୦-୧୧ ଆ.ବ.ର ଏଆର୍‌ଆର୍‌ରେ ଅନ୍ତର୍ଭୁକ୍ତ କରଯାଇଛି ।

ଘ) ସେହିପରି, ଉତ୍ପାଦନ କ୍ଷମତାକୁ ଭିତ୍ତି କରି, ଓଏଚପିସି ଅଧିନସ୍ଥ ବିଭିନ୍ନ ୟୁନିଟଗୁଡିକ ଉଦ୍ଦେଶ୍ୟରେ ୧୬.୫୭ କୋଟି ଟଙ୍କାର କର୍ପୋରେଟ କାର୍ଯ୍ୟାଳୟ ବ୍ୟୟ ପରିମାଣକୁ ଭାଗ କରି ଦିଆଯାଇଛି ଏବଂ ୨୦୧୦-୧୧ ଆ.ବ.ର ଓ'ଆଣ୍ଡ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଛି ।

ଙ) ୧୬.୧୨.୨୦୦୮ର ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଅବସର ଗ୍ରହଣ କରିସାରିଥିବା କିମ୍ବା ୩୧.୩.୨୦୦୯ ସୁଦ୍ଧା ଅବସର ନେଉଥିବା କର୍ମଚାରୀଙ୍କୁ ଗୋଟିଏ କିସ୍ତିରେ ବାକିଆ ବେତନର ୧୦୦ ପ୍ରତିଶତ ପରିମାଣକୁ ଦେବାକୁ ପଡିବ । ଯେଣୁ, ୨୦୦୯-୧୦ ଆ.ବ.ରେ ବାକିଆ ବେତନର ୪୦ ପ୍ରତିଶତ ଦିଆଯାଇସାରିଛି, ଅବଶିଷ୍ଟ ୩୦ ପ୍ରତିଶତକୁ ଉପର ବର୍ଣ୍ଣିତ ଅନୁଚ୍ଛେଦ (ଗ)ରେ ନିର୍ଣ୍ଣିତମତେ ଅନ୍ତର୍ଭୁକ୍ତ କରାଯାଇଛି; ଏବଂ ଆଉ ଅବଶିଷ୍ଟ ୩୦ ପ୍ରତିଶତ (୧.୪୨କୋଟି)କୁ ୨୦୧୦-୧୧ ଆ.ବ.ର ଓ'ଆଣ୍ଡ ଏମ୍ ବ୍ୟୟ ପରିମାଣରେ ଅନ୍ତର୍ଭୁକ୍ତ କରାଯାଇଛି ।

ଚ) ଯେଣୁ, ବୁର୍ଲା ପାୱାର ହାଉସ୍ ଏବଂ ଚିପିଲିମା ପାୱାର ହାଉସ୍ ପୃଥକ ୟୁନିଟ ଭାବେ ଘୋଷିତ ହୋଇଛି, ତେଣୁ ୨୦୦୯-୧୦ ଆ.ବ. ଉଦ୍ଦେଶ୍ୟରେ ଆୟୋଗଙ୍କ ଦ୍ୱାରା ଅନୁମୋଦିତମତେ ଓ'ଆଣ୍ଡଏମ୍ ବ୍ୟୟ ପରିମାଣକୁ ଶ୍ରମ-ଶକ୍ତି ଅନୁଯାୟୀ ୭୦:୩୦ ଅନୁପାତରେ ଭାଗ କରାଯାଇଛି, କାରଣ ଓ'ଆଣ୍ଡ ଏମ୍ ବ୍ୟୟ ପରିମାଣର ମୁଖ୍ୟ ଭାଗ ହେଉଛି କର୍ମଚାରୀଙ୍କ ବାବଦକୁ ବ୍ୟୟ ।

ଛ) ଷଷ୍ଠ ବେତନ ଆୟୋଗଙ୍କ ସଂଶୋଧିତ ଦୂରାନ୍ତ ଅଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଭତ୍ତା ବୃଦ୍ଧି ଜନିତ ବାକିଆ ଦେୟ (୨୦୦୯, ଏପ୍ରିଲରୁ ୩୧.୩.୨୦୧୦ ପର୍ଯ୍ୟନ୍ତ) ଓ ୨୦୧୦-୧୧ ଆ.ବ. ପାଇଁ ଦୂରାନ୍ତ ଅଞ୍ଚଳ ଭତ୍ତା ଦେୟକୁ ମିଶାଇଲେ ମୋଟ ପରିମାଣ ୩.୪୬କୋଟି ଟଙ୍କା ହେଉଛି ଏବଂ ଏହି ପରିମାଣକୁ ଓ'ଆଣ୍ଡ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଛି ।

ଜ) ୧.୧.୨୦୦୬ ଠାରୁ ବଳବତ୍ତର ହୋଇଥିବା ସଂଶୋଧିତ ବେତନ ହାର ଯୋଗୁ ୩୧.୩.୨୦୦୯ ସୁଦ୍ଧା ୭୮.୦୧କୋଟି ଟଙ୍କାର 'ବ୍ୟବଧାନିକ ସମୟର ଦାୟବଦ୍ଧତା' (ଯାହା ୨୦୧୦-୧୧ ଆ.ବ. ଠାରୁ ଆରମ୍ଭ କରି ପରବର୍ତ୍ତୀ ୫ ବର୍ଷର ସମୟ ଅବଧି ପାଇଁ ଦାବୀ କରାଯାଇଛି)କୁ ଓ'ଆଣ୍ଡ ଏମ୍ ବ୍ୟୟରେ ଅନ୍ତର୍ଭୁକ୍ତ କରାଯାଇଛି ।

**୫) ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ, ବୁର୍ଲାର ୟୁନିଟ-୩ ଓ ୪ ର ଯନ୍ତ୍ରାଂଶ:**

ଉପରୋକ୍ତ ୨ଟି ୟୁନିଟ ପାଇଁ ୨୦୦୯-୧୦ରେ କିଣା ଯାଇଥିବା ୯.୨୭ କୋଟି ଟଙ୍କା ମୂଲ୍ୟର ଯନ୍ତ୍ରାଂଶକୁ ୨୦୧୦-୧୧ ଆ.ବ. ଠାରୁ ଆରମ୍ଭ କରି ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ସମୟ ଅବଧି ପାଇଁ ବିବେଚନା କରାଯାଇଛି । ଅର୍ଥାତ୍ ସେହି ସମୟ ମଧ୍ୟରେ ଯନ୍ତ୍ରାଂଶ ବାବଦକୁ ଆଉ ବ୍ୟୟ କରାଯିବ ନାହିଁ । ସେହି ଅନୁସାରେ, ଯନ୍ତ୍ରାଂଶ କ୍ରୟ ବାବଦକୁ ଏକ

ପଞ୍ଚମାଂଶ ଅର୍ଥ ଅର୍ଥାତ୍ ୧.୮୬କୋଟି ଟଙ୍କାକୁ ଓ'ଆଣ୍ଡଏମ୍ ବ୍ୟୟର ଅନ୍ତର୍ଭୁକ୍ତ କରାଯାଇଛି । ୨୦୧୦-୧୧ ପାଇଁ ଓଏଚପିସି ଦ୍ୱାରା ପ୍ରଦର୍ଶିତ ଓ'ଆଣ୍ଡଏମ୍ ବ୍ୟୟ ପରିମାଣର ସାରାଂଶକୁ ନିମ୍ନରେ ଆଲୋଚନା କରାଗଲା ।

୧୪୩) ଓଏଚପିସି ଦ୍ୱାରା ପ୍ରସ୍ତାବିତମତେ ଓ'ଆଣ୍ଡଏମ୍ ବ୍ୟୟ ପରିମାଣକୁ ଆୟୋଗ ପୁଂଖାନୁପୁଂଖ ଭାବେ ବିଶ୍ଳେଷଣ କରିଛନ୍ତି ଏବଂ ୨୦୧୦-୧୧ ଆ.ବ.ର ଏଆର୍‌ଆର୍‌ରେ ପାସ୍ କରାଇ ଦେବାକୁ ନିମ୍ନୋକ୍ତ ବ୍ୟୟ ପରିମାଣକୁ ଅନୁମୋଦନ ଦେଇଛନ୍ତି ଏବଂ ନିମ୍ନଲିଖିତ ବିଭାବସମୂହକୁ ବିଚାରକୁ ନେଇ ଓ'ଆଣ୍ଡଏମ୍ ବ୍ୟୟସମୂହକୁ ହିସାବକୁ ନିଆଯାଇଛି ।

- କ) ୨୦୦୯-୧୦ପାଇଁ ଓ'ଆଣ୍ଡ ବ୍ୟୟ ପରିମାଣ ଉପରେ ୫.୭୨%ର ଅଭିବୃଦ୍ଧି ।
- ଖ) ଓଏଚପିସି ଦ୍ୱାରା ତା'ର କର୍ମଚାରୀଙ୍କୁ ବାକିଆ ବେତନର ୪୦ ପ୍ରତିଶତ ସମ୍ପର୍ଣ୍ଣ ରୂପେ ଦେଇସାରିଛି ।
- ଗ) ୨୦୦୯-୧୦ ଓ ୨୦୧୦-୧୧ ଆ.ବ. ପାଇଁ ଓଏଚପିସିର ଦାବୀମତେ 'ଦୂରାନ୍ତ ଅଞ୍ଚଳ ଭତ୍ତା'।
- ଘ) ୩୧.୩.୨୦୦୯ ପୂର୍ବରୁ କିମ୍ବା ୩୧.୩.୨୦୦୯ ସୁଦ୍ଧା କର୍ମଚାରୀଙ୍କର ୩୦ ପ୍ରତିଶତ ବାକିଆ ବେତନ ।
- ଙ) ଓଏଚପିସିର ଦାବୀ ଅନୁଯାୟୀ, ୩୧.୩.୨୦୦୯ ସୁଦ୍ଧା ୬୮.୦୧ କୋଟି ଟଙ୍କାର ବାର୍ଷିକ, ଟର୍ମିନାଲ ଦାୟବଦ୍ଧତା, ଯାହା ୨୦୧୦-୧୧ ଆ.ବ. ଠାରୁ ଆରମ୍ଭ କରି ପରବର୍ତ୍ତୀ ୫ ବର୍ଷର ସମୟ ଅବଧି ପାଇଁ ଉଦ୍ଦିଷ୍ଟ କରାଯାଇଛି, ତାହା ୫ ବର୍ଷ ପରିବର୍ତ୍ତେ ୭ ବର୍ଷର ସମୟ ଅବଧି ।
- ଚ) ଓଏଚପିସି ଅଧିନସ୍ଥ ବିଭିନ୍ନ ୟୁନିଟ ଉଦ୍ଦେଶ୍ୟରେ କର୍ପୋରେଟ କାର୍ଯ୍ୟାଳୟ ବ୍ୟୟ ପରିମାଣର ଭାଗକରଣ ।

୧୪୪) ଆୟୋଗ ନିଷ୍ପତ୍ତି ନେଇଛନ୍ତି ଯେ, ୨୦୧୦-୧୧ ଆ.ବ.ରେ ଓଏଚପିସି ଦେବାକୁ ଥିବା ୩୦%ର ବାକିଆ ବେତନକୁ ୨୦୧୦-୧୧ର ଏଆର୍‌ଆର୍‌ରେ ପାସ୍ କରାଯିବା ପରିବର୍ତ୍ତେ ଓଏଚପିସି ଏହି ପରିମାଣକୁ ତା'ର କର୍ମଚାରୀଙ୍କୁ ଦେଇସାରିବା ପରେ ଏହାକୁ ପାସ୍ କରାଯିବ ଓ ପରେ ପରେ ଏହାକୁ ଏଆର୍‌ଆର୍‌ରେ ବିବେଚନା କରାଯିବ । ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ, ବୁର୍ଲାର ୟୁନିଟ-୩ ଓ ୟୁନିଟ - ୪ ପାଇଁ ଯନ୍ତ୍ରାଂଶ କିଣା ବାବଦକୁ ଓଏଚପିସି ୯.୨୭ କୋଟି ଟଙ୍କାର ପ୍ରସ୍ତାବ ଦେଇଛି ଏବଂ ଏହି ପରିମାଣ ୨୦୧୦-୧୧ ଠାରୁ ଆରମ୍ଭ କରି ପରବର୍ତ୍ତୀ ୫ ବର୍ଷ ପର୍ଯ୍ୟନ୍ତ ଉଦ୍ଦିଷ୍ଟ ଅଟେ । ଅର୍ଥାତ୍ ଏହି ୫ ବର୍ଷ ମଧ୍ୟରେ ଯନ୍ତ୍ରାଂଶ ବାବଦକୁ ଆଉ ବ୍ୟୟ ପ୍ରସ୍ତାବ ନ ଦେବାକୁ ଓଏଚପିସି କହିଛି । ଆୟୋଗ ନିଷ୍ପତ୍ତି ନେଇଛନ୍ତି ଯେ, ଯେଣୁ ୨୦୧୦-୧୧ ଆ.ବ. ପାଇଁ ଯଥେଷ୍ଟ ପରିମାଣର ଓ'ଆଣ୍ଡଏମ୍ ବ୍ୟୟ ପରିମାଣକୁ ବିବେଚନା କରାଯାଇଛି ଏବଂ ୫.୭୨% ହାରରେ ବୃଦ୍ଧିକୁ ମଧ୍ୟ ଅନୁମତି ଦିଆଯାଇଛି, ତେଣୁ ତା'ର ୟୁନିଟଗୁଡିକର ମରାମତି ସକାଶେ ଯନ୍ତ୍ରାଂଶ କିଣିବାକୁ ଓଏଚପିସି ପାଖରେ ଯଥେଷ୍ଟ ପରିମାଣର ପୁଞ୍ଜି ଉପଲବ୍ଧ ହେବ । ସୁତରାଂ, ଏ ବାବଦରେ ଓଏଚପିସି ଦ୍ୱାରା ପ୍ରସ୍ତାବିତ ୧.୮୬ କୋଟି ଟଙ୍କାକୁ ୨୦୧୦-୧୧ର ଓ'ଆଣ୍ଡବ୍ୟୟରେ ଆୟୋଗ ଅନୁମୋଦନ ଦେଇନାହାନ୍ତି । ୨୦୧୦-୧୧ ଆ.ବ. ପାଇଁ ଆୟୋଗଙ୍କ ଦ୍ୱାରା ଓ'ଆଣ୍ଡ ଏମ୍ ବ୍ୟୟ ପରିମାଣର ପୁଂଖାନୁପୁଂଖତାକୁ ନିମ୍ନ ସାରଣୀରେ ଉପସ୍ଥାପନ କରାଗଲା ।

**ସାରଣୀ-୨୧**

**ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ଓ'ଆଣ୍ଡଏମ୍' ବ୍ୟୟ ଅନୁମୋଦିତ**

(କୋଟି ଟଙ୍କାରେ)

| କ୍ର. ସଂ | | ଆରଏଚଇପି | ୟୁକେଏଚଇପି | ବିଏଚଇପି | ଏଚଏଚ୍ଇପି | ସିଏଚ୍ଇପି | ସମୁଦାୟ | ୟୁଆଇଏଚଇପି | **ଉ. ଙ** | ସର୍ବସମୁଦାୟ |
|---|---|---|---|---|---|---|---|---|---|---|
| ୧ | ୬ଷ୍ଠ ବେତନ ଆୟୋଗ ଆଦେଶନାମା ଅନୁଯାୟୀ ସିଇଆର୍‌ସି ଦ୍ୱାରା ଅନୁମୋଦିତ | ୨୨.୮୪ | ୧୫.୫୮ | ୨୯.୩୩ | ୨୯.୧୯ | ୧୨.୫୦ | ୧୦୯.୪୪ | ୪୨.୨୩ | ୧୧.୦୮ | ୬୯.୫୯ |

| | | | | | | | | | |
|---|---|---|---|---|---|---|---|---|---|
| | ବେତନ ବୃଦ୍ଧିକୁ ମିଶାଇ ୨୦୦୯-୧୦ ପାଇଁ ଓ ଏଣ୍ଡ ଏମ୍ ବ୍ୟୟ ଙ୪ ଗ ରଙ୍ଘକ୍ତ୍ରରଭଦ୍ବରଦ୍ବ ଲକ୍ଟକ୍ସ ୨୦୦୯-୧୦ ବଦ୍ଦ କ୍ତ୍ରରକ୍ସ ଉରଜଉ ଭକ୍ଟକ୍ସଙ୍କ ଙ୍ଗସସ୍ପଷ ଦ୍ବବକ୍ଷବକ୍ସଛ ସଭମକ୍ସରବଦ୍ବର କ୍ଟଭ ବମମକ୍ଟଙ୍କଭସ୍ପ କ୍ଟଲ ୬ସ୍ପଷ ଚବଛ ଜରଙ୍ଘସଦ୍ବସକ୍ଟଭ | | | | | | | | |
| ୨ | ୨୦୦୯-୧୦ ପାଇଁ ୫.୭୨% ହାରରେ ଏକ୍ସାଲେସନ ସହିତ ସିଇଆର୍‌ସି ଦ୍ୱାରା ଅନୁମୋଦିତ ୨୦୧୦-୧୧ରେ 'ଓ'ଆଣ୍ଡଏମ୍ ବ୍ୟୟ | ୨୪.୧୫ | ୧୬.୪୭ | ୩୧.୦୧ | ୩୦.୮୬ | ୧୩.୨୨ | ୧୧୫.୭୦ | ୪୪.୬୫ | ୧୧.୭୧ | ୭୩.୫୭ |
| ୩ | ୨୦୧୦-୧୧ ପାଇଁ ୬ଷ୍ଠ ବେତନ ଆୟୋଗ ଆଦେଶନାମା ଅନୁଯାୟୀ ଦୂରବର୍ତ୍ତୀ ସ୍ଥାନ ପାଇଁ ଭର୍ତ୍ତା ବୃଦ୍ଧି | ୦.୩୯ | ୦.୨୨ | ୦.୫୨ | ୦.୨୪ | ୦.୦୯ | ୧.୪୬ | ୦.୪୨ | ୦.୦୦ | ୧.୮୮ |
| ୪ | କରପୋରେଟ୍ ଅଫିସ୍‌ର ଖର୍ଚ୍ଚ ଯାହାକି ଓଏଚପିସର ବିଭିନ୍ନ ୟୁନିଟ୍‌ମାନଙ୍କ ମଧ୍ୟରେ ୍‌ବିଭାଜିତ କରାଯାଇଛି | ୧.୪୪ | ୧.୮୫ | ୨.୯୫ | ୧.୫୯ | ୦.୪୨ | ୮.୨୫ | ୩.୪୭ | ୦.୦୦ | |
| ୫ | ଆର୍ଥିକ ବର୍ଷ ୨୦୧୦-୧୧ ପାଇଁ ସମୁଦାୟ 'ଓ'ଆଣ୍ଡଏମ୍ ବ୍ୟୟ | **୨୫.୯୮** | **୧୮.୫୪** | **୩୪.୪୭** | **୩୨.୬୯** | **୧୩.୭୨** | **୧୨୫.୪୧** | **୪୮.୫୩** | **୦.୦୦** | **୧୭୩.୯୪** |

| | | | | | | | | | | |
|---|---|---|---|---|---|---|---|---|---|---|
| | ଯୋଗ: ବାକେୟା ବେତନ ଓ ଆନ୍ତିକ ବାଧକତା **ଇୟୟ:** | | | | | | | | | |
| ୬ | ଆର୍ଥିକ ବର୍ଷ ୨୦୦୯-୧୦ର ୪୦% ବାକେୟା ଦରମା ଓଏଚ୍‌ପିସି ଦ୍ୱାରା ପ୍ରଦାନ କରାଯାଇଅଛି | ୩.୬୦ | ୨.୬୨ | ୪.୦୨ | ୨.୬୬ | ୧.୧୪ | ୧୪.୦୪ | ୫.୩ | ୧.୪୮ | ୨୦.୮୨ |
| ୭ | ସରକାରୀ ଆଦେଶନାମା ଅନୁସାରେ ୩୧,୦୩,୨୦୦୯ ସୁଦ୍ଧା ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ୩୦% ବାକେୟା ବେତନ ପ୍ରଦାନ | ୦.୧୯ | ୦.୦୮ | ୦.୫୫ | ୦.୧୫ | ୦.୦୬ | ୧.୦୩ | ୦.୩୧ | ୦.୦୮ | ୧.୪୨ |
| ୮ | ୨୦୧୦-୧୧ଠାରୁ ଆରମ୍ଭ କରି ୩୧.୦୩.୨୦୦୯ ସୁଦ୍ଧା ୭ ବର୍ଷ ପାଇଁ ୭୮.୦୧ କୋଟି ଟଙ୍କାର ବକେୟା ଆନ୍ତିକ ବାଧକତା | ୧.୦୩ | ୦.୯୮ | ୩.୯୬ | ୧.୮୪ | ୦.୭୯ | ୮.୬୦ | ୦.୯୯ | ୧.୫୬ | ୧୧.୧୫ |
| ୯ | ୨୦୦୯-୧୦ରେ ଦିଆଯାଇଥିବା ୬ଷ୍ଠ ବେତନ ଆୟୋଗ ଆଦେଶନାମା ଅନୁଯାୟୀ ଦୂରବର୍ତ୍ତୀ ସ୍ଥାନ ପାଇଁ ଭର୍ତ୍ତା ବୃଦ୍ଧି ଯାହାକି ୨୦୦୯-୧୦ ଶୁଳ୍କରେ ଅନୁମୋଦିତ ହୋଇନଥିଲା | ୦.୩୭ | ୦.୧୧ | ୦.୫୧ | ୦.୧୬ | ୦.୧୦ | ୧.୨୫ | ୦.୩୩ | ୦.୦୦ | ୧.୫୮ |
| ୧୦ | ସମୁଦାୟ ବାକେୟା ବେତନ ଓ ଆନ୍ତିକ ବାଧକତା | ୫.୧୯ | ୩.୭୯ | ୯.୦୪ | ୪.୮୧ | ୨.୦୯ | ୨୪.୯୨ | ୬.୯୩ | ୩.୧୨ | ୩୪.୯୭ |
| ୧୧ | କରପୋରେଟ୍ ଅଫିସ୍‌ର ବାକେୟା ବେତନ ଓ ଆନ୍ତିକ | ୦.୩୯ | ୦.୪୯ | ୦.୭୯ | ୦.୪୨ | ୦.୧୧ | ୨.୨୦ | ୦.୯୨ | ୦.୦୦ | |

| | | | | | | | | | | |
|---|---|---|---|---|---|---|---|---|---|---|
| | ବାଧକତା ଖର୍ଚ୍ଚ ଯାହାକି ଓଏଚପିସର ବିଭିନ୍ନ ୟୁନିଟ୍‌ମାନଙ୍କ ମଧ୍ୟରେ ବିଭାଜିତ କରାଯାଇଛି | | | | | | | | | |
| ୧୨ | ୨୦୧୦-୧୧ ପାଇଁ ଓଏଣ୍ଡଏମ୍ ଖର୍ଚ୍ଚରେ ଅନୁମୋଦିତ ହୋଇଥିବା ବକେୟା ବେତନ ଓ ଆନ୍ତିକ ବାଧକତା | **୫.୫୭** | **୪.୨୮** | **୯.୮୨** | **୫.୨୪** | **୨.୨୦** | **୨୭.୧୨** | **୭.୮୫** | **୦.୦୦** | **୩୪.୯୭** |
| ୧୩ | ବକେୟା ବେତନ ଓ ଆନ୍ତିକ ବାଧକତାକୁ ମିଶାଇ ୨୦୧୦-୧୧ ପାଇଁ ସମୁଦାୟ ଓଏଣ୍ଡଏମ୍ ବ୍ୟୟ | **୩୧.୫୫** | **୨୨.୮୨** | **୪୪.୩୦** | **୩୭.୯୩** | **୧୫.୯୨** | **୧୫୨.୫୩** | **୫୬.୩୮** | **୦.୦୦** | **୨୦୮.୯୧** |

**କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ:**

୧୪୫) ନୂଆ ସିଇଆର୍‌ସି ନିୟମାବଳୀ ଅନୁଯାୟୀ, କାର୍ଯ୍ୟକାରୀ ମୂଳଧନ ହିସାବର ଭିତ୍ତି ନିମ୍ନୋକ୍ତ ବିଭାବସମୂହକୁ ଅନ୍ତର୍ଭୁକ୍ତ କରିବ ।

କ) ୨ ମାସର ସ୍ଥିର ଦରର ପାଖାପାଖି ସମାନ ପରିମାଣର ପ୍ରାପ୍ୟ-ଦେୟସମୂହ

ଖ) ପରିଚାଳନା ଓ ତୁଲାଜମା ବ୍ୟୟର ୧୫ ପ୍ରତିଶତ ଦର-ହାରରେ ସଜଡ଼ା-ଉଦ୍ଦେଶ୍ୟିତ ଯନ୍ତାଂଶ

ଗ) ଗୋଟିଏ ମାସର ପରିଚାଳନା ଓ ତୁଲାଜମା ବ୍ୟୟ ପରିମାଣ

କାର୍ଯ୍ୟକାରୀ ମୂଳଧନ ଉପରେ ସୁଧର ହାର ଭାରତୀୟ ଷ୍ଟେଟବ୍ୟାଙ୍କର ସ୍ୱଳ୍ପକାଳୀନ ଋଣ ପାଇଁ ସୁଧର ହାର ଭାବେ ବିବେଚିତ ହେବ । ସିଇଆରସି ଗାଇଡ୍‌ଲାଇନ ଅନୁସାରେ, କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ ପରିମାଣ ନିର୍ଦ୍ଦିଷ୍ଟ (ଉଦ୍ଦିଷ୍ଟ) ମାପଦଣ୍ଡ ଭିତ୍ତିରେ ଦେୟ-ଯୋଗ୍ୟ ହେବ, ଯାହା ନିମ୍ନ ସାରଣୀରେ ପ୍ରଦର୍ଶନ କରାଯାଇଛି ।

**ସାରଣୀ-୨୨**

**୨୦୧୦-୧୧ ପାଇଁ କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ**

କୋଟି ଟଙ୍କାରେ)

| ବିବରଣୀ | ଓଏଚ୍‌ପିସି ପୁରୁଣା ଷ୍ଟେସନ | **ୟୁଆଇଏଚ ଇପି** |
|---|---|---|

| | | |
|---|---|---|
| ୨ ମାସର ସ୍ଥିର-ଦର ସହ ପାକାପାଖି ସମାନ ପରିମାଣର ପ୍ରାପ୍ୟ-ପରିମାଣ | ୩୫.୮୪ | ୨୪.୪୭ |
| କାର୍ଯ୍ୟ ସମ୍ପାଦନ ଓ ରକ୍ଷଣାବକ୍ଷଣ ପରିମାଣର ୧୫ ପ୍ରତିଶତ ଦର-ହାରରେ ଅତିରିକ୍ତ ରକ୍ଷଣାବେକ୍ଷଣ | ୨୨.୮୮ | ୮.୪୬ |
| ଗୋଟିଏ ମାସ ପାଇଁ ରକ୍ଷଣାବକ୍ଷଣ ଓ ରକ୍ଷଣାବେକ୍ଷଣ ବ୍ୟୟ | ୧୨.୭୧ | ୪.୭୦ |
| ସମୁଦାୟ କାର୍ଯ୍ୟକାରୀ ମୂଳଧନ | **୭୧.୪୩** | **୩୭.୬୩** |
| ୧୧.୭୫ ପ୍ରତିଶତ ହାରରେ ହିସାବ କରାଯାଇଥିବା କାର୍ଯ୍ୟକାରୀ ମୂଳଧନ ଉପରେ ସୁଧ | **୮.୩୯** | **୪.୪୨** |

**ସମୁଦାୟ ବାର୍ଷିକ ସ୍ଥିର ବ୍ୟୟ:**

୧୪୬) ଉପରୋକ୍ତ ପରିମାପକକୁ ଭିତ୍ତି କରି, ୨୦୧୦-୧୧ ଆ.ବ. ପାଇଁ ହିସାବ କରାଯାଇଥିବା ଷ୍ଟେସନ-ୱାରୀ ଏଆର୍‌ଆର୍ ଓ ତାରିଫକୁ ନିମ୍ନ ସାରଣୀରେ ସୂଚିତ କରାଗଲା ।

**ସାରଣୀ-୨୩**

**୨୦୧୦-୧୧ ପାଇଁ କେନ୍ଦ୍ର ଅନୁଯାୟୀ ଶୁଳ୍କ ଅନୁମୋଦନ**

(କୋଟି ଟଙ୍କାରେ)

| ବିଶଦ ବିବରଣର ଖର୍ଚ୍ଚ | ଆରଏଚଇପି | ୟୁକେଏଚଇପି | ବିଏଚଇପି | ଏଚଏଚ୍‌ଇପି | ସିଏଚ୍‌ଇପି | ସମୁଦାୟ | ୟୁଆଇଏଚଇପି | ସର୍ବସମୁଦାୟ |
|---|---|---|---|---|---|---|---|---|
| ବିକ୍ରୀ ଯୋଗ୍ୟ **ଆକାରାୟିତ ଶକ୍ତି** (ଏମୟୁ) | ୫୧୯.୭୫ | ୮୨୩.୬୮ | ୧୧୭୧.୧୭ | ୬୭୭.୧୬ | ୪୮୫.୧୦ | **୩୬୭୬.୮୬** | ୧୯୪୨.୩୮ | **୫୬୧୯.୨୪** |
| ଋଣ ଉପରେ ସୁଧ | ୦.୨୧ | ୦.୨୫ | ୧.୩୦ | ୩.୬୪ | ୧.୦୦ | **୬.୪୦** | ୦.୦୦ | **୬.୪୦** |
| ଲାଭାଂଶ ଫେରସ୍ତ | ୦.୧୬ | ୦.୨୧ | ୪.୧୩ | ୮.୮୭ | ୧.୬୮ | **୧୫.୦୬** | ୫୫.୭୮ | **୭୦.୮୪** |
| ହ୍ରାସ-ମୂଲ୍ୟ | ୨.୪୧ | ୨.୮୮ | ୧୬.୧୨ | ୭.୯୭ | ୩.୩୦ | **୩୨.୬୮** | ୩୦.୨୩ | **୬୨.୯୧** |
| ଓ'ଆଣ୍ଡଏମ୍ ବ୍ୟୟ | ୩୧.୫୬ | ୨୨.୮୨ | ୪୪.୩୦ | ୩୭.୯୨ | ୧୫.୯୩ | **୧୫୨.୫୩** | ୫୬.୩୯ | **୨୦୮.୯୨** |
| କାର୍ଯ୍ୟକାରୀ ପୁଞ୍ଜି ଉପରେ ସୁଧ | ୧.୫୭ | ୧.୧୬ | ୨.୫୫ | ୨.୨୩ | ୦.୮୮ | **୮.୩୯** | ୪.୪୨ | **୧୨.୮୧** |

| ବିଶଦ ବିବରଣର ଖର୍ଚ୍ଚ | ଆରଏଚଇପି | ୟୁକେଏଚଇପି | ବିଏଚଇପି | ଏଚଏଚ୍ଇପି | ସିଏଚ୍ଇପି | ସମୁଦାୟ | ୟୁଆଇଏଚଇପି | ସର୍ବସମୁଦାୟ |
|---|---|---|---|---|---|---|---|---|
| **ସମୁଦାୟବାର୍ଷିକ ରାଜସ୍ୱ ଚାହିଦା (କୋଟି ଟଙ୍କାରେ)** | **୩୫.୯୧** | **୨୭.୩୨** | **୬୮.୪୦** | **୬୦.୬୪** | **୨୨.୭୯** | **୨୧୫.୦୬** | **୧୪୬.୮୨** | **୩୬୧.୮୮** |
| **୨୦୧୦-୧୧ର ହାରାହାରୀ ମୂଲ୍ୟ (ୟୁନିଟ୍ ପ୍ରତି ପଇସା)** | **୬୯.୦୯** | **୩୩.୧୭** | **୫୮.୪୧** | **୮୯.୫୪** | **୪୬.୯୮** | **୫୮.୪୯** | **୭୫.୫୯** | **୬୪.୪୦** |
| **୨୦୦୯-୧୦ ହାରାହାରୀ ମୂଲ୍ୟ (ୟୁନିଟ୍ ପ୍ରତି ପଇସା)** | ୫୮.୨୨ | ୨୫.୧୯ | ୫୬.୬୬ | ୬୪.୯୬ | | ୫୨.୪୬ | ୭୩.୩୫ | ୫୯.୬୮ |

**ଆୟକର:**

୧୪୭) ନୂଆ ସିଇଆରସି ଟାରିଫ ନିୟମାବଳୀ, ୨୦୦୯ ଅନୁଯାୟୀ, ଉତ୍ପାଦନକାରୀ କମ୍ପାନୀ କିମ୍ବା ସରବରାହ ଅନୁମତିଧାରୀଙ୍କର ଆୟ ଦିଗ ଉପରେ କର (କ୍ଷେତ୍ର ବିଶେଷରେ ଯାହା ପାଇଁ ଉଦ୍ଦିଷ୍ଟ ହୋଇଥିବ) ହିତାଧିକାରୀ କିମ୍ବା ଦୀର୍ଘମିଆଦୀ ସରବରାହ ଉପଭୋକ୍ତାଙ୍କ ଠାରୁ ଭରଣା କରାଯିବ ନାହିଁ (କ୍ଷେତ୍ର ବିଶେଷରେ ଯେମିତି ହୋଇଥିବ):

କିନ୍ତୁ ଏହା ନିମ୍ନଲିଖିତ ଉକ୍ତି ପ୍ରତି ସର୍ତ୍ତାଧିକ ଅଟେ ।

- ଫ୍ରିଙ୍ଗେ ବେନିଫିଟ୍ ଟ୍ୟାକ୍ସ, ଅର୍ଥାତ୍ ବେତନାଦି ବାଦ୍ ପାରିତୋଷିକତା ବାବଦକୁ ଅତିରିକ୍ତ ପେମେଣ୍ଟ ପାଇଁ ଶୁଳ୍କକୁ ବାଦ୍ ଦେଇ, ୩୧ ମାର୍ଚ୍ଚ, ୨୦୦୯ ପର୍ଯ୍ୟନ୍ତ ପାର୍ଥକ୍ୟଗତ ଶୁଳ୍କ (କର) (ଯେତେବେଳେ ଏହା ସ୍ଥିତିରେ ଉପନୀତ ହୁଏ) ସିଧାସଳଖ ହିତାଧିକାରୀ ଏବଂ ଦୀର୍ଘମିଆଦୀ ଉପଭୋକ୍ତାଙ୍କ ଠାରୁ ଭରଣାଯୋଗ୍ୟ ହେବ ।

୧୪୮) ସେହି ଅନୁଯାୟୀ, ଆୟକର, ଅର୍ଥାତ୍ ୨୦୦୮-୦୯ ଆ.ବ. ପାଇଁ ଓଏଚପିସି ଦ୍ୱାରା ପ୍ରଦତ୍ତ ୧.୨୫ କୋଟି ଟଙ୍କାର 'ସର୍ବାଧିକ ବିକଳ୍ପ ଶୁଳ୍କ'କୁ ସିଧାସଳଖ ଗ୍ରୀଡ୍‌କୋ ଠାରୁ ଭରଣା କରିବାକୁ ପଡିବ ।

**ଏଆର୍‌ଆର୍ ଏବଂ ଟାରିଫ ଦରଖାସ୍ତ ଦେୟ ଏବଂ ସମ୍ପର୍କିତ ପ୍ରକାଶନ ଦେୟସମୂହ:**

୧୪୯) ସିଇଆରସି ଟାରିଫ ନିୟମାବଳୀ, ୨୦୦୯ର ନିୟମ-୪୨ ଅନୁଯାୟୀ, ଟାରିଫ ଅନୁମୋଦନ ପାଇଁ ଦରଖାସ୍ତ ଉଦ୍ଦେଶ୍ୟରେ ନୋଟିସ ଆଦିର ପ୍ରକାଶନ ଉପରେ ସୃଷ୍ଟ ବ୍ୟୟ ପରିମାଣ ଏବଂ ଦରଖାସ୍ତ ଦାଖଲ ଜନିତ ଦେୟକୁ ଆୟୋଗଙ୍କ କର୍ତ୍ତୃକ ନିଷ୍ପତ୍ତି ଅନୁଯାୟୀ, ଉତ୍ପାଦନକାରୀ କମ୍ପାନୀ କିମ୍ବା ସରବରାହ ଅନୁମତିଧାରୀଙ୍କ ଦ୍ୱାରା ଭରଣା ପାଇଁ (କ୍ଷେତ୍ର ବିଶେଷ ନେଇ ଯାହାଠାରୁ ଯେମିତି ଭରଣା-ଯୋଗ୍ୟ ହୋଇଥିବ) ସିଧାସଳଖ ହିତାଧିକାରୀ କିମ୍ବା ସରବରାହ ଉପଭୋକ୍ତାଙ୍କ ଠାରୁ ଆଦାୟ କରାଯିବାକୁ ଅନୁମତି ଦିଆଯାଇପାରେ (କ୍ଷେତ୍ର ବିଶେଷ ନେଇ ଯାହାଠାରୁ ଆଦାୟ ପାଇଁ ପ୍ରଯୋଜ୍ୟ ହୋଇଥିବ) । ସେହି ଅନୁଯାୟୀ, ଏଆର୍‌ଆର୍ ଓ ଟାରିଫ ଦରଖାସ୍ତ ଦେୟ ଏବଂ ସମ୍ପର୍କିତ ପ୍ରକାଶନ ବ୍ୟୟାଦି ବାବଦକୁ ଗ୍ରୀଡ୍‌କୋ ଠାରୁ ୦.୨୬କୋଟି ଟଙ୍କା ଭରଣା ପାଇଁ ଓଏଚପିସି ଦାବୀ କରିଛି । ସୁତରାଂ, ଗ୍ରୀଡ୍‌କୋର ଏଆର୍‌ଆର୍‌ରେ ପାସ୍-ଥ୍ରୋ ଭାବରେ ଏହି ୦.୨୬କୋଟି ଟଙ୍କାର ପରିମାଣକୁ ଆୟୋଗ ଅନୁମତି ଦେଇଛନ୍ତି ।

**ଅତିରିକ୍ତ ବା ଗୌଣ ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟି:**

୧୫୦)	ଓଏଚପିସି ଏବଂ ଗ୍ରୀଡ଼କୋ ମଧ୍ୟରେ ସହମତି ଭିତ୍ତିକ ଶକ୍ତି କ୍ରୟ ଚୁକ୍ତିନାମା ଅନୁଯାୟୀ, ରାଜ୍ୟ ସରକାର ତଥା ଅନ୍ୟାନ୍ୟ ଆଇନଗତ ସଂସ୍ଥାନମାନଙ୍କ ଉଦ୍ଦେଶ୍ୟରେ, ଓଏଚପିସି ଦ୍ୱାରା ଦେବାକୁ ଥିବା ଶକ୍ତିର ଅତିରିକ୍ତ ବା ଗୌଣ ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟିକୁ ମିଶାଇ ଶୁଳ୍କ ଓ ଡ୍ୟୁଟିସମୂହକୁ ଓଏଚପିସି ଦ୍ୱାରା ପ୍ରସ୍ତୁତ ଅତିରିକ୍ତ ବିଲ୍ ଆକାରରେ ଗ୍ରୀଡ଼କୋ ପେମେଣ୍ଟ କରିବ ।

୧୫୧)	ଅତଏବ, ସବୁ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଅତିରିକ୍ତ ଶକ୍ତି ଉପଯୋଗ ଉପରେ ୦.୫୭କୋଟି ଟଙ୍କାର ଏକ ପୃଥକ୍ ବିଲିଂ ଜରିଆରେ ଗ୍ରୀଡ଼କୋ ଓଏଚପିସିକୁ ଦେବାକୁ ପଡିବ ।

**ଏସ୍ଏଲ୍‌ଡିସି ଦେୟ-ଦର ସମୂହ:**

୧୫୨)	ଆୟୋଗ କେଶ୍ ନଂ - ୧୪୬/୨୦୦୯ରେ ୨୦୧୦-୧୧ ଆ.ବ. ପାଇଁ ଏସ୍ଏଲ୍‌ଡିସିର ଏଆର୍‌ଆର୍ ଦେୟ ଓ ଦେୟ-ଦର ସମୂହ ନିର୍ଦ୍ଧାରଣ  କଲାବେଳେ ସିଇଆରସି (ଆଞ୍ଚଳିକ ଲୋଡ଼ ଡେସ୍‌ପାଚ ସେଣ୍ଟର ଏବଂ ଅନ୍ୟାନ୍ୟ ସମ୍ପର୍କିତ ପ୍ରସଂଗସମୂହ) ନିୟମାବଳୀ, ୨୦୦୯ର ନିୟମ ୨୨ ଓ ୨୩ ସହ ସମତାଳରେ 'ପଦ୍ଧତି ପରିଚାଳନା କାର୍ଯ୍ୟସୂଚୀ' ଏବଂ 'ବଜାର ପରିଚାଳନା କାର୍ଯ୍ୟସୂଚୀ' ବାବଦକୁ ଶକ୍ତି ଉପଭୋକ୍ତାଙ୍କ ଠାରୁ 'ଅତିରିକ୍ତ ଶୁଳ୍କ' ଓ ବାର୍ଷିକ ଦେୟ-ଦର ସମୂହକୁ ଆଦାୟ କରିବାକୁ ଅନୁମତି ଦେଇଛନ୍ତି । ସେହି ଅନୁଯାୟୀ, ଉତ୍ପାଦନକାରୀ କମ୍ପାନୀଙ୍କ ଠାରୁ ଏସ୍ଏଲ୍‌ଡିସିର ବାର୍ଷିକ ଦେୟ-ଦର ବାବଦକୁ ବାର୍ଷିକ ମେଗାୱାଟ ପିଛା ୮୯୩୦ ଟଙ୍କା ଆଦାୟ କରାଯିବାକୁ ଆୟୋଗ ସ୍ଥିର କରିଛନ୍ତି । ଓଏଚପିସିର ୨୦୨୭.୫୦ ମେଗାୱାଟର ଉତ୍ପାଦନ କ୍ଷମତାକୁ ବିବେଚନା କରି (ଏସ୍ଏଲ୍‌ଡିସି ତା'ର ଏଆର୍‌ଆର୍ ଦରଖାସ୍ତରେ ଉପସ୍ଥାପନ କରିଥିବା ମତେ) ଓଏଚପିସିର ସମୁଦାୟ ଏସ୍ଏଲ୍‌ଡିସି-ଦେୟ-ଦର ୨୦୧୦-୧୧ ଆ.ବ. ପାଇଁ ୧.୮୧ କୋଟି ଟଙ୍କା ବୋଲି ହିସାବକୁ ନିଆଯାଇଛି, ଯାହାକୁ ମାସିକିଆ ଭିତ୍ତିରେ ଓଏଚପିସିଠାରୁ ଏସ୍ଏଲ୍‌ଡିସି ଦ୍ୱାରା ଆଦାୟ କରିବାକୁ ପଡିବ ଏବଂ ଓଏଚପିସିକୁ ଏହି ପରିମାଣକୁ ଗ୍ରୀଡ଼କୋ ଠାରୁ ଭରଣା କରିବାକୁ ପଡିବ ।

୧୫୩)	ଓଏଚପିସିର ଅତିରିକ୍ତ ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟି, ଆୟକର ଏବଂ ଦରଖାସ୍ତ ଫି' ଏବଂ ସମ୍ପର୍କିତ ପ୍ରକାଶନ ବ୍ୟୟ ସମୂହକୁ ନିମ୍ନ ସାରଣୀରେ ସାରାଂଶୀକରଣ କରାଗଲା ।

**ସାରଣୀ-୨୪**

(କୋଟି ଟଙ୍କାରେ)

| **ଦର ସମୂହର ଉପାଦାନ** | ଆରଏଚଇପି | ୟୁକେଏଚଇପି | ବିଏଚଇପି | ଏଚଏଚ୍ଇପି | ସିଏଚ୍ଇପି | ୟୁଆଇଏଚଇପି | ସର୍ବସମୁଦାୟ |
|---|---|---|---|---|---|---|---|
| ଗୌଣ ଉପଯୋଗ ଉପରେ ବିଦ୍ୟୁତ୍ ଡ୍ୟୁଟି | ୦.୦୫ | ୦.୦୮ | ୦.୧୨ | ୦.୦୭ | ୦.୦୫ | ୦.୨୦ | ୦.୫୭ |
| ଆୟ କର (ମ୍ୟାଟ) | ୦.୦୦ | ୦.୦୦ | ୦.୦୮ | ୦.୦୦ | ୦.୦୦ | ୨.୧୭ | ୨.୨୫ |

| | | | | | | | |
|---|---|---|---|---|---|---|---|
| | | | | | | | |
| ଦରଖାସ୍ତ ଦେୟ ଓ ପ୍ରକାଶନ ଖର୍ଚ୍ଚ | | | | | | | ୦.୨୬ |
| ୨୦୧୦-୧୧ ପାଇଁ ଏସ୍.ଏଲ୍.ଡି.ସି ଦେୟ | | | | | | | ୧.୮୧ |
| **ସମୁଦାୟ** | | | | | | | **୪.୮୯** |

**ଦୁଇ ଅଂଶ ତାରିଫ:**

୧୫୪) ନୂଆ ସିଇଆରସି ତାରିଫ ନିୟମାବଳୀ, ୨୦୦୯ର ନିୟମ-୨୨ ଅନୁଯାୟୀ, ଏକ ଜଳ ବିଦ୍ୟୁତ ଉତ୍ପାଦନକାରୀ ଷ୍ଟେସନରୁ ଶକ୍ତି ଯୋଗାଣ ଉଦ୍ଦେଶ୍ୟରେ ତାରିଫ ବା ଦରସୂଚୀ 'ପରିମାଣ ଦେୟ-ଦର' ଏବଂ 'ଶକ୍ତି ଦେୟ-ଦର'କୁ ଅନ୍ତର୍ଭୁକ୍ତ କରିବ, ଯାହା ନିମ୍ନରେ ସୂଚିତ ମତେ ଢ଼ାଞ୍ଚାରେ ହିସାବରେ ପହଞ୍ଚିବାକୁ ପଡିବ ।

ସିଇଆରସି (ତାରିଫ ନିର୍ଦ୍ଧାରଣର ବ୍ୟବଧାନିକ ସମୟର ନିୟମସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୯ ଅନୁଯାୟୀ, 'ଏକ ୫୦:୫୦ର ଭାଗ ଭିତ୍ତିରେ 'ପରିମାଣ ଦେୟ-ଦର' (ପାରିତୋଷିକତାକୁ ମିଶାଇ) ଏବଂ ଶକ୍ତି ଦେୟ-ଦର ଜରିଆରେ ଏକ ଶକ୍ତି ଷ୍ଟେସନର ବାର୍ଷିକ ସ୍ଥିର ଦର (ବ୍ୟୟ ପରିମାଣ)କୁ ଭରଣା କରାଯିବ ।

୧) ଏକ କ୍ୟାଲେଣ୍ଡର ମାସ ପାଇଁ ଏକ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନକାରୀ ଷ୍ଟେସନକୁ ଦେବାକୁ ଥିବା ପରିମାଣ (କ୍ଷମତା) ଦେୟ-ଦର (ପାରିତୋଷିକତାକୁ ମିଶାଇ) ନିମ୍ନ ଉଲ୍ଲେଖ ପ୍ରକାରରେ ହେବ ।

ପରିମାଣ ଦେୟ-ଦର = Capacity Charges - C.C = AFC ¨ 0.5 ¨ NDM / NDY¨ PAFM/NAPAF (ଟଙ୍କାରେ)

ଯେଉଁ କ୍ଷେତ୍ରରେ -

AFC = Annual Fixed Cost Specified for the year in rupees; ଅର୍ଥାତ୍, ଟଙ୍କାରେ ନିର୍ଦ୍ଦିଷ୍ଟ ବର୍ଷ ପାଇଁ ସୂଚିତ ବାର୍ଷିକ ସ୍ଥିର ଦର (ବ୍ୟୟ ପରିମାଣ)

NAPAF = Normative Annual Plant Availability Factor, ଅର୍ଥାତ୍, ମାପଦଣ୍ଡ ଭିତ୍ତିକ ବାର୍ଷିକ ଗୁଳ୍ମାଦି ପ୍ଲାଣ୍ଟ ଉପଲବ୍ଧତା ଫାକ୍ଟର ।

NDM = Number of days in the month ଅର୍ଥାତ୍, ଗୋଟିଏ ମାସରେ ସମୁଦାୟ ଦିବସ ସଂଖ୍ୟା

NDY = Number of days in the year, ଅର୍ଥାତ୍, ଗୋଟିଏ ବର୍ଷର ସମୁଦାୟ ଦିବସ ସଂଖ୍ୟା

PAFM = Plant Availability Factor achieved during the month in percentage. ଅର୍ଥାତ୍, ପ୍ରତିଶତରେ ଗୋଟିଏ ମାସରେ ହାସଲ କରାଯାଇଥିବା ପ୍ଲାଣ୍ଟ (ଗୁଳ୍ମ, ଖାଡି ଆଦି) ଉପଲବ୍ଧତା ଫାକ୍ଟର

ନିମ୍ନଲିଖିତ ସୂତ୍ର ଅନୁଯାୟୀ PAFMକୁ କଂପ୍ୟୁଟ କରାଯିବ:

$$PAFM = 10000 ¨ \sum_{i=1}^{N} DCi/ \{N¨ IC¨ (100-Aux)\}\%$$

ଯେଉଁ କ୍ଷେତ୍ରରେ -

ANX = Normative Auxiliary Energy Consumption in percentage ଅର୍ଥାତ୍, ପ୍ରତିଶତରେ ମାପଦଣ୍ଡ ଭିତ୍ତିକ ଗୌଣ ଶକ୍ତିର ଉପଯୋଗ

N = No. of days in the month ଅର୍ଥାତ, ଗୋଟିଏ ମାସରେ ଦିବସ ସଂଖ୍ୟା

IC = Installed capacity in MW of the Complete generating station - 1 ଅର୍ଥାତ୍, ଏକ ପୂର୍ଣ୍ଣାଙ୍ଗ ଉତ୍ପାଦନକାରୀ ଷ୍ଟେସନର ମେଗାୱାଟରେ ଉତ୍ପାଦନ କ୍ଷମତା

DC i = Declared Capacity (in ex-bus MW) for the $i^{th}$ day of the month which the station can deliver for at least (3)hours, as certified by the nodal load dispatch centre after the day is over. ଅର୍ଥାତ୍, 'ମାସର ଉଦ୍ଦିଷ୍ଟ (ନିର୍ଦ୍ଦିଷ୍ଟ) ଦିବସ ଗଡିଯିବା ପରେ ନମୁନା ଲୋଡ଼ ଡେସ୍‌ପାଚ ସେଣ୍ଟର ଦ୍ୱାରା ପ୍ରମାଣୀକୃତ ମତେ, ମାସର ଉଦ୍ଦିଷ୍ଟ (ନିର୍ଦ୍ଦିଷ୍ଟ) ତମ ଦିବସ ପାଇଁ ଘୋଷିତ ଉତ୍ପାଦନ ପରିମାଣ (ଏକ୍‌ସ-ବସ୍ ମେଗାୱାଟରେ) ।

୨) ଏକ କ୍ୟାଲେଣ୍ଡର ମାସରେ ପୂର୍ବରୁ ଥିବା ଶକ୍ତି ପ୍ଲାଣ୍ଟ ଭିତ୍ତିରେ, କଂପ୍ୟୁଟରୀକୃତ ଶକ୍ତି ଦେୟ ଦର-ହାରରେ, ହିତାଧିକାରୀଙ୍କୁ ଯୋଗାଣ କରାଯିବାକୁ ଥିବା ସୂଚୀଭୁକ୍ତ ସମୁଦାୟ ଶକ୍ତି ପାଇଁ ପ୍ରତି ହିତାଧିକାରୀଙ୍କ ଦ୍ୱାରା ଶକ୍ତି ଦେୟ-ଦର ଦେୟ-ଯୋଗ୍ୟ ହେବ । ଗୋଟିଏ ମାସ ପାଇଁ ଉତ୍ପାଦନକାରୀ କମ୍ପାନୀକୁ ଦେୟ-ଯୋଗ୍ୟ ସମୁଦାୟ ଶକ୍ତିର ପରିମାଣହେବ - (କିଲୋହ୍ୱାଟ ପିଛା ଟଙ୍କାରେ ଶକ୍ତି ଦେୟ-ହାର) × (କିଲୋହ୍ୱାଟରେ ନିର୍ଦ୍ଦିଷ୍ଟ ମାସ ପାଇଁ ସୂଚୀଭୁକ୍ତ ଶକ୍ତି (ଏକ୍‌ସ-ବସ୍))

୩) ଏକ ଜଳ ବିଦ୍ୟୁତ୍ ଉତ୍ପାଦନକାରୀ ଷ୍ଟେସନ ଉଦ୍ଦେଶ୍ୟରେ ଏକ୍‌ସ-ବସ୍ ପ୍ଲାଣ୍ଟ ଭିତ୍ତିରେ କିଲୋହ୍ୱାଟ ପିଛା ଟଙ୍କାରେ 'ଶକ୍ତି ଦେୟ ଦର-ହାର' ନିମ୍ନଲିଖିତ ସୂତ୍ରକୁ ଆଧାର କରି ତିନି ଦଶମିକ ସ୍ଥାନ ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯିବ । ତେବେ, ଏହି ହିସାବ ସିଇଆରସି ଟାରିଫ ନିୟମାଳବୀ, ୨୦୦୯ର ସିଡ୍ୟୁଲ - ୨୨ର ଉପଧାରା (୬) ଓ (୭)ର ବ୍ୟବସ୍ଥା ସମୂହ ପ୍ରତି ସର୍ତ୍ତାଧିନ ରହିବ ।

ECR = AFC ¨ 0.5 ¨10 /{DE¨ (100AUX)¨100}

DE = ମେଗାହ୍ୱାଟରେ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନକାରୀ ଷ୍ଟେସନ ଉଦ୍ଦେଶ୍ୟରେ ସୂଚିତ ବାର୍ଷିକ ଆକାରାୟିତ ଶକ୍ତି, ଯାହା ସିଇଆରସି ଟାରିଫ ନିୟମାବଳୀ, ୨୦୦୯ର ସିଡ୍ୟୁଲ-୨୨ର ଉପଧାରା (୬)ର ବ୍ୟବସ୍ଥାସମୂହ ପ୍ରତି ସର୍ତ୍ତାଧିକ ଅଟେ ।

୧୫୫) ଉପରୋକ୍ତ ହିସାବ ଅନୁଯାୟୀ, ନିମ୍ନ ସାରଣୀରେ ସାରାଂଶୀକୃତ ମତେ, ୨୦୧୦-୧୧ ଆ.ବ. ପାଇଁ ଓଏଚପିସି ଶକ୍ତି ଷ୍ଟେସନସମୂହର ଶକ୍ତି ଦେୟ ଦର-ହାର ଏବଂ କ୍ଷମତା (ପରିମାଣ) ଦେୟ ଦର-ହାରକୁ ଆୟୋଗ ଅନୁମୋଦନ ଦେଇଛନ୍ତି ।

**ସାରଣୀ-୨୫**

**୨୦୧୦-୧୧ ପାଇଁ ଶକ୍ତି ଦେୟ ଓ ଧାରଣ ଶକ୍ତି**

| ଶକ୍ତି କେନ୍ଦ୍ରମାନଙ୍କର ନାମ | ବାର୍ଷିକ ସ୍ଥିର ମୂଲ୍ୟ (କୋଟି ଟଙ୍କାରେ) | ଧାରଣ ଶକ୍ତି (କୋଟି ଟଙ୍କାରେ) | ଶକ୍ତି ଦେୟ (କୋଟି ଟଙ୍କାରେ) | ଶକ୍ତି ଦେୟ (ୟୁନିଟ୍ ପ୍ରତି ପଇସା) |
|---|---|---|---|---|
| ରେଙ୍ଗାଲି ଏଚଇପି | ୩୫.୯୧ | ୧୭.୯୫୫ | ୧୭.୯୫୫ | ୩୪.୫୪୫ |

| | | | | |
|---|---|---|---|---|
| ଅପରକୋଲାବ ଏଚଇପି | ୨୭.୩୨ | ୧୩.୬୬୦ | ୧୩.୬୬୦ | ୧୬.୫୮୪ |
| ବାଲିମେଳା ଏଚଇପି | ୬୮.୪୦ | ୩୪.୨୦ | ୩୪.୨୦ | ୨୯.୨୦୧ |
| ହୀରାକୁଦ ଏଚଇପି ପ | ୬୦.୬୪ | ୩୦.୩୨ | ୩୦.୩୨ | ୪୪.୭୭୫ |
| ଚିପିଲିମା ଏଚଇପି | ୨୨.୭୯ | ୧୧.୩୯୫ | ୧୧.୩୯୫ | ୨୩.୪୯୦ |
| ଅପରଇନ୍ଦ୍ରାବତୀ ଏଚଇପି | ୧୪୬.୮୨ | ୭୩.୪୧୦ | ୭୩.୪୧୦ | ୩୭.୭୯୩ |

ନୂଆ ସିଇଆରସି ଟାରିଫ ନିୟମାବଳୀ, ୨୦୦୯ ଅନୁଯାୟୀ ଏକ କ୍ୟାଲେଣ୍ଡର ମାସ ପାଇଁ ପରିମାଣ ଦେୟ-ଦର ଏବଂ ଶକ୍ତି ଦେୟ-ଦରର ଭରଣା ସ୍ଥିରୀକୃତ ହେବ ।

**ମାପଦଣ୍ଡ ଭିତ୍ତିକ ବାର୍ଷିକ 'ପ୍ଲାଣ୍ଟ' (ଗୁଳ୍ମ ଖାଡି ଆଦି) ଉପଲବ୍ଧତା ଫାକ୍ଟର (ଏନ୍‌ଏପିଏଫ୍):**

୧୫୬) ସିଇଆରସି (ଟାରିଫ ନିର୍ଦ୍ଧାରଣର ବ୍ୟବଧାନିକ ସମୟର ନିୟମ-ସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୯ର ନିୟମ-୨୭(ସ) ନିମ୍ନଲିଖିତ ବିଭାବସମୂହକୁ ନିର୍ଦ୍ଧାରଣ କରିଛି ।

୧) ଜଳବିଦ୍ୟୁତ୍ ଷ୍ଟେସନସମୂହ ପାଇଁ ମାପଦଣ୍ଡ ଭିତ୍ତିକ ବାର୍ଷିକ ପ୍ଲାଣ୍ଟ ଉପଲବ୍ଧତା ଫାକ୍ଟର ନିମ୍ନଲିଖିତ ପ୍ରକାରରେ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯିବ ।

କ) 'ପୂର୍ଣ୍ଣ ଜଳଭଣ୍ଡାର ସ୍ତର' (ରଙ୍କକ୍ଷକ୍ଷ ହ୍ୱରସ୍କରହ୍ୱଙ୍କହ୍ସହ୍ୱ ଖରଙ୍ଗରକ୍ଷ - ରଜଖ) ଏବଂ 'ସର୍ବନିମ୍ନ ଅବବାହିକା ସ୍ତର' (ଗସଭସଙ୍କଙ୍କଙ୍କ ଉହ୍ୱବଙ୍ଗ ଉହ୍କଙ୍ଗଭ କ୍ଷରଙ୍ଗରକ୍ଷ - ଗଉଉଖ) ମଧ୍ୟରେ ଶୀର୍ଷ-ଭାଗ ପାର୍ଥକ୍ୟ ଥିବା ଭଣ୍ଡାରୀକୃତ ଜଳ ଓ ପୁଷ୍କରିଣୀରେ ବଢୁଥିବା ଭଳି ଗୁଳ୍ମାଦି - ୮ ପ୍ରତିଶତ ପର୍ଯ୍ୟନ୍ତ ଏବଂ ଯେଉଁ ସ୍ଥାନରେ ପ୍ଲାଣ୍ଟ ଉପଲବ୍ଧତା କାଦୁଅ/ପଙ୍କ ଦ୍ୱାରା ପ୍ରଭାବିତ ନୁହେଁ - ୯୦ପ୍ରତିଶତ

ଖ) ରଜଖ ଏବଂ ଗଉଉଖ ମଧ୍ୟରେ ଶୀର୍ଷ-ଭାଗ ପାର୍ଥକ୍ୟ ସହ ଭଣ୍ଡାରୀକୃତ ଜଳରେ ଓ ପୁଷ୍କରିଣୀରେ ବଢୁଥିବା ଗୁଳ୍ମାଦି ପ୍ଲାଣ୍ଟ ୮ ପ୍ରତିଶତରୁ ଅଧିକ ହୋଇଥିଲେ ଏବଂ କାଦୁଅ/ପଙ୍କ ଦ୍ୱାରା ପ୍ଲାଣ୍ଟ ଉପଲବ୍ଧତା ପ୍ରଭାବିତ ହୋଇ ନଥିଲେ, ମେଗାୱାଟ କ୍ଷମତାର ଉତ୍ପାଦନ ହ୍ରାସ ପାଇଁ ଏନ୍‌ଏପିଏଫ୍‌ରେ ପ୍ଲାଣ୍ଟ ବଢୁଥିବା ଜନିତ ସୁ-ନିର୍ଦ୍ଦିଷ୍ଟ ଭତ୍ତା ଦିଆଯିବା ଉଚିତ, ଯେଣୁ ଜଳଭଣ୍ଡାରର ସ୍ତର ମାସକୁ ମାସ କମି କମି ଯାଏ । ଏକ ସାଧାରଣ ଗାଇଡ୍ ଲାଇନ ଭାବରେ ବିବେଚନା କରାଗଲେ, 'ପ୍ଲାଣ୍ଟର ନିଟ୍ ଶୀର୍ଷ-ଭାଗର ବାର୍ଷିକ ହାରାହାରି ପ୍ରଦର୍ଶନରୁ ଏହି ଉଦ୍ଦେଶ୍ୟରେ ଭତ୍ତାକୁ ନିମ୍ନଲିଖିତ ସୂତ୍ରକୁ ପ୍ରୟୋଗ କରି ହିସାବ ଅଣାଯାଇପାରେ ।

ହାରାହାରି ହେଡ୍ / Rated ହେଡ୍ + ୦.୦୨

ବିକଳ୍ପତଃ, ଉପରୋକ୍ତ ହିସାବ ଅତୁଆ ଲାଗୁଥିଲେ, ନିମ୍ନଲିଖିତ ସୂତ୍ରକୁ ମଧ୍ୟ ପ୍ରୟୋଗ କରି ହିସାବ ଧରାଯାଇପାରେ । ତାହା ହେଲା -

( MDDLର ଶୀର୍ଷଭାଗ / Rated ଶୀର୍ଷଭାଗ) × ୦.୫ + ୦.୫୨

ଗ) ଭଣ୍ଡାରୀକୃତ ଜଳରେ ବଢୁଥିବା ପ୍ଲାଣ୍ଟ, ଯେଉଁକ୍ଷେତ୍ରରେ କାଦୁଅ / ପଙ୍କ ଦ୍ୱାରା ପ୍ଲାଣ୍ଟ ଉପଲବ୍ଧତା ଉଲ୍ଲେଖଯୋଗ୍ୟ ଭାବେ ପ୍ରଭାବିତ ଅଟେ, ତା'ର ପରିମାଣ ୮୫ ପ୍ରତିଶତ ଅଟେ ।

ଘ) ନଦୀ-ସ୍ରୋତରେ ବହୁଥିବା ଶିଉଳି ଜାତୀୟ ଗୁଳ୍ମ: ଯେଉଁଠାରେ ଉପଲବ୍ଧ ବା ପ୍ରସଂଗିତ (ସମ୍ପର୍କିତ), ସେହି ଅତୀତ ଅଭିଜ୍ଞତାରୁ ସନ୍ତୁଳିତ ଭାବେ ୧୦ ଦିନର ଆକାରାୟିତ ଶକ୍ତିର ତଥ୍ୟକୁ ଭିତ୍ତି କରି ଏଥିପାଇଁ ପ୍ଲାଣ୍ଟ-ଓ୍ୱାରୀ ଏନଏପିଏଏଫ୍ ନିର୍ଦ୍ଧାରଣ କରିବାକୁ ପଡିବ ।

(୨) ସ୍ୱତନ୍ତ୍ର ପରିସ୍ଥିତିରେ ଏନ୍ଏପିଏଏଫ୍ ନିର୍ଦ୍ଧାରଣ ପାଇଁ ଆୟୋଗଙ୍କ ଦ୍ୱାରା "ଅସ୍ୱଭାବିକ କାଦୁଆ ପଙ୍କ ସମସ୍ୟା, କିମ୍ବା ଜଳ ଭଣ୍ଡାରରେ ନିର୍ବାହନ ଜନିତ ସମସ୍ୟା, କିମ୍ବା ପ୍ଲାଣ୍ଟର ଜଣାଶୁଣା ବିବିଧତା ଜନିତ ସମସ୍ୟା ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ଆୟୋଗ ପୁନଶ୍ଚ ଏକ ଭତ୍ତା ଦେଇ ପାରନ୍ତି ।

(୩) ପୁନଶ୍ଚ, ଉତ୍ତର-ପୂର୍ବ ଅଞ୍ଚଳରେ ସମସ୍ୟା ପାଇଁ ତା' ପରବର୍ତ୍ତୀ ପର୍ଯ୍ୟାୟରେ ୫ ପ୍ରତିଶତର ଏକ ଭତ୍ତା ପରିମାଣକୁ ଆୟୋଗ ଅନୁମତି ଦେଇପାରନ୍ତି ।

(୪) ନୂଆ ଜଳ ବିଦ୍ୟୁତ ପ୍ରୋଜେକ୍ଟ କ୍ଷେତ୍ରରେ, ଏହି ନିୟମାବଳୀର ଉପଧାରା - (୧), (୨) ଏବଂ (୩)ରେ ବର୍ଣ୍ଣିତ ଶୃଙ୍ଖଳାକୁ ଭିତ୍ତି କରି ଏନ୍ଏପିଏଏଫ୍ ନିର୍ଦ୍ଧାରଣ ପାଇଁ ଆଗୁଆ ଭାବେ ଉନ୍ନୟନକାରୀ ଆୟୋଗଙ୍କୁ ଆପ୍ରୋଚ୍ କରିବାର ସ୍ୱାଧିନ ଇଚ୍ଛାର ଅଧିକାରୀ ହେବେ ।

(୫) ଉପରୋକ୍ତ ଅବତାରଣା ଭିତ୍ତିରେ, ଜଳ ବିଦ୍ୟୁତ୍ ଷ୍ଟେସନ୍‌ମାନଙ୍କରେ ଏନ୍ଏପିଏଏଫ୍ (ଯାହାର କାର୍ଯ୍ୟ ଚାଲୁ କରାଯାଇଛି) ନିମ୍ନମତେ ହେବ ।

**ମାନ୍ୟବର ଆୟୋଗଙ୍କର ଯାଞ୍ଚକାରୀ ପ୍ରଶ୍ନର ଉତ୍ତରରେ ନିମ୍ନ ଉଲ୍ଲେଖ ମତେ ଓଏଚପିସି ଉତ୍ତର ପ୍ରଦାନ କରିଛି:**

(୧୫୭) କେନ୍ଦ୍ରୀୟ ସ୍କିମ୍ ଅଧିନରେ ବିଭିନ୍ନ ଶକ୍ତି ଷ୍ଟେସନ ପାଇଁ ଉପଲବ୍ଧ ପରିବେଷିତ ତଥ୍ୟକୁ ଭିତ୍ତି କରି ସିଇଆରସି ନିୟମାବଳୀ, ୨୦୦୯ ଦ୍ୱାରା ୯୦ ପ୍ରତିଶତର ଏନଏପିଏଏଫକୁ ଚିହ୍ନଟ କରାଯାଇଛି । 'ଜାତୀୟ ଜଳ ବିଦ୍ୟୁତ୍ ଶକ୍ତି ନିଗମ'ର ଚମେରା-୧ ଓ ଚମେରା-୨ ଷ୍ଟେସନ ଦ୍ୱୟର ନିରବିଚ୍ଛିନ୍ନ ଉତ୍କୃଷ୍ଟ ନିର୍ବାହନ ପାଇଁ ଏହି ୨ଟି ଷ୍ଟେସନକୁ ଉଦାହରଣୀୟ ଷ୍ଟେସନ ଭାବରେ ଚିହ୍ନଟ କରାଯାଇଛି । ୨୦୦୪-୦୫ ଠାରୁ ୨୦୦୮-୦୯ ପର୍ଯ୍ୟନ୍ତ ଓଏଚ୍‌ପିସି ଶକ୍ତି ଷ୍ଟେସନ ସମୂହର ଉପଲବ୍ଧତାର ସବିଶେଷତାକୁ ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

**ସାରଣୀ-୨୬**

| କ୍ର. ସଂ | ଏକ୍ତି କେନ୍ଦ୍ରମାନଙ୍କର ନାମ | ୨୦୦୪-୦୫ | ୨୦୦୫-୦୬ | ୨୦୦୬-୦୭ | ୨୦୦୭-୦୮ | ୨୦୦୮-୦୯ | ହାରାହାରୀ ୫ ବର୍ଷ ପାଇଁ |
|---|---|---|---|---|---|---|---|
| ୧ | ଏଚଏଚ୍ଇପି | ୭୮.୭୬ | ୬୫.୪୧ | ୬୮.୯୪ | ୮୨.୨୬ | ୮୬.୬୫ | ୭୬.୪ |
| ୨ | ସିଏଚ୍ଇପି | ୫୦.୯୧ | ୪୭.୯୮ | ୫୩.୨୧ | ୪୬.୦୮ | ୬୮.୫୦ | ୫୩.୩୪ |
| ୩ | ବିଏଚଇପି | ୮୬.୬୦ | ୮୭.୧୮ | ୮୮.୭୪ | ୮୯.୫୧ | ୮୬.୮୯ | ୮୭.୭୮ |
| ୪ | ଆରଏଚଇପି | ୮୮.୭୭ | ୮୧.୧୬ | ୭୦.୬୫ | ୮୬.୪୭ | ୭୫.୪୪ | ୮୦.୫ |
| ୫ | ୟୁକେଏଚଇପି | ୯୩.୯୦ | ୭୬.୫୦ | ୮୦.୯୦ | ୯୨.୦୦ | ୮୭.୫୮ | ୮୬.୧୮ |
| ୬ | ୟୁଆଇଏଚଇପି | ୯୦.୨୭ | ୬୮.୮୬ | ୮୯.୦୦ | ୯୦.୨୪ | ୮୯.୧୭ | ୮୫.୫୧ |

(୧୫୮) ସିଇଆରସି ଫର୍ମାଟ ଅନୁଯାୟୀ, ୨୦୦୪-୦୫ ଠାରୁ ୨୦୦୮-୦୯ ପର୍ଯ୍ୟନ୍ତ ଏହି ଷ୍ଟେସନ୍‌ଗୁଡ଼ିକର ନିର୍ବାଚନ ସୂଚୀ ସମୂହକୁ ଓଏଚ୍‌ପିସି ଆୟୋଗଙ୍କ ସପକ୍ଷରେ ଦାଖଲ କରିଥିଲା । ଏହି ନିର୍ବାଚନ ସୂଚୀ ସମୂହକୁ ଭିତ୍ତି କରି ୨୦୦୪-୦୫ ଠାରୁ ୨୦୦୮-୦୯ ପର୍ଯ୍ୟନ୍ତ ହିସାବକୁ ଅଣାଯାଇଥିବା ଓଏଚପିସି ଶକ୍ତି ଷ୍ଟେସନ୍ ସମୂହର ସବିଶେଷ

ପ୍ଲାଣ୍ଟ ଉପଲ୍‌ଧତାକୁ ଉପରୋକ୍ତ ସାରଣୀରେ ପ୍ରଦର୍ଶନ କରାଯାଇଛି । ଓଏଚ୍‌ପିସି ଶକ୍ତି ଷ୍ଟେସନ୍ ସମୂହର ବିଗତ ୫ ବର୍ଷର ହାରାହାରି ପ୍ଲାଣ୍ଟ ଉପଲବ୍ଧତାକୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

**ସାରଣୀ-୨୭**

| | ଏଚଏଚ୍‌ଇପି | ସିଏଚ୍‌ଇପି | ବିଏଚଇପି | ଆରଏଚଇପି | ୟୁକେଏଚଇପି | ୟୁଆଇଏଚଇପି |
|---|---|---|---|---|---|---|
| ହାରାହାରୀ ୫ ବର୍ଷ ପାଇଁ ପ୍ଲାଣ୍ଟ ଉପଲବ୍ଧି | ୭୬.୪୦ | ୫୩.୩୪ | ୮୭.୭୮ | ୮୦.୫୦ | ୮୬.୧୮ | ୮୫.୫୧ |

(୧୫୯) ଅତଏବ, ଓଏଚପିସି ଶକ୍ତି ଷ୍ଟେସନ୍ ସମୂହର ଏନଏପିଏଏଫ୍ ହିସାବ କରିବା ପାଇଁ ବିଗତ ୫ ବର୍ଷର ଶକ୍ତି ଷ୍ଟେସନ୍‌ମାନଙ୍କର ପ୍ରକୃତ ଉପଲବ୍ଧତାକୁ ସିଇଆରସି ଟାରିଫ ନିୟମାବଳୀ, ୨୦୦୯ରେ ବର୍ଣ୍ଣିତ ଅନ୍ୟାନ୍ୟ ଆନୁଷଙ୍ଗିକ ବିଭାବ ସମୂହକୁ ବିଚାରକୁ ନେଇ ଓଏଚପିସିର ଚିହ୍ନଟ ରେଖା ଭାବେ ବିବେଚନା କରାଯାଇଛି । ଭିନ୍ନ ଭିନ୍ନ ଶକ୍ତି ଷ୍ଟେସନ୍‌ର ସବିଶେଷ ହିସାବକୁ ନିମ୍ନରେ ପ୍ରଦାନ କରାଗଲା ।

**ଉଚ୍ଚା ଶୀର୍ଷ-ଭାଗ (ଗୁଲ୍ମ, ଖାଡ଼ି ଆଦି ପ୍ଲାଣ୍ଟର) ହେବା ଶକ୍ତି ଷ୍ଟେସନ୍ ସମୂହ (ଅପର ଇନ୍ଦ୍ରାବତୀ, ଅପର କୋଲାବ ଏବଂ ବାଲିମେଳା ଶକ୍ତି ଷ୍ଟେସନ୍):**

(୧୬୦) ଜଳ ଭଣ୍ଡାରରେ ପୂର୍ଣ୍ଣ ଜଳ ଥିବା ସ୍ତର (ଏଫଆର୍‌ଏଲ୍) ଏବଂ ସର୍ବନିମ୍ନ ଅବବାହନର ସ୍ତର' (ଏମ୍‌ଡିଡିଏଲ୍) ମଧ୍ୟରେ 'ଶୀର୍ଷ-ଭାଗ' ପାର୍ଥକ୍ୟ (ଅପର ଇନ୍ଦ୍ରାବତୀ, ଅପର କୋଲାବ ଓ ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟସମୂହ ପାଇଁ) କୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

**ସାରଣୀ-୨୮**

| **ଶକ୍ତି କେନ୍ଦ୍ରମାନଙ୍କର ନାମ** | ଏଫ୍.ଆର.ଏଲ୍ | ଏମ୍.ଡ଼ି.ଡ଼ି.ଏଲ୍ | ସର୍ବାଧିକ ସ୍ତର | ସର୍ବନିମ୍ନ ସ୍ତର | ଜଳସ୍ତରର ପାର୍ଥକ୍ୟ % |
|---|---|---|---|---|---|
| ଉପର କୋଲାବ | ୮୫୮ମି | ୮୪୪ ମି | ୨୬୫.୭୩ ମି | ୨୪୧.୭୨ ମି | ୯.୦୩ % |
| ବାଲିମେଳା | ୪୬୨.୦୮ ମି | ୪୩୮.୯୧ ମି | ୨୮୯ ମି | ୨୫୭ ମି | ୧୧.୦୭ % |
| ଉପର ଇନ୍ଦ୍ରାବତୀ | ୬୪୨ ମି | ୬୨୫ ମି | ୩୭୯ ମି | ୩୫୮ ମି | ୫.୫୪ % |

ବିଗତ ୫ ବର୍ଷର ପ୍ରକୃତ ପ୍ଲାଣ୍ଟ ଉପଲବଧତା ଫାକ୍ଟର (ହାରାହାରି)କୁ ଅପର ଇନ୍ଦ୍ରାବତୀ ପାଇଁ 'ହେଡ୍ ପାର୍ଥକ୍ୟ' ୮ ପ୍ରତିଶତରୁ କମ୍ ଅଟେ । ତେଣୁ ହେଡ୍ ପାର୍ଥକ୍ୟ ବା ଶୀର୍ଷ ଭାଗ ପାର୍ଥକ୍ୟ ଉଦ୍ଦେଶ୍ୟରେ କୌଣସି ଗୁଣନ କରାଯାଉଥିବା ଫାକ୍ଟରର ସହାୟତା ବିନା ଏନଏପିଏଏଫ୍ ଭାବେ ବିବେଚନା କରାଯିବ, ଯାହାର ହିସାବ ଆସୁଛି ୮୫.୫୧ ପ୍ରତିଶତ; ବା ଏହାକୁ ୮୫ ପ୍ରତିଶତ ଭାବେ ଗ୍ରହଣ କରାଯାଇପାରେ ।

ବାଲିମେଳା ଓ ଅପର କୋଲାବ କ୍ଷେତ୍ରରେ, ଶୀର୍ଷଭାଗ ପାର୍ଥକ୍ୟର ପରିମାଣ ୮ ପ୍ରତିଶତରୁ ଅଧିକ ଅଟେ । ଅତଏବ, ଏହି ଶକ୍ତି ଷ୍ଟେସନ୍ ଦ୍ୱୟ ପାଇଁ ଗୁଣନ-ଫାକ୍ଟରକୁ ନିମ୍ନ ସାରଣୀରେ ପ୍ରଦର୍ଶନ କରାଗଲା ।

**ସାରଣୀ-୨୯**

| **ଶକ୍ତି କେନ୍ଦ୍ରମାନଙ୍କର ନାମ** | ଜଳସ୍ତରର ପାର୍ଥକ୍ୟ % | **ଧାର୍ଯ୍ୟ ସ୍ତର** | ଏମ୍.ଡିଏଲଏ୍ ଠାରେ ସ୍ତର | **ଗୁଣନ ଉତ୍ପାଦନ** (ଏମ୍.ଡିଏଲଏ୍ ଠାରେ ସ୍ତର/**ଧାର୍ଯ୍ୟ ସ୍ତର** ଘ **୦.୫ + ୦.୫୨)** |
|---|---|---|---|---|
| ଉପର କୋଲାବ | ୯.୦୩% | ୨୫୩.୦ ମି | ୨୪୧.୭୨ ମି | ୦.୯୯୭୭ |
| ଛାଲିମେଳା | ୧୧.୦୭% | ୨୭୪..୦ ମି | ୨୫୭.୦ ମି | ୦.୯୮୯ |

ଉପରୋକ୍ତ ଗୁଣନ-ଫାକ୍ଟର ଏବଂ ବିଗତ ୫ ବର୍ଷର ପ୍ରକୃତ ପ୍ଲାଣ୍ଟ ଉପଲବ୍ଧତାକୁ ବିଚାରକୁ ନେଇ ଏନଏପିଏଏଫ୍ ହେବ ।

**ସାରଣୀ-୩୦**

| **ଶକ୍ତି କେନ୍ଦ୍ର ନାମ** | ଏମ୍.ଏଫ୍. | ହାରାହାରୀ ପ୍ଲାଣ୍ଟ ଉପଲବ୍ଧି | **ଏନ୍ଏପିଏଏଫ୍(%)** |
|---|---|---|---|
| ଉପର କୋଲାବ | ୦.୯୯୭୭ | ୮୬.୧୮ | ୮୫.୯୮ |
| ଛାଲିମେଳା | ୦.୯୮୯ | ୮୫.୫୧ | ୮୪.୫୭ |

ଅତଏବ, ବାଲିମେଳା ଓ ଅପର କୋଲାବ  ପାଇଁ ଏନଏପିଏଏଫ୍ (%) କୁ ୮୫% ଭାବରେ ନିଆଯିବ

**ଗୁଲ୍ଜ, ଖାଡ଼ି ଆଦି ପ୍ଲାଣ୍ଟର କମ ଉଚ୍ଚା ଥିବା ଶୀର୍ଷ ଭାଗର ଶକ୍ତି ଷ୍ଟେସନ୍:**

(୧୬୧) ହୀରାକୁଦ ଜଳ ବିଦ୍ୟୁତ୍ ଷ୍ଟେସନ୍ : ହୀରାକୁଦ ଜଳ ବିଦ୍ୟୁତ ଶକ୍ତି ଷ୍ଟେସନ୍ ପାଇଁ ଏଫ୍ଆରଏଲ୍ ଏବଂ ଏମ୍ଡିଡିଏଲ୍ ମଧ୍ୟରେ ଶୀର୍ଷ ଭାଗ (ଗୁଲ୍ଜାଦି ପ୍ଲାଣ୍ଟରେ) ପାର୍ଥକ୍ୟ ହେଉଛି ୨୫.୩୫% ।

**ସାରଣୀ-୩୧**

| **ଶକ୍ତି କେନ୍ଦ୍ର ନାମ** | ଏଫ୍.ଆର.ଏଲ୍ | ଏମ୍.ଡ଼ି.ଡ଼ି.ଏଲ୍ | ସର୍ବାଧିକ ସ୍ତର | ସର୍ବନିମ୍ନ ସ୍ତର | ଜଳସ୍ତରର ପାର୍ଥକ୍ୟ % |
|---|---|---|---|---|---|
| ଏଚଏଚ୍ଇପି | ୬୩୦ ଫୁଟ୍ | ୫୯୦ ଫୁଟ୍ | ୩୫.୫ ମି | ୨୬.୫ ମି | ୨୫.୩୫ |

୨୫.୩୫%ର ହେଡ୍ ପାର୍ଥକ୍ୟକୁ ବିବେଚନା କରି ନିମ୍ନ ସାରଣୀରେ ଉପନୀତ ଗୁଣନ ଫାକ୍ଟରକୁ ପ୍ରଦର୍ଶନ କରାଗଲା ।

**ସାରଣୀ-୩୨**

| **ଶକ୍ତି କେନ୍ଦ୍ର ନାମ** | ଜଳସ୍ତରର ପାର୍ଥକ୍ୟ % | ୟୁନିଟ୍ | **ଧାର୍ଯ୍ୟ ସ୍ତର** ଜବସ୍ପରୟ ଐରବୟ | ଏମ୍.ଡିଏଲଏ୍ ଠାରେ ସ୍ତର | ଏମ୍.ଏଫ୍. |
|---|---|---|---|---|---|

| | | | | | |
|---|---|---|---|---|---|
| ଏଚଏଚ୍ଇପି | ୨୫.୩୫% | ୧ ଓ ୨ | ୩୧.୬ ମି | ୨୬.୫ ମି | ୦.୯୩ |
| | | ୩ ଓ ୪ | ୩୦.୭୮ ମି | ୨୬.୫ ମି | ୦.୯୫ |
| | | ୫,୬ ଓ ୭ | ୨୬.୫ ମି | ୨୬.୫ ମି | ୧.୦୦ |

୨୦୦୪-୦୫ ଠାରୁ ୨୦୦୮-୦୯ ପର୍ଯ୍ୟନ୍ତ ବିଗତ ୫ ବର୍ଷର ହୀରାକୁଦ ଶକ୍ତି ଷ୍ଟେସନ୍‌ର ହାରାହାରି ପ୍ଲାଣ୍ଟ ଉପଲବ୍ଧତା ହେଉଛି ୩୬.୪ ପ୍ରତିଶତ । ହେଡ୍ ପାର୍ଥକ୍ୟ ଯୋଗୁଁ ଗୁଣନ-ଫାକ୍ଟରକୁ ବିବେଚନାକୁ ନେଇ ଏହି ଶକ୍ତି ଷ୍ଟେସନ୍‌ର ଏନ୍‌ଏପିଏଏଫ୍‌କୁ ନିମ୍ନ ସାରଣୀରେ ଦର୍ଶାଗଲା ।

**ସାରଣୀ-୩୩**

| ୟୁନିଟ୍ | ଏମ୍.ଏଫ୍. | ହାରାହାରୀ ପ୍ଲାଣ୍ଟ ଉପଲବ୍ଧି | **ଏନ୍‌ଏପିଏଏଫ୍** |
|---|---|---|---|
| ଭାଲିମେଳା | ୦.୯୩ | ୭୬.୪ | ୭୧.୦୫୨ |
| ୩ ଓ ୪ | ୦.୯୫ | ୭୬.୪ | ୭୨.୫୮ |
| ୫, ୬ ଓ ୭ | ୧.୦୦ | ୭୬.୪ | ୭୬.୪୦ |

ସବୁ ୟୁନିଟର ପ୍ରତିବଦ୍ଧ ହାରାହାରି କ୍ଷମତାକୁ ବିବେଚନା କରି ସମୁଦାୟ ଶକ୍ତି ଷ୍ଟେସନ୍ ପାଇଁ ଏନ୍ ଏପିଏଏଫ୍ ହେଉଛି : ଏଚ୍‌ଏଚଇପି ପାଇଁ ଏନ୍‌ଏପିଏଏଫ୍ =

(୪୯.୫×୨×୭୧.୦୫୨+୩୨×୨×୭୨.୫୮+୩୭.୫୦×୩×୭୬.୪୦)/୨୭୫.୫୦ = ୭୩.୫୯

ଅତଏବ୍, ହେଡ୍ ପାର୍ଥକ୍ୟ ଯୋଗୁ ପ୍ରକୃତ ପ୍ଲାଣ୍ଟ ଉପଲବ୍ଧତା ଓ ଗୁଣନ ଫାକ୍ଟରକୁ ବିବେଚନା କରି ଏଚ୍‌ଏଚ୍‌ଇପି, ବୁର୍ଲା ପାଇଁ ଓଏଚ୍‌ପିସି ୭୩.୦୦%ର ଏକ ସଂଶୋଧିତ ଏନ୍‌ଏପିଏଏଫ୍‌କୁ ପ୍ରସ୍ତାବ ଦେଇଛି ।

**ରେଙ୍ଗାଲି ଜଳ ବିଦ୍ୟୁତ୍ ଷ୍ଟେସନ୍ :**

(୧୬୨) ରେଙ୍ଗାଲି ଜଳ ବିଦ୍ୟୁତ୍ ଶକ୍ତି ଷ୍ଟେସନ୍ କ୍ଷେତ୍ରରେ, ଏଫ୍‌ଆର୍‌ଏଲ୍ ଠାରୁ ଏମଡିଡିଏଲ୍ ମଧରେ ନିମ୍ନ ସାରଣୀରେ ପ୍ରଦର୍ଶନ ମତେ ହେଡ୍ ପାର୍ଥକ୍ୟ ପ୍ରାୟତଃ ୪୦ ପ୍ରତିଶତ ।

**ସାରଣୀ-୩୪**

| **ଶକ୍ତି କେନ୍ଦ୍ରର ନାମ** | ଏଫ୍.ଆର.ଏଲ୍ | ଏମ୍.ଡ଼ି.ଡ଼ି.ଏଲ୍ | ସର୍ବାଧିକ ସ୍ତର | **ସର୍ବନିମ୍ନ** ସ୍ତର | ଜଳସ୍ତରର ପାର୍ଥକ୍ୟ % |
|---|---|---|---|---|---|
| ଆରଏଚଇପି | ୧୨୩.୫ ମି | ୧୦୯.୭୨ମି | ୪୬.୫ ମି | ୨୮.୦ ମି | ୩୯.୭୮ % |

ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ଏନ୍‌ଏପିଏଏଫ୍‌ରେ ଉପନୀତ ହେବା ନିମନ୍ତେ ବିବେଚିତ ଗୁଣନ-ଫାକ୍ଟରକୁ ନିମ୍ନ ସାରଣୀରେ ଦର୍ଶାଗଲା ।

**ସାରଣୀ-୩୫**

| ଶକ୍ତି କେନ୍ଦ୍ରର ନାମ | ଜଳସ୍ତରର ପାର୍ଥକ୍ୟ % | ଧାର୍ଯ୍ୟ ସ୍ତର | ଏମ୍.ଡିଏଲ୍ ଠାରେ ସ୍ତର | ଏମ୍.ଏଫ୍. |
|---|---|---|---|---|
| ଆରଏଚଇପି | ୩୯.୭୮% | ୪୦.୦ ମି | ୨୮.୦ ମି | ୦.୮୭ ମି |

୨୦୦୪-୨୦୦୫ ଠାରୁ ୨୦୦୮-୦୯ ମଧ୍ୟରେ ବିଗତ ୫ ବର୍ଷର ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ହାରାହାରି ପ୍ଲାଣ୍ଟ ଉପଲବ୍ଧତା ଫକ୍ଟର ହେଉଛି ୮୦.୫ ପ୍ରତିଶତ । ହେଡ୍-ପାର୍ଥକ୍ୟ ଯୋଗୁଁ ଗୁଣନ ଫାକ୍ଟରକୁ ହିସାବକୁ ନେଇ ଶକ୍ତି ଷ୍ଟେସନ୍‌ର ଏନପିଏଏଫ୍‌କୁ ନିମ୍ନ ସାରଣୀରେ ଦର୍ଶାଗଲା ।

**ସାରଣୀ-୩୬**

| ଶକ୍ତି କେନ୍ଦ୍ରର ନାମ | ଏମ୍.ଏଫ୍. | ହାରାହାରୀ ଗତ ୫ ବର୍ଷର ପ୍ଲାଣ୍ଟ ଲପଲବ୍ଧି | ଏନ୍‌ଏପିଏଏଫ୍ |
|---|---|---|---|
| ଆରଏଚଇପି | ୦.୮୭ | ୮୦.୫ | ୭୦.୦୩୫ |

୨୦୧୦-୧୧ ଆ.ବ. ପାଇଁ ଓଏଚ୍‌ପିସିର ଏଆର୍‌ଆର୍ ଦରଖାସ୍ତରେ ୨୦୦୭-୦୮ ଆ.ବ. ଏବଂ ୨୦୦୮-୦୯ ଆ.ବ ପାଇଁ ଉପଲବ୍ଧ ପ୍ରକୃତ 'ଶୀର୍ଷ-ଭାଗ' (ଗୁଲ୍ମାଦି ପ୍ଲାଣ୍ଟରେ) ଭିତ୍ତିରେ, ଓଏଚ୍‌ପିସି ୭୨ ପ୍ରତିଶତର ଏନ୍‌ଏପିଏଏଫ୍ ପ୍ରସ୍ତାବ ଦେଇଛି । ଜଳ ଉପଲବ୍ଧତା ଦୃଷ୍ଟିରୁ ୨୦୦୭-୦୮ ଓ ୨୦୦୮-୦୯କୁ ସବୁଠାରୁ ଉତ୍ତମ ବର୍ଷ ଭାବେ ବିବେଚନା କରାଯାଇଛି ଏବଂ ଏହା କେବେ ହେଲେ ୯୦ ପ୍ରତିଶତର 'ନିର୍ଭରଶୀଳ ବର୍ଷ' ଭଳି ପରିସ୍ଥିତିର ସମ୍ମୁଖୀନ ହେବ ନାହିଁ ।

ଅତଏବ, ଓଏଚପସି ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ୭୦ ପ୍ରତିଶତର ଏକ ସଂଶୋଧିତ ଏନ୍‌ଏପିଏଏଫ୍‌ର ପ୍ରସ୍ତାବ ଦେଇଛି । ତେଣୁ, ୨୦୧୦ର ଏଆର୍‌ଆର୍ ଦରଖାସ୍ତରେ ୭୨ ପ୍ରତିଶତ ଏନ୍‌ଏପିଏଏଫ୍‌ର ପ୍ରସ୍ତାବକୁ ୭୦ ପ୍ରତିଶତକୁ ସଂଶୋଧନ କରାଯିବ ।

**ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ :**

(୧୬୩) ଚିପିଲିମା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ହେଡ୍ ପାର୍ଥକ୍ୟ ଖୁବ୍ କମ୍ ଏବଂ ଏଣୁ ହେଡ୍ ପାର୍ଥକ୍ୟ ଉଦ୍ଦେଶ୍ୟରେ ଆୟୋଗଙ୍କ ତରଫରୁ କୌଣସି ବିବେଚନା କରାଯିବ ନାହିଁ । ତେବେ, ସେ ଯା ହେଉ ନା କାହିଁକି, ୧୯୬୩ ଠାରୁ ଅର୍ଥାତ୍ ଚିପିଲିମା ଷ୍ଟେସନ୍ ଉତ୍ପାଦନ ଆରମ୍ଭ କରିବାର ପ୍ରାରମ୍ଭିକ ସମୟଠାରୁ ପାୱାର ଚ୍ୟାନେଲର ଜଳ ଧାରଣ କ୍ଷମତାରେ କଟକଣା ଯୋଗୁଁ ରେଙ୍ଗାଲି ପ୍ରୋଜେକ୍ଟରେ ସର୍ବାଧିକ ଉତ୍ପାଦନ ୬୪.୭୭ ମେଗାୱାଟକୁ (ପ୍ରତି ୟୁନିଟରୁ ୨୧.୫୯ ମେଗାୱାଟ୍) ସୀମିତ କରାଯାଇଛି । ପାୱାର ଚ୍ୟାନେଲର ଜଳଧାରଣ କ୍ଷମତାକୁ ୧୨୫୦୦ କ୍ୟୁସେକ୍‌ରେ ସୀମିତ ରଖାଯାଇଛି ।

ଚିପିଲିମା ପ୍ରୋଜେକ୍ଟ ପାଇଁ ୨୦୦୪-୦୫ ଠାରୁ ୨୦୦୮-୦୯ ପର୍ଯ୍ୟନ୍ତ ବିଗତ ୫ ବର୍ଷର ହାରାହାରି ପ୍ଲାଣ୍ଟ ଉପଲବ୍ଧତା ହେଉଛି ୫୩.୩୪ ପ୍ରତିଶତ । ଚିପିଲିମା ପାୱାର ହାଉସ୍ ଅନେକ ବାଧା ବିଘ୍ନ ଦେଇ ଗତି କରୁଛି । ତେଣୁ, ଓଏଚ୍‌ପିସି ଚିପିଲିମା ପ୍ରୋଜେକ୍ଟ ପାଇଁ ସ୍ୱତନ୍ତ୍ର ବିଚାରର ପ୍ରସ୍ତାବ ଦେଇଛନ୍ତି । ଚିପିଲିମା ପାୱାର ହାଉସ୍‌ର ମୁହାଣରେ ଯଦିଓ ପୁଷ୍କରିଣୀ ଆକୃତିର ଜଳାଶୟ ଅଛି, ଏହା ମାତ୍ର ୩ ଘଣ୍ଟାର ଶକ୍ତି ଉତ୍ପାଦନ ପାଇଁ ଜଳ ଯୋଗାଇଥାଏ । ତେଣୁ, ଦୈନନ୍ଦିନ ଶକ୍ତି ଉପଯୋଗର ଆବଶ୍ୟକତାକୁ ସମ୍ଭାଳିବା ପାଇଁ ଏହା ସକ୍ଷମ ନୁହେଁ । ଅତଏବ ହୀରାକୁଦ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟରୁ ଜଳ ଛଡ଼ାଯିବା ଉପରେ ଏହାର ଉତ୍ପାଦନ ମୁଖ୍ୟତଃ ନିର୍ଭର କରେ । ସୁତରାଂ, ବାସ୍ତବରେ ପୁଷ୍କରିଣୀ ଆକୃତିର ଜଳାଶୟ ସହିତ ଏହାକୁ ଏକ ସ୍ରୋତସ୍ୱିନୀ ନଦୀ ତଟସ୍ଥ ପାୱାର ଷ୍ଟେସନ୍ ବୋଲି କୁହାଯାଇ ପାରିବ ନାହିଁ । ସିଇଆରସି ଟାରିଫ ନିୟମାବଳୀ, ୨୦୦୯ରେ ଏହି ପାୱାର ଷ୍ଟେସନ ପାଇଁ ଅନୁମୋଦିତ ଏନ୍‌ଏପିଏଫ୍ ହେଉଛି ୫୫ ପ୍ରତିଶତ । ତେଣୁ, ଓଏଚପିସିର ଏଆର୍‌ଆର୍‌ରେ ପ୍ରସ୍ତାବିତ ମତେ ଚିପିଲିମା ପ୍ରୋଜେକ୍ଟର ଏନ୍‌ଏପିଏଫ୍‌କୁ ୫୫%ରେ ବିବେଚନା କରାଯିବ ।

(୧୬୪) ଶୁଣାଣି ସମୟରେ ଓଏଚ୍‌ପିସି ତା'ର ମୌଖିକ ଉପସ୍ଥାପନାରେ ଦର୍ଶାଇଥିଲା ଯେ, ଅପର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରୋଜେକ୍ଟ ବ୍ୟତୀତ ଆଉ ସବୁ ଶକ୍ତି ଷ୍ଟେସନ ଅତି ପୁରୁଣା ଏବଂ ସେମାନଙ୍କର ଉତ୍ପାଦନ ଉପଲବ୍ଧତାକୁ ଅବ୍ୟାହତ ରଖିବା ପାଇଁ ଲଗାତର ମରାମତି ଜନିତ ପରିଚାଳନାର ଆବଶ୍ୟକତା ରଖେ । ହୀରାକୁଦ ଶକ୍ତି ପ୍ରୋଜେକ୍ଟ, ବୁର୍ଲା ଏବଂ ରେଙ୍ଗାଲି ଶକ୍ତି ପ୍ରୋଜେକ୍ଟ, ରେଙ୍ଗାଲି କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ପରିମାଣର ହେଡ୍-ପାର୍ଥକ୍ୟ ପରିଦୃଷ୍ଟ ହୁଏ । ଓଏଚପିସିର ଶକ୍ତି ଷ୍ଟେସନ୍ ସମୂହର 'ମାପଦଣ୍ଡ ଭିତ୍ତିକ ପ୍ଲାଣ୍ଟ ଉପଲବ୍ଧତା ଫାକ୍ଟର' ନିର୍ଦ୍ଧାରଣ କରାଗଲା ବେଳେ ଏହିସବୁ ବିଭାବକୁ ବିଚାରକୁ ନେବାକୁ ପଡ଼ିବ, ଯାହା ଫଳରେ ବାର୍ଷିକ 'ପରିମାଣ ଦେୟ-ଦର' ସମ୍ପୂର୍ଣ୍ଣ ଭାବେ ଭରଣାକ୍ଷମ ହେବ ।

(୧୬୫) ଓଏଚ୍‌ପିସିର ଦରଖାସ୍ତ ଉପରେ ଗ୍ରୀଡ୍‌କୋ ତା'ର ପ୍ରତିବାଦରେ ପରାମର୍ଶ ଦେଇଛି ଯେ, ଏନ୍‌ଏପିଏଏଫ୍ ସ୍ଥିରୀକରଣ ପାଇଁ ସିଇଆରସି ନିୟମାବଳୀ, ୨୦୦୯ର ଉପଧାରା ୨୯.୧ ନିମ୍ନମତେ ନିର୍ଦ୍ଧାରଣ କରିଛି ।

(କ) ଭଣ୍ଡାରୀକୃତ ଜଳ ଅର୍ଥାତ୍ ଜଳାଶୟ ଏବଂ ପୁଷ୍କରିଣୀ ଆଦିରେ ବଢୁଥିବା ଗୁଳ୍ମ, ଖାଡ଼ି ଆଦି ପ୍ଲାଣ୍ଟ, ଯେଉଁ କ୍ଷେତ୍ରରେ ଏଫ୍‌ଆର୍‌ଏଲ୍ ଓ ଏମ୍‌ଡିଡିଏଲ୍ ମଧ୍ୟରେ ହେଡ୍-ପାର୍ଥକ୍ୟର ପରିମାଣ ୮% ପର୍ଯ୍ୟନ୍ତ; ଏବଂ ଯେଉଁ କ୍ଷେତ୍ରରେ ପ୍ଲାଣ୍ଟ ଉପଲବ୍ଧତା କାଦୁଅ/ପଙ୍କ ଦ୍ୱାରା ପ୍ରଭାବିତ ନୁହେଁ - ୯୦% ।

(ଖ) ଜଳାଶୟ ଓ ପୁଷ୍କରିଣୀରେ ବଢୁଥିବା ପ୍ଲାଣ୍ଟ, ଯେଉଁଠି ପାର୍ଥକ୍ୟ ୮%ରୁ ଅଧିକ ଅଟେ ଏବଂ ପ୍ଲାଣ୍ଟ ଉପଲବ୍ଧତା କାଦୁଅ / ପଙ୍କ ଦ୍ୱାରା ପ୍ରଭାବିତ ନୁହେଁ, ସେ କ୍ଷେତ୍ରରେ, ମେଗାୱାଟ୍‌ରେ ଉତ୍ପାଦନ କ୍ଷମତାର ହ୍ରାସ ନେଇ ଏନ୍‌ଏପିଏଫ୍ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଭତ୍ତାର ବ୍ୟବସ୍ଥା କରାଯିବା ବାଞ୍ଛନୀୟ; ଯେଣୁ ଜଳଭଣ୍ଡାରର ଠିକ୍ ସ୍ତର ମାସକୁ ମାସ କମି କମି ଯାଏ । ଗୁଣନ - ଫାକ୍ଟରରେ ଏହି ଉଦ୍ଦେଶ୍ୟରେ ଭତ୍ତା ପରିମାଣକୁ ନିମ୍ନଲିଖିତ ସୂତ୍ରକୁ ପ୍ରୟୋଗ କରି ହିସାବ କରାଯାଇପାରେ ।

(କ) (ହାରାହାରୀ ହେଡ୍ / ପରିମାପନ ହେଡ଼ + ୦.୦୨)

(ଖ) (ଏମ୍‌ଡିଡିଏଲ୍‌ରେ ହେଡ୍ / ପରିମାପନ ହେଡ୍ × ୦.୫)

(ଗ) ଓଏଚ୍‌ପିସିର ୨୦୦୯-୧୦ ଆ.ବ. ପାଇଁ ଏ ଆର୍. ଆର୍ କ୍ଷେତ୍ରରେ ଓଇଆରସି ଆଦେଶନାମାରେ ସୂଚିତ ଏବଂ

(ଘ) ଓଏଚ୍‌ପସିର ଉପସ୍ଥାପନା ମତେ ଏନ୍‌ଏପିଏଏଫ୍‌ରେ ହେଡ୍ ପାର୍ଥକ୍ୟ ଓ ଭତ୍ତାକୁ ବ୍ୟବସ୍ଥିତ କରିବାକୁ ପଡ଼ିବ । ଅପରପକ୍ଷରେ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରୋଜେକ୍ଟର ହେଡ୍ ପାର୍ଥକ୍ୟ - ୮% ମଧ୍ୟରେ । ତା'ଛଡ଼ା ଏହି ପ୍ରୋଜେକ୍ଟରୁ ଶକ୍ତି ଉତ୍ପାଦନ ହେବାର ସମୟ ବିଗତ ମାତ୍ର ୧୦ ବର୍ଷର ଅଟେ । ତେଣୁ, ଏହାର ମାପଦଣ୍ଡ ଭିତ୍ତିକ ପ୍ଲାଣ୍ଟଉପଲବ୍ଧତା ଫାକ୍ଟର ବା ଏନଏଏପିଏଫ୍ ୯୦% ହେବା ଉଚିତ୍ ।

(୧୬୬)                 ଆଉ ସବୁ ଉତ୍ପାଦନକାରୀ ଷ୍ଟେସନ୍‌ମାନଙ୍କର ଶୀର୍ଷଭାଗ ପାର୍ଥକ୍ୟ ୮% ଅଧିକ ଅଟେ । ଓଏଚ୍‌ପିସି ତାଙ୍କର ବର୍ତ୍ତମାନର ଫାଇଲିଂରେ ରେଙ୍ଗାଲି ପାଇଁ ୭୨% ଓ ଚିପିଲିମା ପାଇଁ ୫୫% ଏନ୍‌ଏଏପିଏଫ୍ ପ୍ରସ୍ତାବ ଦେଇଛି । କିନ୍ତୁ ହିସାବ ଅନୁଯାୟୀ, ରେଙ୍ଗାଲି ପାଇଁ ଏଏନ୍‌ଏପିଓଫ୍ ୭୮.୩୦% । ସିଇଆରସିଙ୍କର ପ୍ରଥମ ପ୍ରଣାଳୀ ଅନୁଯାୟୀ ରେଙ୍ଗାଲୀର ଏନଏଏପିଏଫ୍ ନିମ୍ନରେ ସୂଚୀତ କରାଗଲା ।

(କ) ଓଏଚ୍‌ପିସି ଉପସ୍ଥାପନା ଅନୁଯାୟୀ ୨୦୦୭-୦୮ ପାଇଁ ରେଙ୍ଗାଲୀର ହାରାହାରୀ ଶୀର୍ଷଭାଗ (ପ୍ଲାଣ୍ଟର) ବା ହେଡ୍ ହେଉଛି - ୩୪.୬୫ ମିଟର ।

(ଖ) ଓଏଚ୍‌ପିସି ଉପସ୍ଥାପନା ଅନୁଯାୟୀ ୨୦୦୮-୦୯ ପାଇଁ ରେଙ୍ଗାଲୀର ହାରାହାରୀ ହେଡ୍ ହେଉଛି - ୩୭.୬୭ମିଟର

(ଗ) ୨୦୦୭-୦୮ ଓ ୨୦୦୮-୦୯ର ହାରାହାରୀ ହେଡ୍ = ୩୬.୧୬ ମିଟର ।

ରେଙ୍ଗାଲୀର ପରିମାପନ ବା ରେଟିଙ୍ଗ୍ ହେଡ୍ = ୪୦ ମିଟର ।

ଗୁଣନୀୟକ ଫାକ୍ଟର = ହାରାହାରୀ / ପରିମାପନ ହେଡ୍ + ୦.୦୨ = ୬୩.୧୬ / ୪୦ + ୦.୦୨ = ୦.୯୨୪

ତେଣୁ, ରେଙ୍ଗାଲୀର ଏନଏଏପିଏଫ୍ = ୯୦% × ୦.୯୨୪ = ୮୩.୧୬%

କିନ୍ତୁ, ରେଙ୍ଗାଲୀ ପାୱାରହାଉସ୍‌ରେ ହେଡ୍ ପାର୍ଥକ୍ୟ ୩୯%ର ହିସାବକୁ ଆସୁଛି । ଏବଂ, ତେଣୁ ୭୫-୮୦% ଏନଏଏପିଏଫ୍ ନିର୍ଦ୍ଧାରଣ କରାଯାଇପାରେ ।

୧୬୭) ଅନ୍ୟସବୁ ଉତ୍ପାଦନକାରୀ ଷ୍ଟେସନ ପାଇଁ ସିଆଇଆର୍‌ସିଙ୍କର ପ୍ରଥମ ପଦ୍ଧତିକୁ ଗ୍ରହଣ କରି ଓଏଚ୍‌ପିସି ହିସାବ ଦାଖଲ କରିପାରେ । ଉପରୋକ୍ତ ଆଲୋଚନା ଦୃଷ୍ଟିରୁ ଏବଂ ୟୁନିଟ୍‌ଗୁଡ଼ିକ ପୁରୁଣା ହୋଇଯାଇଥିବା ଯୋଗୁଁ ସେଥିପାଇଁ ୫%ର ଭଡା ଦେଇ ବାଲିମେଳା ଓ କୋଲାବ ପାଇଁ ୮୫% ଏନଏଏପିଏଫ୍ ଏବଂ ହୀରାକୁଦ ଜଳବିଦ୍ୟୁତ୍ ପ୍ରୋଜେକ୍ଟ ପାଇଁ ୮୨% ଏନଏଏପିଏଫ୍ କୁ ବିବେଚନା କରାଯାଇପାରେ । ଚିପିଲିମା ହେଉଛି ୫୫ ମେଗାୱାଟ୍‌ର ସ୍ଥିର ଓ ସଂପନ୍ନ ସ୍ଥିତି ସମ୍ପୂର୍ଣ୍ଣ ଶକ୍ତି ଉତ୍ପାଦନ କରିପାରୁଥିବା ଏକ ଆଧାର ଲୋଡ୍ ପ୍ଲାଣ୍ଟ ।

ଇତିମଧ୍ୟରେ ଚିପିଲିମାର ୟୁନିଟ୍-୧, ଓ ୟୁନିଟ୍-୨ର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ବ୍ୟୟ ପରିମାଣକୁ ମୂଳଧନୀକରଣ କରାଯାଇଛି । ପୁନଃଉଦ୍ଧାର ସ୍କିମ୍ ଅପେକ୍ଷାକୃତ ଉନ୍ନତ ନିର୍ବାହନ ଏବଂ ଶକ୍ତିର ଅଧିକ ଉତ୍ପାଦନ ସହ ସଂଶ୍ଳିଷ୍ଟ । ତେଣୁ, ହୀରାକୁଦ ଜଳବିଦ୍ୟୁତ୍ ଷ୍ଟେସନ୍‌ରୁ ଉତ୍ପାଦିତ ଶକ୍ତିକୁ ବିନିଯୋଗ କରିବାରେ ୟୁନିଟ୍ ଗୁଡ଼ିକର ଉପଲବ୍ଧତା ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ତେଣୁ, ୮୦% ଭାବେ ଏନଏଏପିଏଫ୍ କୁ ଅନୁମତି ଦିଆଯାଇପାରେ ।

(୧୬୮)                 ଆୟୋଗ ସିଆଇସି (ତାରିଫ ନିର୍ଦ୍ଧାରଣର ବ୍ୟବଧାନିକ ସମୟର ନିୟମ ସୂଚୀ ଓ ସର୍ତ୍ତାବଳୀ) ନିୟମାବଳୀ, ୨୦୦୯ର ବ୍ୟବସ୍ଥା ସମୂହକୁ ଅନୁଧାନ କରିଥିଲେ ଏବଂ ଓଏଚ୍‌ପିସି, ଗ୍ରୀଡ୍‌କୋ ଓ ଅନ୍ୟାନ୍ୟ ଅଭିଯୋଗକାରୀଙ୍କର ମତ ସହିତ ନିୟମାବଳୀର ବ୍ୟବସ୍ଥା ସମୂହରେ ନିହିତ କାରଣ - ସମ୍ବଳିତ ବିବରଣୀକୁ ମଧ୍ୟ ଅନୁଧାନ କରିଥିଲେ । ପର୍ଯ୍ୟବେକ୍ଷଣରୁ ଜାଣିବାକୁ ମିଳିଥିଲା ଯେ, ଓଏଚ୍‌ପିସି ଶକ୍ତିଷ୍ଟେସନ୍ ସମୂହର ଏନଏପିଏଏଫ୍ ନିର୍ଦ୍ଧାରଣ ପାଇଁ ପରବର୍ତ୍ତୀ ପର୍ଯ୍ୟାୟର ଅନୁଧାନ ଓ ବିଶ୍ଳେଷଣର ଆବଶ୍ୟକତା ଅଛି । ଅତଏବ, ଗ୍ରୀଡ୍‌କୋ, ଏସ୍‌ଏଲ୍‌ଡିସି ଓ ବିତରକ କମ୍ପାନୀମାନଙ୍କ ସହ ବିଭିନ୍ନ ଅଂଶୀଦାରମାନଙ୍କୁ ମିଶାଇ ଏକ ସ୍ୱତନ୍ତ୍ର ଶୁଣାଣି ଜରିଆରେ ଆୟୋଗ ଓଏଚ୍‌ପିସି ଷ୍ଟେସନ୍ ଗୁଡ଼ିକର ଏନଏଏପିଏଏଫ୍ ନିର୍ଦ୍ଧାରଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏହାଛଡ଼ା, ଏହି ଆଦେଶନାମା ଜାରି କରିବାର ୬୦ ଦିନ ମଧ୍ୟରେ ଓଏଚ୍‌ପିସି ତା'ର ପ୍ରତି ଶକ୍ତି ଷ୍ଟେସନ୍ ଉଦ୍ଦେଶ୍ୟରେ ସ୍ୱତନ୍ତ୍ରଭାବେ ଏନଏଏପିଏଫ୍‌ର ଅନୁମୋଦନ ନିମନ୍ତେ ଆୟୋଗଙ୍କ ସପକ୍ଷରେ ସ୍ୱତନ୍ତ୍ର ପିଟିସନ୍ ଦାୟର କରିବାକୁ ଆୟୋଗ ଓଏଚ୍‌ପିସିକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ସେ ଯା' ହେଉନା କାହିଁକି, ଓଏଚ୍‌ପିସି ଓ ଗ୍ରୀଡ୍‌କୋର

ଉପସ୍ଥାପନାକୁ ଭିତ୍ତିକରି, ଆୟୋଗ ୨୦୧୦-୨୦୧୧ ଆ.ବ. ପାଇଁ ବ୍ୟବସ୍ଥା ସାପେକ୍ଷ ଭାବେ ଓଏଚ୍‌ପିସି ଶକ୍ତି ଷ୍ଟେସନ୍‌ଗୁଡ଼ିକର ଏନଏଏପିଏଫ୍‌ର ନିମ୍ନଲିଖିତ ପ୍ରତିଶତ ପରିମାଣକୁ ଅନୁମୋଦନ କରିବାକୁ ଦେଇଛନ୍ତି ।

**ସାରଣୀ-୩୭**

**୨୦୧୦-୧୧ ପାଇଁ ଏନ୍‌ଏପିଏଏଫ୍ ଅନୁମୋଦିତ**

| ଶକ୍ତି କେନ୍ଦ୍ରର ନାମ | ଏଚଏଚ୍‌ଇପି | ସିଏଚ୍‌ଇପି | ବିଏଚଇପି | ଆରଏଚଇପି | ୟୁକେଏଚଇପି | ୟୁଆଇଏଚଇପି |
|---|---|---|---|---|---|---|
| ଏନ୍‌ଏପିଏଏଫ୍ (%) | ୮୨ | ୭୦ | ୮୫ | ୭୫ | ୮୫ | ୮୭ |

**ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ମାଛକୁଣ୍ଡ ଜଳବିଦ୍ୟୁତ୍ (ମିଳିତ) ସ୍କିମ୍ ପାଇଁ ଟାରିଫ୍:**

(୧୬୯) ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରୋଜେକ୍ଟ ହେଉଛି ଆନ୍ଧ୍ରପ୍ରଦେଶ ସରକାର ଓ ଓଡ଼ିଶା ସରକାରଙ୍କ ଏକ ମିଳିତ ଯୋଜନା । ଏଥିରେ ଆନ୍ଧ୍ରପ୍ରଦେଶର ୭୦% ଓ ଓଡ଼ିଶାର ୩୦% ଭାଗ ଅଛି । ଏହା ଛଡା, ୧୯୭୮ ରେ ଆନ୍ଧ୍ରପ୍ରଦେଶ ସରକାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ସମ୍ପାଦିତ ହୋଇଥିବା ଅନ୍ତଃରାଜ୍ୟ ଅତିରିକ୍ତ ଚୁକ୍ତିନାମା ଅନୁଯାୟୀ, କିଲୋହ୍ୱାଟ୍ ପିଛା ୦.୦୮ ଟଙ୍କା ଦରରେ ଅତିରିକ୍ତ ୨୦% ଶକ୍ତି ଉଠାଣ ଓଡ଼ିଶାର ଇଚ୍ଛାଧିନ ପ୍ରସଙ୍ଗ ଅଟେ ।

(୧୭୦) ୨୦୧୦-୨୦୧୧ ଅର୍ଥିକ ବର୍ଷ ପାଇଁ ମାଛକୁଣ୍ଡ ଶକ୍ତି ଷ୍ଟେସନ୍‌ରୁ ୨୬୨.୫୦ଲକ୍ଷ ୟୁନିଟ୍‌ର ଶକ୍ତି ଉଠାଣର ଭିତ୍ତି ଉପରେ ୟୁନିଟ୍ ପିଛା ୨୧.୯୫ ପଇସା ଦରର ଏକ ହାରର ଅନୁମୋଦନ ନିମନ୍ତେ ଓଏଚ୍‌ପିସି ଆୟୋଗଙ୍କୁ ଅନୁଧ୍ୟାନ କରିଛି । ମାଛକୁଣ୍ଡ ଶକ୍ତିଷ୍ଟେସନ୍‌ରୁ ଶକ୍ତି ଉଠାଣର ୩୦% ପର୍ଯ୍ୟନ୍ତ ଏବଂ ୩୦%ର ଉର୍ଦ୍ଧ୍ୱ ପରିମାଣରୁ ୫୦% ପର୍ଯ୍ୟନ୍ତ ପରିମାଣ ପାଇଁ ଓଡ଼ିଶାକୁ ଓ ଆଣ୍ଡ ଏମ୍ ଦେୟ-ଦର ଦେବାକୁ ପଡ଼ିବ । ଏହାଛଡ଼ା, ଗ୍ରୀଡ୍‌କୋଠାରୁ ବାକିଆ ରୟାଲ୍‌ଟି ବାବଦକୁ ଆଦାୟ କରାଯିବାକୁ ଥିବା ଏବଂ ରାଜ୍ୟ ସରକାରଙ୍କୁ ଦେବାକୁ ଥିବା ୦.୫୨ କୋଟି ଟଙ୍କାର ଏକ ପରିମାଣକୁ ପାସ୍ କରାଇ ଦେବାକୁ ଓଏଚ୍‌ପିସି ଆୟୋଗଙ୍କୁ ଅନୁରୋଧ କରିଛି । ଉପରୋକ୍ତ ଶୃଙ୍ଖଳା ସମୂହକୁ ବିଚାରକୁ ନେଇ ୨୬୨.୫ ଲକ୍ଷ ୟୁନିଟ୍‌ର ଶକ୍ତି ଉଠାଣର ଦାମ୍‌କୁ ହିସାବ କଲେ ୟୁନିଟ୍ ପିଛା ୨୧.୯୫ ପଇସା ହେବ ।

(୧୭୧) ୩୦%ର ଭାଗ ପରିମାଣ ଯୋଗୁଁ ୨୦୦୮-୦୯ ପାଇଁ ଓ ଆଣ୍ଡ ଏମ୍ ବ୍ୟୟ ବାବଦକୁ (ପ୍ରକୃତ ପରିମାଣ) ଓଡ଼ିଶା ସରକାର ଦେବାକୁ ଥିବା ନିଟ୍ ପରିମାଣକୁ ଆୟୋଗ ବିଚାରକୁ ନେଇଛନ୍ତି, ଯାହା ୩.୯୪ କୋଟି ଟଙ୍କା ହେବ ବୋଲି ହିସାବକୁ ଆସିଛି । ୨୦୦୯-୨୦୧୦ ଆ.ବ. ଏବଂ ୨୦୧୦-୨୦୧୧ ଆ.ବ. ପାଇଁ ୫.୭୨%ର ଏକ ବୃଦ୍ଧିକୁ ଅନୁମତି ଦିଆଯିବା ପରେ ଓ ଆଣ୍ଡ ଏମ୍‌ର ବ୍ୟୟ ପରିମାଣ ୪.୪୦ କୋଟି ଟଙ୍କା ହେଉଛି । ୩୦% ରୁ ଉର୍ଦ୍ଧ୍ୱ ଏବଂ ୫୦% ପର୍ଯ୍ୟନ୍ତ ୟୁନିଟ୍ ପିଛା ୮ ପଇସାର ଦର ହାରରେ ଶକ୍ତି କ୍ରୟର ଦାମ୍ ୦.୮୪ କୋଟି ଟଙ୍କା ଏବଂ ଓଏଚ୍‌ପିସିର ପ୍ରସ୍ତାବ ମତେ ୦.୫୨କୋଟି ଟଙ୍କାର ବାକିଆ ରୟାଲ୍‌ଟିକୁ ହିସାବକୁ ନେଲେ ସମୁଦାୟ ଦାମ୍ ୫.୭୬ କୋଟି ଟଙ୍କା ହେବ । ଅତଏବ, ୨୬୨.୫୦ ଲକ୍ଷ ୟୁନିଟ୍‌ର ଶକ୍ତି ଉଠାଣକୁ ହିସାବ ଧରାଯାଇ ୨୦୧୦-୨୦୧୧ ଆ.ବ. ପାଇଁ ମାଛକୁଣ୍ଡ ଜଳବିଦ୍ୟୁତ୍ ଶକ୍ତି ଷ୍ଟେସନ୍‌ର ଶକ୍ତିର ଦର ହାର ୟୁନିଟ୍ ପିଛା ୨୧.୯୫ ପଇସା ହେଉଛି । ସେହି ଅନୁଯାୟୀ, ୨୦୧୦-୨୦୧୧ ଆ.ବ. ପାଇଁ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରୋଜେକ୍ଟରୁ ୨୬୨.୫୦ ଲକ୍ଷ ୟୁନିଟ୍‌ର ଶକ୍ତି ଉଠାଣ ବାବଦକୁ କ୍ରୟଦର ଭାବରେ ୫.୭୬ କୋଟି ଟଙ୍କାର ପରିମାଣକୁ ଆୟୋଗ ଅନୁମୋଦନ ଦେଇଛନ୍ତି । ଏହି ପରିମାଣ ହେଉଛି ୨୦୦୯-୨୦୧୦ ଆ.ବ. ଉଦ୍ଦେଶ୍ୟରେ ୨୬୨.୫୦ ଲକ୍ଷ ୟୁନିଟ୍‌ର ଶକ୍ତି କ୍ରୟ ପାଇଁ ୟୁନିଟ୍ ପିଛା ୧୩.୯୦ପଇସା ହାରରେ ମୋଟ ୩.୬୫ କୋଟି ଟଙ୍କାର ପରିମାଣ ବିପକ୍ଷରେ ଏକ ପରିମାଣ ।

**ବାଲିମେଲା ଜଳବିଦ୍ୟୁତ୍ ପ୍ରୋଜେକ୍ଟର ସର୍ବୋତ୍ତମ ଚାହିଦା ପରିପୂରଣର ଦକ୍ଷତା:**

(୧୭୨) ଆୟୋଗ ପର୍ଯ୍ୟବେକ୍ଷଣରୁ ଜାଣିପାରିଛନ୍ତି, ବାଲିମେଲା ଜଳବିଦ୍ୟୁତ୍ ପ୍ରୋଜେକ୍ଟର ୟୁନିଟ୍ ୭ ଓ ୟୁନିଟ୍ ୮ ରୁ ଉତ୍ପାଦନ ଆରମ୍ଭ ହୋଇଯାଇଛି ଏବଂ କେବଳ ରାଜ୍ୟର ସର୍ବୋଚ୍ଚ ଚାହିଦା (ପିକ୍ ଡିମାଣ୍ଡ) କୁ ଭେଟିବା ନିମନ୍ତେ ଆକାରାୟିତ ଶକ୍ତି ପରିମାଣକୁ ବୃଦ୍ଧି ନ କରି ଉପରୋକ୍ତ ୟୁନିଟ୍ ଦ୍ୱୟ ୧୫୦ ମେଗାୱାଟ୍ (୨ × ୭୫ ମେଗାୱାଟ୍) ପରିମାଣର ଶକ୍ତିକୁ ଯୋଗ କରିଛନ୍ତି । ଅତଏବ, ରାଜ୍ୟର ସର୍ବାଧିକ ଚାହିଦା ସମୟରେ ଏଥିରୁ ସର୍ବାଧିକ ଉତ୍ପାଦନ ହେବା ଉଚିତ୍ । ତେଣୁ ଉପରୋକ୍ତ ଉତ୍ପାଦନକାରୀ ୟୁନିଟ୍ ଦ୍ୱୟର ଉପଯୁକ୍ତ ତତ୍ତ୍ୱାବଧାନ ଓ ପରିଚାଳନା କରିବାକୁ ଆୟୋଗ ଓଏଚ୍‌ପିସିକୁ ନିର୍ଦ୍ଦେଶ ଦେଇଛନ୍ତି । ଯାହାଫଳରେ ରାଜ୍ୟର ଶକ୍ତି ଚାହିଦାର ପିକ୍ ନିର୍ଘଣ୍ଟରେ ସର୍ବାଧିକ ପରିମାଣର ଶକ୍ତି ଉପଲବ୍ଧ ସମ୍ଭବ ହୋଇପାରିବ । ପୁନଶ୍ଚ, ଆୟୋଗ ଏହା ମଧ ଆଶା କରନ୍ତି ଯେ, ମୌସୁମୀ ଆସିବା ପୂର୍ବରୁ ଓଏଚ୍‌ପିସିର ବାଲିମେଲା ଓ ଅନ୍ୟ ଶକ୍ତି ଷ୍ଟେସନ୍ ମାନଙ୍କରୁ ସବୁ ଉପଲବ୍ଧ ୟୁନିଟ୍ ଗୁଡ଼ିକୁ ପୂର୍ଣ୍ଣ ଉତ୍ପାଦନ ଦେବା ଉଦ୍ଦେଶ୍ୟରେ (ଉପଲବ୍ଧ-ବାଞ୍ଛିତ ଆକାରାୟିତ ଶକ୍ତିକୁ ମିଶାଇ) ଗୋଟିକ ପରେ ଗୋଟିଏ ପରୀକ୍ଷା କରି ନିଆଯିବା ଉଚିତ୍ ଏବଂ ପ୍ରତି ଉତ୍ପାଦନ ଷ୍ଟେସନ୍ ଓ ସାମୂହିକ ଭାବେ ଉତ୍ପାଦନକାରୀ ଷ୍ଟେସନ୍ ମାନଙ୍କରେ ସର୍ବାଧିକ ଚାହିଦାର ଆବଶ୍ୟକତାକୁ ପରିପୂରଣ ନିମନ୍ତେ ଦକ୍ଷତା (ପିକିଂ କାପାବିଲିଟି) ସମ୍ବଳିତ ଏକ ରିପୋର୍ଟ ଶକ୍ତି ଷ୍ଟେସନ୍ ସମୂହର ମୁଖ୍ୟ ଅଧିକାରୀ ପ୍ରଦାନ କରିପାରନ୍ତି । ମୌସୁମୀ ଋତୁର ମାସଗୁଡ଼ିକରେ, ୫୦ରେ ନିରବଚ୍ଛିନ୍ନ ପ୍ରବାହର ଉପଲବ୍ଧତା ସହ ସର୍ବାଧିକ ଭାବେ ସର୍ବାଧିକ କ୍ଷମତାର ଉତ୍ପାଦନ ପାଇଁ ସବୁ ଉତ୍ପାଦନକାରୀ ୟୁନିଟ୍ ଗୁଡ଼ିକୁ ଦିବସର ୨୪ ଘଣ୍ଟା ଚାଲୁ କରାଯିବା ଉଚିତ୍ ।

**ଚିପିଲିମା ପାୱାର ହାଉସ୍‌ର ଖାଡ଼ି ସମସ୍ୟା :**

(୧୭୩) କେତେକ ଅଭିଯୋଗକାରୀ ଦର୍ଶାଇଥିଲେ ଯେ ପାୱାର ହାଉସ୍‌ର ଜଳାଶୟ ଓ ପାୱାର ଚାନେଲ୍‌ରେ ଅତ୍ୟଧିକ ଖାଡ଼ି ବୃଦ୍ଧି ଯୋଗୁଁ ଚିପିଲିମା ପାୱାର ହାଉସ୍‌ର ଶକ୍ତି ଉତ୍ପାଦନ ବ୍ୟାହତ ହେଉଛି । ତେବେ ଜାଣିବାକୁ ମିଳିଛି ଯେ, ଓଏଚ୍‌ପିସି ଏହି ଖାଡ଼ି ସମସ୍ୟାକୁ ଆୟତ୍ତ କରିବାକୁ ସବୁ ମନ୍ତେ ପ୍ରୟାସ କରୁଛି । ଓଏଚ୍‌ପିସି ଉପସ୍ଥାପନ କରିଛି ଯେ, ପାୱାର ଚ୍ୟାନେଲ୍‌ର ଟ୍ରାସ୍ ର୍ୟାକ୍ ଖାଡ଼ି ବୃଦ୍ଧି ଯୋଗୁଁ ଏତେ ସଂକୁଚିତ ହୋଇଯାଉଛି ଯେ, ୟୁନିଟ୍ ଗୁଡ଼ିକ ଆଂଶିକ ଭାବେ ଲୋଡ୍ ନେଇ ଚାଲୁ ହେଉଛନ୍ତି । ଅନେକ ସମୟରେ ଉତ୍ପାଦନକାରୀ ୟୁନିଟ୍ ଗୁଡ଼ିକରେ ସଟ୍‌ଡାଉନ୍‌କୁ ବୁଡ଼ାଳିମାନଙ୍କ ଦ୍ୱାରା ଟ୍ରାସ୍ ର୍ୟାକ୍ ସଫା କରିବା ପାଇଁ ନିଆଯାଉଛି । ବାରମ୍ବାର ଖାଡ଼ି ଦ୍ୱାରା ଟ୍ରାସ୍ ର୍ୟାକ୍‌ଗୁଡ଼ିକ ଜାମ୍ ହୋଇଯାଇ ନଷ୍ଟ ହୋଇଯାଉଛି । ବିଦ୍ୟୁତ୍ ସେକ୍ଟର ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ଼ ନିୟନ୍ତ୍ରଣରେ ଥିବା ଦିନଠାରୁ ଏହି ଖାଡ଼ି ସମସ୍ୟା ଲାଗି ରହିଛି । ଏହି ଖାଡ଼ି ସମସ୍ୟାର ଦୂରୀକରଣ ନିମନ୍ତେ ବହୁ ପଦକ୍ଷେପ ନିଆଯାଇଛି, କିନ୍ତୁ ଆଶାଜନକ ସଫଳତା ମିଳିନାହିଁ । ତେଣୁ, ଏହି ଖାଡ଼ି ସମସ୍ୟାକୁ ସମାହନ ଉଦ୍ଦେଶ୍ୟରେ, ଚିପିଲିମା ପାୱାର ହାଉସ୍‌ର ଉପର ଅବବାହିକାରେ ଥିବା ଏବେର ଗ୍ୟାଣ୍ଟ୍ରି କ୍ରେନ୍‌ର ରେଳ ଉପରେ ଟ୍ରାସ୍ ର୍ୟାକ୍ ସଫା କରିବା ମେକାନିଜିମ୍‌ର ସ୍ଥାପନା ନିମନ୍ତେ ମେସର୍ସ ଜେନେରାଲ୍ ମେକାନିକାଲ୍ ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ଼୍, ଚେନ୍ନାଇକୁ କାର୍ଯ୍ୟଭାର ନ୍ୟସ୍ତ କରାଯାଇଛି । ଶୁଳ୍କ ଓ ଡ୍ୟୁଟିକୁ ବାଦ୍‌ଦେଇ ଏହାର ସମୁଦାୟ ବ୍ୟବଭାର ହେବ ୬.୦୬କୋଟି ଟଙ୍କା । ଆଶା କରାଯାଉଛି ଯେ, ଟ୍ରାସ୍ ର୍ୟାକ୍ ସଫା କରିବା ମେକାନିଜିମ୍ ସଫଳତାର ସହ କାର୍ଯ୍ୟକାରୀ ହୋଇସାରିବା ପରେ ଚିପିଲିମାରୁ ଶକ୍ତି ଉତ୍ପାଦନ ଓ ଉପଲବ୍ଧତାର ସ୍ଥଳେ ଅଭିବୃଦ୍ଧି ଘଟିବ ।

**ରାଜ୍ୟରେ ଜଳ ବିଦ୍ୟୁତ୍‌ଶକ୍ତିର ଉତ୍ତରୋତ୍ତର ଉନ୍ନତି :**

(୧୭୪) ରାଜ୍ୟରେ ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ସମ୍ଭାବନାମୟ ଉଜ୍ଜ୍ୱଳ ଭବିଷ୍ୟତ ସୃଷ୍ଟି କରିବାକୁ ଓ ଓଏଚ୍‌ପିସି ଓ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ୍ ବୋଲି ଅନେକ ଅଭିଯୋଗକାରୀ ମତ ଉପସ୍ଥାପନ କରିଥିଲେ । ଉତ୍ତରରେ ଓଏଚ୍‌ପିସି କହିଥିଲା ଯେ, ଏ ନେଇ ରାଜ୍ୟ ସରକାରଙ୍କ ସହ ସମୁଚିତ ବିମର୍ଶାଲୋଚନା ହୋଇଛି । ରାଜ୍ୟର ଶକ୍ତି ସେକ୍ଟରର ଅଭିବୃଦ୍ଧି ନିମନ୍ତେ ଜଳବିଦ୍ୟୁତ୍ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଜ୍ୟରେ ଅଧିକାଂଶ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଜୀବନ କାଟୁଛନ୍ତି । ଏଭଳି ସ୍ଥିତିରେ ସେମାନଙ୍କୁ ସହନୀୟ ଦରରେ କେବଳ ଜଳବିଦ୍ୟୁତ୍ ଶକ୍ତି ହିଁ ଯୋଗାଇବା ସମ୍ଭବ ଅଟେ ।

ଅତଏବ ଜନଶୁଣାଣି ସମୟରେ ଉପସ୍ଥିତ ଜଳ ବିଦ୍ୟୁତ୍ ଶକ୍ତି ବିଶେଷଜ୍ଞଙ୍କ ମତ ଓ ପରାମର୍ଶକୁ ଓଏଚ୍‌ପିସି ଓ ରାଜ୍ୟ ସରକାର ଆନ୍ତରିକତାର ସହ ଗୁରୁତ୍ୱ ଦେବା ଉଚିତ୍ ।

**ଉଦ୍ଧାରିକରଣ ଓ ଆଧୁନୀକିକରଣ :**

(୧୭୫) ହୀରାକୁଦ ଜଳବିଦ୍ୟୁତ୍ ପ୍ରୋଜେକ୍ଟ, ବୁର୍ଲାର ୟୁନିଟ୍-୫ ଓ ୟୁନିଟ୍-୬ ଏବଂ ଚିପିଲିମା ଜଳବିଦ୍ୟୁତ୍ ପ୍ରୋଜେକ୍ଟ, ଚିପିଲିମାର ୟୁନିଟ୍-୩ର ମରାମତି ଓ ତୁଲାଜମା କାର୍ଯ୍ୟ ହାତକୁ ନିଆଯିବା ନେଇ ପରାମର୍ଶ ଦାତାଙ୍କର ତାଲିମ ମନୋନୟନ ପ୍ରସ୍ତୁତି ପର୍ବ ଚାଲୁ ରହିଛି । ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ୟୁନିଟ୍-୧ ଓ ୟୁନିଟ୍-୨ର ଅବଶିଷ୍ଟ ସମୟ ପାଇଁ ଆୟୁଷର ଆକଳନ କାର୍ଯ୍ୟ ୨୫.୭.୨୦୦୮ ଠାରୁ ୭.୧୧.୨୦୦୮ ମଧ୍ୟରେ ସମ୍ପାଦନ କରାଯାଇଥିଲା । ପର୍ଯ୍ୟାୟକ୍ରମିକ ଢ଼ାଞ୍ଚାରେ ବାଲିମେଳା ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ୬ଟି ଯାକ ୟୁନିଟର 'ସାମଗ୍ରୀ - ଓ୍ୱାରୀ' ମରାମତି ଓ ତୁଲାଜମା କାର୍ଯ୍ୟ ହାତକୁ ନେବାକୁ ଓଏଚ୍‌ପିସିର ପ୍ରସ୍ତାବିତ ଯୋଜନାକୁ କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ ଅନୁମୋଦନ ଦେଇଛନ୍ତି । ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରୋଜେକ୍ଟର ୟୁନିଟ୍-୧ ର ଷ୍ଟାଟର ଓ ରୋଟର ଗୁରୁତର ଭାବେ ଭାଙ୍ଗି ଯାଇଥିବାରୁ ଏହାର ମରାମତି ଓ ତୁଲାଜମା କାର୍ଯ୍ୟ ହାତକୁ ନେବାକୁ ଓଏଚପିସି ଆୟୋଗଙ୍କ ସମକ୍ଷରେ ଏକ ପିଟିସନ ଦାଖଲ କରିଛି । ୟୁନିଟ୍-୧ ୨୩ ବର୍ଷ ଧରି ସେବା ସମ୍ପାଦନ କରିସାରିଲାଣି । ଆୟୋଗ ୧୩.୧୧.୨୦୦୯ରେ ପିଟିସନ୍‌କୁ ଶୁଣିଥିଲେ ଏବଂ ସବୁ ବିଭାବକୁ ବିଚାରକୁ ନେଇ ପ୍ରସ୍ତାବର ନିୟମାନୁବନ୍ଧ ଅନୁମୋଦନ ଦେଇଥିଲେ ଏବଂ ଯଥାଶୀଘ୍ର ରେଙ୍ଗାଲି ପ୍ରୋଜେକ୍ଟର ୟୁନିଟ୍-୧ର ମରାମତି ଓ ଜୁଲାଜମା କାର୍ଯ୍ୟ ହାତକୁ ନେବାକୁ ଓଏଚପିସିକୁ ଅନୁମତି ଦେଇଥିଲେ । ଏହି ୟୁନିଟର ମରାମତି ଓ ତୁଲାଜମା ବାବଦକୁ ଅଟକଳିତ ମୁଖ୍ୟ ବ୍ୟୟ ପରିମାଣ ହେଉଛି ୪୭.୫୦ କୋଟି ଲକ୍ଷ ଟଙ୍କା ଏବଂ କାମ ସମ୍ପୂର୍ଣ୍ଣ କରାଯିବାର ସମୟ ଅବଧି ହେଉଛି ୨ ବର୍ଷ । କେଶ୍ ନଂ ୧୨୫/୨୦୦୯ରେ ୧୮.୧.୨୦୧୦ରେ ଆୟୋଗ ଏହି ଆଦେଶନାମାକୁ ପାସ୍ କରାଇଛନ୍ତି । ଏହି ଆଦେଶନାମାରେ ଆୟୋଗ ପରାମର୍ଶ ଦେଇଛନ୍ତି ଯେ, ଏହି କାର୍ଯ୍ୟ ଉଦ୍ଦେଶ୍ୟରେ ସକ୍ରିୟ ସମନ୍ୱୟ ଓ ସ୍ୱଚ୍ଛ କାର୍ଯ୍ୟକାରିତା ପାଇଁ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ମୁଖ୍ୟ ସଚିବ-ସ୍ତରୀୟ ଏକ ବୈଠକର ଆୟୋଜନ କରିବେ ଏବଂ ଏପିସି, ପ୍ରିନ୍‌ସ୍‌ପାଲ ସେକ୍ରେଟାରୀ (ଅର୍ଥ ବିଭାଗ) ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ବୈଠକରେ ଯୋଗଦାନ ପାଇଁ ଆମନ୍ତ୍ରଣ କରିବେ । ବୈଠକରେ ଆଲୋଚନାର ମୁଖ୍ୟ ପ୍ରସଂଗ ହେବ ରେଙ୍ଗାଲି ପ୍ରୋଜେକ୍ଟର ଡ୍ୟାମ୍ ଗେଟ୍ ଗୁଡ଼ିକରେ 'ଝର'କୁ ରୋକିବା ପାଇଁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଏକ କାର୍ଯ୍ୟ ଖସଡ଼ାର ପ୍ରସ୍ତୁତି କରିବା । ଉପରୋକ୍ତ ମରାମତି ଓ ତୁଲାଜମା କାର୍ଯ୍ୟକୁ ଉଦ୍ଦିଷ୍ଟ ଅଟକଳିତ ମୁଖ୍ୟ ବ୍ୟୟ ପରିମାଣ ଓ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଆୟୋଗ ଓଏଚ୍‌ପିସିକୁ ନିର୍ଦ୍ଦେଶ ଦେଇଛନ୍ତି । ଅଧିକନ୍ତୁ ଏହି ମରାମତି ଓ ତୁଲାଜମା କାର୍ଯ୍ୟ ଜନିତ ଅର୍ଥ ବ୍ୟୟ ଦ୍ୱାରା ଭବିଷ୍ୟତରେ ଶକ୍ତି ଟାରିଫ ଉପରେ ଯେଉଁ ପ୍ରଭାବ ପଡ଼ିବ, ତା'ର ଆକଳନ ନିମନ୍ତେ କାର୍ଯ୍ୟସୂଚୀର ପୁଙ୍ଖାନୁପୁଙ୍ଖତା, କାର୍ଯ୍ୟ ଉଦ୍ଦେଶ୍ୟରେ ସବିଶେଷ ଅର୍ଥଗତ ଖସଡ଼ା ସହ ଏଥିପାଇଁ ଅଟକଳିତ ବ୍ୟୟ ପରିମାଣର ସବିଶେଷତାକୁ ଆୟୋଗଙ୍କ ସମକ୍ଷରେ ଉପସ୍ଥାପନ କରିବାକୁ ଓଏଚ୍‌ପିସିକୁ ଆୟୋଗ ମଧ ନିର୍ଦ୍ଦେଶ ଦେଇଥିଲେ । ବର୍ଷାଋତୁ ସରିବା ପରେ ଯଥାଶୀଘ୍ର ସବୁ ମରାମତି ଓ ତୁଲାଜମା କାର୍ଯ୍ୟ ଆରମ୍ଭ ହୋଇଯିବା ଆବଶ୍ୟକ । ଯାହା ଫଳରେ ପରବର୍ତ୍ତୀ ବର୍ଷାଋତୁ ଆସିବା ପୂର୍ବରୁ କାମ ସବୁ ଦିଗରୁ ସମ୍ପୂର୍ଣ୍ଣ ହୋଇସାରିଥିବ ।

(୧୭୬) ୨୦୧୦-୧୧ ଆ.ବ. ପାଇଁ ଓଏଚ୍‌ପିସିର ଏଆର୍‌ଆର୍ ଏବଂ ଉତ୍ପାଦନ ଟାରିଫ କୁ ଆୟୋଗ ନିମ୍ନମତେ ଅନୁମୋଦନ ଦେଇଥିଲେ ।

**ସାରଣୀ-୩୮**

| **ଶକ୍ତି କେନ୍ଦ୍ରମାନଙ୍କର ନାମ** | ଆରଏଚଇପି | ୟୁକେଏଚଇପି | ବିଏଚଇପି | ଏଚଏଚ୍‌ଇପି | ସିଏଚ୍‌ଇପି | ସମୁଦାୟ | ୟୁଆଇଏଚଇପି | ସର୍ବସମୁଦାୟ |
|---|---|---|---|---|---|---|---|---|
| ୨୦୦୯-୧୦ | | | | | | | | |

| | | | | | | | | |
|---|---|---|---|---|---|---|---|---|
| **ସମୁଦାୟ ବାର୍ଷିକ ରାଜସ୍ୱ ଆଦାୟ (କୋଟି ଟଙ୍କା)** | ୩୦.୨୬ | ୨୦.୭୫ | ୬୬.୩୬ | ୭୫.୫୧ | | ୧୯୨.୮୬ | ୧୪୨.୪୭ | ୩୩୫.୩୪ |
| **ହାରାହାରୀ ମୂଲ୍ୟ (ୟୁନିଟ୍ ପ୍ରତି ପଇସା)** | ୫୮.୨୨ | ୨୫.୧୯ | ୫୬.୬୬ | ୬୪.୯୬ | | ୫୨.୪୬ | ୭୩.୩୫ | ୫୯.୬୮ |
| **୨୦୧୦-୧୧ ପାଇଁ ଅନୁମୋଦନ** | | | | | | | | |
| **ସମୁଦାୟ ବାର୍ଷିକ ରାଜସ୍ୱ ଆଦାୟ (କୋଟି ଟଙ୍କା)** | ୩୫.୯୧ | ୨୭.୩୨ | ୬୮.୪୦ | ୬୦.୬୪ | ୨୨.୭୯ | ୨୧୫.୦୬ | ୧୪୬.୮୨ | ୩୬୧.୮୮ |
| **ହାରାହାରୀ ମୂଲ୍ୟ (ୟୁନିଟ୍ ପ୍ରତି ପଇସା)** | ୬୯.୦୯ | ୩୩.୧୬ | ୫୮.୪୧ | ୮୯.୫୪ | ୪୬.୯୮ | ୫୮.୪୯ | ୭୫.୫୯ | ୬୪.୪୦ |

ଏହି ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍)କୁ ଭିତ୍ତି କରି ୨୦୧୦-୨୦୧୧ ଆ.ବ. ପାଇଁ ଓଏଚ୍‌ପିସିର ଶକ୍ତି ଷ୍ଟେସନ୍‌ଗୁଡ଼ିକ ଉଦ୍ଦେଶ୍ୟରେ ଶକ୍ତି ଦେୟ-ଦର-ହାର ଏବଂ ପରିମାଣ ଦେୟ-ଦର-ହାର ର ନିର୍ଦ୍ଧାରଣ କରାଯାଏ । ଉପରଲିଖିତ ଅନୁଚ୍ଛେଦ-୧୫୫ ରେ ଅନୁମୋଦିତ ମତେ ପରିମାଣ ଦେୟ-ଦର-ହାର ଓ ଶକ୍ତି ଦେୟ-ଦର-ହାର ଏବଂ ୨୦୦୯-୨୦୧୦ ଆ.ବ. ପାଇଁ ତତ୍‌ନିହିତ ଅନୁମୋଦିତ ଦର-ହାରକୁ ନିମ୍ନ ସାରଣୀରେ ସାଂରାଶୀକୃତ କରାଗଲା ।

**ସାରଣୀ-୩୯**

**୨୦୧୦-୧୧ ପାଇଁ ଅନୁମୋଦନ ଓ ୨୦୦୯-୧୦ ପାଇଁ ଶକ୍ତି ଦେୟ ଓ କ୍ଷମତା ଦେୟ**

| **ଶକ୍ତି କେନ୍ଦ୍ରମାନଙ୍କର ନାମ** | ବାର୍ଷିକ ସ୍ଥିର ମୂଲ୍ୟ (କୋଟି ଟଙ୍କାରେ) | | **କ୍ଷମତା ଦେୟ** (କୋଟି ଟଙ୍କାରେ) | | ଶକ୍ତି ଦେୟ (କୋଟି ଟଙ୍କାରେ) | | ଶକ୍ତି ଦେୟ ଦର (ୟୁନିଟ୍ ପ୍ରତି ପଇସା) | |
|---|---|---|---|---|---|---|---|---|
| | **୦୯-୧୦** | **୧୦-୧୧** | **୦୯-୧୦** | **୧୦-୧୧** | **୦୯-୧୦** | **୧୦-୧୧** | **୦୯-୧୦** | **୧୦-୧୧** |
| ରେଙ୍ଗାଲି ଏଚଇପି | ୩୦.୨୬ | ୩୫.୯୧ | ୧୫.୧୩୦ | ୧୭.୯୫୫ | ୧୫.୧୩୦ | ୧୭.୯୫୫ | ୨୯.୧୧ | ୩୪.୫୪୫ |
| ଉପକୋଲାବ ଏଚଇପି | ୨୦.୭୫ | ୨୭.୩୨ | ୧୦.୩୭୫ | ୧୩.୬୬୦ | ୧୦.୩୭୫ | ୧୩.୬୬୦ | ୧୨.୬୦ | ୧୬.୫୮୪ |
| ବାଲିମେଲା ଏଚଇପି | ୬୬.୩୬ | ୬୮.୪୦ | ୩୩.୧୮୦ | ୩୪.୨୦ | ୩୩.୧୮୦ | ୩୪.୨୦ | ୨୮.୩୩ | ୨୯.୨୦ |

| | | | | | | | | |
|---|---|---|---|---|---|---|---|---|
| | | | | | | | | ୧ |
| ହୀରାକୁଦ ଏଚଇପି | ୭୫.୫୧ | ୬୦.୬୪ | ୩୭.୭୫୫ | ୩୦.୩୨ | ୩୭.୭୫୫ | ୩୦.୩୨ | ୩୨.୪୮ | ୪୪.୭୭୫ |
| ଚିପିଲିମା ଏଚଇପି | | ୨୨.୭୯ | | ୧୧.୩୯୫ | | ୧୧.୩୯୫ | | ୨୩.୪୯୦ |
| ଉପର ଇନ୍ଦ୍ରାବତୀ ଏଚଇପି | ୧୪୨.୪୭ | ୧୪୬.୮୨ | ୭୧.୨୩୫ | ୭୩.୪୧୦ | ୭୧.୨୩୫ | ୭୩.୪୧୦ | ୩୬.୬୮ | ୩୭.୭୯୩ |

ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରୋଜେକ୍ଟରୁ ୨୦୦୯-୨୦୧୦ ଆ.ବ ପାଇଁ ୟୁନିଟ୍ ପିଛା ୪୩.୯୦ ପଇସାର ଦର-ହାର ବିପକ୍ଷରେ ୨୦୧୦-୨୦୧୧ ଆ.ବ ପାଇଁ ୟୁନିଟ୍ ପିଛା ୨୧.୯୫ ଦର-ହାରରେ ଆୟୋଗ ଅନୁମୋଦନ ନେଇଛନ୍ତି ।

(୧୭୭) ୨୦୧୦-୨୦୧୧ ଆ.ବ. ପାଇଁ ଉପରଲିଖିତ ଅନୁଛେଦ - ୧୬୮ରେ ଆୟୋଗ ଓଏଚ୍‌ପିସିର ମାନଦଣ୍ଡ ଭିତ୍ତିକ ପ୍ଲାଣ୍ଟ ଉପଲବ୍ଧତା ଫାକ୍ଟରକୁ ବ୍ୟବସ୍ଥା ସାପେକ୍ଷ ଭାବେ ଏବଂ ୨୦୦୯-୨୦୧୦ ଆ.ବ. ପାଇଁ ଏନ୍‌ପିଏଏଫ୍‌କୁ ପୂର୍ଣ୍ଣ ଭାବେ ଆୟୋଗ ଅନୁମୋଦନ ଦେଇଛନ୍ତି । ନିମ୍ନସାରଣୀରେ ତା'ର ସବିଶେଷ ବିବରଣୀ ପ୍ରଦର୍ଶନ କରାଗଲା ।

**ସାରଣୀ-୪୦**

**୨୦୦୯-୧୦ ଓ ୨୦୧୦-୧୧ ପାଇଁ ଏନ୍‌ଏପିଏଏଫ୍ ଅନୁମୋଦିତ**

| **ଶକ୍ତି କେନ୍ଦ୍ରମାନଙ୍କର ନାମ** | ଏଚଏଚ୍‌ଇପି | ସିଏଚ୍‌ଇପି | ବିଏଚଇପି | ଆରଏଚଇପି | ୟୁକେଏଚଇପି | ୟୁଆଇଏଚଇପି |
|---|---|---|---|---|---|---|
| ୨୦୦୯-୧୦ ପାଇଁ ଏନ୍‌ଏପିଏଏଫ୍ (%) | ୮୦ | | ୮୫ | ୮୦ | ୮୫ | ୮୫ |
| **୨୦୧୦-୧୧ ପାଇଁ ଏନ୍‌ଏପିଏଏଫ୍ (%)** | ୮୨ | ୭୦ | ୮୫ | ୭୫ | ୮୫ | ୮୭ |

(୧୭୮) ଏହିପରିଭାବେ ୨୦୧୦-୨୦୧୧ ଆ.ବ. ପାଇଁ ଓଡ଼ିଶା ଜଳବିଦ୍ୟୁତ୍ ନିଗମର ବାର୍ଷିକ ରାଜସ୍ୱ ଆବଶ୍ୟକତା ଓ ଶକ୍ତି ଉତ୍ପାଦନ ଟାରିଫର ଅନୁମୋଦନ ଉଦ୍ଦେଶ୍ୟରେ ଉପସ୍ଥାପିତ ଆବେଦନ ପତ୍ର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ଦ୍ୱାରା ଫଇସଲା କରାଗଲା ।

ଅନୁମୋଦିତ ତାରିଖ ୧.୪.୨୦୧୦ ଠାରୁ ଲାଗୁ ହେବ ଏବଂ ପରବର୍ତ୍ତୀ ଆଦେଶନାମା ପର୍ଯ୍ୟନ୍ତ ବଳବତ୍ତର ରହିବ ।

ସ୍ୱାକ୍ଷର /- ସ୍ୱାକ୍ଷର /- ସ୍ୱାକ୍ଷର /-

| | | |
|---|---|---|
| ବି. କେ. ଊିଶ୍ର | କେ.ସି. ବଡୁ | ବି.କେ. ଦାସ |
| (ସଦସ୍ୟ) | (ସଦସ୍ୟ) | (ଅଧ୍ୟକ୍ଷ) |